# ଧରିତ୍ରୀ DHARITRI

52 Years

ପୃଷ୍ଠା–୮+୮

ଭୁବନେଶ୍ୱର, ଶୁକ୍ରବାର, ଜାନୁଆରୀ ୩୦/୨୦୨୬ (୮+୮=୧୬ ପୃଷ୍ଠା) | Bhubaneswar, Friday, January 30/2026 | Page 16 | ₹ 7.00

୫୨ଶ ଭାଗ ୬୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 67 | ମୂଲ୍ୟ ₹୭/-






BEST EXCHANGE POLICY | CUSTOMIZATION AVAILABLE | FREE LIFETIME CLEANING | FOR MONEY BEST VALUE | TRY BEFORE YOU BUY | WIDEST RANGE OF SILVER PRODUCTS | HALLMARKED & QUALITY TESTED PRODUCTS

Customer Care No. : +91 77358 15620

**KHANDAGIRI**
NEAR KHANDAGIRI SBI BANK
Call : +91 72055 17666

**LINK ROAD**
ARUNODAYA MARKET AREA, CUTTACK
Call : +91 91246 50261

**BOLANGIR**
BESIDE RAJKUMAR TAILOR, NEAR SAMALESWARI TEMPLE
Call : +91 91245 94683

**KHURDHA**
OLD BUS STAND NEAR FOREST RANGE OFFICE
Call : +91 91246 26682

**BARGARH**
PLOT NO-173/10972, NEAR BHATLI CHOWK
Call : +91 91245 87680

**DHENKANAL**
BESIDES SAI KRIPA PLUS 2 SCIENCE COLLEGE,
Call : +91 91245 87677

CUTTACK : CANTONMENT ROAD & CDA SEC-9 | ANGUL | BALASORE | BHADRAK | JAJPUR | BARIPADA | JHARSUGUDA | ROURKELA | SUNDARGARH | BERHAMPUR | TALCHER | NAYAGARH | BHUBANESWAR : SAHEED NAGAR | PATIA | SOUBHAGYA NAGAR | JANPATH | RASULGARH | NAYAPALLI | RAGHUNATHPUR | LEWIS ROAD

## ଦିଲ୍ଲୀରେ ଆଜି



ନୂଆଦିଲ୍ଲୀର ବିଜୟଚୌକରେ ଗୁରୁବାର ଅନୁଷ୍ଠିତ ଧ୍ୱଜାବତରଣ ସମାରୋହରେ ଭାଗନେଇଥିବା ଅଶ୍ୱାରୋହୀ ଯବାନମାନେ। (ଫଟୋ: ଚମନ ଗୌତମ)

# ଅଜିତଙ୍କ ଶେଷକୃତ୍ୟ ସମ୍ପନ୍ନ

ବାରାମତି,୨୯।୧

ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ମହାରାଷ୍ଟ୍ରର ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ଶେଷକୃତ୍ୟ ଗୁରୁବାର ସମ୍ପନ୍ନ ହୋଇଛି। ବାରାମତିର ବିଦ୍ୟା ପ୍ରତିଷ୍ଠାନ ମଇଦାନରେ ତାଙ୍କର ହଜାର ହଜାର ସମର୍ଥକଙ୍କ ଉପସ୍ଥିତିରେ ଅଜିତଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ତାଙ୍କର ଦୁଇ ପୁତ୍ର ପାର୍ଥ ଏବଂ ଜୟ ପାୱାର ମୁଖାଗ୍ନି ଦେଇଥିଲେ। ପତ୍ନୀ ସୁନେତ୍ରା ପାୱାର ଅଜିତଙ୍କ ମରଶରୀରରେ ଗଙ୍ଗାଜଳ ଛିଞ୍ଚି ଅନ୍ତିମ ବିଦାୟ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ତାଙ୍କ ଚାଚା ତଥା ଏନ୍‌ସିପି ନେତା ଶରଦ ପାୱାର, ସୁପ୍ରିୟା ସୁଲେ ଏବଂ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ସମେତ ଅନ୍ୟ କିଛି ରାଜନୈତିକ ଦଳର ନେତା ମଧ୍ୟ ଉପସ୍ଥିତ ରହି ଅଜିତଙ୍କୁ ବିଦାୟ ଦେଇଥିଲେ। ମହାରାଷ୍ଟ୍ର ବ୍ୟତୀତ ଅନ୍ୟ ରାଜ୍ୟର ବହୁ ବ୍ୟକ୍ତିବିଶେଷ ମଧ୍ୟ ଏହି ଶେଷକୃତ୍ୟରେ ସାମିଲ ହୋଇଥିଲେ।



ପୁଣେ ଜିଲାର ବାରାମତୀସ୍ଥିତ ବିଦ୍ୟା ପ୍ରତିଷ୍ଠାନ ଗ୍ରାଉଣ୍ଡରେ ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ଶେଷକୃତ୍ୟ ସମ୍ପନ୍ନ ହେଉଛି। ପୁଅ ପାର୍ଥ ପାୱାର ଏବଂ ଜୟ ପାୱାର ବାପାଙ୍କ ଶେଷକୃତ୍ୟ ରୀତିନୀତି ସମ୍ପନ୍ନ କରୁଛନ୍ତି।

# ଉପମୁଖ୍ୟମନ୍ତ୍ରୀ ହୋଇପାରନ୍ତି ସୁନେତ୍ରା

## ପ୍ରସ୍ତାବ ଦେବ ଏନ୍‌ସିପି

ମୁମ୍ବାଇ,୨୯।୧

ବିମାନ ଦୁର୍ଘଟଣାରେ ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ତଥା ଏନ୍‌ସିପି ନେତା ଅଜିତ ପାୱାରଙ୍କ ପରଲୋକ ପରେ ଦଳ ମଧ୍ୟରେ କ୍ଷମତା ଲଢ଼େଇ ଆରମ୍ଭ ହୋଇଛି। ଉପମୁଖ୍ୟମନ୍ତ୍ରୀ ପଦ ପାଇଁ ଅଜିତଙ୍କ ସ୍ତ୍ରୀ ସୁନେତ୍ରା ପାୱାରଙ୍କ ନାମ ପ୍ରସ୍ତାବ ଦେବାକୁ ଦଳ ବିଚାର କରୁଥିବା ଏକ ସୂତ୍ରରୁ ଜଣାପଡ଼ିଛି। ସୁନେତ୍ରା ଏବେ ରାଜ୍ୟ ସଭା ସଦସ୍ୟ ଅଛନ୍ତି। ସୁନେତ୍ରାଙ୍କୁ ରାଜ୍ୟ ମନ୍ତ୍ରିମଣ୍ଡଳକୁ ଆଣିବା ଲାଗି ଜନସାଧାରଣ ଚାହୁଁଥିବା ବରିଷ୍ଠ ନେତା ତଥା ମହାରାଷ୍ଟ୍ର ଏଫ୍‌ଡିଏ ମନ୍ତ୍ରୀ ନରହରି ଜିର୍‌ୱାଲ କହିଛନ୍ତି। ଆଭ୍ୟନ୍ତରୀଣ ପରାମର୍ଶ ନିମନ୍ତେ ବରିଷ୍ଠ ଏନ୍‌ସିପି ନେତା ପ୍ରଫୁଲ୍ଲ ପଟେଲ, ଛଗନ ଭୁଜବଳ, ଧନଞ୍ଜୟ ମୁଣ୍ଡେ ଏବଂ ସୁନିଲ ଟଟ୍‌କାରେ ସୁନେତ୍ରାଙ୍କୁ ଭେଟିଥିଲେ। ସମ୍ଭବତଃ ସୁନେତ୍ରା ଅଜିତଙ୍କ ଆସନରୁ ନିର୍ବାଚନ ଲଢ଼ିପାରନ୍ତି ବୋଲି କେତେକ ସୂତ୍ରରୁ କୁହାଯାଇଛି। ସୁନେତ୍ରାଙ୍କୁ ଉପମୁଖ୍ୟମନ୍ତ୍ରୀ କରାଇବା ପ୍ରସ୍ତାବ ରହିଛି। ଏନେଇ ଏନ୍‌ସିପି ନେତାମାନେ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ୍‌ଙ୍କୁ ଭେଟି ଆଲୋଚନା କରିବା ଆଶା କରାଯାଉଛି। କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ ପଟେଲ ବର୍ତ୍ତମାନ ପାଇଁ ଦଳର ମଙ୍ଗ ଧରିପାରନ୍ତି। ଏନ୍‌ସିପି ସହ ଏନ୍‌ସିପି(ଏସ୍‌ପି)ର ସମ୍ଭାବ୍ୟ ମିଶ୍ରଣ ନେଇ ଆଲୋଚନା ହୋଇପାରେ ବୋଲି କୁହାଯାଉଛି। ସୂଚନାଯୋଗ୍ୟ, ଗତ ବୁଧବାର ବୁଣେ ଜିଲାର ବାରାମତୀଠାରେ ଏକ ବିମାନ ଦୁର୍ଘଟଣାରେ ଅଜିତ ପାୱାର ଓ ଅନ୍ୟ ୪ ଜଣଙ୍କ ମୃତ୍ୟୁ ଘଟିଥିଲା। ୨୦୨୩ ଜୁଲାଇରେ ଅଜିତ ତତ୍କାଳୀନ ଏକନାଥ ଶିନ୍ଦେଙ୍କ ନେତୃତ୍ୱାଧୀନ ମହାରାଷ୍ଟ୍ର ସରକାରରେ ସାମିଲ ହେବାରୁ ତାଙ୍କ ଦାଦା ଶରଦ ପାୱାରଙ୍କ ଦ୍ୱାରା ପ୍ରତିଷ୍ଠିତ ଏନ୍‌ସିପି ୨ ଭାଗ ହୋଇଯାଇଥିଲା।



ସୁନେତ୍ରା ପାୱାର

# ଶିଳ୍ପ ଅଭିବୃଦ୍ଧିରେ ସଂଘବାଦ ପ୍ରତିବନ୍ଧକ

## ଘରୋଇ ସହାୟକଙ୍କ ସର୍ବନିମ୍ନ ମଜୁରି ନିର୍ଦ୍ଧାରଣ

### ନିର୍ଦ୍ଦେଶନାମା ଜାରି କରିବାକୁ ମନାକଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୨୯।୧

ଘରୋଇ ସହାୟକମାନଙ୍କ ନିମନ୍ତେ ଏକ ବିସ୍ତୃତ ଆଇନଗତ ଢାଞ୍ଚା ପ୍ରସ୍ତୁତ କରିବା ସହ ସର୍ବନିମ୍ନ ମଜୁରି ଲାଗୁ କରିବା ପାଇଁ ନିର୍ଦ୍ଦେଶ ଦେବା ଲାଗି ଦାଏର ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍)ରେ ହସ୍ତକ୍ଷେପ କରିବାକୁ ସୁପ୍ରିମକୋର୍ଟ ଗୁରୁବାର ମନା କରିଦେଇଛନ୍ତି। ବର୍ତ୍ତମାନର ଆଇନରେ ସଂଶୋଧନ ନିମନ୍ତେ ବିଚାର କରିବାକୁ କେନ୍ଦ୍ର ଓ ରାଜ୍ୟଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇପାରିବ ନାହିଁ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ଦେଶର ଶିଳ୍ପ ଅଭିବୃଦ୍ଧିକୁ ଅଟକାଇବାରେ ମୁଖ୍ୟତଃ ଟ୍ରେଡ୍ ୟୁନିୟନବାଦ୍ ଦାୟୀ। ଟ୍ରେଡ୍ ୟୁନିୟନ ପାଇଁ ଦେଶରେ ଅନେକ ଶିଳ୍ପସଂସ୍ଥା ବନ୍ଦ ହୋଇଯାଇଥିବା ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟ କାନ୍ତ କହିଛନ୍ତି। ଅବଶ୍ୟ ଅନେକ ସମୟରେ ଶ୍ରମିକ, କର୍ମଚାରୀମାନେ ଶୋଷଣର ଶିକାର ହୋଇଥାନ୍ତି। ତେବେ ଏହାକୁ ରୋକିବାରେ ଅନେକ ବ୍ୟବସ୍ଥା ରହିଛି। ଲୋକମାନଙ୍କୁ ସେମାନଙ୍କ ବ୍ୟକ୍ତିଗତ ଅଧିକାର ସମ୍ପର୍କରେ ଅଧିକ ସଚେତନ କରାଇବାକୁ ହେବ। ସେମାନଙ୍କୁ ଅଧିକ କୁଶଳୀ କରାଯିବା ଆବଶ୍ୟକ। ସେହିଭଳି ଅନେକ ସଂସ୍କାର ରହିଛି, ଯାହା କରାଯାଇପାରିବ ବୋଲି ସିଜେଆଇ କହିଛନ୍ତି।

ସାରା ଦେଶରେ ଅନେକ ଲକ୍ଷ ଘରୋଇ ସହାୟକ ଅସୁବିଧାର ସମ୍ମୁଖୀନ ହେଉଥିବା କଥାକୁ ସିଜେଆଇ ଏବଂ ଜଷ୍ଟିସ୍ ଜୟମାଲ୍ୟ ବାଗ୍‌ଚୀଙ୍କ ଖଣ୍ଡପୀଠ ସ୍ୱୀକାର କରିଛନ୍ତି। ତେବେ ବ୍ୟବସ୍ଥାପିକାର ଆଇନ ପ୍ରଣୟନ କ୍ଷମତା ଉପରେ ନ୍ୟାୟପାଳିକା ହସ୍ତକ୍ଷେପ କରିପାରିବ ନାହିଁ। ତେଣୁ ଆବେଦନକାରୀମାନେ ଘରୋଇ ସହାୟକମାନଙ୍କ ସମସ୍ୟା ସମ୍ପର୍କରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ଆବଶ୍ୟକ, ଯେପରି ସେମାନେ ଏହା ଉପରେ ଉପଯୁକ୍ତ ନିଷ୍ପତ୍ତି ନେଇପାରିବେ ବୋଲି ଖଣ୍ଡପୀଠ କହିଛନ୍ତି।



# ୧୦ ଲକ୍ଷ ଲୋକଙ୍କ ପାଇଁ ୨୨ ବିଚାରପତି

ନୂଆଦିଲ୍ଲୀ,୨୯।୧

ଭାରତରେ ପ୍ରତି ୧୦ ଲକ୍ଷ ଲୋକଙ୍କ ପାଇଁ ମାତ୍ର ୨୨ ଜଣ ବିଚାରପତି କାର୍ଯ୍ୟ କରୁଛନ୍ତି ବୋଲି କେନ୍ଦ୍ର ଆଇନମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ରାଜ୍ୟ ସଭାରେ ପ୍ରକାଶ କରିଛନ୍ତି। ୧୯୮୭ରେ ୧୨୦ତମ ଆଇନ ଆୟୋଗ ଦେଇଥିବା ସୁପାରିସ ଅନୁସାରେ ଦେଶରେ ପ୍ରତି ୧୦ ଲକ୍ଷ ଲୋକଙ୍କ ପାଇଁ ୫୦ ଜଣ ବିଚାରପତି ନିଯୁକ୍ତ ହେବା କଥା। କିନ୍ତୁ ବର୍ତ୍ତମାନ ସୁଦ୍ଧା ଏହାକୁ କାର୍ଯ୍ୟକାରୀ କରାଯାଇ ନାହିଁ। ତେବେ ଏ ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତର ଦେଇ ଆଇନମନ୍ତ୍ରୀ ଅର୍ଜୁନ ରାମ ଏବେ ପ୍ରତି ୧୦ ଲକ୍ଷ ଜନସଂଖ୍ୟା ପାଇଁ ମାତ୍ର ୨୨ ଜଣ ବିଚାରପତି କାର୍ଯ୍ୟ କରୁଛନ୍ତି ବୋଲି କହିଛନ୍ତି। ୨୦୧୧ ଜନଗଣନା ରିପୋର୍ଟକୁ ଆଧାର କରି ଆଇନ ମନ୍ତ୍ରଣାଳୟ ପ୍ରତିବର୍ଷ ପ୍ରତି ୧୦ ଲକ୍ଷ ଲୋକଙ୍କ ପାଇଁ ସୁପ୍ରିମକୋର୍ଟ, ହାଇକୋର୍ଟ, ଜିଲାସ୍ତରୀୟ କୋର୍ଟ ଆଦିରେ ବିଚାରପତିଙ୍କ ସଂଖ୍ୟା ନିର୍ଦ୍ଧାରଣ କରାଯାଉଥିବା ସେ କହିଛନ୍ତି।

## ଶାନ୍ତି ଆଲୋଚନା ପାଇଁ ଜେଲେନସ୍କିଙ୍କୁ ରୁଷିଆର ଆମନ୍ତ୍ରଣ

ନୂଆଦିଲ୍ଲୀ,୨୯।୧

ରୁଷିଆ ଓ ୟୁକ୍ରେନ୍ ମଧ୍ୟରେ ୪ ବର୍ଷ ହେଲା ଯୁଦ୍ଧ ଲାଗିରହିଥିବାବେଳେ ଶାନ୍ତି ଆଲୋଚନା ପାଇଁ କ୍ରେମ୍‌ଲିନ୍ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କିଙ୍କୁ ଆମନ୍ତ୍ରଣ କରିଛି। ଗତବର୍ଷ ଏଭଳି ଏକ ଆମନ୍ତ୍ରଣକୁ ଜେଲେନ୍‌ସ୍କି ପ୍ରତ୍ୟାଖ୍ୟାନ କରିଥିଲେ। ଚଳିତ ବର୍ଷ ପୁନର୍ବାର ଜେଲେନସ୍କିଙ୍କୁ ଆଲୋଚନା ନିମନ୍ତେ ମସ୍କୋକୁ ଆମନ୍ତ୍ରଣ କରାଯାଇଥିବା କ୍ରେମ୍‌ଲିନ୍ ଗୁରୁବାର କହିଛି। ଉଭୟ ପରସ୍ପରର ଶକ୍ତି ଭିତ୍ତିଭୂମି ଉପରେ ଆକ୍ରମଣ ନ କରିବାକୁ ରାଜି ହୋଇଥିବା ନେଇ ଚର୍ଚ୍ଚା ଜୋର୍ ଧରିଥିବା ବେଳେ ଏହା ଉପରେ ମତାମତ ନେବାକୁ ମସ୍କୋ ମନା କରିଦେଇଛି।

# ପରିମାଣ ନୁହେଁ, ଗୁଣବତ୍ତାକୁ ଗୁରୁତ୍ୱ ଦେଉଛନ୍ତି ଔଷଧ କମ୍ପାନୀ

## ଅର୍ଥନୈତିକ ସର୍ଭେ ରିପୋର୍ଟ

ନୂଆଦିଲ୍ଲୀ,୨୯।୧

ଭାରତୀୟ ଔଷଧ ଶିଳ୍ପଗୁଡ଼ିକ ପରିମାଣଯୁକ୍ତ ଆଭିମୁଖ୍ୟରୁ ମୂଲ୍ୟଯୁକ୍ତ ଆଭିମୁଖ୍ୟକୁ ବଦଳୁଛନ୍ତି। ଜଟିଳ ଜେନେରିକ୍ସ, ବାୟୋସିମିଲାର୍ସ ଉପରେ ଅଧିକ ଗୁରୁତ୍ୱ ଦିଆଯିବା ସହ ଔଷଧ ଶିଳ୍ପ ମୂଲ୍ୟ ଶୃଙ୍ଖଳ ଆଡ଼କୁ ମୁହାଁଇଥିବା ଚଳିତ ଆର୍ଥିକ ବର୍ଷର ଅର୍ଥନୈତିକ ସର୍ଭେ ରିପୋର୍ଟରୁ ଜଣାପଡ଼ିଛି।

ପରିମାଣ ଦୃଷ୍ଟିରୁ ଭାରତ ବିଶ୍ୱର ତୃତୀୟ ବୃହତ୍ ଦେଶ। ଏହା ବିଶ୍ୱର ଜେନେରିକ୍ ଔଷଧ ଚାହିଦାର ପ୍ରାୟ ୨୦ ପ୍ରତିଶତ ପୂରଣ କରୁଥିବାବେଳେ ୧୯୧ଟି ଦେଶକୁ ରପ୍ତାନି କରିଥାଏ। ୨୦୨୫ ଆର୍ଥିକ ବର୍ଷରେ ଭାରତୀୟ ଔଷଧ ଶିଳ୍ପର ବାର୍ଷିକ କାରବାର ୪.୭୨ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ୫୦ ପ୍ରତିଶତରୁ ଊର୍ଦ୍ଧ୍ୱ ଔଷଧ ଆମେରିକା, ୟୁରୋପ ଭଳି ଦେଶକୁ ରପ୍ତାନି ହୋଇଥାଏ। ପରିମାଣ ଅନୁଯାୟୀ ଔଷଧ ରପ୍ତାନିରେ ଭାରତ ୧୧ତମ ସ୍ଥାନରେ ରହିଛି। ଡାକ୍ତରୀ ଉପକରଣ ରପ୍ତାନି ୪.୧ ବିଲିୟନ ଡଲାରରେ ପହଞ୍ଚିଛି। ୨୦୨୧ ଆର୍ଥିକ ବର୍ଷରେ ଏହା ୨.୫ ବିଲିୟନ ଡଲାର ଥିଲା।

## ଚଣ୍ଡିଗଡ଼ ମେୟର ନିର୍ବାଚନରେ ଭାଜପାର ବାଜିମାତ୍

ନୂଆଦିଲ୍ଲୀ,୨୯।୧

ଚଣ୍ଡିଗଡ଼ ମେୟର ନିର୍ବାଚନରେ ଭାଜପା ବାଜି ମାରିଛି। ଦଳୀୟ ପ୍ରାର୍ଥୀ ସୌରଭ ଯୋଶୀ ସର୍ବାଧିକ ୧୮ଟି ଭୋଟ୍ ପାଇ ବିଜୟୀ ହୋଇଛନ୍ତି। ଏହି ନିର୍ବାଚନରେ ଅନ୍ୟ ଦୁଇ ପ୍ରମୁଖ ଦଳ କଂଗ୍ରେସ ଏବଂ ଆମ୍ ଆଦ୍‌ମୀ ପାର୍ଟିର ସମନ୍ୱୟ ଅଭାବରୁ ଭାଜପା ମେୟର ପଦବୀ ହାସଲ କରିନେଇଛି ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ଚାଲିଛି।

# ମହିଳା କମାଣ୍ଡୋଙ୍କୁ ହତ୍ୟାକଲେ ସ୍ୱାମୀ



ନୂଆଦିଲ୍ଲୀ ,୨୯।୧

ଦିଲ୍ଲୀ ପୁଲିସର ୨୭ ବର୍ଷୀୟା ଗର୍ଭବତୀ କନଷ୍ଟେବଲ କାଜଲ ଚୌଧୁରୀଙ୍କୁ ତାଙ୍କ ସ୍ୱାମୀ ହତ୍ୟା କରିଛନ୍ତି। କାଜଲ ଦିଲ୍ଲୀ ପୋଲିସର ସ୍ପେଶାଲ ୱେପନ୍ସ ଆଣ୍ଡ ଟାକ୍‌ଟିକ୍ସ(ସ୍ୱାଟ୍)ରେ କମାଣ୍ଡୋ ଭାବେ ନିୟୋଜିତ ଥିଲେ। କିଛି ପାରିବାରିକ କାରଣକୁ ନେଇ ସ୍ୱାମୀଙ୍କ ସହିତ କାଜଲଙ୍କ କଳହ ଲାଗି ରହିଥିଲା। ତେବେ ଗତ ମଙ୍ଗଳବାର ଉଭୟଙ୍କ ମଧ୍ୟରେ କଳହ ଲାଗିଥିଲା ବେଳେ ସ୍ୱାମୀ ଅଙ୍କୁର ଚୌଧୁରୀ କାଜଲଙ୍କ ମୁଣ୍ଡକୁ ଏକ ଡମ୍ବେଲ୍‌ରେ ପିଟି ଦେଇଥିଲେ। କାଜଲଙ୍କୁ ତୁରନ୍ତ ଗାଜିଆବାଦସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲେ ହେଁ ସେଠାରେ ତାଙ୍କର ମୃତ୍ୟୁ ହୋଇଥିବା ଏକ ବିଳମ୍ବିତ ଖବର ଏବେ ସାମ୍ନାକୁ ଆସିଛି।

## ବୁଲାକୁକୁର ନିୟନ୍ତ୍ରଣ ମାମଲାରେ ରାୟ ସଂରକ୍ଷିତ

ନୂଆଦିଲ୍ଲୀ,୨୯।୧

ବୁଲାକୁକୁର ନିୟନ୍ତ୍ରଣ ଏବଂ ବନ୍ଧ୍ୟାକରଣ ମାମଲାକୁ ନେଇ ପୂର୍ବରୁ ସୁପ୍ରିମକୋର୍ଟ ଦେଇଥିବା ନିର୍ଦ୍ଦେଶନାମା ଉପରେ କିଛିଟା ପରିବର୍ତ୍ତନ କରିବାକୁ ଏକାଧିକ ଆବେଦନ କରାଯାଇଥିଲା। ଜଷ୍ଟିସ୍ ବିକ୍ରମ ନାଥ, ସନ୍ଦୀପ ମେହଟ୍ଟା ଏବଂ ଜଷ୍ଟିସ୍ ଏନ.ଭି ଅଞ୍ଜାରିଆଙ୍କ ଖଣ୍ଡପୀଠ ଏହି ଆବେଦନଗୁଡ଼ିକର ଶୁଣାଣି କରି ରାୟ ସଂରକ୍ଷିତ ରଖିଛନ୍ତି। ଏହାଛଡ଼ା ଏହି ମାମଲାରେ ସମ୍ପୃକ୍ତ ରହିଥିବା ସମସ୍ତ ପକ୍ଷଙ୍କୁ ସପ୍ତାହକ ମଧ୍ୟରେ ସମସ୍ତ ତଥ୍ୟ ଦାଖଲ କରିବାକୁ କହିଛନ୍ତି।

# ଦୁର୍ଦ୍ଧାନ୍ତ ମିଙ୍ଗ୍ ଗ୍ୟାଙ୍ଗ୍‌ର ୧୧ ଜଣଙ୍କୁ ଫାଶୀ

ବେଜିଂ,୨୯।୧

ଉତ୍ତର ମ୍ୟାନ୍‌ମାରରେ ସକ୍ରିୟ ରହିଥିବା ଦୁର୍ଦ୍ଧାନ୍ତ ଆନ୍ତର୍ଜାତିକ ଆପରାଧିକ ମିଙ୍ଗ୍ ଗ୍ୟାଙ୍ଗ୍‌ର ୧୧ ସଦସ୍ୟଙ୍କୁ ଚାଇନା ଫାଶୀ ଦେଇଛି। ଏହି ଗ୍ୟାଙ୍ଗ୍ ମ୍ୟାନ୍‌ମାର ସମେତ ଥାଇଲାଣ୍ଡ ଏବଂ ଲାଓସ୍‌ରେ ମାଫିଆଗିରି କରି ଶହ ଶହ କ୍ରାଇମ୍ ସିଣ୍ଡିକେଟ୍ ଚଳାଇଥାଆନ୍ତି। ଜୋରଜବରଦସ୍ତ ଲୋକମାନଙ୍କୁ ଏହି ସ୍କାମ ସେଣ୍ଟରଗୁଡିକରେ କାର୍ଯ୍ୟ କରିବାକୁ ବାଧ୍ୟ କରାଯାଇଥାଏ। ଏଠାରେ ଇଣ୍ଟରନେଟ୍ ଠକେଇଠାରୁ ଆରମ୍ଭ କରି ଦେହ ବ୍ୟବସାୟ ଏବଂ ଡ୍ରଗ୍ସ ଚାଲାଣ ଆଦି କରାଯାଇଥାଏ। ଯିଏ ଥରେ ଏଠାରେ କାମ କରେ, ସେଠାରୁ ବାହାରିବା ମୁସ୍କିଲ ହୋଇପଡ଼େ। କାରଣ ଏ ସମ୍ପର୍କରେ ଗ୍ୟାଙ୍ଗ୍ ସଦସ୍ୟମାନେ ସୁରାକ ପାଇବା ମାତ୍ରେ ସମ୍ପୃକ୍ତ ଲୋକଙ୍କୁ ହତ୍ୟା କରିବାକୁ ପଛାନ୍ତି ନାହିଁ। ଏହି ଗ୍ୟାଙ୍ଗ୍‌ର ସଦସ୍ୟମାନେ ମ୍ୟାନ୍‌ମାରର ଜୁଣ୍ଟା ସରକାରଙ୍କ ସହ ସାଲିସ କରି ବିଲିୟନ ଡଲାର କମାଇଥାଆନ୍ତି।





ବଜେଟ ଅଧିବେଶନ ଆରମ୍ଭ ପୂର୍ବରୁ ଗୁରୁବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପାର୍ଲାମେଣ୍ଟ ଭବନ ବାହାରେ ଗଣମାଧ୍ୟମକୁ ସମ୍ବୋଧନ କରୁଛନ୍ତି। (ଫଟୋ: ଚମନ ଗୌତମ)

# ଭାରତୀୟ ମୁଦ୍ରା, ଡଲାର ଖସୁଛି

ନୂଆଦିଲ୍ଲୀ, ୨୯।୧

ଜାନୁଆରୀ ୨୦୨୬ ଶେଷ ଆଡ଼କୁ ଆମେରିକୀୟ ଡଲାର (ୟୁଏସ୍‌ଡି) ଓ ଭାରତୀୟ ମୁଦ୍ରା (ଆଇଏନ୍‌ଆର୍) ଉଭୟ ଭିନ୍ନ ଭାବରେ ହ୍ରାସ ପାଇବାରେ ଲାଗିଛି। ଡଲାର ତୁଳନାରେ ଭାରତୀୟ ମୁଦ୍ରା ରେକର୍ଡ ପରିମାଣରେ କମିଛି। ସରଳ ଭାଷାରେ କହିବାକୁ ଗଲେ ଏକ ଡଲାର ପାଇବାକୁ ହେଲେ ଭାରତୀୟ ମୁଦ୍ରା ପାଖାପାଖି ୯୨ ଟଙ୍କା ଦେବାକୁ ପଡୁଛି। ସେହିଭଳି ବୈଶ୍ୱିକ ସ୍ଥିତିକୁ ଦେଖିଲେ ଆମେରିକୀୟ ଡଲାର ବିଶ୍ୱର ଅନ୍ୟ ଶକ୍ତିଶାଳୀ ମୁଦ୍ରା ତୁଳନାରେ ଦୁର୍ବଳ ହେଉଥିବା ଲକ୍ଷ୍ୟ କରାଯାଉଛି। ଉଲ୍ଲେଖଯୋଗ୍ୟ ଯେ, 'ବାସ୍କେଟ ଅଫ୍ କରେନ୍ସି' ଭିତରେ ଆମେରିକୀୟ ଡଲାର, ୟୁରୋ, ଜାପାନର ୟେନ୍, ବ୍ରିଟିଶ ପାଉଣ୍ଡ, କାନାଡୀୟ ଡଲାର ଓ ସୁଇସ୍ ଫ୍ରାଙ୍କ୍ ରହିଛନ୍ତି। ତେଣୁ ବାସ୍କେଟ ଅଫ୍ କରେନ୍ସିର ଅନ୍ୟ ମୁଦ୍ରା ତୁଳନାରେ ଆମେରିକୀୟ ଡଲାର ହ୍ରାସ ପାଇବା ଅନ୍ତର୍ଜାତୀୟ ଅର୍ଥନୀତିରେ ଆଲୋଚନାର ବିଷୟ ପାଲଟିଛି।

ସାମ୍ପ୍ରତିକ ରିପୋର୍ଟ ଆଧାରରେ ଆମେରିକୀୟ ଡଲାର ଓ ଭାରତୀୟ ମୁଦ୍ରାକୁ ନେଇ ସୃଷ୍ଟି ହୋଇଥିବା ସ୍ଥିତି ବିଷୟରେ ଆଲୋକପାତ କରାଯାଇପାରେ। ଆମେରିକୀୟ ଡଲାର ତୁଳନାରେ ଭାରତୀୟ ମୁଦ୍ରା ୯୨ ଯାଏ ପହଞ୍ଚିବାର ମୁଖ୍ୟ କାରଣ ହେଲା ବିଦେଶୀ ପୁଞ୍ଜିର ବହିର୍ଗମନ। ଭାରତୀୟ ଇକ୍ୱିଟିରେ ବିଦେଶୀ ସଂସ୍ଥାଗତ ନିବେଶକ(ଏଫ୍‌ଆଇଆଇ) ଯେଉଁ ଅର୍ଥ ଖଟାଇଥିଲେ ତାହାକୁ ଉଠାଇ ନେଉଛନ୍ତି। ଜାନୁଆରୀ ୨୦୨୬ରେ ପ୍ରାୟ ୩.୫ ବିଲିୟନରୁ ୪ ବିଲିୟନ ଡଲାର ବହିର୍ଗମନ ହୋଇଥିବା ଜଣାପଡ଼ିଛି। ସେହିପରି ଭାରତୀୟ ରପ୍ତାନି ସାମଗ୍ରୀ ଉପରେ ଉଚ୍ଚ ଆମେରିକୀୟ ଟାରିଫ୍ ବସାଯିବା ଦ୍ୱାରା ବାଣିଜ୍ୟ ସନ୍ତୁଳନ ପ୍ରଭାବିତ ହୋଇ ମୁଦ୍ରା ଉପରେ ଚାପ ପକାଇଛି। ପୁଣି ଆମଦାନୀକାରୀଙ୍କ (ତୈଳ ବା ଧାତୁ)ଠାରୁ ଡଲାରର ଦୃଢ଼ ଚାହିଦା ମୁଦ୍ରାର ସ୍ଥିତିକୁ ପ୍ରଭାବିତ କରୁଛି। ଭାରତର ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଅତ୍ୟଧିକ ଅସ୍ଥିରତାକୁ ରୋକିବା ପାଇଁ ଡଲାର ବିକ୍ରି କରୁଛି, କିନ୍ତୁ ସାମଗ୍ରିକ ହ୍ରାସ ଧାରାକୁ ବଦଳାଇପାରି ନାହିଁ।

ଭାରତୀୟ ମୁଦ୍ରା ତୁଳନାରେ ଡଲାର ମଜଭୁତ ହେଉଥିବା ସତ୍ତ୍ୱେ ଏହା ବିଶ୍ୱବ୍ୟାପୀ ବଜାରରେ ଦୁର୍ବଳତାର ସଙ୍କେତ ଦେଉଛି। ଫେଡେରାଲ ରିଜର୍ଭ ନୀତି, ବିଶ୍ୱବ୍ୟାପୀ ଅସ୍ଥିରତା, ନୀତିରେ ଅନିଶ୍ଚିତତା ଆଦି କାରଣ ଯୋଗୁ ଏଭଳି ଘଟୁଛି। ଆମେରିକାର ଫେଡେରାଲ ରିଜର୍ଭ ଦ୍ୱାରା ସୁଧ ହ୍ରାସ ଯୋଗୁ ଡଲାର ଦୁର୍ବଳ ହେଉଛି। ସେହିପରି ଆମେରିକୀୟ ନୀତି, ସମ୍ଭାବ୍ୟ ବାଣିଜ୍ୟ ଯୁଦ୍ଧ ଓ ଫେଡେରାଲ ବ୍ୟବସ୍ଥାର ସ୍ୱାଧୀନତା ନେଇ ପ୍ରଶ୍ନ କରାଯିବା ହେତୁ ଏପରି ସ୍ଥିତି ଉପୁଜିଛି।

ଡଲାର ତୁଳନାରେ ଭାରତୀୟ ମୁଦ୍ରା ୨୦୨୫ରେ ୫.୫ ପ୍ରତିଶତ ହ୍ରାସ ପାଇଥିବା ବେଳେ ସେହି ଧାରା ଜାରି ରହିଛି। ଡଲାର ବିଶ୍ୱବ୍ୟାପୀ ଶକ୍ତି ହରାଉଥିବା ବେଳେ ଭାରତରୁ ପୁଞ୍ଜି ବହିର୍ଗମନ ଏକ ବିରୋଧାଭାସ ସୃଷ୍ଟି କଲାଭଳି ହୋଇଛି। ଏଭଳି ପରିପ୍ରେକ୍ଷୀରେ କେତେକ ବିଶ୍ଳେଷକଙ୍କ ମତରେ ଯଦି ଆମେରିକା-ଭାରତ ବାଣିଜ୍ୟ ଚୁକ୍ତି ଆଗକୁ ବଢ଼େ, ତେବେ ୨୦୨୬ରେ ଭାରତୀୟ ମୁଦ୍ରାର ପୁନରୁଦ୍ଧାର ସମ୍ଭାବନା ଅଛି। କିନ୍ତୁ ଭାରତୀୟ ବଜାରରୁ ପୁଞ୍ଜି ବାହାର ହେବା ଜାରି ରହିଲେ ତାହା ଚାପ ବଢ଼ାଇଚାଲିବ।



# ଧରିତ୍ରୀ
DHARITRI

52 Years

ଭୁବନେଶ୍ୱର, ଶୁକ୍ରବାର, ଜାନୁଆରୀ ୩୦/୨୦୨୬ | Bhubaneswar, Friday, January 30/2026 | ପୃଷ୍ଠା-୧




**ସାବାଲେଙ୍କା ଫାଇନାଲରେ**

ଅଷ୍ଟ୍ରେଲିଆନ ଓପନ ଗ୍ରାଣ୍ଡସ୍ଲାମ ଟେନିସ ମହିଳା ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି ବେଲାରୁଷର ଆରିନା ସାବାଲେଙ୍କା।

୦୬

୦୨

**ସମ୍ପର୍କରେ ଫାଟ**

ଅଭିନେତା ଗୌରବ ଖାନ୍ନା ଓ ସ୍ତ୍ରୀ ଆକାଂକ୍ଷା ଚମୋଲାଙ୍କ ମଧ୍ୟରେ ଥିବା ୧୦ ବର୍ଷର ସମ୍ପର୍କରେ ଫାଟ ସୃଷ୍ଟି ହୋଇଥିବା ଆକାଂକ୍ଷାଙ୍କ ସୋସିଆଲ ମିଡିଆ ପୋଷ୍ଟ ସୂଚାଉଥିବା ଚର୍ଚ୍ଚା ହେଉଛି ।





ହିମାଚଳ ପ୍ରଦେଶର ଲାହୁଲ ଏବଂ ସ୍ପିତି ଜିଲାର ମୁଖ୍ୟାଳୟ 'କେଲଙ୍ଗ'ର ବସ୍‌ଷ୍ଟାଣ୍ଡ ଗୁରୁବାର ତୁଷାରପାତ ପରେ ବରଫ ଚାଦରରେ ଢାଙ୍କି ହୋଇରହିଛି।

# ୭.୨% ତଳେ ଅଭିବୃଦ୍ଧି ଅନୁମାନ

## ଅର୍ଥନୈତିକ ସର୍ଭେ ରିପୋର୍ଟ

**ନୂଆଦିଲ୍ଲୀ,୨୯।୧(ପି.ଟି.)**

୨୦୨୬ ମାର୍ଚ୍ଚ ୩୧ରେ ଶେଷ ହେବାକୁ ଥିବା ଚଳିତ ଆର୍ଥିକବର୍ଷରେ ଦେଶର ଅଭିବୃଦ୍ଧି ହାର ୭.୪% କିମ୍ବା ତଦୂର୍ଦ୍ଧ୍ୱ ରହିବା ନେଇ ପୂର୍ବରୁ ଆକଳନ କରାଯାଇଥିଲା। ତେବେ ଏନେଇ ସଫଳତା ହାସଲ ହେବା ଆଶା ଦିଶୁ ନ ଥିବାରୁ ଏପ୍ରିଲ ୧ରେ ଆରମ୍ଭ ହେବାକୁ ଥିବା ନୂଆ ଆର୍ଥିକବର୍ଷ-୨୦୨୭ରେ ଅଭିବୃଦ୍ଧି ଅନୁମାନକୁ ୬.୮%ରୁ ୭.୨% ମଧ୍ୟରେ ରଖାଯାଇଛି।

କେନ୍ଦ୍ରୀୟ ବଜେଟ ୨୦୨୬-୨୭ ପୂର୍ବରୁ ପାର୍ଲାମେଣ୍ଟରେ ଗୁରୁବାର ପ୍ରାକ୍-ବଜେଟ ଇକୋନୋମିକ୍ ସର୍ଭେ ସରକାରଙ୍କ ପକ୍ଷରୁ ଉପସ୍ଥାପନ କରାଯାଇଛି। ଉକ୍ତ ସର୍ଭେ ରିପୋର୍ଟରେ କୁହାଯାଇଛି ଯେ ବୈଶ୍ୱିକ ଅନିଶ୍ଚିତତା ସତ୍ତ୍ୱେ ଭାରତ ସବୁଠୁ ଦ୍ରୁତତମ ବୃହତ୍ ଅର୍ଥନୀତି ରୂପେ ଯାତ୍ରା ଜାରି ରଖିଛି। ତେବେ ବ୍ୟବହାର ଓ ନିବେଶ ଯୋଗୁ ଆଗାମୀ ଆର୍ଥିକବର୍ଷର ଅଭିବୃଦ୍ଧି ହାର ୭.୨% ତଳେ ରହିବ ବୋଲି ସର୍ଭେ ରିପୋର୍ଟରେ ☞ପୃଷ୍ଠା-୨

### ମୁଖ୍ୟାଂଶ

**ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଫେବୃଆରୀ ୧ରେ ସଂସଦରେ ୨୦୨୬-୨୭ ଆର୍ଥିକବର୍ଷର ବଜେଟ ଆଗତ କରିବା ପୂର୍ବରୁ ଗୁରୁବାର ଅର୍ଥନୈତିକ ସର୍ଭେ ୨୦୨୫-୨୬ ଉପସ୍ଥାପନ କରିଛନ୍ତି। ଉକ୍ତ ରିପୋର୍ଟର ମୁଖ୍ୟାଂଶଗୁଡ଼ିକ ହେଲା:**

- ଆସନ୍ତା ଆର୍ଥିକବର୍ଷରେ ମୋଟ ଘରୋଇ ଉତ୍ପାଦ (ଜିଡିପି) ୬-୮ରୁ ୭.୨% ରହିବା ଅନୁମାନ କରାଯାଇଛି।
- ୨୦୨୭ ଆର୍ଥିକବର୍ଷରେ ଅଭିବୃଦ୍ଧି ହାର ଚଳିତ ଆର୍ଥିକବର୍ଷର ୭.୪% ତୁଳନାରେ କମ୍ ରହିବା ଆକଳନ କରାଯାଇଛି।
- କୋଭିଡ୍-୧୯ ବେଳେ ଶିକ୍ଷା କ୍ଷେତ୍ରରେ ଅନ୍‌ଲାଇନ ଉପକରଣଗୁଡ଼ିକ ଉପରେ ଜୋର୍ ଦିଆଯିବା ସହ ତାହା ଆଦୃତି ଲାଭ କରିଥିଲା। ବର୍ତ୍ତମାନ ଅଫ୍‌ଲାଇନ୍ ଉପରେ ଗୁରୁତ୍ୱ ସହ ଅନ୍‌ଲାଇନ ଟୁଲ୍ସ ଉପରୁ ନିର୍ଭରଶୀଳତା ହ୍ରାସ ପାଇଁ ପରାମର୍ଶ ଦିଆଯାଇଛି।
- ସାମାଜିକ ଗଣମାଧ୍ୟମରେ ସ୍ୱଳ୍ପବୟସ୍କ ପିଲାମାନେ ଛନ୍ଦି ହୋଇଯାଉଥିବାରୁ ☞ପୃଷ୍ଠା-୨

# ୬ ଡିଇଓଙ୍କ ପାଇଁ ପଦୋନ୍ନତିରୁ ବଞ୍ଚିତ ୨୩,୪୩୨ ଶିକ୍ଷକ

**ଭୁବନେଶ୍ୱର,୨୯।୧(ସୁଚିସ୍ମିତା ସାହୁ)**

ରାଜ୍ୟରେ ବହୁ ହଜାର ଶିକ୍ଷକ ପଦୋନ୍ନତି ପାଇବାକୁ ଯୋଗ୍ୟ ହୋଇଥିଲେ ମଧ୍ୟ ଉଚ୍ଚ ଅଧିକାରୀଙ୍କ ଅବହେଳା ଓ ଖାମଖିଆଲ ପାଇଁ ଏହି ସୁବିଧା ସୁଯୋଗରୁ ବଞ୍ଚିତ ହେଉଛନ୍ତି। ଇତିମଧ୍ୟରେ ବହୁ ଯୋଗ୍ୟ ଶିକ୍ଷକ ବିନା ପଦୋନ୍ନତିରେ ଅବସର ଗ୍ରହଣ କରିଥିବାବେଳେ ଆଉ କେତେଜଣ ଅପେକ୍ଷା କରି ନିରାଶ ହୋଇପଡ଼ିଛନ୍ତି। ଏପଟେ ରାଜ୍ୟରେ ଶତାଧିକ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ନ ଥିବାବେଳେ ଭାରପ୍ରାପ୍ତ ସହାୟକ ଶିକ୍ଷକ ଶିକ୍ଷାନୁଷ୍ଠାନ ଚଳାଉଛନ୍ତି, ଯେଉଁଥିପାଇଁ ପାଠପଢ଼ା ବାଧାପ୍ରାପ୍ତ ହେବା ସହ ଛାତ୍ରୀଛାତ୍ରଙ୍କୁ ଗୁଣାତ୍ମକ ଶିକ୍ଷା ମିଳିପାରୁ ନାହିଁ ବୋଲି ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ପ୍ରାୟ ୯ମାସ ହେବ ୨୩,୪୩୨ ଜୁନିଅର ଏସ୍‌ଇଏସ୍ ଶିକ୍ଷକଙ୍କୁ ବରିଷ୍ଠ ପାହ୍ୟାକୁ ପଦୋନ୍ନତି ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏନେଇ ଶିକ୍ଷକମାନଙ୍କ ଗ୍ରେଡେଶନ ତାଲିକା ମଧ୍ୟ ପ୍ରସ୍ତୁତ ହୋଇଛି। ହେଲେ ୬ ଜିଲା ଶିକ୍ଷା ଅଧିକାରୀ(ଡିଇଓ)ଙ୍କ ପାଇଁ ଏସବୁ ପ୍ରକ୍ରିୟା ବାଧାପ୍ରାପ୍ତ ହେଉଥିବା ଜଣାପଡ଼ିଛି। ବାଲେଶ୍ୱର, ବରଗଡ଼, କଳାହାଣ୍ଡି, କୋରାପୁଟ, ବରଗଡ଼ ଓ ମାଲକାନଗିରି ଜିଲା ଶିକ୍ଷା ଅଧିକାରୀମାନେ ସେମାନଙ୍କ ଜିଲାର ଯୋଗ୍ୟ ଶିକ୍ଷକଙ୍କ ତାଲିକା ଦେଇ ପାରୁ ନ ଥିବାରୁ ଶତାଧିକ ଶିକ୍ଷକ ସେମାନଙ୍କ ହକ୍ ପାଇବାରୁ ବଞ୍ଚିତ ହେବାକୁ ଯାଉଛନ୍ତି। ଏଥିପାଇଁ ମଧ୍ୟ ପୂରା ପଦୋନ୍ନତି ପ୍ରକ୍ରିୟା ଅଟକି ରହିଥିବା ସୂଚନା ମିଳିଛି। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ନିକଟରେ ଏଭଳି ଅଭିଯୋଗ ପହଞ୍ଚିଛି। ଏନେଇ ମନ୍ତ୍ରୀ ବିରକ୍ତି ପ୍ରକାଶ କରିବା ସହ ଏହି ପଦୋନ୍ନତି ପ୍ରକ୍ରିୟା ତୁରନ୍ତ ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ସୁନା, ରୁପା ମୂଲ୍ୟରେ ଲମ୍ବା ଲମ୍ଫ

## ଭୁବନେଶ୍ୱର: ଦିନକରେ ରୁପା ୨୪ ହଜାର, ସୁନା ୧୧ ହଜାର ମହଙ୍ଗା

**ବିଶ୍ୱବଜାରରେ ଅସ୍ଥିରତା, ମଧ୍ୟପ୍ରାଚ୍ୟରେ ବଢୁଥିବା ଉତ୍ତେଜନା କାରଣରୁ ସୁନା ଓ ରୁପା ମୂଲ୍ୟରେ ବଡ଼ ପରିବର୍ତ୍ତନ ଦେଖାଦେଇଛି। ପ୍ରତିଦିନ ଏହି ଦୁଇ ମୂଲ୍ୟବାନ ଧାତୁର ଦର ଅହେତୁକ ଭାବେ ବଢ଼ିଚାଲିଥିବାବେଳେ ଗୁରୁବାର ଲମ୍ବା ଲମ୍ଫ ମାରିଛି। ଭୁବନେଶ୍ୱରରେ ରୁପା ମୂଲ୍ୟ କିଲୋଗ୍ରାମ ପିଛା ପ୍ରାୟ ୨୪ ହଜାର ଟଙ୍କା ବୃଦ୍ଧି ପାଇ ୪ ଲକ୍ଷ ୧୭ ହଜାର ଟଙ୍କା ହୋଇଛି। ସେହିପରି ୨୪ କ୍ୟାରେଟ୍ ସୁନା ୧୦ ଗ୍ରାମ ପିଛା ମୂଲ୍ୟରେ ପ୍ରାୟ ୧୧ ହଜାର ଟଙ୍କା ବଢ଼ି ୧ ଲକ୍ଷ ୭୭ ହଜାର ୫୯୦ ଟଙ୍କା ହୋଇଛି। ଫଳରେ ଏହି ଦୁଇ ଧାତୁ ଗରିବ ଓ ମଧ୍ୟବିତ୍ତଙ୍କ ପାଇଁ କିଣିବା ଏକପ୍ରକାର କଠିନ ବ୍ୟାପାର ହୋଇଯାଇଛି। ଆଗକୁ ବିବାହ ଋତୁ ଥିବାବେଳେ ଏହି ଦରବୃଦ୍ଧି ସାଧାରଣ ଲୋକଙ୍କ ଚିନ୍ତା ବଢ଼ାଇଛି।**




| | |
|---|---|
| **ରୁପା (୧କେ.ଜି.)** | ୪ ଲକ୍ଷ ୧୭ ହଜାର |
| **ସୁନା (୧୦ ଗ୍ରାମ୍)** | ୧,୭୭,୫୯୦/- (୨୪କେ.) |

**ଭୁବନେଶ୍ୱର/ନୂଆଦିଲ୍ଲୀ,୨୯।୧ (ଅନୁରାଧା ମହାରଣା/ପି.ଟି.)**

ଦେଶର ରାଜଧାନୀ ନୂଆଦିଲ୍ଲୀରେ ଗୁରୁବାର ରୁପା ମୂଲ୍ୟ କିଲୋଗ୍ରାମ ପିଛା ୪ ଲକ୍ଷ ଟଙ୍କା ଅତିକ୍ରମ କରିଛି। ସେହିପରି ସୁନା ମୂଲ୍ୟ ମଧ୍ୟ ୧୦ ଗ୍ରାମ ପିଛା ୧.୮୩ଲକ୍ଷ ଟଙ୍କାର ସର୍ବକାଳୀନ ରେକର୍ଡ ସ୍ତରକୁ ଛୁଇଁଛି। ଅଲ ଇଣ୍ଡିଆ ସରାଫା ଆସୋସିଏଶନ ଅନୁଯାୟୀ, ରୁପା କ୍ରମାଗତ ଚତୁର୍ଥ ଦିନ ପାଇଁ ବୃଦ୍ଧି ପାଇଛି। ଏହା ୧୯,୫୦୦ ଟଙ୍କା (୫.୦୬ ପ୍ରତିଶତ) ବଢ଼ି କିଲୋଗ୍ରାମ ପିଛା ୪,୦୪,୫୦୦ ଟଙ୍କାର (ସମସ୍ତ ଟିକସ ସହିତ) ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। ବୁଧବାର ରୁପା କିଲୋ ପିଛା ୩,୮୫,୦୦୦ ଟଙ୍କାରେ ବନ୍ଦ ହୋଇଥିଲା। ଚଳିତବର୍ଷ ରୁପା ମୂଲ୍ୟ ୧,୬୫,୫୦୦ ଟଙ୍କା (୬୯.୨ ପ୍ରତିଶତ) ବୃଦ୍ଧି ପାଇଛି, ଯାହାକି ଗତବର୍ଷ ଶେଷ ସୁଦ୍ଧା ୨,୩୯,୦୦୦ ଟଙ୍କା ଥିଲା। ଭୁବନେଶ୍ୱରରେ ବୁଧବାର ରୁପା କିଲୋଗ୍ରାମ ପିଛା ମୂଲ୍ୟ ୩ ଲକ୍ଷ ୯୩ ହଜାର ଟଙ୍କା ଥିବାବେଳେ ୨୪ କ୍ୟାରେଟ୍ ସୁନା ୧୦ ଗ୍ରାମ ମୂଲ୍ୟ ପ୍ରାୟ ୧ ଲକ୍ଷ ୬୭ ହଜାର ଥିଲା।

ଲେମନ ମାର୍କେଟ ଡେସ୍କର ଗବେଷଣା ବିଶ୍ଳେଷକ ଗୌରବ ଗର୍ଗ କହିଛନ୍ତି ଯେ, ନିବେଶକଙ୍କ ପ୍ରବଳ ଚାହିଦା ଏବଂ ବିଶ୍ୱସ୍ତରରେ ମୂଲ୍ୟବାନ ଧାତୁର ଦରବୃଦ୍ଧି ଯୋଗୁ ରୁପା ୪ ଲକ୍ଷ ଟଙ୍କା ମାଇଲଖୁଣ୍ଟ ଅତିକ୍ରମ କରିଥିବାବେଳେ ସୁନା ମଧ୍ୟ ଏକ ନୂଆ ରେକର୍ଡ ସୃଷ୍ଟି କରିଛି। ବିଶ୍ୱ ଅର୍ଥନୈତିକ ଅନିଶ୍ଚିତତା ଏବଂ ☞ପୃଷ୍ଠା-୨

# ଭାରତ-ଇୟୁ ଏଫ୍‌ଟିଏକୁ ବୈଶ୍ୱିକ ଗଣମାଧ୍ୟମ, ନେତାଙ୍କ ପ୍ରଶଂସା



ଏକ ବିଶେଷ ମୁହୂର୍ତ୍ତରେ ୟୁରୋପୀୟ ପରିଷଦର ସଭାପତି ଆଣ୍ଟୋନିଓ କୋଷ୍ଟା, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ୟୁରୋପୀୟ କମିଶନ ସଭାପତି ଉର୍ସୁଲା ଭନ୍ ଡେର୍ ଲେଏନ।

**ନୂଆଦିଲ୍ଲୀ,୨୯।୧**

ଭାରତ ଏବଂ ୟୁରୋପୀୟ ସଂଘ (ଇୟୁ) ମଧ୍ୟରେ ମୁକ୍ତ ବାଣିଜ ଚୁକ୍ତିନାମାର ନିଷ୍କର୍ଷ ଉପରେ ବିଶ୍ୱବ୍ୟାପୀ ଦୃଢ଼ ତଥା ସକାରାତ୍ମକ ପ୍ରତିକ୍ରିୟା ପ୍ରକାଶ ପାଇଛି। ଅନ୍ତର୍ଜାତୀୟ ଗଣମାଧ୍ୟମଠାରୁ ଆରମ୍ଭ କରି ବିଦେଶୀ ରାଜନେତା, ବୈଶ୍ୱିକ ବ୍ୟବସାୟିକ ମୁଖ୍ୟ ଏବଂ ନୀତି ବିଶେଷଜ୍ଞମାନେ ଭାରତ-ଇୟୁ ବାଣିଜ୍ୟ ଚୁକ୍ତିନାମାକୁ ନେଇ ଉଚ୍ଚ ପ୍ରଶଂସା କରିଛନ୍ତି। ଉକ୍ତ ଚୁକ୍ତିନାମା ଉଭୟ ଅର୍ଥନୈତିକ ଏବଂ ଭୂରାଜନୈତିକ ଦୃଷ୍ଟିରୁ ଐତିହାସିକ, ରଣନୀତିକ ତଥା ସମୟୋପଯୋଗୀ ବୋଲି ସେମାନେ କହିଛନ୍ତି।

ପ୍ରମୁଖ ଅନ୍ତର୍ଜାତୀୟ ଗଣମଧ୍ୟମ ମଧ୍ୟରୁ ଟେଲିଗ୍ରାଫ୍‌ରେ ପ୍ରକାଶିତ ଜେମ୍ସ କ୍ରିସ୍ଙ୍କ ଲିଖିତ ନିବନ୍ଧ 'ମୋଦି ଇଜ୍ ରିଅଲ ୱିନର ଇନ ମଦର ଅଫ୍ ଅଲ୍ ଟ୍ରେଡ୍ ଡିଲ୍ସ ଉଇଥ୍ ଇୟୁ'ରେ ଭାରତ-ଇୟୁ ବାଣିଜ୍ୟ ଚୁକ୍ତିନାମାକୁ ସମସ୍ତ ବାଣିଜ୍ୟ ଚୁକ୍ତିନାମାର ମା' ବୋଲି ବର୍ଣ୍ଣନା କରାଯାଇଛି। ଭାରତ ବାସ୍ତବରେ ରଣନୀତିକ ବିଜେତା ଭାବେ ଉଭା ହୋଇଥିବା ନେଇ ଏଥିରେ ଯୁକ୍ତି ଦର୍ଶାଯାଇଛି। ଉକ୍ତ ଡିଲ୍ ଯୋଗୁ ଭାରତକୁ ୟୁରୋପୀୟ ସଂଘ ରପ୍ତାନି କରୁଥିବା ୯୬.୬ ପ୍ରତିଶତ ସାମଗ୍ରୀ ଉପରୁ ଟାରିଫ ହଟାଇ ଦିଆଯିବ କିମ୍ବା ହ୍ରାସ ପାଇବାକୁ ଥିବାବେଳେ ୯୯.୫ ପ୍ରତିଶତ ଭାରତୀୟ ସାମଗ୍ରୀ ଉପରେ ଇୟୁ ୭ ବର୍ଷ ପାଇଁ ଟାରିଫ୍ ହ୍ରାସ କରିବ ବୋଲି ଉକ୍ତ ନିବନ୍ଧରେ ଉଲ୍ଲେଖ କରାଯାଇଛି।

ଡାନ୍ ଷ୍ଟ୍ରମ୍ଫଙ୍କ ଦ୍ୱାରା ବ୍ଲୁମ୍‌ବର୍ଗରେ ଲିଖିତ ନିବନ୍ଧ 'ଅଲ୍ ରୋଡ୍ସ ଲିଡ୍ ଟୁ ମୋଦି ଆଜ୍ ୱାର୍ଲ୍ଡ ହେଜ୍‌ସ ଟ୍ରମ୍ପ'ରେ ଭାରତ ଏବଂ ୟୁରୋପୀୟ ସଂଘ ମଧ୍ୟରେ ହୋଇଥିବା ଡିଲ୍‌କୁ ନୂତନ ଉଦୟମାନ ପ୍ରବୃତ୍ତିର ସଦ୍ୟତମ ଦୃଷ୍ଟାନ୍ତ: ନୂଆଦିଲ୍ଲୀ ଏବେ ପ୍ରଥମ ପସନ୍ଦର ସହଭାଗୀ ଭାବେ ଉଭା ହୋଇଥିବା କୁହାଯାଇଛି। ସେହିପରି ୱାଲ ଷ୍ଟ୍ରିଟ୍ ଜର୍ନାଲ ଉକ୍ତ ଚୁକ୍ତିନାମାକୁ ବିଶ୍ୱ ଟାରିଫ୍ ପ୍ରତିବନ୍ଧକକୁ ମଧ୍ୟମ ଶକ୍ତିଗୁଡ଼ିକର ପ୍ରତିକ୍ରିୟା ଭାବେ ଅଭିହିତ କରିଛି, ଯେଉଁଥିରେ ଆମେରିକା ବାଣିଜ୍ୟ ନୀତି ଦ୍ୱାରା ସୃଷ୍ଟ ଅନିଶ୍ଚିତତା କିପରି ଭାରତ ଏବଂ ୟୁରୋପୀୟ ସଂଘ ☞ପୃଷ୍ଠା-୨

# ଜଳପ୍ରକଳ୍ପର ସୁରକ୍ଷା କରିବ 'ଜଳ ଅର୍ପଣ'

**ଭୁବନେଶ୍ୱର,୨୯।୧ (ରବିନାରାୟଣ ଜେନା)**

ରାଜ୍ୟର ପ୍ରତ୍ୟେକ ପରିବାର ନିକଟରେ କିଭଳି ୨୦୨୭ ସୁଦ୍ଧା ବିଶୁଦ୍ଧ ଜଳ ପହଞ୍ଚିବ ସେ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶକ୍ରମେ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ମୁଖ୍ୟମନ୍ତ୍ରୀଙ୍କ 'ମିଶନ ପାୱାର'କୁ ସଫଳ କରିବା ପାଇଁ ବିଭାଗ ପକ୍ଷରୁ ପ୍ରତ୍ୟେକ ପାନୀୟଜଳ ପ୍ରକଳ୍ପର କାର୍ଯ୍ୟକାରିତା ସମୀକ୍ଷା କରାଯିବା ସହିତ ତା'ର ବିଭିନ୍ନ ଦିଗ ଉପରେ ଅନୁଧ୍ୟାନ କରାଯାଉଛି। ଏହି ପରିପ୍ରେକ୍ଷୀରେ ବିଭାଗ ପକ୍ଷରୁ କେନ୍ଦ୍ର ସରକାରଙ୍କ 'ଜଳ ଜୀବନ ମିଶନ' ଅନ୍ତର୍ଗତ 'ଜଳ ଅର୍ପଣ' କାର୍ଯ୍ୟକ୍ରମ ହାତକୁ ନିଆଯିବାକୁ ଲକ୍ଷ୍ୟ ରଖାଯାଇଛି। ଏହାଦ୍ୱାରା ପ୍ରତ୍ୟେକ ଜଳ ପ୍ରକଳ୍ପର ସୁରକ୍ଷା ଓ ପରିଚାଳନା ଦାୟିତ୍ୱ ସ୍ଥାନୀୟ ଗୋଷ୍ଠୀ ହାତକୁ ପ୍ରଦାନ କରାଯିବ। ସରକାର ଏଣିକି ଯେଉଁ ପାନୀୟଜଳ ପ୍ରକଳ୍ପ କରିବେ ଏବଂ ପୂର୍ବରୁ ଯେଉଁସବୁ ପାନୀୟଜଳ ପ୍ରକଳ୍ପ କାର୍ଯ୍ୟକାରୀ ହୋଇଛି ତାହାକୁ

### ସ୍ଥାନୀୟ ଗୋଷ୍ଠୀ ହାତକୁ ଯିବ ପରିଚାଳନା ଦାୟିତ୍ୱ

ମଧ୍ୟ ସ୍ଥାନୀୟ ଗୋଷ୍ଠୀକୁ ପରିଚାଳନା ଲାଗି ପ୍ରଦାନ କରାଯିବ। ଫଳରେ ପାନୀୟଜଳ ପ୍ରକଳ୍ପରେ ଆଉ କୌଣସି ପ୍ରକାର ବ୍ୟତିକ୍ରମ ପରବର୍ତ୍ତୀ ସମୟରେ ଦେଖାଦେବ ନାହିଁ। ଯଦି କୌଣସି ସମୟରେ ପ୍ରକଳ୍ପରେ କିଛି ବି ଅସୁବିଧା ଉପୁଜିଲା, ତେବେ ସ୍ଥାନୀୟ ଗୋଷ୍ଠୀ ଜରିଆରେ ତା'ର ତ୍ୱରିତ ସମାଧାନ କରାଯାଇପାରିବ। ଏହି 'ଜଳ ଅର୍ପଣ' କାର୍ଯ୍ୟକ୍ରମକୁ ପ୍ରଥମେ ଉତ୍ତରପ୍ରଦେଶ ସରକାର କାର୍ଯ୍ୟକାରୀ କରିଥିଲେ। ଏହାଦ୍ୱାରା ଜଳପ୍ରକଳ୍ପର ସୁରକ୍ଷା ହୋଇପାରୁ ଥିବାରୁ ଓଡ଼ିଶାରେ ଅନୁରୂପ ଭାବେ 'ଜଳ ଅର୍ପଣ' କାର୍ଯ୍ୟକ୍ରମ କରାଯିବ ବୋଲି ଜଣାଯାଇଛି। ଏ ନେଇ ଜାନୁଆରୀ ୨୬ରୁ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ନିର୍ଣ୍ଣାୟକ ମୁକାବିଲା**




# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- କଳାବୃତ୍ତି ସାହିତ୍ୟ ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱଶାନ୍ତି ମହାଯଜ୍ଞର ଗୀତା ପାଠ, ସ୍ଥାନ: ବାଲିଅନ୍ତା ଡାମରା ଗ୍ରାମର ମଙ୍ଗଳାଙ୍କ ପୀଠ, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ଶହୀଦ ଦିବସ ଅବସରରେ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି, ସ୍ଥାନ: ବିଧାନସଭା ପ୍ରାଙ୍ଗଣ, ସମୟ: ପୂର୍ବାହ୍ନ ୧୦ଟା ୪୦।
- ୩ୟ ଓଡ଼ିଶା ମିନିଗଲ୍ଫ ଚାମ୍ପିୟନଶିପ୍ ଶୁଭାରମ୍ଭ, ସ୍ଥାନ: ହୋଟେଲ ଗୌରୀ କଟେଜ, କେଦାର ଗୌରୀ ମନ୍ଦିର, ସମୟ: ପୂର୍ବାହ୍ନ ୧୧ଟା।
- ମହାତ୍ମା ଗାନ୍ଧୀ ତିରୋଧାନ/ଶହୀଦ ଦିବସ ପାଳନ, ସ୍ଥାନ: ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଫିଜିକ୍ସ, ସମୟ: ପୂର୍ବାହ୍ନ ୧୧ଟା।
- ରାଜ୍ୟ ବହୁଜନ ସଂଗଠନ ସମୂହ ପକ୍ଷରୁ ରାଲି, ସ୍ଥାନ: ରାଜମହଲ ଛକ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ମହାତ୍ମା ଗାନ୍ଧୀଙ୍କ ୭୮ତମ ତିରୋଧାନ ଦିବସ ପାଳନ, ସ୍ଥାନ: ନହରକଣ୍ଟାସ୍ଥିତ ସରସ୍ୱତୀ ଶିକ୍ଷା ମନ୍ଦିର ପରିସର, ସମୟ: ଅପରାହ୍ନ ୩ଟା।
- ୯୧ତମ ସଂସ୍କୃତି ଚର୍ଚ୍ଚା, ସ୍ଥାନ: ଓଡ଼ିଶା ରାଜ୍ୟ ଅଭିଲେଖାଗାର, ସମୟ: ସନ୍ଧ୍ୟା ୫ଟା ୩୦।
- ମାସ ଆଉଟ୍ରେଚ୍, ସ୍ଥାନ: ବୁଦ୍ଧମନ୍ଦିର, ସମୟ: ସନ୍ଧ୍ୟା ୫ଟା ୩୦।
- ମୟୂରଭଞ୍ଜ ସାଂସ୍କୃତିକ ସଂସଦ ପକ୍ଷରୁ ମୟୂରଭଞ୍ଜ ଉତ୍ସବ, ସ୍ଥାନ: ଉତ୍କଳ ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।

**କଟକ**
- ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ମହାତ୍ମା ଗାନ୍ଧୀଙ୍କ ମହାପ୍ରୟାଣ ଦିବସ, ସ୍ଥାନ: ଗାନ୍ଧୀ ସ୍ମୃତି ପୀଠ, ତେଲେଙ୍ଗାପେଣ୍ଠ, ସମୟ: ସକାଳ ୮ଟା ୩୦।
- ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ପକ୍ଷରୁ ବାର୍ଷିକ ପୁଷ୍ପ ପ୍ରଦର୍ଶନୀର ତୃତୀୟ ଦିବସ, ସ୍ଥାନ: ବିଶ୍ୱବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଇଣ୍ଟର ନ୍ୟାଶନାଲ କ୍ଲବ ଓ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ ପକ୍ଷରୁ ଶହୀଦ ଦିବସରେ ସର୍ବଧର୍ମ ପ୍ରାର୍ଥନା ସଭା, ସ୍ଥାନ: ମେଡିକାଲ ରୋଡ୍, ମଙ୍ଗଳାବାଗ, ସମୟ: ପୂର୍ବାହ୍ନ ୧୦ଟା।
- ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ପକ୍ଷରୁ ତିନିଦିନିଆ ଜିଲାସ୍ତରୀୟ ଯୁବ ନେତୃତ୍ୱ ତାଲିମ ଶିବିର ଉଦ୍‌ଘାଟନ, ସ୍ଥାନ: ମହାବିଦ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ପୋପରା ଆବାସିକ ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ନୂଆସଡ଼କ, ତିଗିରିଆ, ସମୟ: ଅପରାହ୍ନ ୧ଟା।
- ଦିବ୍ୟ ଜୀବନ ସଂଘ ଶିବାନନ୍ଦ ଆଶ୍ରମର ୭୫ତମ ଅମୃତ ମହୋତ୍ସବ ଓ ୩୯ତମ ନିଖିଳ ଉତ୍କଳ ଦିବ୍ୟଜୀବନ ସଂଘ ଆଧ୍ୟାତ୍ମିକ ସମ୍ମିଳନୀ ଉଦଘାଟନ, ସ୍ଥାନ: ଇନ୍‌ଡୋର ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା ୩୦।
- ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ କବି ରଘୁନାଥ ଦାସ (ଜଟାୟୁ)ଙ୍କ ସ୍ମୃତିସନ୍ଧ୍ୟା ଓ ସ୍ମାରକୀ ବକ୍ତୃତା, ସ୍ଥାନ: ଶ୍ରୀରାମଚନ୍ଦ୍ର ଭବନ, ସମୟ: ସନ୍ଧ୍ୟା ୬ଟା ୩୦।

**ପୁରୀ**
- ଜାତୀୟ ମତଦାତା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପ୍ରିୟଙ୍କା ଦେବୀ ନର୍ସିଂ ସ୍କୁଲ, ବାଲିଗୁଆଲି, ସମୟ: ସକାଳ ୯ଟା।
- ନିଗମାନନ୍ଦଙ୍କ ଭକ୍ତ ସମ୍ମିଳନୀ ଅବସରରେ ଶୋଭାଯାତ୍ରା, ସ୍ଥାନ: ଚୈତନ୍ୟ ଛକ, ସମୟ: ସକାଳ ୯ଟା।
- ଓଡ଼ିଶା ନଲେଜ ସଂଗଠନ ପକ୍ଷରୁ ପ୍ରଶିକ୍ଷଣ ଶିବିର, ସ୍ଥାନ: ପୁରୀ ଜିଲା ସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।
- ଖଡ୍ଡୁରା ସମାଜ ପକ୍ଷରୁ ବୈଠକ, ସ୍ଥାନ: ନାୟକ ବିଚ୍ ରିସୋର୍ଟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଏସ୍‌ଏସ୍‌ବି ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ:ଗୁଆ, ଚନ୍ଦନପୁର, ସମୟ: ଅପରାହ୍ନ ୪ ଟା।
- କପୋତେଶ୍ୱର ମହୋତ୍ସବ, ସ୍ଥାନ: ଚନ୍ଦନପୁର, ସମୟ: ସନ୍ଧ୍ୟା ୬ଟା।

**ଖୋର୍ଦ୍ଧା**
- ବଡ଼ତୋଟା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ବଡ଼ତୋଟା, ଜଟଣୀ, ସମୟ: ପୂର୍ବାହ୍ନ ୧୧ଟା।
- ନୀଳକଣ୍ଠେଶ୍ୱର ଦେବଙ୍କ ୨୦ତମ ସ୍ୱଜନ୍ମ ନକ୍ଷେତ୍ରାଦି ପୂଜା ଓ ସାର୍ବଜନୀନ ବିଶ୍ୱଶାନ୍ତି ମହାଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ହାଟବଜାର, ମେଲଣପଡ଼ିଆ ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା ୩୦।

**ବାଲେଶ୍ୱର**
- ବନ୍ଦେ ମାତରମ୍ କୋଷ୍ଟାଲ ସାଇକ୍ଲୋଥୋନ୍-୨୦୨୬, ସ୍ଥାନ: ଲବଣ ସତ୍ୟାଗ୍ରହ ସ୍ମୃତି ନୋଡ଼ାଲ ବିଦ୍ୟାପୀଠ, ଇଞ୍ଚୁଡ଼ି, ବାଲେଶ୍ୱର, ସମୟ: ସକାଳ ୬ଟା।
- ବ୍ଲକସ୍ତରୀୟ ହିନ୍ଦୁ ସମ୍ମିଳନୀ, ସ୍ଥାନ: ଥାନାଛକ ହେଲିପ୍ୟାଡ ପଡ଼ିଆ, ଭୋଗରାଇ, ସମୟ: ସକାଳ ୯ଟା।
- ରେମୁଣା ମହୋତ୍ସବର ସପ୍ତମ ସନ୍ଧ୍ୟା, ସ୍ଥାନ: ମହୋତ୍ସବ ପଡ଼ିଆ, ହାତୀଆଗଣ୍ଡ ଛକ, ରେମୁଣା, ସମୟ: ଅପରାହ୍ନ ୫ଟା।

**ଭଦ୍ରକ**
- ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ଗାନ୍ଧୀପଡ଼ିଆ, ଭଦ୍ରକ, ସମୟ: ସକାଳ ୯ଟା।
- ପିସିସି ସଭାପତିଙ୍କ ଦ୍ୱାରା 'ଗାନ୍ଧୀ ପଥେ ଓଡ଼ିଶା' ପଦଯାତ୍ରାର ଶୁଭାରମ୍ଭ, ସ୍ଥାନ: ଇରମ ଶହୀଦ ପୀଠ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ଗାନ୍ଧିମେଳା ଉପଲକ୍ଷେ ସାଧାରଣ ସଭା, ସ୍ଥାନ: ଗାନ୍ଧୀଘାଟ ଶାସନ -ସାଆଁଳପୁର, ଧୁଷୁରୀ, ସମୟ: ଅପରାହ୍ନ ୩ଟା।

**କେନ୍ଦୁଝର**
- ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: କେନ୍ଦେଇପୋଷି, ପାଟଣା, ସମୟ: ପୂର୍ବାହ୍ନ ୧୦ ଟା।
- କଣ୍ଟିପାଳ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର,ସମୟ: ପୂର୍ବାହ୍ନ ୧୧ ଟା।

**ମୟୂରଭଞ୍ଜ**
- ୨୭ତମ ଆନ୍ତଃକଲେଜ ସାଂସ୍କୃତିକ କାର୍ଯ୍ୟକ୍ରମ 'ୟୁଫୋରିଆ-୨୦୨୬', ସ୍ଥାନ: ଶହୀଦ ସ୍ମୃତି ଭବନ, ବାରିପଦା ସମୟ:ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ରେଡକ୍ରସ ଶିକ୍ଷା ଓ ପ୍ରଶିକ୍ଷଣ ଶିବିରର ଉଦ୍‌ଯାପନୀ ଉତ୍ସବ, ସ୍ଥାନ:ଖୁଣ୍ଟାସ୍ଥିତ ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ଗୋପବନ୍ଧୁନଗର, ସମୟ:ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ହସ୍ତଶିଳ୍ପ ମେଳା, ସ୍ଥାନ:ଛଉ ପଡ଼ିଆ, ବାରିପଦା, ସମୟ:ପୂର୍ବାହ୍ନ ୧୦ଟା।
- ରୋଗୀ ସେବା ନିମନ୍ତେ ନୂତନ କ୍ୟାବିନ ଲୋକାର୍ପଣ, ସ୍ଥାନ: ଉଦଳା ଡାକ୍ତରଖାନା ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଦ୍ୱାଦଶ ମୟୂରଭଞ୍ଜ ପୁସ୍ତକ ମେଳା, ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ: ଅପରାହ୍ନ ୨ଟା।
- ଗ୍ରାମବାସୀଙ୍କ ସହଯୋଗରେ ଭୀମଦେବଙ୍କର ୨୯ତମ ବାର୍ଷିକ ପୂଜାଉତ୍ସବ ଓ ଷୋହଳ ପ୍ରହର ଅଖଣ୍ଡ ନାମ ସଂକୀର୍ତ୍ତନ, ସ୍ଥାନ: ଧେଣ୍ଡଗାଁ ଗ୍ରାମ ଭୀମମେଳା ହରିମଣ୍ଡପ, ସାରସକଣା, ସମୟ: ସନ୍ଧ୍ୟା ୭ଟା।

**ବ୍ରହ୍ମପୁର**
- ଗୋପାଳପୁର ବେଳାଭୂମି ମହୋତ୍ସବ ଉଦଯାପନୀ, ସ୍ଥାନ: ଗୋପାଳପୁର ବେଳାଭୂମି, ସମୟ: ସନ୍ଧ୍ୟା ୫ଟା।

**ଗଞ୍ଜାମ**
- ଆସିକା ବିଜ୍ଞାନ କଲେଜର ବାର୍ଷିକ ଉତ୍ସବ, ସ୍ଥାନ: କଲେଜ ପରିସର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଆସିକା ସମବାୟ ଚିନିଶିଳ୍ପର ୬୩ତମ ଆଖୁପେଡ଼ା ଆରମ୍ଭ, ସ୍ଥାନ: ଚିନିଶିଳ୍ପ ପରିସର, ସମୟ: ପୂର୍ବାହ୍ନ ୧୦ଟା ୩୦।

**କନ୍ଧମାଳ**
- କୁଷ୍ଠ ନିବାରଣ ଦିବସ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ ସଭା ଗୃହ, ସମୟ: ସକାଳ ୮ ଟା ୩୦।
- ଜଳ ବିଭାଜିକା ମହୋତ୍ସବ, ସ୍ଥାନ: ରାଇକିଆ ଗୁଡ଼ିଘାସି, କୋଟଗଡ଼-ସିନ୍ଧିଗୁଡା, ସମୟ: ସକାଳ ୯ ଟା।

**ଢେଙ୍କାନାଳ**
- ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ବନମାଳୀ ପ୍ରସାଦ, ସମୟ: ଅପରାହ୍ନ ୪ଟା।

**ଅନୁଗୋଳ**
- ସାମୂହିକ ବ୍ରତୋପନୟନ କାର୍ଯ୍ୟକ୍ରମ, ସ୍ଥାନ: ଆଠମଲ୍ଲିକ ସହର ଜଗନ୍ନାଥ ମନ୍ଦିର, ସମୟ: ସକାଳ ୬ଟା।
- ଶ୍ରୀମଦ୍ ଭାଗବତ ପାରାୟଣ ଜ୍ଞାନଯଜ୍ଞର ପଞ୍ଚମ ଦିବସରେ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ଆଠମଲ୍ଲିକ ସହରସ୍ଥିତ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୭ଟା।

**ଜଗତ୍‌ସିଂହପୁର**
- ନୀଳଚକ୍ର ୟୁଥ ଟ୍ରଷ୍ଟ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଅଠରବାଙ୍କୀ, ଗୋଲେଇ ଛକ, ପାରାଦୀପ, ସମୟ: ସକାଳ ୧୦ଟା ୩୦।
- ଆଣ୍ଟି ଲେପ୍ରସି ଡେ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ ନୂଆ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।

**କେନ୍ଦ୍ରାପଡ଼ା**
- ଜାତୀୟ ସଡ଼କ ସୁରକ୍ଷା ମାସ ଉଦ୍‌ଯାପନୀ ସଭା, ସ୍ଥାନ: ସଂସ୍କୃତିଭବନ, ଉଦୟନଜର, ଡେରାବିଶ, ସମୟ: ସକାଳ ୯ଟା।
- ଶିବଶକ୍ତି ଯୁବକ ସଂଘ ପକ୍ଷରୁ ଗ୍ରାମାଞ୍ଚଳ ରାଜ୍ୟସ୍ତରୀୟ ଜମ୍ବୁଦ୍ୱୀପ କ୍ରିକେଟ କପ, ସ୍ଥାନ: ଶଙ୍ଖପଦା ଖେଳପଡିଆ, ମହାକାଳପଡ଼ା, ସମୟ: ମଧ୍ୟାହ୍ନ ୧୨ଟା।

**ଯାଜପୁର**
- ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ରୌପ୍ୟ ଜୟନ୍ତୀ ଉତ୍ସବ, ସ୍ଥାନ: ଖେମେଶ୍ୱର, ବରୀ, ସମୟ: ପୂର୍ବାହ୍ନ ୧୧ଟା।
- ବ୍ୟାସ ସରୋବର ମହୋତ୍ସବର ଦ୍ୱିତୀୟ ଦିନରେ ଆଞ୍ଚଳିକ ନୃତ୍ୟ କାର୍ଯ୍ୟକ୍ରମ, ସ୍ଥାନ : ପୀଠ ପରିସର, ସମୟ: ସନ୍ଧ୍ୟା୬ଟା।

**ନୟାଗଡ଼**
- ଭୈମୀ ଏକାଦଶୀ ମେଳାର ୨ୟ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ପୀଠ, ସମୟ: ସକାଳ ୭ଟା।
- ଜାମାଲାଗି ବେଶର ଅଷ୍ଟମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ସକାଳ ୭ଟା।
- ମା' ଭାନୁମତୀ ମନ୍ଦିର ବାର୍ଷିକ ପ୍ରତିଷ୍ଠା ଉତ୍ସବର ୨ୟ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକ ଭାନୁମତୀ ପୀଠ, ହଟିଆପଲ୍ଲୀ, ସମୟ: ସକାଳ ୭ଟା ୩୦।
- ବଡରାଉଳୀଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ନୂଆଗାଁ ବ୍ଲକ ଗୁଡୁପାଙ୍ଗୀ, ସମୟ: ସକାଳ ୮ଟା।

**ରାୟଗଡ଼ା**
- ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ ଅବସରରେ ସ୍ମୃତି ସଭା, ସ୍ଥାନ: ଜିଲା କଂଗ୍ରେସ ଭବନ, ରାୟଗଡା, ସମୟ: ସକାଳ ୯ଟା।
- ହେପାଟାଇଟ୍ସ-ବି ଏବଂ ହେପାଟାଇଟ୍ସ-ସି ସ୍କ୍ରିନିଂ କ୍ୟାମ୍ପ, ସ୍ଥାନ: ଜେକେପୁର ମିଲ୍ କ୍ୟାମ୍ପସ, ଜେକେପୁର, ସମୟ: ପୂର୍ବାହ୍ନ ୧୦ଟା।

**ନବରଙ୍ଗପୁର**
- ସ୍କୁଲ ବାର୍ଷିକ ଉତ୍ସବ, ସ୍ଥାନ: ଖାତିଗୁଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସବୟ: ପୂର୍ବାହ୍ନ ୧୦ଟା।

**କୋରାପୁଟ**
- କୋରାପୁଟରେ ଶହୀଦ ଦିବସ ପାଳନ, ସ୍ଥାନ: କୋରାପୁଟ ଗାନ୍ଧୀ ପାର୍କ, ସମୟ: ସକାଳ ୯ ଟା ୩୦।

**ସମ୍ବଲପୁର**
- ଧନୁଯାତ୍ରା ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ : ପରମାଣପୁର ଗ୍ରାମ, ସମୟ : ସନ୍ଧ୍ୟା ୭ଟା।
- ପ୍ରସିଦ୍ଧ କଣ୍ଠଶିଳ୍ପୀ ଅଭିଜିତ ମଜୁମଦାରଙ୍କୁ ଶ୍ରଦ୍ଧାଞ୍ଜଳି ସକାଶେ ପ୍ରସ୍ତୁତି ବୈଠକ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ସନ୍ଧ୍ୟା ୭ଟା।

**ବଲାଙ୍ଗୀର**
- ପ୍ଲାଷ୍ଟିକମୁକ୍ତ ପର୍ଯ୍ୟଟନ କ୍ଷେତ୍ର ସମ୍ପର୍କିତ ସଚେତନତା ସଭା, ଶୋଭାଯାତ୍ରା, ସ୍ଥାନ: ଖପ୍ରାଖୋଲ ବ୍ଲକ ହରିଶଙ୍କର, ସମୟ: ପୂର୍ବାହ୍ନ ୧୦ଟା।
- ଭିବି-ଜି ରାମ-ଜି ଆଇନ ୨୦୨୫ ଉପରେ କର୍ମଶାଳା, ସ୍ଥାନ: ଭୀମଭୋଇ ମେଡିକାଲ କଲେଜ ପ୍ରେକ୍ଷାଳୟ, ବଲାଙ୍ଗୀର, ସମୟ: ଅପରାହ୍ନ ୩ଟା।

**ରାଉରକେଲା**
- ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ, ସ୍ଥାନ: ସେକ୍ଟର-୧୯ ଆମ୍ବାଗାନ ଛକ, ସମୟ: ସକାଳ ୮ଟା ୩୦।

**ସୁନ୍ଦରଗଡ଼**
- କୁଷ୍ଠ ନିବାରଣ ସଚେତନତା ପକ୍ଷରୁ ଶୁଭାରମ୍ଭ ଓ ଶୋଭାଯାତ୍ରା କାର୍ଯ୍ୟକ୍ରମ,ସ୍ଥାନ: କୁଆଁରମୁଣ୍ଡା ସରକାରୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସର, ସମୟ: ପୂର୍ବାହ୍ନ ୧୦ଟା ୩୦।

**ବରଗଡ଼**
- ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସରେ ଆଲୋଚନା ସଭା, ସ୍ଥାନ: ଗାନ୍ଧୀ ସ୍ମୃତି ପାଠାଗାର, ବରଗଡ଼,.ସମୟ:ସନ୍ଧ୍ୟା ୬ଟା ୩୦।

**କଳାହାଣ୍ଡି**
- ଜିଲା ଉନ୍ନୟନ କମିଟି ବୈଠକ, ସ୍ଥାନ: ଭବାନୀପାଟଣା ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ହିନ୍ଦୁ ସମ୍ମିଳନୀ, ସ୍ଥାନ: କେସିଙ୍ଗା ଜଗନ୍ନାଥ ମନ୍ଦିର ପଡିଆ, ସମୟ: ପୂର୍ବାହ୍ନ ୧୦ଟା।

**ବୌଦ୍ଧ**
- ଲୋକ ମହୋତ୍ସବର ଚତୁର୍ଥ ଦିବସ, ସ୍ଥାନ: ହରଭଙ୍ଗା ଉଚ୍ଚ ବିଦ୍ୟାଳୟ ଖେଳ ପଡିଆ, ହରଭଙ୍ଗା, ସମୟ: ସନ୍ଧ୍ୟା ୭ଟା।

**ଦେବଗଡ଼**
- ମପୋଲିସ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଦେବଗଡ଼ ପୁରୁଣା ପୋଷ୍ଟଅଫିସ ଛକ, ସମୟ: ପୂର୍ବାହ୍ନ ୧୦ଟା ୩୦।

**ସୁବର୍ଣ୍ଣପୁର**
- ବୀରମହାରାଜପୁରରେ ହିନ୍ଦୁ ସମ୍ମିଳନୀ, ସ୍ଥାନ: ବାବା ଗୋଧନେଶ୍ୱର ମନ୍ଦିର, ସମୟ: ସକାଳ ୯ଟା।
- ଗ୍ରାମ୍ୟ ପରିଚାଳନା କମିଟି ବୈଠକ, ସ୍ଥାନ: ଅମରପାଲି, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଆପଣଙ୍କ ଯାତ୍ରା, ବାଣିଜ୍ୟ, ପାରିବାରିକ ସୁଖ, ସମୃଦ୍ଧିକୁ ଋଦ୍ଧିମନ୍ତ କରିବ। ଏପରି କି ଏକାଧାରରେ ଅର୍ଥ, ସମ୍ମାନ, ସ୍ୱାଗତ, ସମ୍ବର୍ଦ୍ଧନା ପାଇବାର ଯୋଗ ରହିଛି। ପାରିବାରିକ ସମସ୍ୟାରେ ମନ ଭାରାକ୍ରାନ୍ତ ରହିପାରେ। ବନ୍ଧୁମିଳନ, ନୂତନ ବସ୍ତ୍ରାଭରଣ, ସୌଜନ୍ୟମୂଳକ ସାକ୍ଷାତାଲୋଚନା ମାନସିକ ସ୍ଥିତିକୁ ଦୃଢ଼ୀଭୂତ କରିପାରେ।

**ବୃଷ** ବୃହସ୍ପତିଙ୍କ ପ୍ରଭାବରେ ବିଶିଷ୍ଟ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସି ଉପକୃତ ହେବେ। ବାହାର ଲୋକମାନଙ୍କ ମାଧ୍ୟମରେ କାର୍ଯ୍ୟ ହାସଲ କରିବେ। ପ୍ରତିଯୋଗିତାରେ ସଫଳତା, ମାଲିମକଦ୍ଦମାରେ ବିଜୟ ପ୍ରାପ୍ତି, ନୂତନଗୃହ କ୍ରୟ ଯୋଗୁ ଖୁସି ରହିପାରନ୍ତି। ଉଚ୍ଚଶିକ୍ଷା, ସାଂସ୍କୃତିକ କାର୍ଯ୍ୟକ୍ରମ, ନୃତ୍ୟ ସଙ୍ଗୀତାଦି କ୍ଷେତ୍ରରୁ ଉଚ୍ଚ ପ୍ରଶଂସିତ ହୋଇପାରନ୍ତି।

**ମିଥୁନ** ଦୂରଦର୍ଶିତା ଅଭାବରୁ ସମ୍ପର୍କୀୟଙ୍କ କାନକୁହା କଥାରେ ପାରିବାରିକ ଅସ୍ଥିରତାର ସୂଚନା ରହିଛି। ସକାଳୁ ବନ୍ଧୁଙ୍କ ଡାକରା ଚଳଚଞ୍ଚଳ କରାଇପାରେ। କର୍ମକ୍ଷେତ୍ରରେ ଆପଣଙ୍କ ଭୁଲ୍ ନିଷ୍ପତ୍ତି ଏକ ତରଫା ହୋଇଯାଇ ପାରେ ଯାହାକୁ ନେଇ ସମାଲୋଚିତ ହେବାର ଆଶଙ୍କା ରହିଛି। ବ୍ୟବସାୟିକ ସ୍ଥିତି ଓ କର୍ମକ୍ଷେତ୍ରର ବିବାଦୀୟ ପରିସ୍ଥିତି ଅମୀମାଂସିତ ରହିବ।

**କର୍କଟ** ନୂଆ କାମ ଆରମ୍ଭର ବ୍ୟୟ ଅଟକଳ କରିପାରନ୍ତି। ସାମାଜିକ ସ୍ତରରେ ପ୍ରଗତି ମାନସିକ ସ୍ଥିତିକୁ ସୁଦୃଢ଼ କରିବ। ଗୃହାରମ୍ଭ, ଯାନବାହନ ନବୀକରଣ, ରପ୍ତାନୀବାଣିଜ୍ୟ ଏବଂ ପରିବହନ ବାଧାପ୍ରାପ୍ତ ହେବ ନାହିଁ। ତଥାପି ସାମୟିକ ଭାବରେ ଅତୀତ କଥା ଓ ଉପସ୍ଥିତ ସମସ୍ୟା ସମ୍ପର୍କିତ ଚିନ୍ତାରେ ମନ ଉଦ୍‌ବିଗ୍ନ ରହିପାରେ।

**ସିଂହ** ବିଶିଷ୍ଟବ୍ୟକ୍ତିଙ୍କ ଅନୁକମ୍ପା ସାମାଜିକ ପ୍ରତିଷ୍ଠା ସହ ଲକ୍ଷ୍ୟପୂରଣରେ ସହାୟକ ହେବ। ସାହିତ୍ୟ, ସାମ୍ବାଦିକତା, ଏଜେନ୍ସିପ୍ ଓ ସଭାସମିତିରେ ପ୍ରଶଂସିତ ହେବେ। ଇଚ୍ଛା ବିରୋଧରେ କୌଣସି କାମ କରି ଅନୁତପ୍ତ ହେବେ। କର୍ମକ୍ଷେତ୍ରରେ ସ୍ଥଗିତ କାର୍ଯ୍ୟ, ଜମିଜମା କ୍ରୟବିକ୍ରୟ ଏବଂ ମିଥ୍ୟାମକଦ୍ଦମାରେ ଜଡ଼ିତଜନିତ ଦୁଶ୍ଚିନ୍ତା ବୃଦ୍ଧି ପାଇବ।

**କନ୍ୟା** ଅନୁକୂଳ ଗ୍ରହସ୍ଥିତି କାର୍ଯ୍ୟସିଦ୍ଧି, ଅର୍ଥଗୌରବ, ବନ୍ଧୁଙ୍କ ଆଦର ପ୍ରାପ୍ତି କରାଇପାରେ। ଭାବପ୍ରବଣତାଜନିତ ଆନମନା ରହିପାରନ୍ତି। ଆତ୍ମୀୟଙ୍କ ପରାମର୍ଶରେ ଆଗାମୀ ଆନୁଷ୍ଠାନିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିବେ। ବୃତ୍ତି, ବାଣିଜ୍ୟ, କ୍ରୟବିକ୍ରୟ, ଯାତ୍ରା, ବିବାଦର ସମାଧାନ କ୍ଷେତ୍ରରେ ସଫଳତା ହାସଲ କରିବେ।

**ତୁଳା** ଅନ୍ୟଦ୍ୱାରା ପ୍ରଭାବିତ ହୋଇ କର୍ମାରମ୍ଭ କଲେ ଭୁଲ୍ କରିବେ। ନିର୍ମାଣାଧୀନ କାମ, ଚୁକ୍ତିପତ୍ର, ବିବାଦୀୟ ଘଟଣା ଓ ଜମିଜମା କିଣା ବିକାରେ ସତର୍କତା ଅବଲମ୍ବନ କରିବା ଭଲ। ସଭାସମିତି, ଲେଖାପଢ଼ା, ସାହିତ୍ୟ, ବକ୍ତୃତା କ୍ଷେତ୍ରରୁ ପ୍ରଶଂସିତ ହେବେ। ଆଜିର ଯାତ୍ରା, କର୍ମାରମ୍ଭ ଓ ସରକାରୀ ସ୍ତରରେ ଦେଖାସାକ୍ଷାତରୁ ଉପକୃତ ହୋଇପାରନ୍ତି।

**ବିଛା** ଦିନଟିରେ କିଛି କାମ ସନ୍ତୋଷଜନକ ହେବ। କର୍ମକ୍ଷେତ୍ରରେ, ପ୍ରଶାସନିକ ସ୍ତରରେ, ରାଜନୈତିକ ଆଲୋଚନାରେ ଟେନସନ୍ ଦୂର ହୋଇପାରେ। କୃତି ଓ କୃତିତ୍ୱର ପୃଷ୍ଠଭୂମିରେ ନୂତନ ବସ୍ତ୍ରଭୂଷଣ, ସମ୍ମାନ ପ୍ରାପ୍ତି ଯୋଗ ମଧ୍ୟ ରହିଛି। ପାରିବାରିକ ସମସ୍ୟା ସଜାଡିବାରେ ଯତ୍ନବାନ ହେବା ସାଙ୍ଗକୁ ଦୂରଯାତ୍ରା ପାଇଁ ପ୍ରସ୍ତୁତି କରିପାରନ୍ତି।

**ଧନୁ** ଶନିଙ୍କ ପ୍ରଭାବ ନକାରାତ୍ମକ ଚିନ୍ତାଧାରାରେ ବିଷାଦିତ କରିପାରେ। ପ୍ରତ୍ୟେକ କାର୍ଯ୍ୟ ସକାଶେ ଧୈର୍ଯ୍ୟ ବୃଦ୍ଧି ପାଇବ। ପାରିବାରିକ କ୍ଷେତ୍ରରେ ସମସ୍ୟା ସମାଧାନ ହେବାରେ ମିତ୍ର, ବନ୍ଧୁମାନଙ୍କ ପରାମର୍ଶ ମାନିବା ଭଲ। ସାଂସ୍କୃତିକ କାର୍ଯ୍ୟକ୍ରମରେ କଳା, ସଙ୍ଗୀତ, ସାହିତ୍ୟ ଓ ସାମ୍ବାଦିକତାରେ ସମ୍ମାନିତ ହୋଇପାରନ୍ତି।

**ମକର** ଆଜି ବିବାଦୀୟ ଚିନ୍ତାଧାରା ସାଙ୍ଗକୁ ଦୁର୍ଭାବନା ଅସ୍ଥିରତାର କାରଣ ହେବ। ପାରିବାରିକ ସ୍ଥିତି ଭଲ ରହିବ ନାହିଁ। ଯାନବାହନ, ଯାନ୍ତ୍ରିକ ଜିନିଷ, ଧାତୁ ଅଳଙ୍କାରାଦି କ୍ରୟ କରିପାରନ୍ତି। ବନ୍ଧୁଙ୍କ ନିମନ୍ତ୍ରଣ ଲାଭକରି ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ସାମିଲ କରିପାରନ୍ତି। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସୌହାର୍ଦ୍ଦ୍ୟରୁ ବିଶେଷ ଖୁସି ହେବେ।

**କୁମ୍ଭ** କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ମାନସିକ ଦୁଶ୍ଚିନ୍ତାର କାରଣ ହେବ। ପଡ଼ୋଶୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାଇ ସମସ୍ୟାକୁ ଡାକି ଆଣିଲାପରି ପରିସ୍ଥିତି ସୃଷ୍ଟି ହେବ। ପ୍ରସ୍ତୁତିର ଅନ୍ତିମ ପର୍ଯ୍ୟାୟରେ ବ୍ୟତିକ୍ରମଜନିତ ଆଜିର ଯାତ୍ରାରେ ବ୍ୟସ୍ତତା ଅନୁଭବ କରିବେ। ଅର୍ଥନୈତିକ ସ୍ଥିତି ପ୍ରଗତି କ୍ଷେତ୍ରରେ ସହାୟକ ହୋଇପାରିବ।

**ମୀନ** ଦୂରଦର୍ଶିତା ଏବଂ ସମୟୋପଯୋଗୀ ଚିନ୍ତାଧାରା ଯୋଗୁ କର୍ମକ୍ଷେତ୍ର ଓ ପାରିବାରିକ ସ୍ଥିତି ଉତ୍ତମ ରହିବ। ପଡ଼ୋଶୀଙ୍କ କଥାରେ ଚିହ୍ନା ପଡି କୌଣସି କାମ କରିବା ଠିକ୍ ହେବ ନାହିଁ। ଗବେଷଣା, ସାହିତ୍ୟ, ସଙ୍ଗୀତରେ ସମସ୍ୟା ସମାଧାନ ହୋଇଯିବ। ଭ୍ରମଣ ରାଜନୀତି, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ମନୋରଞ୍ଜନ ପାଇଁ ଦିନଟି ବହୁତ ଭଲ।

ଆଜି ଜାନୁଆରୀ ୩୦ ତାରିଖ, ଜାତିରପିତା ମହାମାନବ ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ, ଶହୀଦ ଦିବସ, ସର୍ବୋଦୟ ଦିବସ, ମାଘ ଶୁକ୍ଳ ଦ୍ୱାଦଶୀ ଯୁକ୍ତ ତ୍ରୟୋଦଶୀ ଶୁକ୍ରବାର, ରାଶିନକ୍ଷତ୍ର-ଆର୍ଦ୍ରା/ମିଥୁନ, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ. ୦୬।୨୬ମି. ଗତେ ଘ. ୦୭।୧୦ ମି. ମଧ୍ୟେ, ଘ.୦୭।୫୫ମି. ଗତେ ଘ.୦୯।୧୯ମି. ମଧ୍ୟେ ଶୁଭ ଶୁଭ ବେଳା। ଦିବା ଘ.୧୦।୩୬ ମି. ଗତେ, ଘ.୧୧।୫୯ମି. ମଧ୍ୟେ ରାହୁ କାଳ।

## ପ୍ରଥମ ପୃଷ୍ଠାରୁ...

### ସୁନା, ରୁପା ମୂଲ୍ୟରେ...

ବଢୁଥିବା ଭୂ-ରାଜନୈତିକ ଉତ୍ତେଜନା ମଧ୍ୟରେ ନିରାପଦ ନିବେଶ ପାଇଁ ଚାହିଦା ବଢ଼ିବା ଏହାର ମୁଖ୍ୟ କାରଣ ବୋଲି ସେ ଦର୍ଶାଇଛନ୍ତି। ସେ ଆହୁରି କହିଛନ୍ତି ଯେ, ଶିଳ୍ପ କ୍ଷେତ୍ରର ବୃହତ୍ ଚାହିଦା ଏବଂ ଦୁର୍ବଳ ଆମେରିକୀୟ ଡଲାର କାରଣରୁ ରୁପା ବିଶେଷ ଭାବେ ସୁନା ତୁଳନାରେ ଅଧିକ ଭଲ ପ୍ରଦର୍ଶନ କରୁଛି। ନୂଆଦିଲ୍ଲୀରେ ସୁନା (୯୯.୯% ଶୁଦ୍ଧତା) ୧୦ ଗ୍ରାମ ପିଛା ୧୨,୦୦୦ ଟଙ୍କା ବୃଦ୍ଧି ପାଇ ୧,୮୩,୦୦୦ ଟଙ୍କାରେ ପହଞ୍ଚିଛି। ଅନ୍ତର୍ଜାତୀୟ ବଜାରରେ ସୁନା ମୂଲ୍ୟ ଆଉନ୍ସ ପିଛା ୧୭୭.୧୪ ଡଲାର ବୃଦ୍ଧି ପାଇ ୫,୫୯୫.୦୨ ଡଲାରରେ ପହଞ୍ଚିଛି। ଆମେରିକୀୟ ଡଲାର ଦୁର୍ବଳ ହେବା, ଏକ୍ସଚେଞ୍ଜ ଟ୍ରେଡ୍ ଫଣ୍ଡ (ଇଟିଏଫ୍)ରେ ଅଧିକ ନିବେଶ ଏବଂ ଆମେରିକା-ଇରାନ ମଧ୍ୟରେ ଚାଲିଥିବା ରାଜନୈତିକ ଉତ୍ତେଜନା ଏହି ଦର ବୃଦ୍ଧିର ମୁଖ୍ୟ କାରଣ। ପିଏଲ୍ କ୍ୟାପିଟାଲର ନିର୍ଦ୍ଦେଶକ ସନ୍ଦୀପ ରାଇଚୁରାଙ୍କ ଅନୁଯାୟୀ, ବିଶ୍ୱରେ ଏବେ ଯେଉଁ ପରିସ୍ଥିତି ଦେଖାଦେଇଛି, ତାହା ଶତାବ୍ଦୀରେ ପ୍ରାୟତଃ ଥରେ ଘଟେ। ତେଣୁ ଆଗାମୀ ୨ ବର୍ଷ ମଧ୍ୟରେ ସୁନା ଦର ଆହୁରି ବଢ଼ିପାରେ।

### ଜଳପ୍ରକଳ୍ପର ସୁରକ୍ଷା...

ନୂଆଦିଲ୍ଲୀରେ ସବୁ ରାଜ୍ୟର ପାନୀୟଜଳ ମନ୍ତ୍ରୀଙ୍କୁ ନେଇ ଦୁଇଦିନିଆ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକ ଯୋଗ ଦେଇଥିଲେ। ବୈଠକ ସମ୍ପର୍କରେ ବିଭାଗର ଜଣେ ବରିଷ୍ଠ ଅଧିକାରୀ ନିଜ ନାମ ଗୋପନ ରଖି କହିଛନ୍ତି, କେନ୍ଦ୍ର ସରକାରଙ୍କ ପକ୍ଷରୁ ଦେଶବାସୀଙ୍କୁ ପାନୀୟଜଳ ସୁନିଶ୍ଚିତ କରିବାପାଇଁ ସବୁ ରାଜ୍ୟର ମନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଥିପାଇଁ ଯଦି ରାଜ୍ୟର କୌଣସି ଆବଶ୍ୟକତା ଓ ସହାୟତା ଆବଶ୍ୟକ ସେ ସମ୍ପର୍କରେ ମଧ୍ୟ ବିସ୍ତୃତ ଆଲୋଚନା ହୋଇଛି। ଏହିକ୍ରମରେ ଓଡ଼ିଶାରେ ଏଣିକି ପ୍ରତ୍ୟେକ ପାନୀୟଜଳ ପ୍ରକଳ୍ପ କାର୍ଯ୍ୟକାରୀ ପୂର୍ବରୁ ସ୍ଥାନୀୟ ଗୋଷ୍ଠୀଙ୍କୁ ପରିଚାଳନା ଦାୟିତ୍ୱ ପ୍ରଦାନ କରାଯିବ, ଯାହାଫଳରେ ରାଜ୍ୟବାସୀଙ୍କୁ ସରକାର ଦେଇଥିବା ପ୍ରତିଶ୍ରୁତି ପୂରଣ ହୋଇପାରିବ ବୋଲି ସରକାର ଆଭିମୁଖ୍ୟ ରଖିଥିବା ଜଣାଯାଇଛି। ସୂଚନାଯୋଗ୍ୟ, ରାଜ୍ୟରେ ପୂର୍ବ ସରକାର ସମୟରେ ୨୦୭ଟି ପାନୀୟଜଳ ପ୍ରକଳ୍ପ ହାତକୁ ନିଆଯାଇଥିଲା। ଏଥିପାଇଁ ୧୭ଜଣ ଠିକାଦାରଙ୍କୁ ୩୨ହଜାର କୋଟି ଟଙ୍କାର ଟେଣ୍ଡର ପ୍ରଦାନ କରାଯାଇଥିଲା। ଠିକାଦାରମାନେ ପାନୀୟଜଳ ପ୍ରକଳ୍ପର ଅଗ୍ରୀମ ବାବଦକୁ ପ୍ରାୟ ୭୦ରୁ ଉର୍ଦ୍ଧ୍ୱ ପ୍ରତିଶତ ଅର୍ଥ ଉଠାଇଥିଲେ ହେଁ ପାନୀୟଜଳ ପ୍ରକଳ୍ପ ଶେଷ ହୋଇନାହିଁ। ଏହାକୁ ନେଇ ଗତ ବିଧାନସଭା ଅଧିବେଶନ କାଳରେ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ ଅସନ୍ତୋଷ ବ୍ୟକ୍ତ କରିବା ସହିତ ଯଦି ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ପାନୀୟଜଳ ପ୍ରକଳ୍ପ ସଂପୃକ୍ତ ଠିକାଦାର ସଂସ୍ଥା ଶେଷ ନ କରନ୍ତି, ତେବେ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ।

### ଭାରତ-ଇୟୁ ଏଫ୍‌ଟିଏକୁ...

ମଧ୍ୟରେ ସହଯୋଗ ବୃଦ୍ଧି କରିଛି, ତାହା ବର୍ଣ୍ଣନା କରାଯାଇଛି। ନ୍ୟୁୟର୍କ ଟାଇମ୍ସ ମତରେ ପ୍ରାୟ ୨ ଦଶନ୍ଧିର ବୁଝାମଣା ପରେ ବିଶ୍ୱର ବୃହତ୍ ଅର୍ଥନୈତିକ ବ୍ଲକ୍ ଏବଂ ଦ୍ରୁତ ଅଭିବୃଦ୍ଧିଶୀଳ ବୃହତ୍ ଅର୍ଥନୀତିକୁ ଉକ୍ତ ଡିଲ୍ ଏକାଠି କରିଛି। ୱାଶିଂଟନ ପୋଷ୍ଟ ଭାରତ ଏବଂ ୟୁରୋପୀୟ ସଂଘ ମଧ୍ୟରେ ହୋଇଥିବା ମୁକ୍ତ ବାଣିଜ୍ୟ ଚୁକ୍ତିନାମାକୁ ଐତିହାସିକ ଡିଲ୍ ବୋଲି କହିଛି। ଦି ଗାର୍ଡିଆନ୍ ଏବଂ ବିବିସି ମଧ୍ୟ ଉକ୍ତ ଚୁକ୍ତିନାମାକୁ 'ମଦର ଅଫ୍ ଅଲ୍ ଡିଲ୍ସ' ଭାବେ ବର୍ଣ୍ଣନା କରିଛନ୍ତି।

ବ୍ଲୁମ୍‌ବର୍ଗର ଅନ୍ୟ ଏକ ନିବନ୍ଧରେ ଯୋଗାଣ ଶୃଙ୍ଖଳ ସମନ୍ୱୟକୁ ଏହା ଅଧିକ ନିବିଡ଼ କରିବ ବୋଲି କୁହାଯାଇଛି। ପୂର୍ବରୁ କାର୍ ଉପରେ ୧୦୦ ପ୍ରତିଶତରୁ ଉର୍ଦ୍ଧ୍ୱ ଶୁଳ୍କ ଲାଗୁଥିବାବେଳେ ଏହା ୧୦ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ ପାଇବ। ଗାଡ଼ି ଯନ୍ତ୍ରାଂଶଗୁଡ଼ିକ ଉପରେ ଶୁଳ୍କ ସମ୍ପୂର୍ଣ୍ଣ ଛାଡ଼ ହେବ। ଭାରତ ଏବଂ ୟୁରୋପୀୟ ସଂଘ ମୁକ୍ତ ବାଣିଜ୍ୟ ଚୁକ୍ତିନାମାରେ ପହଞ୍ଚିଥିବାବେଳେ ଏହା ବିଶ୍ୱ ବାଣିଜ୍ୟର ଏକ ତୃତୀୟାଂଶର ପ୍ରତିନିଧିତ୍ୱ କରୁଥିବା ଆସୋସିଏଟେଡ୍ ପ୍ରେସ୍ କହିଛି। ରଏଟର୍ସ ଏହାକୁ ଐତିହାସିକ୍ ଡିଲ୍ କହିବା ସହ ଅଧିକାଂଶ ସାମଗ୍ରୀ ଉପରେ ଟାରିଫ୍ ହଟିବ ବୋଲି କହିଛି।

ୟୁରୋପୀୟ ନେତାମାନେ ବାଣିଜ୍ୟ ଚୁକ୍ତିନାମାକୁ ସର୍ବସାଧାରଣଷ ସ୍ୱାଗତ କରିଛନ୍ତି। ଜର୍ମାନୀ ଚାନ୍ସେଲର ଫ୍ରେଡରିକ୍ ମେର୍ଜ ଚୁକ୍ତିନାମାକୁ ଅତ୍ୟନ୍ତ ସକାରାତ୍ମକ ସଙ୍କେତ ବୋଲି କହିଛନ୍ତି। ଅଭିବୃଦ୍ଧି ଏବଂ ସମୃଦ୍ଧି ବଢ଼ାଇବା ନିମନ୍ତେ ତୁରନ୍ତ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ସେ ଆହ୍ୱାନ ଦେଇଛନ୍ତି। ସେହିପରି ଫିନ୍‌ଲାଣ୍ଡ ରାଷ୍ଟ୍ରପତି ଆଲେକ୍‌ଜାଣ୍ଡାର ଷ୍ଟବ୍ ଭାରତ-ଇୟୁ ବାଣିଜ୍ୟ ଚୁକ୍ତିନାମାକୁ ଐତିହାସିକ ତଥା ସର୍ବବୃହତ ବାଣିଜ୍ୟ ଡିଲ୍ କହିଛନ୍ତି। ଏହା ଆର୍ଥିକ ଏବଂ ରାଜନୈତିକ ସମ୍ପର୍କକୁ ଉଲ୍ଲେଖନୀୟ ଭାବେ ବୃଦ୍ଧି କରିବ ବୋଲି ସେ ମତ ଦେଇଛନ୍ତି। ସୁଇଡେନ୍ ପ୍ରଧାନମନ୍ତ୍ରୀ ଉଲ୍‌ଫ କ୍ରିଷ୍ଟେର୍‌ସନ ଏହାକୁ ସହଯୋଗର ନୂତନ ଯୁଗର ଅଭ୍ୟୁଦୟ ବୋଲି ବର୍ଣ୍ଣନା କରିବା ସହ ବାଣିଜ୍ୟ ଏବଂ ସହଭାଗିତା ଜରିଆରେ ଏହା ସମୃଦ୍ଧି, ପ୍ରତିଯୋଗିତା ଏବଂ ସୁରକ୍ଷାକୁ ସୁଦୃଢ଼ କରିବ ବୋଲି କହିଛନ୍ତି। ଫ୍ରାନ୍ସ ମନ୍ତ୍ରୀ ନିକୋଲାସ ଫୋରିସିଏର୍ ଭାରତ-ୟଇୟୁ ଡିଲ୍‌କୁ ଏକ ବଡ଼ ରାଜନୈତିକ ପଦକ୍ଷେପ କହିବା ସହ ଏହା ଅନ୍ୟ ଚୁକ୍ତିନାମା ଭଳି ନୁହେଁ ବୋଲି କହିଛନ୍ତି।

ୟୁରୋପୀୟ ସଂସଦୀୟ ସଦସ୍ୟ ସାଣ୍ଡ୍ରୋ ଗୋଜିଭ୍‌କ ମତରେ ଏହି ଚୁକ୍ତି ସ୍ପଷ୍ଟ ଭାବେ ୟୁରୋପୀୟ ସଂଘର ସହଭାଗିତାକୁ ବିବିଧୀକରଣ କରିବା ଏବଂ ଏହାର ସ୍ୱୟଂକ୍ରିୟତା ଓ ସ୍ୱାଧୀନତା ବଢ଼ାଇବାକୁ ପ୍ରତିବିମ୍ବିତ କରେ। ସେ ଭାରତକୁ ଏକ ବୃହତ୍ ବୈଶ୍ୱିକ ଶକ୍ତି ଭାବେ ଅଭିହିତ କରିଛନ୍ତି। ଭୌଗୋଳିକ, ରାଜନୈତିକ ଓ କୂଟନୈତିକ ଦୃଷ୍ଟିରୁ ଏହି ଚୁକ୍ତି ଉଭୟ ୟୁରୋପୀୟ ଓ ଭାରତୀୟମାନଙ୍କ ପାଇଁ ଉଲ୍ଲେଖନୀୟ ସୁଯୋଗ ସୃଷ୍ଟି କରିବ।

୨୦ ବର୍ଷର ବିଚାରବିମର୍ଶ ପରେ ଏଫଟିଏ ଏକ ବଡ଼ ମୁହୂର୍ତ୍ତ ବୋଲି ଏୟାରବସ୍‌ର ଭରତ ଏବଂ ଦକ୍ଷିଣ ଏସିଆ ପାଇଁ ଥିବା ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ତଥା ଭାତରେ ଫେଡେରେଶନ ଅଫ୍ ୟୁରୋପୀୟ ବିଜ୍‌ନେସ୍‌ର ଅଧକ୍ଷ ଜୁର୍‌ଗେନ୍ ୱେଷ୍ଟରମେଇର୍ କହିଛନ୍ତି। ଉକ୍ତ ଚୁକ୍ତି ଉଭୟ ପକ୍ଷ ପାଇଁ ସୁଯୋଗ ବଢ଼ାଇବାରେ କାର୍ଯ୍ୟ କରିବ ବୋଲି ସେ ମତ ଦେଇଛନ୍ତି। ବାଣିଜ୍ୟ ଚୁକ୍ତିନାମା ମେକ୍ ଇନ୍ ଇଣ୍ଡିଆ, ପଯୁକ୍ତି ସ୍ଥାନାନ୍ତର, ପ୍ରତିରକ୍ଷା, ମହାକାଶ ଏବଂ ଅତ୍ୟାଧୁନିକ ଉତ୍ପାଦନ ପ୍ରତି ଏକ ଦୀର୍ଘମିଆଦି ପ୍ରତିଶ୍ରୁତି ବୋଲି ଏୟାରବସ୍ ଇଣ୍ଟରନ୍ୟାଶନାଲର ଅଧକ୍ଷ ଔଟର ଭାନ୍ ୱେର୍ଣ୍ଣି କହିଛନ୍ତି।

### ୭.୨% ତଳେ...

ଅନୁମାନ କରାଯାଇଛି। କିଛିବର୍ଷ ଧରି ଚାଲିଥିବା ନୀତିଗତ ସଂସ୍କାରର ସାମଗ୍ରିକ ପ୍ରଭାବ ଅର୍ଥନୀତିର ମଧ୍ୟମ-ଅବଧି ଅଭିବୃଦ୍ଧି ୭%ର ନିକଟତର ହୋଇପାରେ ବୋଲି ମନେହେଉଛି। ବୈଶ୍ୱିକ ଅନିଶ୍ଚିତତା ଯୋଗୁ ଅଭିବୃଦ୍ଧି ମନ୍ଥର ହୋଇପାରେ। ଏଥିପାଇଁ ନକାରାତ୍ମକତା ନୁହେଁ, ସତର୍କତା ଜରୁରୀ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି।

ଆମେରିକା ପକ୍ଷରୁ ଲଗାଯାଇଥିବା ଉଚ୍ଚ ଟାରିଫ୍ ଶ୍ରମଭିତ୍ତିକ କ୍ଷେତ୍ରଗୁଡ଼ିକୁ ପ୍ରଭାବିତ କରିଥିବାବେଳେ ମୋଦି ସରକାର ନୀତି ଏବଂ ଜିଏସ୍‌ଟି ହାର ହ୍ରାସ ସମେତ ଟିକସରେ ସଂସ୍କାର ଆଣୁଛନ୍ତି। ବ୍ୟବସାୟ ଉପରେ ବୋଝ ହ୍ରାସ ପାଇଁ ୨୦୨୫ ମେ' ପରଠୁ ସରକାର ୪ଟି ମୁକ୍ତ ବାଣିଜ୍ୟ ଚୁକ୍ତି କରିସାରିଲେଣି। ସଦ୍ୟତମ ବୃହତ୍ ଚୁକ୍ତି ୟୁରୋପୀୟ ସଂଘ ସହ ସ୍ୱାକ୍ଷରିତ ହୋଇଛି।

ମୁଦ୍ରାସ୍ଫୀତି ନିମ୍ନ ରହିଥିବାବେଳେ କମ୍ପାନୀଗୁଡ଼ିକର ଲାଭକ୍ଷତି ବାଲାନ୍ସ ଶିଟ୍ ସନ୍ତୁଳିତ ଓ ଉପଭୋକ୍ତାଙ୍କ ଚାହିଦା ଅଧିକ ରହିଛି। ଆମେରିକାର ଟାରିଫ୍ ଯୋଗୁ ଡଲାର ତୁଳନାରେ ଟଙ୍କାର ବିନିମୟ ମୂଲ୍ୟ ୫% ହ୍ରାସ ପାଇଛି। ଟଙ୍କା ଦିନକୁ ଦିନ ଅବମୂଲ୍ୟାୟନର ରେକର୍ଡ ଭାଙ୍ଗୁଛି। ଏହି ପୃଷ୍ଠଭୂମିରେ ଅର୍ଥନୈତିକ ସର୍ଭେ ରିପୋର୍ଟ ପ୍ରସ୍ତୁତ କରିଥିବା ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ଭି.ଏ. ଅନନ୍ତ ନାଗେଶ୍ୱରନ୍ କହିଛନ୍ତି, ଆମେରିକା ସହ ବାଣିଜ୍ୟ ଚୁକ୍ତି ନେଇ ଆଲୋଚନା ଜାରି ରହିଛି, ଯାହାକି ଏବର୍ଷ ଶେଷ ହୋଇପାରେ। ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ସମ୍ପନ୍ନ ହେଲେ ବାହ୍ୟ କ୍ଷେତ୍ରରୁ ଆସୁଥିବା ଅନିଶ୍ଚିତତା ଦୂର ହେବାରେ ସହାୟକ ହୋଇପାରେ।

### ମୁଖ୍ୟାଂଶ...

ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମଗୁଡ଼ିକର ଉପଲବ୍ଧତାକୁ ବୟସଭିତ୍ତିକ କରାଯିବାକୁ କୁହାଯାଇଛି। ଏପରି କି ଏଜ୍-ଭେରିଫିକେଶନ୍ ଓ ଏଜ୍-ଆପ୍ରୋପ୍ରିଏଟ୍ ତ୍ରୁଟି ହେଲେ ସମ୍ପୃକ୍ତ ପ୍ଲାଟ୍‌ଫର୍ମକୁ ଉତ୍ତରଦାୟୀ କରାଯିବ।

- ପିଲାଙ୍କ ପାଇଁ ବେସିକ୍ ଫୋନ୍ସ ଓ କେବଳ ଶିକ୍ଷାଭିତ୍ତିକ ଟାବ୍‌ଲେଟ ଭଳି ଅପେକ୍ଷାକୃତ ସରଳ ଉପକରଣକୁ ପ୍ରୋତ୍ସାହନ ଦିଆଯିବ।
- ସକାଳ ୬ଟାରୁ ରାତି ୧୧ଟା ପର୍ଯ୍ୟନ୍ତ ଅତି-ପ୍ରକ୍ରିୟାକୃତ ଖାଦ୍ୟ (ୟୁପିଏଫ୍) ବିକ୍ରି ଉପରେ କଟକଣା ଜାରି କରାଯିବ।
- ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି)ରେ ଅଣାଯାଇଥିବା ପରିବର୍ତ୍ତନ ସହ ଦେଶର ଅର୍ଥନୀତି ଖାପ ଖୁଆଇ ଚଳିବାକୁ ଥିବାରୁ ୨୦୨୭ ଆର୍ଥିକବର୍ଷ ଏକ ଆଡ୍‌ଜଷ୍ଟମେଣ୍ଟର ବର୍ଷ ହେବ।
- ୟୁରୋପ ସହ ମୁକ୍ତ ବାଣିଜ୍ୟ ଚୁକ୍ତି (ଏଫ୍‌ଟିଏ) ଭାରତର ବିନିର୍ମାଣ ପ୍ରତିଯୋଗିତାକୁ ସଶକ୍ତ କରାଇବା ସହ ରଣନୈତିକ ଦକ୍ଷତା ବଢ଼ାଇବ ବୋଲି ଉକ୍ତ ରିପୋର୍ଟରେ ଆଶାବ୍ୟକ୍ତ କରାଯାଇଛି।
- ସର୍ଭେ ରିପୋର୍ଟରେ ଏକ 'ଜାତୀୟ ଇନ୍‌ପୁଟ୍ କଷ୍ଟ୍ ରିଡକ୍ସନ' ଷ୍ଟ୍ରାଟେଜି ବିକଶିତ କରିବାକୁ ପରାମର୍ଶ ଦିଆଯାଇଛି।



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଘର ବୋଲୁଛି ଯା ଯା,**
**ମଶାଣି ବୋଲୁଛି ଆ ଆ।**

ମିଛ ମାୟାର ଏହି ସଂସାରରେ କେହି କାହାର ନୁହନ୍ତି। ଏହା ଜାଣି ମଧ ଅନେକେ ସାଂସାରିକ ମୋହ ମାୟାରୁ ନିଜକୁ ମୁକ୍ତ ରଖି ପାରି ନ ଥାନ୍ତି। ବୟସ ଅତ୍ୟଧିକ ହେଲେ ବି ବହୁ ଲୋକଙ୍କର ଘର ସଂସାର ପ୍ରତି ମୋହ ମାୟା ତୁଟୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଘର ଦେଖେ, ବାହାର ଦେଖେ**
**କାନ୍ଥ ଖୋଲି କୁଜ ଦେଖେ।**

ଝିଅଟିଏ ବିଭାଦେବା ପୂର୍ବରୁ ପୁଅ ଘରର ଖାନଦାନି, ଚାଲିଚଳନ, ପୁଅର ଗୁଣ, ଗୁଣ, ସ୍ୱଭାବ, ରୂପ, ରୋଗ ବୈରାଗ ସବୁ ଜାଣି ଧୀର ସ୍ଥିର ଭାବରେ ନିଷ୍ପତ୍ତି ନେବା ଦରକାର। କୌଣସି ନିଷ୍ପତ୍ତି ନେବା ଆଗରୁ ଘଟଣାଟିକୁ ଭଲ ଭାବରେ ସବୁ ଦିଗରୁ ତର୍ଜମାକରି ବୁଝିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ସମ୍ପର୍କରେ ଫାଟ

**ମୁମ୍ବାଇ:** ବିଗତ ଦିନରେ ବିଗ୍‌ବସ୍ ଭଳି ଲୋକପ୍ରିୟ ରିଆଲିଟି ଶୋ' ଜିତି ଚର୍ଚ୍ଚାକୁ ଆସିଥିଲେ ଅଭିନେତା ଗୌରବ ଖାନ୍ନା। ଶୋ'ରେ ସ୍ତ୍ରୀଙ୍କ ପ୍ରତି ଥିବା ଭଲପାଇବାକୁ ନେଇ ସେ ଖବର ଶିରୋନାମାରେ ରହୁଥିଲେ। ବିବାହର ଦଶନ୍ଧି ପୂରଣ ହେବାକୁ ଯାଉଥିଲେ ହେଁ ସନ୍ତାନ ନ ଥିବା ପ୍ରଶ୍ନର ଉତ୍ତରରେ ସେ ସମସ୍ତଙ୍କ ମନ ଜିଣିଥିଲେ। ସ୍ତ୍ରୀ ଆକାଂକ୍ଷା ସନ୍ତାନ ଚାହୁଁ ନ ଥିବାରୁ ସେ ତାହାକୁ ସମ୍ମାନ ଜଣାଉଥିବା କହିଥିଲେ। ହେଲେ ଏବେ ଦୁହିଁଙ୍କ ସମ୍ପର୍କରେ ଫାଟ ସୃଷ୍ଟି ହୋଇଛି। ଏକଥା ଆମେ କହୁନାହୁଁ ବରଂ ସ୍ତ୍ରୀ ଆକାଂକ୍ଷାଙ୍କ ପୋଷ୍ଟରୁ ସ୍ପଷ୍ଟ ହୋଇଛି।

ଆକାଂକ୍ଷା ସୋସିଆଲ ମିଡିଆରେ ସମ୍ପର୍କକୁ ନେଇ ଏକ ପୋଷ୍ଟ ଶେୟାର କରିଛନ୍ତି, ଯାହାକି ପ୍ରଶଂସକଙ୍କୁ ଆଘାତ ଦେଇଛି। ସେ ଲେଖିଛନ୍ତି, ଯେଉଁ ସମ୍ପର୍କର ମୂଳଦୁଆ କେବଳ ଆବଶ୍ୟକତା ଉପରେ ଥାଏ, ସେଠାରେ ହୃଦୟ ବଳିପଡ଼ିଯାଏ। ଏହି ପୋଷ୍ଟ ଭାଇରାଲ ହେବା ପରେ ଗୌରବଙ୍କ ସହ ତାଙ୍କ ସମ୍ପର୍କରେ ଫାଟ ସୃଷ୍ଟି ହୋଇଥିବା ଅନୁମାନ କରାଯାଉଛି। ସେହିଭଳି କିଛି ୟୁଜର ପୋଷ୍ଟଟି ତାଙ୍କର ଆଗାମୀ ପ୍ରୋଜେକ୍ଟର ପୂର୍ବ ସୂଚନା ବୋଲି କହୁଛନ୍ତି।

ସୂଚନାଯୋଗ୍ୟ, ଆକାଂକ୍ଷା ଚମୋଲା ଏବଂ ଗୌରବ ଖାନ୍ନା ୨୦୧୬ରେ ବିବାହ କରିଥିଲେ। ଗୋପନୀୟ ଭାବେ ବିବାହ ଅନୁଷ୍ଠିତ ହୋଇଥିଲା। ଏହି ସମ୍ପର୍କ ଦଶ ବର୍ଷ ବିତିବାକୁ ଯାଉଥିବାବେଳେ ଉଭୟଙ୍କର କୌଣସି ସନ୍ତାନ ନାହିଁ। ଏଭଳି ସ୍ଥିତିରେ ଏବେ ଉଭୟଙ୍କ ସମ୍ପର୍କକୁ ନେଇ କରାଯାଉଥିବା ଆକଳନ କେତେ ସତ କେତେ ମିଛ ତାହା ଆଗାମୀ ଦିନରେ ସ୍ପଷ୍ଟ ହୋଇଯିବ।


ଗୌରବ ଖାନ୍ନା

ଧରିତ୍ରୀ
DHARITRI
ଧରିତ୍ରୀ 52 Years





ଉତ୍ତରପ୍ରଦେଶ ବାରାଣସୀ ହିନ୍ଦୁ ବିଶ୍ୱବିଦ୍ୟାଳୟ ପରିସରରେ ୨ ହଷ୍ଟେଲର ଅନ୍ତେବାସୀଙ୍କ ମଧ୍ୟରେ ଗୁରୁବାର ସଂଘର୍ଷ ଘଟିଛି। ଏହି ସମୟରେ ମୁଖାପିନ୍ଧା ଛାତ୍ରମାନେ ହାତରେ ଲାଠି ଧରି ଦୌଡୁଥିବାର ଦେଖିବାକୁ ମିଳିଛି। ଗତବର୍ଷ ଜନ୍ମାଷ୍ଟମୀ ସମୟରେ ହୋଇଥିବା ଏକ ବିବାଦକୁ ନେଇ ଏହି ଘଟଣା ଘଟିଥିବାବେଳେ ଅନେକ ଛାତ୍ର ଆହତ ହୋଇଛନ୍ତି।

## ଭାଜପା ନେତାଙ୍କ ସମ୍ପୃକ୍ତି ଥିଲେ ସରକାର ସୁରକ୍ଷା ଦେଉଛନ୍ତି: ରମେଶ

**ଭୁବନେଶ୍ୱର,୨୯।୧(ସୁନିତ୍ ମିଶ୍ର)**

ରାଜ୍ୟରେ ମହିଳା ନିର୍ଯାତନା ମାମଲା ଦିନକୁ ଦିନ ବୃଦ୍ଧି ପାଇଚାଲିଛି। ଏହି ମାମଲାଗୁଡ଼ିକରେ ଭାଜପା ନେତାମାନଙ୍କ ସମ୍ପୃକ୍ତି ରହୁଛି ଏବଂ ଏମାନଙ୍କୁ ରାଜ୍ୟ ସରକାର ସୁରକ୍ଷା ପ୍ରଦାନ କରୁଛନ୍ତି। ଏଥିରେ ରାଜ୍ୟରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହେବା ସହ ମହିଳାମାନେ ଅସୁରକ୍ଷିତ ହୋଇ ପଡିଛନ୍ତି ବୋଲି ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ଅଭିଯୋଗ କରିଛନ୍ତି। ଶଙ୍ଖ ଭବନଠାରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ରମେଶ କହିଛନ୍ତି, ଗତ ବିଧାନସଭା ନିର୍ବାଚନରେ ଦଶପଲ୍ଲାରୁ ଭାଜପା ପ୍ରାର୍ଥୀ ହୋଇଥିବା ରାଘବ ମଲିକ ୨ ସନ୍ତାନର ମା'କୁ ଅପହରଣ କରିନେଇଛନ୍ତି। ମହିଳାଙ୍କ ସ୍ୱାମୀ ସ୍ଥାନୀୟ ଥାନାରେ ଅଭିଯୋଗ କରିଛନ୍ତି। ଗତ ଡିସେମ୍ବର ୩୧ ତାରିଖରୁ ମହିଳା ଜଣକ ଅପହୃତ ହୋଇଥିବା ତାଙ୍କ ସ୍ୱାମୀ ଥାନାରେ ଅଭିଯୋଗ ଦେଇଥିଲେ ମଧ୍ୟ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଇନାହିଁ। ଏଯାଏ ମହିଳା ଜଣଙ୍କର କୌଣସି ପତ୍ତା ମିଳିନାହିଁ। ମହିଳାଙ୍କ ସ୍ୱାମୀ ଏତଲା ଦେବା ପରେ ରାଘବ ତାଙ୍କୁ ମେସେଜକରି ମାରିଦେବାକୁ ଧମକ ଦେଉଛନ୍ତି। ରାଜ୍ୟ ସରକାର ଯଦି ଏହି ଘଟଣାରେ ଦୋଷୀକୁ ଗିରଫ ନ କରନ୍ତି ତେବେ ବିଜେଡି ରାସ୍ତାକୁ ଓହ୍ଲାଇବ ବୋଲି ସେ କହିଛନ୍ତି।




## ୨ ଯୋଜନାର ସମୀକ୍ଷାକଲେ କେନ୍ଦ୍ରମନ୍ତ୍ରୀ

**ଭୁବନେଶ୍ୱର,୨୯।୧ (ସୁନିତ୍ ମିଶ୍ର)**

କେନ୍ଦ୍ରମନ୍ତ୍ରୀ ଶିବରାଜ ସିଂ ଚୌହ୍ୱାନ ଗୁରୁବାର ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା ଓ କୃଷୋନ୍ନତି ଯୋଜନାର ସମୀକ୍ଷା କରିଛନ୍ତି। ଆଭାସି ମାଧ୍ୟମରେ ଅନୁଷ୍ଠିତ ଏହି ବୈଠକରେ ବିଭିନ୍ନ ରାଜ୍ୟର ମନ୍ତ୍ରୀମାନେ ସାମିଲ ହୋଇଥିଲେ। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଆଭାସି ଜରିଆରେ ଯୋଗଦେଇ କହିଛନ୍ତି, ଓଡ଼ିଶାରେ ଯୋଜନାଗୁଡିକର ସଫଳ ରୂପାୟନ ସମ୍ପର୍କରେ ତଥ୍ୟ ରଖିଛନ୍ତି। ସୂଚନାଯୋଗ୍ୟ, ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା ଅନ୍ତର୍ଗତ ପାଣ୍ଠିରୁ ଓଡ଼ିଶାର ୭୯ ପ୍ରତିଶତ ଏବଂ କୃଷି ଉନ୍ନତି ଯୋଜନା ଅଧୀନରେ ୮୦% ବ୍ୟବହାର କରିପାରିଛି। ଏହାଦ୍ୱାରା ରାଜ୍ୟର କୃଷି ପ୍ରଗତି ଆହୁରି ତ୍ୱରାନ୍ୱିତ ହେଉଛି। ବଳକା ପାଣ୍ଠିକୁ ଶୀଘ୍ର ପ୍ରଦାନ କଲେ ୬ଟି ନୂତନ ପ୍ରକଳ୍ପ କାର୍ଯ୍ୟକାରୀ ହୋଇପାରିବ ବୋଲି ସରକାରଙ୍କ ପକ୍ଷରୁ ତଥ୍ୟ ରଖାଯାଇଛି।

# ଆନ୍ଧ୍ର ସପକ୍ଷରେ ବାହାରିଲେ କୋଟିଆବାସୀ

### ସୀମାନ୍ତ ଗ୍ରାମରେ କରୁଛନ୍ତି ଆଧାରକାର୍ଡ ଅପ୍‌ଡେଟ୍, ବାଣ୍ଟୁଛନ୍ତି ରାଶନକାର୍ଡ

**ପଟ୍ଟାଙ୍ଗି, ୨୯।୧(ଶରତ କୁମାର ଧଳ)**

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ୍ କୋଟିଆ ପଞ୍ଚାୟତ ଉପରେ ଆନ୍ଧ୍ରର ଦୀର୍ଘଦିନର ନଜର। ଏହାକୁ ଅକ୍ତିଆର କରିବା ପାଇଁ ଆନ୍ଧ୍ର ଯଥାସମ୍ଭବ ଚେଷ୍ଟା ଚଳାଇଛି। ବାରମ୍ବାର କୋଟିଆରେ ଅନୁପ୍ରବେଶକରି ସେ ବିଭିନ୍ନ ଯୋଜନା ଆଳରେ ଏଠାକାର ଲୋକଙ୍କୁ ପ୍ରଲୋଭିତ କରୁଛି। କିନ୍ତୁ ସବୁଠାରୁ ବିଡ଼ମ୍ବନାର ବିଷୟ, ଏହାକୁ ରୋକିବାକୁ ଓଡ଼ିଶା ସରକାରଙ୍କ ପକ୍ଷରୁ ସେଭଳି କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଉନାହିଁ; ଯାହାର ଲାଭ ଆନ୍ଧ୍ରକୁ ମିଳୁଛି। ଗୁରୁବାର ଏହାର ଏକ ଜ୍ୱଳନ୍ତ ଉଦାହରଣ ଉକ୍ତ କୋଟିଆ ପଞ୍ଚାୟତରୁ ସାମ୍ନାକୁ ଆସିଛି। ଆନ୍ଧ୍ର ପକ୍ଷରୁ କୋଟିଆ ପଞ୍ଚାୟତର ଉପରସେମ୍ଳି ଓ ଗଞ୍ଜେଇପଦରରେ ଆଧାରକାର୍ଡ ଅପ୍‌ଡେଟ୍ ଓ ରାଶନକାର୍ଡ ବଣ୍ଟାଯାଉଥିଲା। ଖବରପାଇ କୋଟିଆ ପୋଲିସ ସେଠାରେ ପହଞ୍ଚି ଏହାକୁ ଅଟକାଇବାକୁ ଚେଷ୍ଟା କରିଥିଲେ। କିନ୍ତୁ ସ୍ଥାନୀୟ ଲୋକେ ଆନ୍ଧ୍ର ସପକ୍ଷରେ ବାହାରି କୋଟିଆ ପୋଲିସକୁ ବିରୋଧ କରିଥିଲେ। ଆନ୍ଧ୍ର ପକ୍ଷରୁ ରାଶନ ସାମଗ୍ରୀ ଯୋଗାଇ ଦିଆଗଲେ କ'ଣ ଅସୁବିଧା ବୋଲି ସେମାନେ ପୋଲିସକୁ ପ୍ରଶ୍ନ କରିଥିଲେ। ଏହାପରେ ପୋଲିସ ସେଠାରୁ ନିରାଶ ହୋଇ ଫେରିଥିଲା।

ସୂଚନାନୁଯାୟୀ, ଗୁରୁବାର ଆନ୍ଧ୍ରର କେତେଜଣ ସରକାରୀ ଅଧିକାରୀ ଉପରସେମ୍ଳି ଓ ଗଞ୍ଜେଇପଦରରେ ପହଞ୍ଚି ନିଜ ରାଜ୍ୟର ରାଶନକାର୍ଡ ବାଣ୍ଟିବା ସହ ସେଠାକାର ଲୋକଙ୍କ ଆଧାରକାର୍ଡ ଅପ୍‌ଡେଟ୍ କରୁଥିଲେ। ଖବରପାଇ କୋଟିଆ ପୋଲିସ ସେଠାରେ ପହଞ୍ଚି ଆନ୍ଧ୍ରର ଅଧିକାରୀଙ୍କୁ ବାରଣକରିବା ସହ ଫେରିଯିବାକୁ କହିଥିଲେ। କିନ୍ତୁ ଏହି ସମୟରେ ଉପସ୍ଥିତ ଗ୍ରାମବାସୀ ବିରୋଧ କରି ସେମାନେ ଆନ୍ଧ୍ର ସହିତ ରହିଥିବା କହିଥିଲେ।

ଏହାକୁ ନେଇ ବୁଦ୍ଧିଜୀବୀମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଓଡ଼ିଶା ସରକାରଙ୍କ ନୀରବତା ଆନ୍ଧ୍ରକୁ ସୁହାଉଛି ବୋଲି ଆଲୋଚନା ହେଉଛି। ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଥିଲେ, କୋଟିଆବାସୀ ଆମ ସହ ଅଛନ୍ତି, ଆମ ସହ ରହିବେ। ଆନ୍ଧ୍ର ରାଜନୈତିକ ଗଣ୍ଡଗୋଳକରି ରୁଟି ସେକିବାକୁ ଚେଷ୍ଟା କରୁଛି। ଡରାଇ ଧମକାଇ ଆମ ଲୋକଙ୍କୁ ନେଇପାରିବ ନାହିଁ। କୋଟିଆର ସମ୍ପୂର୍ଣ୍ଣ ଅଞ୍ଚଳ ଆମ ସହ ରହିବ। କିନ୍ତୁ ତାଙ୍କର ଏ ପ୍ରତିକ୍ରିୟା ଏବେ ଭୁଲ୍ ପ୍ରମାଣିତ ହୋଇଗଲା ବୋଲି ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହେଉଛି। ବିବାଦୀୟ କୋଟିଆ ପଞ୍ଚାୟତକୁ ପୂର୍ବରୁ ରାଜସ୍ୱ ମନ୍ତ୍ରୀ ଏବଂ ଉପମୁଖ୍ୟମନ୍ତ୍ରୀ କୋଟିଆ ୨ଥର ଲେଖାଏ ଓ ଯୋଗାଣ ମନ୍ତ୍ରୀ ଥରେ ଗସ୍ତ କରିଛନ୍ତି। ତଥାପି ମଧ୍ୟ କୋଟିଆବାସୀ ଏବେ ଆନ୍ଧ୍ର ସପକ୍ଷରେ ବାହାରିଛନ୍ତି। ୨୪ତାରିଖରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ କୋଟିଆ ପଞ୍ଚାୟତ ଗସ୍ତକରି ଫେରିଥିଲେ। ଏହାପରେ ମଙ୍ଗଳବାର ଆନ୍ଧ୍ରର ଉପମୁଖ୍ୟମନ୍ତ୍ରୀ ପବନ କଲ୍ୟାଣଙ୍କ ଜନସେନା ଦଳର କର୍ମକର୍ତ୍ତା ଓ କର୍ମୀ ଅନୁପ୍ରବେଶକରି ଓଡ଼ିଶା ସରକାର ଏବଂ ବ୍ଲକ୍ ପ୍ରଶାସନକୁ ଏକ ପ୍ରକାର ଖୋଲା ଚ୍ୟାଲେଞ୍ଜ ଦେଇଥିଲେ। ଓଡ଼ିଶା ସରକାର କେବଳ ବିବାଦୀୟ ପଞ୍ଚାୟତକୁ ବାରମ୍ବାର ଗସ୍ତକଲେ ଏହାର ସୁଫଳ ମିଳିବ ନାହିଁ। ବରଂ ଉକ୍ତ ଅଞ୍ଚଳବାସୀଙ୍କ ପାଇଁ ସେହିପରି ଆଖିଦୃଶିଆ କାର୍ଯ୍ୟ କରିବାକୁ ପଡ଼ିବ ବୋଲି ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି।



କୋଟିଆ ପଞ୍ଚାୟତର ଉପରସେମ୍ଳି ଗ୍ରାମରେ କୋଟିଆ ପୋଲିସ ଆନ୍ଧ୍ର ଅଧିକାରୀଙ୍କୁ ବାରଣ କରୁଛନ୍ତି।

### କୋଟିଆ ଓଡ଼ିଶାର ଥିଲା, ରହିବ: ଆଇନମନ୍ତ୍ରୀ

**ଭୁବନେଶ୍ୱର,୨୯।୧ (ରବିନାରାୟଣ ଜେନା)**

କୋଟିଆ ଓଡ଼ିଶାର ଥିଲା ଏବଂ ରହିବ ବୋଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। କୋଟିଆର ୧୦ ଗ୍ରାମ ଆନ୍ଧ୍ରପ୍ରଦେଶ ସରକାରଙ୍କ ବୋଲି ଜନସେନା ପକ୍ଷରୁ କୁହାଯିବା ପରେ ଏହାକୁ ନେଇ ବିରୋଧୀଙ୍କ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଆନ୍ଧ୍ର, ଓଡ଼ିଶା ଏବଂ ଦେଶରେ ଟ୍ରିପଲ ଇଞ୍ଜିନ ସରକାର ଥାଇ ମଧ୍ୟ କୋଟିଆ ବିବାଦ ତୁଟୁ ନ ଥିବାରୁ ଏହାକୁ ନେଇ ବିରୋଧୀ ସରକାରଙ୍କୁ ଟାର୍ଗେଟ କରିଛନ୍ତି। ଏହାର ଜବାବ ରଖି ଗୁରୁବାର ପୃଥ୍ୱୀରାଜ ଗଣମାଧ୍ୟମକୁ କହିଛନ୍ତି, କୋଟିଆକୁ କେହି ଓଡ଼ିଶାଠାରୁ ଅଲଗା କରିପାରିବେ ନାହିଁ । କୋଟିଆକୁ ନେଇ ରାଜନୈତିକ ରୋଟି ସେକିବାକୁ ବିରୋଧୀ ଚାହୁଁଛନ୍ତି। କୋଟିଆବାସୀ ଓଡ଼ିଶା ସହ ଅଛନ୍ତି ଏବଂ ରହିବେ। କେହି ଡରାଇଲେ କି ଧମକାଇଲେ ତାହାର ପ୍ରଭାବ ପଡ଼ିବ ନାହିଁ ବୋଲି ପୃଥ୍ୱୀରାଜ କହିଛନ୍ତି।







# ମହୁଲରୁ ହେବ ମୃଦୁପାନୀୟ

### ଏନ୍‌ଆଇଟି-ଓର୍‌ମାସ୍ ମଧ୍ୟରେ ଏମ୍‌ଓୟୁ

**ରାଉରକେଲା,୨୯।୧(ସଙ୍ଗୀତା ଜେନା)**

ଜଙ୍ଗଲଜାତ ଦ୍ରବ୍ୟ ମହୁଆ ବା ମହୁଲରୁ ଦେଶୀମଦ ତିଆରି ହେଉଥିଲା। ହେଲେ ଦିନକୁ ଦିନ ଜ୍ଞାନକୌଶଳ ବିକଶିତ ହେବା ପରେ ଏହି ଜଙ୍ଗଲଜାତ ଦ୍ରବ୍ୟରୁ ମୃଦୁପାନୀୟ ପ୍ରସ୍ତୁତ କରାଯିବ। ଏଥିପାଇଁ ଅତିଶୀଘ୍ର କୁଆଁରମୁଣ୍ଡାଠାରେ ମହୁଲ ପ୍ରକ୍ରିୟାକରଣ ପ୍ଲାଣ୍ଟ ପ୍ରତିଷ୍ଠା ହେବ। ଏହି ପରିପ୍ରେକ୍ଷୀରେ ଗୁରୁବାର ରାଉରକେଲା ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନ୍‌ଆଇଟି) ଏବଂ ଓଡ଼ିଶା ରୁରାଲ୍ ଡେଭଲପ୍‌ମେଣ୍ଟ ଆଣ୍ଡ ମାର୍କେଟିଂ ସୋସାଇଟି (ଓର୍‌ମାସ୍) ମଧ୍ୟରେ ଏକ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଛି। ଏନ୍‌ଆଇଟି ନିର୍ଦ୍ଦେଶକ ପ୍ରଫେସର କେ. ଉମା ମହେଶ୍ୱର ରାଓ ଏବଂ ସୁନ୍ଦରଗଡ଼ ଜିଲାପାଳ ଡା. ଶୁଭଙ୍କର ମହାପାତ୍ରଙ୍କ ମଧ୍ୟରେ ଏହି ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଥିଲା। ଏଥିରେ ଆଇଏଏସ୍ ଫାବି ରଶିଦ, ଅନିମେଶ ପ୍ରଧାନ, ସୁନ୍ଦରଗଡ଼ ମୁଖ୍ୟ ବିକାଶ ଅଧିକାରୀ ସୁରଞ୍ଜନ ସାହୁ ଓ ଏନ୍‌ଆଇଟିର ପ୍ରଫେସର ସ୍ୱଦେଶ କେ. ପ୍ରତିହାର, ରେଜିଷ୍ଟ୍ରାର ପ୍ରଫେସର ରୋହନ ଧୀମାନ୍ ପ୍ରମୁଖ ଉପସ୍ଥିତ ଥିଲେ। ଏନ୍‌ଆଇଟି ଖାଦ୍ୟ ପ୍ରକ୍ରିୟାକରଣ ଇଞ୍ଜିନିୟରିଂ ବିଭାଗ ଏହି ପ୍ରକଳ୍ପ କାର୍ଯ୍ୟାନ୍ୱୟନର ନେତୃତ୍ୱ ନେବ। ଏହି ଟିମ୍‌ରେ ପ୍ରଫେସର ରାମଚନ୍ଦ୍ର ପ୍ରଧାନ, ପ୍ରଫେସର ମଧୁରେଶ ଦ୍ୱିବେଦୀ ମାର୍ଗଦର୍ଶନ ଓ ଆବଶ୍ୟକ ସହାୟତା ପ୍ରଦାନ କରିବେ।

ଚୁକ୍ତିନାମା ଅନୁଯାୟୀ, ମହୁଲ ଆଧାରିତ ଅଣମଦ ଉତ୍ପାଦ ପାଇଁ ରାଉରକେଲା ଏନ୍‌ଆଇଟି ଆବଶ୍ୟକ ଯନ୍ତ୍ରପାତି, ଉପକରଣର କାର୍ଯ୍ୟାନ୍ୱୟନ, ସ୍ଥାପନ, କମିଶନିଂ ଏବଂ ବୈଷୟିକ ସହାୟତା ପ୍ରଦାନ କରିବ। ଏହି ପଦକ୍ଷେପ ଦ୍ୱାରା ସୁନ୍ଦରଗଡ଼ ଜିଲାର ଆଦିବାସୀ ଅଞ୍ଚଳରେ ଦୃଢ଼ ଜୀବିକା ସମ୍ଭାବନା ସହିତ ଜଙ୍ଗଲ ଆଧାରିତ ମହୁଲ ପ୍ରକ୍ରିୟାକରଣ ଦକ୍ଷତା, ଉତ୍ପାଦ ବିବିଧତା ଏବଂ ବଜାର ପ୍ରସ୍ତୁତି ବୃଦ୍ଧି କରିବାକୁ ପ୍ରୟାସ କରିବ। ପାଣ୍ଠି ପ୍ରକାଶନ, ହିତାଧିକାରୀଙ୍କ ସମ୍ପୃକ୍ତି, ତାଲିମ କାର୍ଯ୍ୟକ୍ରମ ଏବଂ ତଦାରଖ ସମେତ ପ୍ରକଳ୍ପ ସମନ୍ୱୟ ପାଇଁ ଓର୍‌ମାସ୍ ନୋଡାଲ୍ ଏଜେନ୍ସି ଭାବେ କାର୍ଯ୍ୟ କରିବ। ଏନ୍‌ଆଇଟି ଜିଲା ପ୍ରଶାସନ ସହାୟତାରେ ପ୍ରକ୍ରିୟା ପ୍ଲାଣ୍ଟ ଡିଜାଇନ୍, ମାନକ କାର୍ଯ୍ୟ ପ୍ରଣାଳୀ (ଏସ୍‌ଓପି) ବିକାଶ, ଗୁଣବତ୍ତା ନିୟନ୍ତ୍ରଣ ମାର୍ଗଦର୍ଶନ, ଖାଦ୍ୟ ସୁରକ୍ଷା ଅନୁପାଳନ ଏବଂ ସମ୍ପ୍ରଦାୟଭିତ୍ତିକ ଉତ୍ପାଦନ ୟୁନିଟ୍ ପାଇଁ ଉପଯୁକ୍ତ ପ୍ରଯୁକ୍ତିବିଦ୍ୟାର ଉନ୍ନତୀକରଣ କରିବ। ଏହି ପ୍ରକଳ୍ପ ଉତ୍ପାଦକ ଗୋଷ୍ଠୀ ଓ କମ୍ପାନୀଗୁଡ଼ିକ ପାଇଁ ପ୍ରଦର୍ଶନ ଓ ହାତଗଣତି ତାଲିମ ମାଧ୍ୟମରେ କ୍ଷମତା ନିର୍ମାଣ ଉପରେ ଧ୍ୟାନଦେବ। ମହୁଲଭିତ୍ତିକ ଉତ୍ପାଦଗୁଡ଼ିକର ବ୍ରାଣ୍ଡିଂ, ପ୍ୟାକେଜିଂ ଏବଂ ବଜାର ପ୍ରସ୍ତୁତି ପାଇଁ ସହାୟତା ଯୋଗାଇବ। ମହୁଲ ଗଛର ଫୁଲ, ଯାହା ଓଡ଼ିଶା ସମେତ କେନ୍ଦ୍ରୀୟ ଓ ପୂର୍ବ ଭାରତରେ ବିଶେଷକରି ଆଦିବାସୀବହୁଳ ଜିଲାଗୁଡ଼ିକରେ ପରିବାର ଆୟ, ଋତୁକାଳୀନ ନିଯୁକ୍ତି ଏବଂ ସ୍ଥାନୀୟ ବାଣିଜ୍ୟରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିବ। ମହୁଲ ବିହନ ସଂଗ୍ରହ, ପ୍ରକ୍ରିୟାକରଣ ଏବଂ ବିକ୍ରି ରାଜ୍ୟସାରା ବହୁସଂଖ୍ୟକ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି), ପ୍ରାଥମିକ ଉତ୍ପାଦକ ଏବଂ କ୍ଷୁଦ୍ର ଉଦ୍ୟୋଗକୁ ସମର୍ଥନ କରିବ ବୋଲି ସୂଚନା ଦିଆଯାଇଛି।



ଉଭୟ ପକ୍ଷ ମଧ୍ୟରେ ଚୁକ୍ତିନାମା ସ୍ୱାକ୍ଷରିତ ହେଉଛି।

"ଅଜ୍ଞାନ ଦ୍ୱାରା ପ୍ରତାରିତ ହୁଅନାହିଁ। ଜ୍ଞାନ ଦ୍ୱାରା ମଧ୍ୟ ପ୍ରତାରିତ ହୁଅନାହିଁ। ଏଠି କେହି ପ୍ରକୃତରେ ବନ୍ଧନରେ ନାହାନ୍ତି– କି କେହି ମଧ୍ୟ ମୁକ୍ତ ନୁହନ୍ତି। କେହି ମଧ୍ୟ ମୁକ୍ତି ଖୋଜୁ ନାହାନ୍ତି। ଏଠାରେ କେବଳ ସ୍ୱୟଂ ଈଶ୍ୱର ହିଁ ତାଙ୍କର ଆତ୍ମା– ସଚେତନ ସତ୍ତାର ବିସ୍ତୃତି ଭିତରେ ନିଜ ସହିତ ନିଜେ ହିଁ ଖେଳ ଖେଳି ଚାଲିଛନ୍ତି। ତାଙ୍କର ଏହି ବିସ୍ତୃତ କ୍ରୀଡାଙ୍ଗନକୁ ଆମେ ବିଶ୍ୱ ବୋଲି କହୁଛୁ।–ଶ୍ରୀଅରବିନ୍ଦ



# ନିର୍ଣ୍ଣାୟକ ମୁକାବିଲା



ଡାରୋନ୍ ଆକେମୋଗ୍ଲୁ

ଆମେରିକା ଏବେ ଏକଚ୍ଛତ୍ରବାଦ ଆଡ଼କୁ ମୁହାଁଇଛି। ଏଭଳି ସ୍ଥିତିରେ ସେଠାରେ ଟ୍ରମ୍ପ ପ୍ରଶାସନର 'ଫ୍ଲଡ୍ ଦ ଜୋନ୍' ରଣନୀତି କେବେ ନିର୍ଣ୍ଣାୟକ ମୋଡ଼ ନେବ କିମ୍ବା ସେଥିରେ ଅନୁକୂଳ ପରିବର୍ତ୍ତନ ଆସିବ ତାହା ଦେଖିବା କଷ୍ଟକର ହୋଇପାରେ। କେତେକେ କହିପାରନ୍ତି, ଏକଚ୍ଛତ୍ରବାଦ ହେଉଛି ରଣନୀତିର ଉଦ୍ଦେଶ୍ୟ, ଯାହା ଧୀରେ ଧୀରେ ଲୋକଙ୍କ ଅଧିକାରରେ ହସ୍ତକ୍ଷେପ ଓ ସଂସ୍ଥାଗତ ବାଧାକୁ ଆଧାରକରି ଗଢ଼ିଉଠିଛି। କିନ୍ତୁ ଚଳିତ ମାସରେ ଇମିଗ୍ରେଶନ ଆଣ୍ଡ କଷ୍ଟମ୍ସ ଏନ୍‌ଫୋର୍ସମେଣ୍ଟ (ଆଇସିଇ)ଏଜେଣ୍ଟମାନେ ମିନିଆପଲିସ୍‌ରେ ୨ଜଣ ଆମେରିକୀୟ ନାଗରିକଙ୍କୁ ହତ୍ୟାକରିବା ସେହି ନିର୍ଣ୍ଣାୟକ ମୋଡ଼ ଆଣିପାରେ। ଏକଚ୍ଛତ୍ରବାଦୀ ସରକାରଗୁଡ଼ିକର ମୁଖ୍ୟ ତଥା ନିଆରା ବିଷୟ ହେଉଛି ସେମାନେ ବିରୋଧୀଙ୍କ ବିରୋଧରେ ଅତ୍ୟଧିକ ବଳ ପ୍ରୟୋଗକରିବାର କ୍ଷମତା ରଖିଥାନ୍ତି। ପ୍ରତ୍ୟେକ ସରକାର ପୋଲିସ କିମ୍ବା ସେହିଭଳି ସଂସ୍ଥାଗୁଡ଼ିକ ସହାୟତାରେ ବଳ ପ୍ରୟୋଗର ରଣନୀତି ଆପଣାଇଥାନ୍ତି, କିନ୍ତୁ ଏଥିରେ ସ୍ପଷ୍ଟତଃ ଏକ ସୀମା ଅଛି। ବ୍ରିଟେନ ସରକାର କେତେକ ସ୍ଥାନରୁ ପ୍ରତିବାଦକାରୀଙ୍କୁ ହଟାଇବା ସକାଶେ ବଳ ପ୍ରୟୋଗ କରିପାରନ୍ତି ; କିନ୍ତୁ ବିଭିନ୍ନ ବ୍ୟବସ୍ଥାଗତ କଟକଣା ଏବଂ ଏକଚ୍ଛତ୍ରବାଦ ବିରୋଧରେ ଥିବା ଦୃଢ଼ ନିୟମକୁ ନେଇ ବ୍ରିଟେନ୍‌ରେ ପ୍ରତିବାଦକାରୀଙ୍କୁ ପୋଲିସ ହତ୍ୟାକରିବା କଥା ଚିନ୍ତା କରାଯାଇପାରେନା। ଅପରପଟେ, ଆରବ ସ୍ପ୍ରିଙ୍ଗ୍ ସମୟରେ ପ୍ରତିବାଦଗୁଡ଼ିକୁ ସେତେବେଳର ସିରିଆର ରାଷ୍ଟ୍ରପତି ବସର-ଅଲ୍ ଅସାଦ କିଭଳି ହିଂସାତ୍ମକ ଭାବେ ଦମନ କରିଥିଲେ । ଅଧିକାଂଶ ଲୋକ ହୃଦ୍‌ବୋଧ କରନ୍ତି ଯେ, ଏକଚ୍ଛତ୍ରବାଦ ସରକାରଗୁଡ଼ିକ ବିରୋଧୀ, ସ୍ୱାଧୀନ ଗଣମାଧ୍ୟମ ଏବଂ ସିଭିଲ ସୋସାଇଟି ବା ଭଦ୍ର ସମାଜର ଅନ୍ୟ ସ୍ତମ୍ଭଗୁଡ଼ିକ ବିରୋଧରେ ଏଭଳି ବଳ ପ୍ରୟୋଗ କରିପାରିବେ ଏବଂ କରିଚାଲିବେ ମଧ୍ୟ।

ଗଣତାନ୍ତ୍ରିକ କିମ୍ବା ସମ୍ପୂର୍ଣ୍ଣ ଅଣ ଏକଚ୍ଛତ୍ରବାଦୀ ସମାଜଗୁଡ଼ିକରେ ହିଂସାତ୍ମକ ଉପାୟରେ ବିରୋଧୀଙ୍କୁ ଦବାଇଦେବା ପାଇଁ ନିଆଯାଉଥିବା ପଦକ୍ଷେପ ଅନେକ ବାଧାର ସମ୍ମୁଖୀନ ହୋଇଥାଏ। ପ୍ରଥମତଃ ଏହିଭଳି ଏକ ବେଆଇନ ପଦକ୍ଷେପକୁ ନେଇ ଉଭୟ ସରକାରଙ୍କ ଅନ୍ୟ ସବୁ ଶାଖା ଏବଂ ନାଗରିକ ସମାଜରୁ ପ୍ରତିବାଦ ଓ ଆକ୍ରୋଶ ସୃଷ୍ଟିହେବ ଏବଂ ଏହା ଯୋଗୁ ପ୍ରତିକୂଳ ପରିଣାମ ମିଳିବା ସମ୍ଭାବନା ଅଛି। ଦ୍ୱିତୀୟରେ, ଏପରିକି ସରକାର ମଧ୍ୟ ନିଶ୍ଚିତ ହୋଇପାରିବେ ନାହିଁ ଯେ, ତାଙ୍କ ସୁରକ୍ଷାବଳଗୁଡ଼ିକ ଏଭଳି ଏକ ନିର୍ଦ୍ଦେଶକୁ ମାନିବେ। ଉଦାହାଣ ସ୍ୱରୂପ, ଟ୍ରମ୍ପଙ୍କ ପ୍ରଥମ ରାଷ୍ଟ୍ରପତିତ୍ୱ ସମୟରେ ଆମେରିକା ସେନାର ଅଧିକାରୀମାନେ ତାଙ୍କ ନିର୍ଦ୍ଦେଶକୁ ମାନିବେ ନାହିଁ ବୋଲି ସ୍ପଷ୍ଟ କରିଦେଇଥିଲେ।



ଆଇସିଇକୁ ୨୦୨୫ରେ ବ୍ୟାପକ ଭାବେ ବିସ୍ତାର କରାଯାଇଥିଲା। ସେ ସମୟରେ ଟ୍ରମ୍ପଙ୍କ ଅପ୍ରବାସୀ ବିରୋଧୀ ଏଜେଣ୍ଡାର ଚରମ ପଦକ୍ଷେପକୁ ଅଧିକ ସମର୍ଥନ କରୁଥିବା ଯୁବକମାନଙ୍କୁ ଆଇସିଇରେ ନିଯୁକ୍ତ କରାଯାଇଛି। ଏହାକୁ ଅତ୍ୟଧିକ ସମର୍ଥନ କରାଯାଇଛି ଏବଂ ରଣନୀତିକୁ ପ୍ରୟୋଗ କରିବାକୁ ଅନୁମତି ମଧ୍ୟ ଦିଆଯାଇଛି, ଯାହା ଅତୀତରେ କୌଣସି ଆମେରିକୀୟ ସଂସ୍ଥା ପାଇଁ ଅକଳ୍ପନୀୟ ବୋଲି ମନେହୁଏ। ଡିପାର୍ଟମେଣ୍ଟ ଅଫ୍ ଜଷ୍ଟିସ୍ ଆଇସିଇର ବେଆଇନ ପଦକ୍ଷେପଗୁଡ଼ିକୁ ଦୃଢ଼ ସମର୍ଥନ କରିଛି, ଏପରିକି ସେଗୁଡ଼ିକ ଉପରେ ତଦନ୍ତ କରିବା ସକାଶେ ମନା କରିଦେଇଛି।

ମିନେସୋଟାରେ ଘଟିଥିବା ଘଟଣା ସଙ୍କେତ ଦିଏ ଯେ ସେଥିରେ କୌଣସି ତ୍ରୁଟିନାହିଁ। ଆଇସିଇ ଏବେ ଦୁଇଜଣ ନାଗରିକଙ୍କୁ ହତ୍ୟା କରିଛି। ଜଣେ ହେଉଛନ୍ତି ୩ ସନ୍ତାନର ମା' ରିନି ଗୁଡ୍, ଯିଏ କି ତାଙ୍କ ପୁଅଙ୍କୁ ସ୍କୁଲରେ ଛାଡ଼ି ଆସୁଥିଲେ । ଅନ୍ୟ ଜଣେ ହେଉଛନ୍ତି ଇଣ୍ଟେନ୍‌ସିଭ କେୟାର ନର୍ସ ଆଲେକ୍ସ ପ୍ରେଟ୍ଟି, ଯିଏ ଆଇସିଇର ଏକ ଚଢ଼ାଉକୁ ନିରୀକ୍ଷଣ କରିବା ସହ ରେକର୍ଡ କରୁଥିଲେ। ଏହିସବୁ ଆମେରିକୀୟ ଏଜେଣ୍ଟଗୁଡ଼ିକ ନିୟମିତ ଭାବେ ଧମକଦେବା ସହ ସେମାନଙ୍କ କାର୍ଯ୍ୟକଳାପର ରେକର୍ଡ ରଖୁଥିବା ପ୍ରତିବାଦକାରୀଙ୍କ ବିରୋଧରେ ହିଂସାତ୍ମକ ରଣନୀତି ଆପଣାଉଛନ୍ତି। ସବୁଠୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ଆଇସିଇ ଏଜେଣ୍ଟମାନଙ୍କୁ ବେଆଇନ ଭାବେ କ୍ଷମତା ଦେଇ ସେମାନଙ୍କ ହିଂସକ ରଣନୀତି ବଢ଼ାଇବା ପାଇଁ ଟ୍ରମ୍ପ ପ୍ରଶାସନ ସବୁଜ ସଙ୍କେତ ଦେଇଛି। ଯଦି ଏହି ହିଂସା ଅନିୟନ୍ତ୍ରିତ ହୁଏ, ତେବେ ଏଥିରେ ଏକ ବଡ଼ ପରିବର୍ତ୍ତନ ଦରକାର ପଡ଼ିପାରେ ; କାରଣ ବିରୋଧୀଙ୍କର କୌଣସି ଇସ୍ତାହାର ବିରୋଧରେ ବଳ ପ୍ରୟୋଗ କରିବା ପାଇଁ ଟ୍ରମ୍ପଙ୍କ ସହ ଅଧିକ ଏକମତ ହେବା ସକାଶେ ଅନ୍ୟ ସୁରକ୍ଷା ବଳଗୁଡ଼ିକ ପାଇଁ ଏହା ଏକ ମଡେଲ ସୃଷ୍ଟିକରିବ। ସେତେବେଳେ ଏକଚ୍ଛତ୍ରବାଦ ଆଡ଼କୁ ଅଗ୍ରସର ହେଉଥିବା ଏକ ଶାସନକୁ ବଦଳାଇବା କଷ୍ଟକର ହୋଇପାରେ। କାରଣ ସେଭଳି ସ୍ଥିତିରେ ଅଧିକ ଦମନ ଯୋଗୁ ନାଗରିକ ସମାଜ ନିଷ୍ଫଳ ହୋଇଥାଏ ଏବଂ ପ୍ରତିବାଦକୁ ରୋକିବାରେଏଭଳି ପଦକ୍ଷେପ ବିରୋଧରେ ନିୟମର କ୍ରମଶଃ ଅଧୋଗତି ଘଟିଥାଏ।

ରାଷ୍ଟ୍ରପତିଙ୍କ କାର୍ଯ୍ୟକୁ ରୋକିବା ପାଇଁ ସରକାରଙ୍କ ଦୁଇଟି ପ୍ରମୁଖ ଶାଖା (କଂଗ୍ରେସ ଓ ସୁପ୍ରିମକୋର୍ଟ) ଟ୍ରମ୍ପ୍‌ଙ୍କ ଏଜେଣ୍ଡାକୁ ଅଧିକ ସାହାଯ୍ୟ କରିବାକୁ ଆତୁର ଥିବା ସ୍ପଷ୍ଟ ହୋଇଗଲାଣି। ଏହା ସହ ସ୍ୱାଧୀନ ସଂସ୍ଥାଗୁଡ଼ିକରୁ ସମାନ ଭାବେ ବ୍ୟବସ୍ଥାଗତ କଟକଣା ମଧ୍ୟ ଦୁର୍ବଳ ହୋଇଯାଇଛି। ବିଶେଷକରି ପ୍ରମୁଖ ପଦବୀଗୁଡ଼ିକରେ ରାଷ୍ଟ୍ରପତି ତାଙ୍କ ସମର୍ଥକ ଓ ସମ୍ପର୍କୀୟଙ୍କୁ ନିଯୁକ୍ତ କରୁଥିବାରୁ ଏହା ଘଟୁଛି। ନିକଟରେ ମୁଁ ଯୁକ୍ତି ଉପସ୍ଥାପନ କରିଥିଲି ଯେ ଏକ ସ୍ୱାଧୀନ ରାଜକୀୟ ରାଷ୍ଟ୍ରପତି କାର୍ଯ୍ୟକାଳ ଗଢ଼ିବା ପାଇଁ ପ୍ରଶାସନର ବ୍ୟାପକ ଲକ୍ଷ୍ୟ ରହିଛି, ଯେଉଁଭଳି ହଙ୍ଗେରୀରୁ ଆରମ୍ଭକରି ଇକ୍ୱେଡର, ମେକ୍ସିକୋ, ନିକାରାଗୁଆ, ତୁର୍କୀ ଏବଂ ଭେନେଜୁଏଲାରେ ଏକଚ୍ଛତ୍ରବାଦ ସୃଷ୍ଟି ହୋଇଛି।

ଆଉ ଏକ ଦୃଷ୍ଟିକୋଣ ରହିଛି ଯେଉଁଥିରେ ଏହି ଅଭିଯାନକୁ ପରିବର୍ତ୍ତନ କରାଯାଇପାରେ। ଜାନୁଆରୀ ୨୦୧୭ରେ ମୁଁ ଯୁକ୍ତି ବାଢ଼ିଥିଲି ଯେ, କେବଳ ଶାନ୍ତିପୂର୍ଣ୍ଣ ପ୍ରତିବାଦ ବଳରେ ଟ୍ରମ୍ପ୍‌ଙ୍କ ପ୍ରଥମ ପ୍ରଶାସନକୁ ରୋକାଯାଇପାରିବ। ଏପରିକି ସେତେବେଳେ ଏହା ମଧ୍ୟ ସ୍ପଷ୍ଟ ଥିଲା ଯେ, ସରକାରଙ୍କ ଅନ୍ୟସବୁ ଶାଖା ଟ୍ରମ୍ପ୍‌ଙ୍କୁ ପ୍ରଭାବୀ ଢଙ୍ଗରେ ରୋକିପାରିବେ ନାହିଁ ; ଏପରିକି ଯଦି ସେମାନେ ଚେଷ୍ଟା କରନ୍ତି, ତେବେ ଟ୍ରମ୍ପ୍ ତାଙ୍କ ସପକ୍ଷରେ ଆଇନ କରାଇନେବେ। କିନ୍ତୁ ଟ୍ରମ୍ପଙ୍କ ପ୍ରଥମ ପ୍ରଶାସନ ତାହାର କ୍ଷମତା ବୃଦ୍ଧି କରିବା ଓ ଏକଚ୍ଛତ୍ରବାଦ ଆଡ଼କୁ ମୁହାଁଇବା ପାଇଁ ନେଇଥିବା ପଦକ୍ଷେପଗୁଡ଼ିକ ବିରୋଧରେ ଦୃଢ଼ ତଥା ଶକ୍ତିଶାଳୀ ପ୍ରତିବାଦ ଦେଖାଦେଇଥିବାବେଳେ ୨୦୧୭ରେ ଯେଉଁ ଶକ୍ତି ସେମାନଙ୍କୁ ଆଗକୁ ବଢ଼ିବାକୁ ଶକ୍ତି ଦେଇଥିଲା ତାହା ୨୦୨୫ ବେଳକୁ ଚାଲିଯାଇଛି। ଏହାର କାରଣ ହେଉଛି, ଅନେକ ବିଶେଷଜ୍ଞ ଓ ସଂଖ୍ୟାଧିକ ନାଗରିକ ୨୦୨୪ ନିର୍ବାଚନର ପରିଣାମ ସମ୍ପର୍କରେ ସ୍ପଷ୍ଟ କରିଥିଲେ, ଯେଉଁଥିରେ ଟ୍ରମ୍ପ୍ ପପୁଲାର ଭୋଟରେ ଜିତିଥିଲେ ଏବଂ ୨୦୧୬ ତୁଳନାରେ ଯେତିକି ଜନମତ ହାସଲକରି ନ ଥିଲେ ତା'ଠାରୁ ଯଥେଷ୍ଟ ବେଶି ପାଇଥିଲେ।

ଏହା ପଛରେ ମଧ୍ୟ ଆଉ ଏକ ଗୁରୁତ୍ୱପୂର୍ଣ୍ଣ କାରଣ ଥିଲା। ଡେମୋକ୍ରାଟିକ୍ ପାର୍ଟି କର୍ମକର୍ତ୍ତାମାନେ ବାଇଡେନ୍‌ଙ୍କ ଶାସନ ଉପରେ ଲୋକଙ୍କ ବିଶ୍ୱାସକୁ ତୁଟାଇ ଦେଇଥିଲେ। ସିଭିଲ ସର୍ଭିସ୍, ୟୁନିଭର୍ସିଟି, ଏନ୍‌ଜିଓ ଏବଂ ଘରୋଇ କ୍ଷେତ୍ରଗୁଡ଼ିକରେ ଡେମୋକ୍ରାଟିକ କର୍ମକର୍ତ୍ତାମାନେ ଆବଶ୍ୟକତାଠାରୁ ଅଧିକ ସେମାନଙ୍କ ସ୍ଥିତି ଜାହିର କରିଥିଲେ ଏବଂ ଈପ୍ସିତ ସାମାଜିକ ପରିବର୍ତ୍ତନ ସମ୍ପର୍କିତ ବୈଧ ଚିନ୍ତାଧାରାକୁ ଅବଦମିତକରି ରଖିବା ଯୋଗୁ ବ୍ୟାପକ ସମର୍ଥନ ହରାଇଥିଲେ। ଏଣୁ ଜାନୁଆରୀ ୨୦୨୫ରେ, ଟ୍ରମ୍ପ୍‌ଙ୍କ ବିରୋଧରେ ସିଭିଲ ସୋସାଇଟିର ପ୍ରତିବାଦର ଅଧିକ ସାମାଜିକ ପରିବର୍ତ୍ତନକାରୀ ଏଜେଣ୍ଡା ରହିଥିଲେ ମଧ୍ୟ ତାହା ଅପରିପକ୍ୱ ଥିଲା। ମିନିଆପଲିସ୍ ଘଟଣା ଏହାକୁ ପରିବର୍ତ୍ତନ କରିପାରେ। ଅପ୍ରବାସୀ ପଡ଼ୋଶୀଙ୍କୁ ସମର୍ଥନ ଜଣାଇବା ଏବଂ ଆଇସିଇର କ୍ରୂର ରଣନୀତିକୁ ବିରୋଧକରିବା ପାଇଁ ଲୋକଙ୍କ ମଧ୍ୟରେ ଥିବା ଏକତା ଏବଂ ଶକ୍ତି ଏକ ନିର୍ଣ୍ଣାୟକ ମୁକାବିଲାର ଆରମ୍ଭ ମାତ୍ର। ତେବେ ଅନ୍ୟାୟ ଓ ସରକାରୀ ପ୍ରାୟୋଜିତ ହିଂସାକୁ କଂଗ୍ରେସରେ ଥିବା ଟ୍ରମ୍ପ୍‌ଙ୍କ ସମର୍ଥକ ଏବଂ ତାଙ୍କ ଚାରିପାଖରେ ଥିବା ସମାନ ମାନସିକତାର ଉପଦେଷ୍ଟାଙ୍କର ଦୃଢ଼ ଗୋଷ୍ଠୀ କିଭଳି ଗ୍ରହଣ କରୁଛନ୍ତି ତାହାକୁ ନେଇ କେତେକାଂଶରେ ପରିଣାମ ନିର୍ଣ୍ଣୟ ହେବ। କିନ୍ତୁ ସବୁଠୁ ବଡ଼ ବିଷୟ ହେବ ମିନେସୋଟାରେ ଆରମ୍ଭ ହୋଇଥିବା ସିଭିଲ ସୋସାଇଟିର ନିଜସ୍ୱ ସଂକଳ୍ପ।

**ନୋବେଲ ପୁରସ୍କାର ବିଜେତା(ଅର୍ଥନୀତି) ତଥା**
**ଇନ୍‌ଷ୍ଟିଚ୍ୟୁଟ୍ ପ୍ରଫେସର, ମାସାଚ୍ୟୁସେଟ୍ସ**
**ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି**

# ଅଲୋଡ଼ା ଜୀବନର ସାଥୀ



ସଂଗ୍ରାମ କେଶରୀ ପୃଷ୍ଟି

ଏତେ ଜାଡ଼ରେ ବି ପ୍ରତ୍ୟହ ବୃଦ୍ଧବ୍ୟକ୍ତି ଜଣକ ମର୍ନିଂୱାକ୍ କରୁଥିବାର ଦେଖି ମୋତେ ଆଶ୍ଚର୍ଯ୍ୟ ଲାଗୁଥିଲା। ଅସୁସ୍ଥତା ଓ ଦୁର୍ବଳତା ସତ୍ତ୍ୱେ ସେ କରୁଥିବା କାର୍ଯ୍ୟକୁ ମୁଁ ସହଜରେ ଗ୍ରହଣ କରିପାରୁ ନ ଥିଲି। ସବୁଦିନ ସାଥିରେ ଆଣୁଥିଲେ କୁକୁରଟିଏ। ସମ୍ଭବତଃ ଏହା ତାଙ୍କ ସୁରକ୍ଷା ପାଇଁ। ସବୁଦିନ ପରି ସେଦିନ ତାଙ୍କ ସହ ଦେଖାହେଲା ବେଳକୁ ସେ ଶୀତରେ ଥରୁଥାନ୍ତି। ପୁଣି ଖୁଁ ଖୁଁ ହୋଇ କାଶୁଥାନ୍ତି। କୁକୁର ବନ୍ଧା ଚେନ୍‌କୁ ଧରି ବହୁ କଷ୍ଟରେ ତାକୁ ନିୟନ୍ତ୍ରଣ କରୁଥାନ୍ତି।

ତାଙ୍କର ଏ ଅବସ୍ଥା ଦେଖି ମୁଁ ପଚାରିଦେଲି– ''ଏତେ ଜାଡ଼ରେ ମର୍ନିଂୱାକ୍ କରିବାକୁ ଆସି ନ ଥିଲେ କ'ଣ ହୋଇ ନ ଥାନ୍ତା ମଉସା ? ଦେହ ବିତ ଆପଣଙ୍କର ଖରାପ ଜଣାପଡୁଛି।'' ମୋ କଥା ଶୁଣି ବୃଦ୍ଧବ୍ୟକ୍ତି ଜଣକ ଟିକିଏ ହଡ଼ବଡ଼େଇଗଲେ। ଠିକ୍ ଏତିକିବେଳେ ବାଜି ଉଠିଲା ତାଙ୍କ ଫୋନ୍। ସେ ଲାଉଡ୍‌ସ୍ପିକର ଅନ୍ କରି 'ହାଲୋ' କହିବା କ୍ଷଣି ସେପଟୁ ଭାସି ଆସିଲା ଏକ ରୁକ୍ଷ ନାରୀସ୍ୱର– ''ଏତେ ବେଳ ଯାଏଁ କ'ଣ କରୁଛନ୍ତି ବାପା ! ଖାଇବା ଡେରି ହେଲାଣି ପରା। ଭାରି ଭୋକ ଲାଗୁଥିବ। ଟିକେ ଶୀଘ୍ର ଆସନ୍ତୁ।'' ବୃଦ୍ଧ କିଛି ଉତ୍ତର ଦେବା ପୂର୍ବରୁ ସେପଟୁ ଧଡ଼୍‌କିନା କଟିଗଲା ଫୋନ୍।

ଏ ଫୋନ୍ କଲ୍‌ଟି ଯେ ତାଙ୍କ ବୋହୂର ଥିଲା, ଏକଥା ମୋତେ ବୁଝିବାକୁ ବାକି ରହିଲା ନାହିଁ। ସୁତରାଂ ମୁଁ ଏକ ଆଶ୍ୱସ୍ତି ଭାବ ପ୍ରକାଶ କରି କହିଲି – ''ଯା'ହେଉ, ଘରଲୋକ ଆପଣଙ୍କ କେତେ ଯତ୍ନ ନେଉଛନ୍ତି ସତରେ ! ଫେରିବାରେ ବିଳମ୍ବ ହେବାରୁ ଖାଇବାକୁ ଡାକିଲେଣି।'' ଏକଥା ଶୁଣି ବଡ଼ ବିକଳ ଦିଶିଲା ବୃଦ୍ଧଙ୍କ ମୁହଁ। କୋହକୁ ଚାପିଧରି ସେ ଉତ୍ତର ଦେଲେ – ''ଏ ଖାଇବା ମୋ ପାଇଁ ନୁହେଁ, ଏ କୁକୁର ପାଇଁ।''

ସତରେ ବାର୍ଦ୍ଧକ୍ୟରେ ପହଞ୍ଚିଗଲେ ମଣିଷ କେବେକେବେ ପରିବାର ପାଇଁ ଅଲୋଡ଼ା ପାଲଟିଯାଏ। ସେତେବେଳକୁ ଖସିଯାଇଥାଏ ବୟସ। ସରିସରି ଆସୁଥାଏ ଆୟୁଷ। ମାଡ଼ି ବସିଥାଏ ଯାବତୀୟ ବ୍ୟାଧି। ରୋଜଗାରରେ ମଧ୍ୟ ପଡ଼ିଯାଇଥାଏ ପୂର୍ଣ୍ଣଚ୍ଛେଦ। ଧିକାଂଶ କାମ ପାଇଁ ଅନ୍ୟ ଉପରେ ନିର୍ଭର କରିବାକୁ ପଡ଼ିଥାଏ। ସୁତରାଂ ପରିବାର ପାଖରେ ସେ ପାଲଟିଯାନ୍ତି ଅଲୋଡ଼ା ମଣିଷଟିଏ।

ଜୀବନ ସାରା ପ୍ରଚୁର ଅଭିଜ୍ଞତାକୁ ପାଥେୟକରି ସଂସାରରେ ପରିବାରର ଡଙ୍ଗାକୁ ବାହିଚାଲିଥିବା ମଣିଷଟିର ପ୍ରତ୍ୟେକଟି କଥା ଅନ୍ୟମାନଙ୍କୁ ପାଗଳର ପ୍ରଳାପ ପରି ମନେହୁଏ। ତାଙ୍କ ଉପଦେଶ ମାନିବା ତ ଦୂରର କଥା, ଶୁଣିବାକୁ ବି କାହା ପାଖରେ ସମୟ ନ ଥାଏ। ତାଙ୍କର ପଦୁଟିଏ କଥା ବିଷମୟ ମନେହୁଏ। ଏପରିକି ନିଜ ସ୍ୱାସ୍ଥ୍ୟ ସମସ୍ୟାକୁ ପରିବାର ଆଗରେ ଉପସ୍ଥାପନ କଲେ ମଧ୍ୟ ଏଥିପ୍ରତି ବିଶେଷ ଗୁରୁତ୍ୱ ଦିଆଯାଏ ନାହିଁ। ମନେହୁଏ ସତେଯେମିତି ସେ ପରିବାର ପାଇଁ ଅଲୋଡ଼ା ଜୀବଟିଏ।

ବାହାର ଲୋକଙ୍କ ପାଇଁ ଜଣେ ଅଲୋଡ଼ା ହେଲେ ସେଥିରେ କିଛି ଫରକ ପଡ଼େନି, କିନ୍ତୁ ଘରଲୋକ ଯେତେବେଳେ ଅଲୋଡ଼ା ବୋଲି ଭାବନ୍ତି ସେତେବେଳେ ଭାରି କଷ୍ଟ ଲାଗେ। ଉଚ୍ଚଶିକ୍ଷିତ ପୁଅ ଚାକିରି ପାଇଁ ଘରଛାଡ଼ି ଚାଲିଯାଏ ବାହାରକୁ। ତା' ଖାଇବାରେ ଅସୁବିଧା ନ ହେବା ପାଇଁ ସାଥିରେ ନେଇଯାଏ ସ୍ତ୍ରୀକୁ। ତା' ପିଲାମାନେ ବି ପାଠପଢ଼ିବା ପାଇଁ ସେଇଠି ଯାଇ ରହନ୍ତି। ଏବେ ଗାଁ ଘରେ କରମ ଆଦରି ପଡ଼ି ରହନ୍ତି ବୁଢ଼ାବୁଢ଼ୀ। ଏପରି ସ୍ଥିତିରେ ବଡ଼ ଦୁର୍ବିଷହ ହୋଇପଡ଼େ ଜୀବନ। ସ୍ନେହ, ଆଦର ମିଳେ ନାହିଁ। ଦୁନିଆଟା ଖାଁ ଖାଁ ଲାଗେ।

ଏହି ଅଲୋଡ଼ା ଜୀବନର ସାଥୀ ଆଉ କିଏ ହେବ ଯେ ! ସମସ୍ତେ ତ ଯେ ଯାହା କାମରେ ବ୍ୟସ୍ତ। କଥା ହେବାପାଇଁ ଫୁରୁସତ ଥିଲେ ତ ! ଏଣୁ ସାଥୀଟିଏ ପାଇଁ ବ୍ୟଗ୍ର ହୁଏ ମନ। ମନକଥା ଶୁଣାଇବା ପାଇଁ ଦରକାର ହୋଇଥାଏ ମଣିଷଟିଏ। ହେଲେ ହାୟ, ତାକୁ ନିରାଶ ହେବାକୁ ହିଁ ପଡ଼ିଥାଏ। ଏପରି ସ୍ଥିତିରେ ସେ ସାଥୀ ଭାବରେ ଯାହାକୁ ବାଛିନିଏ, ତାହା ହେଉଛି ନିର୍ଜୀବ ଟିଭି, ଖବରକାଗଜ ଓ ମୋବାଇଲ ଫୋନ୍। ଘର ଜଗିବା ପାଇଁ ପୁଅ ଦ୍ୱାରା ନିୟୋଜିତ କୁକୁର ବି ସାଥୀ ପାଲଟିଯାଏ। ପୁଣି ସାଥୀ ପାଲଟିଯାଏ ଅହରହ ରାମନାମ ଜପୁଥିବା ଶୁଆ ମିଠୁ। ଏମାନଙ୍କୁ ନେଇ ବଞ୍ଚିବାକୁ ବାଧ୍ୟ ହୁଏ ବିଚରା ଅଲୋଡ଼ା ମଣିଷ। ଅଲୋଡ଼ା ଜୀବନରେ ସମୟଟା ବି ସହଜରେ ସରେନାହିଁ। କଚ୍ଛପ ପରି ଚାଲୁଥାଏ ଧୀର ମନ୍ଥର ଗତିରେ। ଅଲୋଡ଼ା ମଣିଷ ପରକୁ ଆପଣାର କରିବସେ। ପଡ଼ୋଶୀଙ୍କ ସହ ଆଳାପ ଆଲୋଚନାରେ ମଗ୍ନ ରହେ। ଏକଲା ପଣିଆ ଦୂରେଇଯାଏ। ମିଳିଯାଏ ଅଫୁରନ୍ତ ଆନନ୍ଦ। ଚେଇଁଉଠେ ସୁପ୍ତ ଚେତନା। ନିରାଶା ମରୁଭୂମିରେ ପୁଣି ଥରେ ଖେଳିଯାଏ ଆଶା ସଞ୍ଜୀବନୀ। ଏଇତ ଜୀବନ!

**ଶିକ୍ଷକ, ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ**
**ରାଜକିଶୋରନଗର, ଅନୁଗୋଳ**
**ମୋ: ୯୪୩୭୫୪୭୧୪୬**

## ଏଇ ଭାରତରେ

ମେଘାଳୟର ଦୁର୍ଗମ ଅଞ୍ଚଳରେ ଥିବା ସିଏଜ୍ ଗାଁରେ ଗଛର ଜୀବନ୍ତ ଚେରରେ ଏକ ବ୍ରିଜ କରିଛନ୍ତି ହାଲି ୱାର। ଗାଁରେ ମୁଖ୍ୟତଃ ଖାସି ସମ୍ପ୍ରଦାୟର ଲୋକେ ରହୁଛନ୍ତି। ତାଙ୍କୁ ଯେତେବେଳେ ବୟସ ୧୦ ବର୍ଷ ହୋଇଥିଲା ସେତେବେଳେ ନଦୀ ପାର ହେବା ପାଇଁ ତାଙ୍କ ଗାଁର ଲୋକେ ଭୋଗୁଥିବା ସମସ୍ୟାକୁ ଦେଖିଥିଲେ। ପରେ ତାହାର ସମାଧାନ ପାଇଁ ସେ ଚେଷ୍ଟା ଆରମ୍ଭ କରିଦେଇଥିଲେ। ଏଥିପାଇଁ କିଭଳି ଗଛର ଚେରକୁ ଭଲ ଭାବେ ବଢାଯାଇ ବୁଣାଯାଇପାରିବ ସେ ସମ୍ପର୍କରେ ତାଙ୍କ ଜେଜେବାପା ହାଲିଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ହାଲି ଏହି ଜ୍ଞାନକୁ ଆଧାର କରି ଗଛର ଚେରକୁ ବଢାଇବା ସହ ଛନ୍ଦିବା ଆରମ୍ଭ କରିଥିଲେ । ପରେ ବର୍ଷକୁ ବର୍ଷ ସେହି ସବୁ ଚେର ମଜଭୁତ ହେବାକୁ ଲାଗିଥିଲା। ପ୍ରତ୍ୟେକ ପର୍ଯ୍ୟାୟରେ ତାଙ୍କ ଜେଜେବାପା ତାଙ୍କୁ ମାର୍ଗଦର୍ଶନ କରିଆସିଥିଲେ। ତେବେ ଏବେ ସେହି ପୋଲରେ ଲୋକେ ସୁରକ୍ଷିତ ଭାବେ ନଦୀ ପାର ହୋଇପାରୁଛନ୍ତି। ପ୍ରତିବର୍ଷ ଚେର ପୋଲକୁ ଦେଖିବା ପାଇଁ ସିଏଜ୍ ଗାଁକୁ ୧୦୦୦୦ରୁ ଊର୍ଦ୍ଧ୍ୱ ଲୋକ ଆସୁଛନ୍ତି। ଏହି ପୋଲଟିକୁ ସମ୍ପୂର୍ଣ୍ଣ ସୁରକ୍ଷିତ ଭାବେ ତିଆରି କାରିବା ପାଇଁ ୧୦ ବର୍ଷ ବୟସରୁ ହାଲି କାର୍ଯ୍ୟ ଆରମ୍ଭ କରି ସଫଳ ହୋଇଥିଲେ ମଧ୍ୟ ୫୦ ବର୍ଷ ପରେ ତାଙ୍କୁ ପଦ୍ମଶ୍ରୀ ମିଳିଥିଲା।

## ୫୦ ବର୍ଷ ତଳର ଧରିତ୍ରୀ
DHARITRI

### ୩୦ ଜାନୁଆରୀ ୧୯୭୭

- ଓଡ଼ିଶାର ରାଜ୍ୟପାଳ ରୂପେ ହରଚରଣ ସିଂହ ବ୍ରାର ଏବଂ ହିମାଚଳ ପ୍ରଦେଶର ରାଜ୍ୟପାଳ ରୂପେ ଅମିନୁଦ୍ଦିନ ଖାଁଙ୍କୁ ନିଯୁକ୍ତ କରାଯାଇଛି।
- ଜଷ୍ଟିସ ମିର୍ଜା ହମିଦୁଲ୍ଲା ବେଗ ଭାରତର ନୂଆ ପ୍ରଧାନ ବିଚାରପତି ରୂପେ ଶପଥ ନେଇଛନ୍ତି।
- ଲାଓସ ଓ ଭିଏତନାମର ପୁନଃ ନିର୍ମାଣ ପାଇଁ ପାଣ୍ଠି ସଂଗ୍ରହ କ୍ଷେତ୍ରରେ ୧୨ଟି ଗୋଷ୍ଠୀ ନିରପେକ୍ଷ ରାଷ୍ଟ୍ର ସହିତ ଭାରତ ସହଯୋଗ କରୁଛି।

## su | do | ku — ସୁ-ଡୋ-କୁ
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 2 | 7 | | | | 8 | |
| 8 | | | | 9 | | 3 | | |
| | | | | | 1 | | | 5 |
| | | | | | 5 | 2 | 6 | |
| | 5 | | | 2 | | | 9 | |
| | 6 | | | | | 7 | | |
| 9 | 3 | | | | | | 2 | |
| | | | | | 4 | | | |
| 7 | | | 1 | 5 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 8 | 4 | 2 | 5 | 6 | 1 | 7 | 9 |
| 7 | 9 | 2 | 8 | 1 | 3 | 6 | 5 | 4 |
| 1 | 6 | 5 | 9 | 4 | 7 | 3 | 2 | 8 |
| 8 | 1 | 3 | 5 | 6 | 9 | 7 | 4 | 2 |
| 2 | 5 | 6 | 7 | 8 | 4 | 9 | 1 | 3 |
| 9 | 4 | 7 | 3 | 2 | 1 | 8 | 6 | 5 |
| 4 | 3 | 9 | 6 | 7 | 5 | 2 | 8 | 1 |
| 5 | 7 | 8 | 1 | 9 | 2 | 4 | 3 | 6 |
| 6 | 2 | 1 | 4 | 3 | 8 | 5 | 9 | 7 |

ଗତକାଲିର ଉତ୍ତର

# ଏକ ଜୀବନାଦର୍ଶ



ହରିହର ତ୍ରିପାଠୀ

ଏ ସଂସାରରେ ଯଦି କେବେ, କେଉଁଠି କିଏ ତା'ର ମାଆକୁ 'ବୋଉ' ବୋଲି ଡାକିବାର ଶୁଣାଯାଏ, ସେତେବେଳେ ଯେ କେହି ଆଖିବନ୍ଦ କରି କହିଦେବ ଲୋକଟି ଓଡ଼ିଆ। ମଣିଷର ଏହାଠାରୁ ବଳି ବଡ଼ ପରିଚୟପତ୍ର ଆଉ କିଛି ଅଛିକି ? ମାତ୍ର ଦୁର୍ଭାଗ୍ୟ, ଗାଁ ଛାଡ଼ି ସହରୀ ଜୀବନକୁ ଆପଣାଇବା କିମ୍ବା ଦେଶ ଛାଡ଼ି ବିଦେଶକୁ ଯିବା ଲୋଭର ବଶବର୍ତ୍ତୀ ହୋଇ ଆମେ ବୋଉକୁ ସବୁବେଳେ ଗାଁରେ ଛାଡ଼ିଦେଇ ଆସିଛୁ। ଏମିତିକି 'ବୋଉ' ଡାକଟିକୁ ଆମ ସହ ଆଗକୁ ନେବାରେ କାର୍ପଣ୍ୟ ଦେଖାଇଛୁ। ଆମ ପିଲାମାନେ ଏବେ ବୋଉର ପିଲା ନୁହନ୍ତି, ବରଂ ମାମା, ମମି, ମମ୍ ବା ମାଆଙ୍କ ପିଲା।

ତେବେ ମାଆ ସବୁରୂପରେ, ସବୁ ଡାକରେ, ସବୁ ଭାବନାରେ ସୁନ୍ଦର। ମମି, ମାଆ, ମାମା, ମମ୍ ଯାହାବି ଡାକ, ଜନନୀର ମମତା କେବେ ଊଣା ହୋଇପାରେନା। ବୋଉ ଡାକରେ ଭରି ରହିଥିବା ଶୀତଳ ସ୍ପର୍ଶ କାହିଁକି କେଜାଣି ଅନ୍ୟ ଡାକରେ ମିଳେନା। ଏ ଡାକ ଯିଏ ଡାକିଥିବ, ଆଉ ଏ ଡାକ ଯେଉଁ ମାଆ ଶୁଣିଥିବ, ସେ ହିଁ କେବଳ ଏକଥା ଅନୁଭବ କରିପାରିବ। ଓଡ଼ିଆ ଘରର ନିଜସ୍ୱ ସ୍ୱର ହେଉଛି ବୋଉ ଡାକ। ବୋଉ ଡାକ ସହିତ ବୋଉକୁ ବଞ୍ଚାଇ ରଖିବା ହେଉଛି ବର୍ତ୍ତମାନ ସମୟର ବଡ଼ ଆହ୍ୱାନ। କାରଣ ମାଆକୁ ଯେଉଁ ନାମରେ ଯିଏ ବି ଡାକୁ, ହେଲେ ବୋଉର ଜୀବନାଦର୍ଶ ଆଜିର ମାଆମାନଙ୍କ ଭିତରେ ବଞ୍ଚିରହିବା ଗୁରୁତ୍ୱପୂର୍ଣ୍ଣ।

ଆଜିର ଶିଶୁ ପିଲାଟି ଦିନରୁ ଅନାଥ କହିଲେ ଠିକ୍ ହେବ। କାରଣ ମା'ବାପା ଥାଇ ବି ନ ଥିଲା ପରି। ଆଣ୍ଠେଇବା ବା ଗୁରୁଣ୍ଡିବା ବେଳେ କର୍ମଜୀବୀ ମାଆଟିଏ ତାକୁ ପିଲାମାନଙ୍କ ଯତ୍ନନେବା ଲାଗି ରହିଥିବା କ୍ରେଚ୍‌ରେ ଛାଡ଼ିଦେଇ କାମକୁ ଚାଲିଯାଉଛି। ଏମିତିକି ଛୁଆର ଯତ୍ନ ନିଜେ ନ ନେଇ ଆଜିକାଲିର ମାଆ ଘରେ ଆୟାଟିଏ ରଖୁଛି। ପିଲାକୁ ଅଧିକ ଦିନ ମାତୃସ୍ତନ୍ୟପାନ କରିବାକୁ ଦେଉନାହିଁ। ଏସବୁ ଗୋଟେ 'ବୋଉ' କେବେ ବି କରିପାରିବ ନାହିଁ। ବୋଉ ଡାକ ଶୁଣିବା ପରେ ସେ ଯେତେ ଆଧୁନିକା ନାରୀଟିଏ ହୋଇଥାଏ ପଛେ, ତା' ଭିତରେ ବୋଉପଣିଆ ଜାଗି ଉଠିବ। ଶିଶୁକୁ ମଣିଷ କରିବାରେ ବୋଉର ତ୍ୟାଗ, ସମର୍ପଣଭାବ ଓ ବୁଦ୍ଧିମତ୍ତା ସଂସାରରେ ବୋଧହୁଏ ଆଉ କେଉଁଠି ମିଳିବ ନାହିଁ। ସବୁ ବୋଉ ଯେ ଅପାଠୁଆ, ଅଶିକ୍ଷିତ ଏହା ତ କଦାପି ନୁହେଁ। ଆଜିର ନାରୀମାନେ ଯେଉଁମାନେ ନିଜେ ନିଜେ ମାଆ, ମମି, ମାମା ବା ମମ୍ ଭୂମିକାରେ ଅବତୀର୍ଣ୍ଣା, ସେମାନେ ଜାଣିବା ଉଚିତ ଅନେକ ବୋଉ ମଧ୍ୟ ଜାଣିଥିଲେ ଇଂଲିଶ୍ ଭାଷା, ଇଂରାଜୀ ଗୀତ। ହେଲେ 'ଟୁଇଙ୍କିଲ ଟୁଇଙ୍କିଲ ଲିଟିଲ ଷ୍ଟାର...'ଠାରୁ 'ଆ ଜହ୍ନମାମୁ ଶରଦଶଶୀ...'ରେ ରହିଥିବା ମାଧୁର୍ଯ୍ୟକୁ ବୋଉ ଚିହ୍ନିଥିଲା। 'ବଉଳା ଗାଈ ଓ ବାଘ' ଗପ ଗୋଟିଏ ଶିଶୁପ୍ରାଣରେ ଯେଉଁଭଳି ଆବେଗ ଓ ମାନବିକତା ଭରିଦେବ, ତାହା କୌଣସି ବିଦେଶୀ ଭାଷାର ଗପରୁ ମିଳିବନାହିଁ ବୋଲି ବୋଉ ଜାଣିଥିଲା। ଜଳଖିଆରେ ପିଲାଙ୍କୁ ଫାଷ୍ଟଫୁଡ୍ ଦେଉଥିବା ନାରୀମାନେ ଜାଣିବା ଦରକାର ; ବୋଉ ହାତର ସରୁ ଚକୁଳି, ମଣ୍ଡାପିଠା, ପାଣିଗଇଁଠା, ଚୁଡ଼ା ଉପମା, ମୁଢିନଡ଼ିଆରେ ରହିଥିଲା ପିଲାର ସ୍ୱାସ୍ଥ୍ୟଚିନ୍ତା। ଆଜିର ନାରୀ ବୋଉ ହୋଇଗଲେ ବୋଧହୁଏ ଦୁନିଆର ଅନେକ ସମସ୍ୟାର ସମାଧାନ ହୋଇଯିବ। ବୋଉ ହାତରନ୍ଧାରେ ପରିବାରର ସ୍ୱାସ୍ଥ୍ୟ ନିହିତ ରହୁଥିଲା। ଶହେ ବା ଦୁଇଶହ ଗ୍ରାମ ତେଲରେ ବୋଉ କେମିତି ପନ୍ଦରଦିନ ଚଳାଇ ନେଉଥିଲା ତାହା ଏବେ ବି ରହସ୍ୟ। ବୋଉ ରୋଷେଇରେ ମସଲା କହିଲେ ଜିରା ଓ ପଞ୍ଚଫୁଟଣ। ଆଜିଭଳି ମସଲାଗୁଣ୍ଡର ବ୍ୟବହାର ବୋଉ ଜାଣି ନ ଥିଲା। ନିଜେ ହାତରେ କାଟି, ବାଟି ରାନ୍ଧୁଥିଲା । ସେସବୁ ଖାଦ୍ୟର ସ୍ୱାଦ ଥିଲା ନିଆରା ଓ ଖାଇଲେ ରୋଗର ଭୟ ନଥିଲା। ବୋଉର ରୋଷେଇକୁ ଭୁଲିଯିବା ହେଉଛି ଆଜିକାଲି ଦେଖାଯାଉଥିବା ଅନେକ ଭୟାନକ ରୋଗର କାରଣ।

ବୋଉ ଥିଲା ପରିବାର ଭିତରେ ଏକତାର ସୂତ୍ର। ମୁଁ, ମୋ ସ୍ୱାମୀ ଓ ମୋ ପିଲାର ଭାବନା ବୋଉ ଭିତରେ ନ ଥିଲା। ଯୌଥ ପରିବାରକୁ କେମିତି ଏକତାସୂତ୍ରରେ ବାନ୍ଧିରଖିହେବ, ସେ କଳା କେବଳ ବୋଉ ପାଖରେ ଥିଲା। ଯାହାଫଳରେ ଶିଶୁଟିଏ ପାଉଥିଲା ଜେଜେବାପା, ଜେଜେମା'ଙ୍କ ସାନ୍ନିଧ୍ୟ, ବଡ଼ବାପା, ବଡ଼ବୋଉ, କକା, ଖୁଡ଼ୀଙ୍କ ସ୍ନେହ। ତା'ର ଜୀବନ ପରିପୂର୍ଣ୍ଣଭାବେ ଗଢଉଥିଲା।



ବୋଉ ଯେତେ ଶିକ୍ଷିତ ହେଲେ ବି ଓଡ଼ିଆଘରର ଢଗଢମାଳିକୁ ଭଲ ପାଉଥିଲା। ଭାଷା, ସାହିତ୍ୟ, ସଂସ୍କୃତିକୁ ବଞ୍ଚାଇ ରଖିବା ଲାଗି ବୋଉର ଅବଦାନକୁ ଭୁଲିହେବନି। କଥାକଥାକେ ଇଂଲିଶ୍ ଶବ୍ଦ କହୁଥିବା ଆଜିର ମାଆମାନେ ବୋଉର କଥା କହିବାର ଢଙ୍ଗ ଆପଣାଇଲେ ଭାଷା ସୁରକ୍ଷା ଲାଗି ଏତେ ଆନ୍ଦୋଳନର ଆବଶ୍ୟକତା ପଡ଼ନ୍ତା ନାହିଁ କି ଇଂଲିଶ୍ ମାଧ୍ୟମରେ ପାଠ ପଢୁଥିବା ପିଲାମାନେ ଓଡ଼ିଆ ଭାଷାଠାରୁ ଦୂରକୁ ଯାଆନ୍ତେ ନାହିଁ।

ବୋଉ ଯୋଗ ଜାଣି ନ ଥିଲା କି ସ୍ୱାସ୍ଥ୍ୟରକ୍ଷାର ବହି ପଢୁନଥିଲା। ହେଲେ ତା'ର କାମ କରିବାର ଢଙ୍ଗ, ଘରକାମର ନିପୁଣତା ଭିତରେ ସ୍ୱାସ୍ଥ୍ୟରକ୍ଷା ଆପଣାଛାଏଁ ହେଉଥିଲା। ଯୋଗଗୁରୁମାନେ ଏବେ କାଟିବା, ବାଟିବା, ଘର ଓଳାଇବାର କୃତ୍ରିମ ଅଙ୍ଗଭଙ୍ଗୀ କରି ପାର୍କରେ ମହିଳାମାନଙ୍କୁ ବ୍ୟାୟାମ କରିବା ଶିଖାଉଛନ୍ତି। ହେଲେ ବୋଉ ଏସବୁ ସତସତିକା କରୁଥିଲା ଓ ନିଜର ସ୍ୱାସ୍ଥ୍ୟରକ୍ଷା ସହିତ ପରିବାରର ସମସ୍ତ ସଦ୍ୟସ୍ୟଙ୍କ ଯତ୍ନ ନେବାରେ ନିଜକୁ ସମ୍ପୂର୍ଣ୍ଣ ସମର୍ପଣ କରିଦେଉଥିଲା।

ବୋଉ କେବଳ ଏକ ଡାକ ନୁହେଁ କି ଜଣେ ବ୍ୟକ୍ତି ନୁହେଁ। ବୋଉ ହେଉଛି ଆମର ଜୀବନ। ବୋଉ ହିଁ ଆମର ପ୍ରଗତିର ଉପଯୁକ୍ତ ପଥପ୍ରଦର୍ଶକ। ବୋଉ ଆମ ଘରର ଲକ୍ଷ୍ମୀ, ଆମ ପିଲାମାନଙ୍କ ଲାଗି ସରସ୍ୱତୀ ଆଉ ବୋଉ ପୁଣି ଆମ ପରିବାରର ରକ୍ଷାକର୍ତ୍ତ୍ରୀ। ତେଣୁ ବୋଉ ଆଡ଼କୁ ଥରେ ଫେରି ଚାହଁନା!

**ବଡ଼ବେତରା, କୁଦାନଗରୀ, କେନ୍ଦ୍ରାପଡ଼ା**
**ମୋ: ୯୪୩୯୯୦୩୨୨୦**

## ପାଠକ ଶ୍ରେଷ୍ଠ ବିଚାରକ

### ନିଶାମୁକ୍ତ ରାଜ୍ୟ ଗଠନ ପାଇଁ ଆନ୍ତରିକ ଉଦ୍ୟମ ଲୋଡ଼ା

ମହାଶୟ,

ଆମ ରାଜ୍ୟରେ ନିଶା ନିବାରଣ ନିମନ୍ତେ ଆହ୍ୱାନ ଓ ଆନ୍ଦୋଳନ ହୋଇଆସୁଛି। କିନ୍ତୁ ଅନ୍ୟପଟେ ନିଶା ସାମଗ୍ରୀ ଯଥା – ବିଡି, ସିଗାରେଟ, ଗଞ୍ଜେଇ, ଗୁଟ୍‌ଖା ଓ ମୁଖ୍ୟତଃ ମଦ ଗାଁର ଯେକୌଣସି ଦୋକାନରେ ଅବାଧରେ ବିକ୍ରି ଚାଲିଛି। ରାଜସ୍ୱର ସିଂହଭାଗ ଅବକାରୀରୁ ମିଳିଥିବାରୁ ଏହା ବନ୍ଦ ପାଇଁ ସରକାରଙ୍କ ଆନ୍ତରିକତା ନାହିଁ। ଏସବୁର ଉତ୍ପାଦନ ବନ୍ଦ ନ କରି ବିକ୍ରେତାଙ୍କ ଉପରେ ଚଢ଼ାଉ କରିବାର ଅର୍ଥ କ'ଣ ? ନିଶାସକ୍ତ ଆମ ଯୁବ ପିଢ଼ି। ସାମାନ୍ୟ କଥାକୁ କେନ୍ଦ୍ରକରି ରାସ୍ତାଘାଟରେ ଗଣ୍ଡଗୋଳ। ନିଶାସକ୍ତ ଯୁବକମାନେ ହିତାହିତ ଜ୍ଞାନ ଭୁଲି ଚୋରି, ଡକାୟତି, ହତ୍ୟା, ଦୁଷ୍କର୍ମ କରୁଛନ୍ତି। ମଦ୍ୟପଙ୍କ ଯୋଗୁ ଝିଅ ବୋହୂ ରାସ୍ତାରେ ଯିବାକୁ ଡରୁଛନ୍ତି। ଦିନ ମଜୁରିଆଙ୍କ ଘରେ ଦିନରେ ଦି'ଓଳି ଚୁଲି ଜଳିବା ସମ୍ଭବ ହେଉନି। ନିଶା ପାଇଁ ଯେତେ ରୋଗ ବ୍ୟାଧି ବ୍ୟାପୁଛି , ଆଉ ରୋଗରୁ ଆରୋଗ୍ୟ ପାଇଁ ଯେତେ ଖର୍ଚ୍ଚ ହେଉଛି, ସେ ତୁଳନାରେ ନିଶାରୁ ମିଳୁଥିବା ରାଜସ୍ୱ ବହୁତ କମ୍। ନିଶାମୁକ୍ତ ସମାଜ ଗଠନ ପାଇଁ ଆନ୍ତରିକ ଉଦ୍ୟମ ହେଉ।

**–ପ୍ରାଧ୍ୟାପକ ଶ୍ରୀକାନ୍ତ ନାୟକ, ଖରସ୍ରୋତା ମହାବିଦ୍ୟାଳୟ, ସିଂହପୁର, ଯାଜପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଚଉଦିଗେ ଛୁଟେ କୁହୁ
ଛୁଟେ ଦୂରେ ଦୂରେ
ସୁରଧୂନୀ ବହିଯାଏ
ତପତ ମରୁରେ ।
–(ଚିରନ୍ତନ କୁହୁ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶୁକ୍ରବାର, ଜାନୁଆରୀ ୩୦/୨୦୨୬ Bhubaneswar, Friday, January 30/ 2026

# ରିବାକିନା-ସାବାଲେଙ୍କା ଫାଇନାଲ



ମ୍ୟାଚ୍ ଜିତିବା ପରେ ଆରିନା ସାବାଲେଙ୍କା।

**ମେଲବୋର୍ନ,୨୯।୧**

ଚଳିତ ବର୍ଷର ପ୍ରଥମ ଟେନିସ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଅଷ୍ଟ୍ରେଲିଆନ ଓପନର ମହିଳା ସିଙ୍ଗଲ୍ସରେ ଗୁରୁବାର ଟାଇଟଲ ମୁକାବିଲା ସ୍ପଷ୍ଟ ହୋଇଯାଇଛି। ଶନିବାର ଖେଳାଯିବାକୁ ଥିବା ଫାଇନାଲରେ ୱାର୍ଲ୍ଡ ନଂ-୧ ତଥା ୪ ଥରର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ଆରିନା ସାବାଲେଙ୍କା ଓ ପୂର୍ବତନ

**ଅଷ୍ଟ୍ରେଲିଆନ୍ ଓପନ ଟେନିସ**

ୱିମ୍ବେଲଡନ ଚାମ୍ପିୟନ ତଥା ପଞ୍ଚମ ସିଡ୍ ଏଲିନା ରିବାକିନା ପରସ୍ପରକୁ ଭେଟିବେ।

ଗୁରୁବାର ରଡ୍ ଲାଭର ଏରେନାରେ ଖେଳାଯାଇଥିବା ମହିଳା ସିଙ୍ଗଲ୍ସ ସେମିଫାଇନାଲରେ ସାବାଲେଙ୍କା ୬-୨, ୬-୩ ସିଧାସଳଖ ସେଟ୍‌ରେ ୟୁକ୍ରେନର ୧୨ତମ ସିଡ୍ ଏଲିନା ସ୍ୱିତୋଲିନାଙ୍କୁ ପରାସ୍ତ କରିଛନ୍ତି। ଏହି ବିଜୟ ସହ ସାବାଲେଙ୍କା ୨୦୦୨ରେ ମାର୍ଟିନା ହିଙ୍ଗିସଙ୍କ ପରେ ପ୍ରଥମ ମହିଳା ଭାବେ ଲଗାତର ଚତୁର୍ଥ ଥର ପାଇଁ ଅଷ୍ଟ୍ରେଲିଆନ ଓପନ ଫାଇନାଲ ଖେଳିବାକୁ ଯାଉଛନ୍ତି। ହିଙ୍ଗିସ ୧୯୯୭ରୁ ୨୦୦୨ ପର୍ଯ୍ୟନ୍ତ ଲଗାତର ରେକର୍ଡ ୬ ଥର ଅଷ୍ଟ୍ରେଲିଆନ ଓପନ ଫାଇନାଲ ଖେଳିଥିଲେ। ବେଲାରୁସର ସାବାଲେଙ୍କା ଚଳିତ ଟୁର୍ନାମେଣ୍ଟରେ ଏପର୍ଯ୍ୟନ୍ତ ଗୋଟିଏ ବି ହେଲେ ସେଟ୍ ହରାଇ ନାହାନ୍ତି। ଗତ ୧୦ ମ୍ୟାଚ୍‌ରେ ଏହା ତାଙ୍କର ଦଶମ ସିଧାସଳଖ ବିଜୟ, ଯାହାକି ତାଙ୍କ ପ୍ରଭୁତ୍ୱକୁ ଦର୍ଶାଉଛି। ଦ୍ୱିତୀୟ ସେମିଫାଇନାଲରେ ରିବାକିନା ୬-୩, ୭-୬(୯/୭) ସେଟ୍‌ରେ ଜେସିକା ପେଗୁଲାଙ୍କୁ ହରାଇଛନ୍ତି। ଏହି ବିଜୟ ଯୋଗୁ ରିବାକିନାଙ୍କୁ ୨୦୨୩ ସଂସ୍କରଣ ଫାଇନାଲରେ ସାବାଲେଙ୍କାଙ୍କଠାରୁ ମିଳିଥିବା ପରାଜୟର ପ୍ରତିଶୋଧ ନେବାକୁ ସୁଯୋଗ ମିଳିଛି।

## ସନ୍ତୋଷ ଟ୍ରଫି: ଡ୍ର' ରହିଲା ଓଡ଼ିଶା-ରେଳୱେ ମ୍ୟାଚ୍

**ଭୁବନେଶ୍ୱର, ୨୯।୧ (ଅନାଦି କର):** ଆସାମରେ ଚାଲିଥିବା ୭୯ତମ ସନ୍ତୋଷ ଟ୍ରଫି ଘରୋଇ ଫୁଟବଲ ଟୁର୍ନାମେଣ୍ଟ ସନ୍ତୋଷ ଟ୍ରଫିରେ ଗୁରୁବାର ଓଡ଼ିଶା ଓ ରେଲୱେ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ୧-୧ ଗୋଲରେ ଡ୍ର' ଭାବେ ଶେଷ ହୋଇଛି। ଏହି ଡ୍ର'ରୁ ୧ ପଏଣ୍ଟ ମିଳିବାରୁ ଓଡ଼ିଶାର କ୍ୱାର୍ଟର ଫାଇନାଲକୁ ଉନ୍ନୀତ ହେବାର ଆଶା ଉଜ୍ଜୀବିତ ରହିଛି। ଦଳ ବର୍ତ୍ତମାନ ୩ ମ୍ୟାଚ୍‌ରୁ ୧ ପଏଣ୍ଟ ସହ ଗ୍ରୁପ୍-ଏଫ୍'ରେ ପଞ୍ଚମ ସ୍ଥାନରେ ରହିଛି।

ମ୍ୟାଚ୍‌ରେ ଆରମ୍ଭରୁ ସୁବ୍ରତ ମୁର୍ମୁ (ତୃତୀୟ ମିନିଟ୍)ଙ୍କ ଗୋଲ ବଳରେ ରେଲୱେ ୧-୦ ଗୋଲର ଅଗ୍ରଣୀ ହାସଲ କରିଥିଲା। ଫଳରେ ପ୍ରଥମାର୍ଦ୍ଧ ପର୍ଯ୍ୟନ୍ତ ଏହି ସ୍କୋର ଲାଇନ ଜାରି ରହିଥିଲା। ଦ୍ୱିତୀୟାର୍ଦ୍ଧର ୬୬ତମ ମିନିଟ୍‌ରେ ଓଡ଼ିଶା ପାଇଁ ଅର୍ବିନ ଲାକ୍ରା ଗୋଲ ସ୍କୋର କରି ମ୍ୟାଚ୍‌କୁ ବରାବର କରିଥିଲେ। ଏହାପରେ ଉଭୟ ଦଳ ପକ୍ଷରୁ ଅନେକ ପ୍ରୟାସ କରାଯାଇଥିଲେ ମଧ୍ୟ ସ୍କୋର ଲାଇନ ଉପରେ କୌଣସି ପ୍ରଭାବ ପଡ଼ି ନ ଥିଲା।

## ଜାତୀୟ ନାନ୍‌ଚାକୁରେ ଭାଗନେବ ଓଡ଼ିଶା



ଅଭ୍ୟାସ ଅବସରରେ ଓଡ଼ିଶା ନାନ୍‌ଚାକୁ ଦଳର ଖେଳାଳିମାନେ।

**ଭୁବନେଶ୍ୱର, ୨୯।୧ (ତପନ ସ୍ୱାଇଁ)**

ନାନ୍‌ଚାକୁ ଆସୋସିଏଶନ ଅଫ ଇଣ୍ଡିଆ ଆନୁକୂଲ୍ୟରେ ଚଳିତ ମାସ ୩୦ରୁ ଫେବୃଆରୀ ୧ ପର୍ଯ୍ୟନ୍ତ ୪ର୍ଥ ଜାତୀୟ ନାନ୍‌ଚାକୁ ପ୍ରତିଯୋଗିତା ଉତ୍ତର ପ୍ରଦେଶର କାନପୁରରେ ଅନୁଷ୍ଠିତ ହେବ। ଏଥିରେ ଅଂଶଗ୍ରହଣ ପାଇଁ ଓଡ଼ିଶା ରାଜ୍ୟ ନାନ୍‌ଚାକୁ ସଂଘର ସମ୍ପାଦକ ଦୀପକ କୁମାର ସାମନ୍ତରା, ସନ୍ତୋଷ କୁମାର ମହାରଣା ଓ କୋଷାଧ୍ୟକ୍ଷ ସପନ କୁମାର ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଓଡ଼ିଶା ଦଳ କାନପୁର ଯାତ୍ରା କରିଛି। ଓଡ଼ିଶା ପୁରୁଷ ଓ ମହିଳା ପ୍ରତିଯୋଗୀମାନେ ହେଲେ ମୁକୁନ୍ଦ ବର୍ଦ୍ଧନ, ଗୋପାଳ ଚନ୍ଦ୍ର କହଁର, କ୍ରିଷ୍ଣା ଶିକାରୀ, ରଞ୍ଜନ କୁମାର ପୃଷ୍ଟି, ବାଇଲୋଚନ ମଲିକ, ଆୟୁଷ ପ୍ରସାଦ ରଥ, ଶୁଭମ୍ ଦଳାଇ, ପ୍ରିୟାଂଶୁ ଶେଖର, କୁନାଲ ପଟ୍ଟନାୟକ, ହାର୍ଦ୍ଦିକ ଦାସ, କ୍ଷୀତିଶ କୁମାର ଯାଦବ, ଓମ୍ ସାଇ ପ୍ରସାଦ, ହରିହର ମହାପାତ୍ର, ଆୟୁଷ୍ମାନ ପୃଷ୍ଟି, ସାନ୍‌ଭି ମିଶ୍ର, ପ୍ରଜ୍ଞା ବର୍ଦ୍ଧନ, ଅଭ୍ୟର୍ଥନା ବରାଳ, ଆରାଧନା ନାୟକ ଓ ମନୁଶ୍ରୀ ବରାଳ। ଅଫିସିଆଲ୍ ଭାବେ ସପନ କୁମାର ମିଶ୍ର ଓ ସୁବାସ ଚନ୍ଦ୍ର ଦଳାଇ ଦଳ ସହ ଯାତ୍ରା କରିଛନ୍ତି। ଉତ୍କଳ କରାଟେ ସ୍କୁଲର ପ୍ରତିଷ୍ଠାତା ହରି ପ୍ରସାଦ ପଟ୍ଟନାୟକ ପ୍ରତିଯୋଗୀ ମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଚମକିଲେ ଓଡ଼ିଶା ନାଭାଲ୍ ଟାଟା ହକି ଏଚ୍‌ପିସି କ୍ୟାଡେଟ୍

**ଭୁବନେଶ୍ୱର, ୨୯।୧, (ବିଜୟ ରଣା)**

**ହକି ଇଣ୍ଡିଆ ଲିଗ୍**

ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍) ୨୦୨୬ରେ ଓଡ଼ିଶା ନାଭାଲ୍ ଟାଟା ହକି ହାଇ ପରଫର୍ମାନ୍ସ ସେଣ୍ଟର (ଓଏନ୍‌ଟିଏଚ୍‌ଏଚ୍‌ପିସି)ର କ୍ୟାଡେଟ୍‌ମାନେ ଚମତ୍କାର ପ୍ରଦର୍ଶନ କରି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଏଚ୍‌ଆଇଏଲ୍‌ର ଏହି ସିଜନ୍‌ରେ ଏକାଡେମୀର ମୋଟ ୮ ଜଣ ଖେଳାଳି ବିଭିନ୍ନ ଫ୍ରାଞ୍ଚାଇଜ୍ ପକ୍ଷରୁ ପ୍ରତିନିଧିତ୍ୱ କରିଥିବାବେଳେ ସେମାନଙ୍କ ମଧ୍ୟରୁ ୫ ଜଣ ପଦକ ଜିତିବାରେ ସଫଳ ହୋଇଛନ୍ତି।

ଚଳିତ ସିଜନର ଚାମ୍ପିୟନ 'ବେଦାନ୍ତ କଳିଙ୍ଗ ଲାନ୍ସର୍ସ' ଦଳରେ ଓଏନ୍‌ଟିଏଚ୍‌ଏଚ୍‌ପିସିର ତିନି ପ୍ରତିଭାବାନ କ୍ୟାଡେଟ୍ ରୋହିତ କୁଲୁ, ଦୀପକ ପ୍ରଧାନ ଏବଂ ରୋଶନ କୁଜୁର ସାମିଲ ଥିଲେ। ଏଥିସହିତ ରନର୍ସ ଅପ୍ ଦଳ 'ରାଞ୍ଚି ରୟାଲ୍ସ' ପକ୍ଷରୁ ଅନ୍‌ମୋଲ ଏକ୍କା ଏବଂ ବ୍ରୋଞ୍ଜ ପଦକ ବିଜେତା 'ହାଇଦ୍ରାବାଦ ତୁଫାନ୍ସ' ପକ୍ଷରୁ ଇରେଙ୍ଗବାମ ରୋହିତ ସିଂ ଚମତ୍କାର ଖେଳ ପ୍ରଦର୍ଶନ କରିଥିଲେ। ଅଦ୍ରୋହିତ ଏକ୍କା 'ତାମିଲନାଡୁ ଡ୍ରାଗନ୍ସ' ପକ୍ଷରୁ ଖେଳି ହକି ଇଣ୍ଡିଆ ଲିଗ୍‌ରେ ନିଜର ପ୍ରଥମ ଗୋଲ୍‌ସ୍କୋର କରିଛନ୍ତି। ସେହିପରି ଗୋଲକିପର ବିବେକ ଲାକ୍ରା 'ଶ୍ରାଚୀ ବେଙ୍ଗଲ ଟାଇଗର୍ସ' ପକ୍ଷରୁ ଖେଳି ସେ ଏଚ୍‌ଆଇଏଲ୍ ଇତିହାସରେ ସବୁଠାରୁ କମ୍ ବୟସ୍କଖେଳାଳି ଭାବେ ରେକର୍ଡ କଣ୍ଟ୍ରାକ୍ଟ କରି ଇତିହାସ ରଚିଛନ୍ତି। ପ୍ରଦୀପ ମଣ୍ଡଳ ଜେଏସ୍‌ଡବ୍ଲ୍ୟୁ ସୁରମା ହକି କ୍ଲବ ପକ୍ଷରୁ ଖେଳି ଏକାଡେମୀର ଗୌରବ ବଢ଼ାଇଛନ୍ତି। ଏହି ସଫଳତା ସମ୍ପର୍କରେ ଓଏନ୍‌ଟିଏଚ୍‌ଏଚ୍‌ପିସିର ପ୍ରୋଜେକ୍ଟ ଡାଇରେକ୍ଟର ଗୁର୍‌ମିତ ସିଂ ରାଓ କହିଛନ୍ତି,'ଆମ କ୍ୟାଡେଟ୍‌ମାନେ କଠିନ ପରିସ୍ଥିତିରେ ଯେଭଳି ପ୍ରଦର୍ଶନ କରିଛନ୍ତି, ତାହା ସମଗ୍ର ଏକାଡେମୀ ପାଇଁ ଏକ ଗର୍ବର ବିଷୟ। ଶୃଙ୍ଖଳିତ ପ୍ରଶିକ୍ଷଣ ଏବଂ କୋଚ୍, ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ଙ୍କ କଠିନ ପରିଶ୍ରମ ଯୋଗୁ ସେମାନେ ଜାତୀୟସ୍ତରରେ ପରିଚୟ ପାଇପାରିଛନ୍ତି। ହକି ଇଣ୍ଡିଆ ଲିଗ୍‌ରେ କ୍ୟାଡେଟ୍‌ଙ୍କ ଏହି ସଫଳତା ପାଇଁ ଓଏନ୍‌ଟିଏଚ୍‌ଏଚ୍‌ପିସି ସେମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଏଭଳି ଏକ ଉଚ୍ଚସ୍ତରୀୟ ପ୍ରତିଯୋଗିତାମୂଳକ ମଞ୍ଚ ପ୍ରଦାନ କରିଥିବାରୁ ଏଚ୍‌ଆଇଏଲ୍ ଫ୍ରାଞ୍ଚାଇଜସମୂହକୁ ସାଧୁବାଦ ଜଣାଯାଇଛି।



ପଦକ ସହ ନାଭାଲ୍ ଟାଟା ହକି ଏଚ୍‌ପିସିର ୩ ଖେଳାଳି।

## କିଟ୍, ସମ୍ବଲପୁର ୟୁନିଭର୍ସିଟିକୁ ଯୋଗ୍ୟତା

**ଭୁବନେଶ୍ୱର, ୨୯।୧ (ବିଜୟ ରଣା):** କିଟ୍ ଓ ସମ୍ବଲପୁର ୟୁନିଭର୍ସିଟି ମହିଳା ହକି ଦଳ ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ସ୍ଥାନୀୟ କିଟ୍ ୟୁନିଭର୍ସିଟି ପରିସରରେ ଥିବା ଦିଲୀପ ତିର୍କୀ ହକି ଷ୍ଟାଡିୟମ କ୍ୟାମ୍ପସ-୧୩ରେ ଚାଲିଥିବା ନ୍ୟାଶନାଲ ୟୁନିଭର୍ସିଟି ଆନ୍ତଃ ଜୋନାଲ ହକି ଚାମ୍ପିୟନଶିପ୍ (ମହିଳା)ର ଦ୍ୱିତୀୟ ଦିବସରେ ଖେଳାଯାଇଥିବା ଏକ ମ୍ୟାଚରେ କିଟ୍ ୯-୦ ଗୋଲ୍‌ରେ ମହର୍ଷି ଦୟାନନ୍ଦ ସରସ୍ୱତୀ ୟୁନିଭର୍ସିଟିକୁ ହରାଇ କ୍ୱାର୍ଟରରେ ପ୍ରବେଶ କରିବା ସହ ଖେଲୋ ଇଣ୍ଡିଆ ୟୁନିସଭର୍ସିଟି ଗେମ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ସେହିପରି ଅନ୍ୟ ଏକ ମ୍ୟାଚରେ ସମ୍ବଲପୁର ୟୁନିଭର୍ସିଟି ୪-୧ ଗୋଲ୍‌ରେ ସାବିତ୍ରୀ ଦେବୀ ଫୁଲେ ପୁନେ ୟୁନିଭର୍ସିଟିକୁ ହରାଇ ସେମିଫାଇନାଲକୁ ଉନ୍ନୀତ ହେବା ସହ ଅନ୍ୟତମ ଦଳ ଭାବେ ଖେଲୋଇଣ୍ଡିଆ ୟୁନିଭର୍ସିଟି ଗେମ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛି। ଫେବୃଆରୀ ୨ରେ ଟୁର୍ନାମେଣ୍ଟ ଉଦ୍‌ଯାପିତ ହେବ।

## ଫାଇନାଲରେ ରାଇଜିଂ ଷ୍ଟୁଡେଣ୍ଟ କଟକ

**ବନ୍ତ,୨୯।୧ (ହରି ନାରାୟଣ ମହାନ୍ତି)**

ଭଦ୍ରକ ଜିଲା ବନ୍ତ ବ୍ଲକ୍ ପୁରୁଷୋତ୍ତମପୁରସ୍ଥିତ ନେତାଜୀ ଷ୍ଟାଡିୟମ୍‌ରେ ଚାଲିଥିବା ସର୍ବଭାରତୀୟ କିଶୋର ନାୟକ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ (ବନ୍ତ କପ୍-୨୦୨୬)ର ଗୁରୁବାର ଥିଲା ପ୍ରଥମ ସେମିଫାଇନାଲ ମ୍ୟାଚ୍। ରାଇଜିଂ ଷ୍ଟୁଡେଣ୍ଟ କଟକ ଓ ଇଷ୍ଟକୋଷ୍ଟ ରେଲ୍‌ୱେ ଭଦ୍ରକ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଇଷ୍ଟକୋଷ୍ଟ ରେଲ୍‌ୱେ ଭଦ୍ରକକୁ ହରାଇ ରାଇଜିଂ ଷ୍ଟୁଡେଣ୍ଟ କଟକ ଫାଇନାଲକୁ ପ୍ରବେଶ କରିଛି।

# ଡବ୍ଲ୍ୟୁପିଏଲ୍: ଫାଇନାଲରେ ଆର୍‌ସିବି

**ଭଦୋଦରା,୨୯।୧**

ଓମେନ୍ସ ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)ରେ ଗୁରୁବାର ଖେଳାଯାଇଥିବା ଲିଗ୍ ମ୍ୟାଚ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ଅତିସହଜରେ ୮ ଉଇକେଟରେ ୟୁପି ୱାରିଅର୍ସକୁ ପରାସ୍ତ କରିଛି। ୟୁପି ପକ୍ଷରୁ ଧାର୍ଯ୍ୟ ୧୪୪ ରନର ବିଜୟ ଲକ୍ଷ୍ୟକୁ ଆର୍‌ସିବି ୧୩.୧ ଓଭରରେ ୨ ଉଇକେଟ ହରାଇ ହାସଲ କରି ନେଇଥିଲା। ଏହି ବିଜୟ ସହ ସ୍ମୃତି ମନ୍ଧାନାଙ୍କ ନେତୃତ୍ୱାଧୀନ ଆର୍‌ସିବି ଫାଇନାଲରେ ସ୍ଥାନ ପକ୍କା କରିଥିବା ବେଳେ ୟୁପି ୱାରିଅର୍ସ ପ୍ରଥମ ଦଳ ଭାବେ ପ୍ଲେଅଫ୍‌ରୁ ବାଦ୍ ପଡ଼ିଛି।

ପ୍ରଥମେ ବ୍ୟାଟିଂ କରିଥିବା ୟୁପି ଦଳ ପାଇଁ ଅଧିନାୟିକା ମେଗ ଲାନିଂ (୪୧ ରନ, ୬ ଚୌକା ଓ ୧ ଛକା) ଓ ଦୀପ୍ତି ଶର୍ମା ଭଲ ଆରମ୍ଭ କରିଥିଲେ। ଦୁହେଁ ଓପନିଂ ଉଇକେଟରେ ୮.୧ ଓଭରରେ ୭୪ ରନ ଯୋଡ଼ିଥିଲେ। ଏହି ଯୋଡ଼ି ଭାଙ୍ଗିବା ପରେ ଗୋଟିଏ ପଟେ ଦୀପ୍ତି ଭଲ ବ୍ୟାଟିଂ କରୁଥିବା ବେଳେ ଅନ୍ୟ ପଟେ ଉଇକେଟ ପତନ ଜାରି ରହିଥିଲା। ଦୀପ୍ତି ଅର୍ଦ୍ଧଶତକ ପୂରଣ କରିବା ପରେ ୧୯ତମ ଓଭରରେ ଷଷ୍ଠ ବ୍ୟାଟର ଭାବେ ଆଉଟ୍ ହୋଇଥିଲେ। ସେ ଆଉଟ୍ ହେବା ପୂର୍ବରୁ ୪୩ ବଲରେ ୬ ଚୌକା ଓ ୧ ଛକା ସହିତ ୫୫ ରନ କରିଥିଲେ। ୟୁପି ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୧୪୩ ରନ କରିବାକୁ ସକ୍ଷମ ହୋଇଥିଲା। ଆର୍‌ସିବି ପାଇଁ ନାଦିନେ ଡି କ୍ଲର୍କ ସର୍ବାଧିକ ୪ ଉଇକେଟ ନେଇଥିଲେ। ଜବାବରେ ଗ୍ରେସ ହାରିସ ଓ ଅଧିନାୟିକା ମନ୍ଧାନା ୯.୧ ଓଭରରେ ୧୦୮ ରନ କରି ଦଳର ବିଜୟ ନିଶ୍ଚିତ କରିଥିଲେ। ଗ୍ରେସ ୩୭ ବଲରେ ୭୫ (୧୩ ଚୌକା ଓ ୨ ଛକା) ରନ କରି ଆଉଟ୍ ହେବା ପରେ ଜର୍ଜିଆ ଭଲଙ୍କ ସହ ମିଶି ମନ୍ଧାନା ଦଳୀୟ ସ୍କୋରକୁ ଆଗେଇ ନେଇଥିଲେ। ୧୩ତମ ଓଭରରେ ଦଳୀୟ ସ୍କୋର ୧୪୩ ହୋଇଥିବା ଜର୍ଜିଆ (୧୬) ଦ୍ୱିତୀୟ ବ୍ୟାଟର ଭାବେ ଆଉଟ୍ ହେଇଥିଲେ। ୧୪ ତମ ଓଭରର ପ୍ରଥମ ବଲକୁ ମନ୍ଧାନା ଚୌକା ମାରି ଦଳକୁ ଜିତାଇଥିଲେ। ସେ ୨୭ ବଲରେ ୮ ଚୌକା ଓ ୨ ଛକା ସହ ୫୪ ରନ କରି ଅପରାଜିତ ରହିଥିଲେ। ଆର୍‌ସିବି ୧୩.୧ ଓଭରରେ ୨ ଉଇକେଟ ହରାଇ ୧୪୭ ରନ କରି ନେଇଥିଲା।



ଅପରାଜିତ ଅର୍ଦ୍ଧଶତକୀୟ ଇନିଂସ୍ ଅବସରରେ ଶଟ୍ ଖେଳୁଛନ୍ତି ସ୍ମୃତି ମନ୍ଧାନା।

**ସଂକ୍ଷିପ୍ତ ସ୍କୋର**

ୟୁପି ୱାରିଅର୍ସ: ୨୦ ଓଭରରେ ୧୪୩/୮(ଦୀପ୍ତି ଶର୍ମା-୫୫, ମେଗ ଲାନିଂ-୪୧, ନାଦିନେ ଡିନ କ୍ଲର୍କ-୪/୨୨, ଗ୍ରେସ ହାରିସ-୨/୨୨)। ଆର୍‌ସିବି: ୧୩.୧ ଓଭରରେ ୧୪୭/୨(ଗ୍ରେସ ହାରିସ-୭୫, ସ୍ମୃତି ମନ୍ଧାନା-୫୪*, ଆଶା ଶୋଭନା ଜୟ-୧/୨୪)।

# ସମ୍ଭାବ୍ୟ ଖେଳାଳି ତାଲିକାରେ ଓଡ଼ିଶାରୁ ୫

**ନୂଆଦିଲ୍ଲୀ,୨୯।୧ (ପି.ଟି.)**

ଆସନ୍ତା ମାସରେ ରାଉରକେଲାରେ ଖେଳାଯିବାକୁଥିବା ଏଫ୍ଆଇଏଚ୍ ପ୍ରୋ-ଲିଗ୍ ସିଜନ ପାଇଁ ଜାତୀୟ ସିନିୟର ପୁରୁଷ କୋଚିଂ କ୍ୟାମ୍ପର ଆୟୋଜନ କରାଯାଇଛି। ଏଥିପାଇଁ ୩୩ଜଣିଆ ସମ୍ଭାବ୍ୟ ଖେଳାଳି ତାଲିକା ପ୍ରକାଶ ପାଇଛି। ଏଥିରେ ଓଡ଼ିଶାର ୫ ଖେଳାଳି ଯଥା ଅମିତ ରୋହିଦାସ, ନିଲମ ସଞ୍ଜୀପ ଖେସ୍, ଅମନଦୀପ ଲାକ୍ରା, ରୋସନ କୁଜୁର ଓ ଶିଳାନନ୍ଦ ଲାକ୍ରାଙ୍କୁ ସ୍ଥାନ ମିଳିଛି।

ଭାରତୀୟ ହକିର ଅନ୍ୟତମ

**ହକି ପ୍ରୋ ଲିଗ୍**

**ବାଦ୍ ପଡ଼ିଲେ ମନପ୍ରୀତ୍**



ମନପ୍ରୀତ୍ ସିଂ।

ଜଣାଶୁଣା ଚେହେରା ତଥା ମିଡ୍‌ଫିଲ୍ଡ ଷ୍ଟଲୱାର୍ଟ ମନପ୍ରୀତ୍ ସିଂଙ୍କୁ କିନ୍ତୁ ଦଳରେ ନିଆଯାଇନି। ୩୩ ବର୍ଷୀୟ ଏହି ପୂର୍ବତନ ଭାରତ ଅଧିନାୟକ ଦୁଇ ଅଲିମ୍ପିକ ବ୍ରୋଞ୍ଜ ପଦକ ବିଜେତା ଭାରତୀୟ ଦଳରଯ ଅନ୍ୟତମ ସଦସ୍ୟ ଥିଲେ। ସେ ଆଉ ଗୋଟିଏ ଗେମ୍ ଖେଳିଥିଲେ ସର୍ବାଧିକ ଅନ୍ତର୍ଜାତୀୟ ମ୍ୟାଚ ଖେଳିବାରେ ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ(୪୧୨ମ୍ୟାଚ୍)ଙ୍କ ରେକର୍ଡ ସମକକ୍ଷ ହୋଇ ପାରିଥାନ୍ତେ। ଏଫ୍ଆଇଏଚ୍ ପ୍ରୋ-ଲିଗ୍ ମ୍ୟାଚ୍‌ଗୁଡ଼ିକ ରାଉକେଲାରେ ଫେବୃଆରୀ ୧୦ରୁ ୧୫ ପର୍ଯ୍ୟନ୍ତ ଖେଳାଯିବ। ଏହା ପୂର୍ବରୁ କ୍ୟାମ୍ପ ଫେବୃଆରୀ ୧ରୁ ୭ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଦଳରେ ସ୍ଥାନ ପାଇ ନ ଥିବା ଅନ୍ୟ ଜଣାଶୁଣା ଖେଳାଳିମାନଙ୍କ ମଧ୍ୟରେ ଅଛନ୍ତି ଗୋଲ୍‌କିପର କ୍ରିଶନ ବାହାଦୂର ପାଠକ। ଗତବର୍ଷ ରାଜଗିରିଠାରେ ଅନୁଷ୍ଠିତ ଜୁନିୟର ଏସିଆକପ୍ ଚାମ୍ପିୟନ ଭାରତୀୟ ଦଳରେ ପ୍ରଭାବୀ ପ୍ରଦର୍ଶନ କରିଥିବା ପ୍ରିନ୍ସଦୀପଙ୍କୁ ସିନିୟର ଦଳକୁ ପଦୋନ୍ନତି ମିଳିଛି। ଦଳରେ ନୂତନ ଖେଳାଳି ଭାବେ ସ୍ଥାନ ପାଇଥିବା ଅନ୍ୟ ଖେଳାଳିମାନଙ୍କ ମଧ୍ୟରେ ଅଛନ୍ତି ପୁଭାନ୍ନା ଚନ୍ଦୁରା ବବି, ୟଶଦୀପ ସିୱାଚ୍ ଓ ଅମନଦୀପ ଲାକ୍ରା।

# ରଣଜୀ ଟ୍ରଫି: ଓଡ଼ିଶା ୨୪୨/୬

**ଭୁବନେଶ୍ୱର, ୨୯।୧ (ତପନ ସ୍ୱାଇଁ)**

ରଣଜୀ ଟ୍ରଫି କ୍ରିକେଟ ସିଜନ ୨୦୨୫-୨୬ର ଅନ୍ତିମ ଲିଗ୍ ମ୍ୟାଚ ଗୁରୁବାରଠାରୁ ଆରମ୍ଭ ହୋଇଛି। ଜାମସେଦପୁରର କିନାନ୍ ଷ୍ଟାଡିୟମରେ ଅନୁଷ୍ଠିତ ଝାଡ଼ଖଣ୍ଡ ବିପକ୍ଷ ଏଲିଟ ଗ୍ରୁପ୍ 'ଏ' ମ୍ୟାଚରେ ଓଡ଼ିଶା ପ୍ରଥମ ଦିବସ ଶେଷ ବେଳକୁ ୬ ଉଇକେଟ ହରାଇ ୨୪୨ ରନ ସଂଗ୍ରହ କରିଛି। ସ୍ୱସ୍ତିକ ସାମଲ ଓ ଗୋବିନ୍ଦ ପୋଦ୍ଦାର ଅର୍ଦ୍ଧଶତକ ହାସଲ କରି ଓଡ଼ିଶା ସମ୍ମାନ ରଖିଛନ୍ତି। ସୟଦ ତୁଫେଲ ଅହମଦ ଏହି ମ୍ୟାଚରେ ପ୍ରଥମଶ୍ରେଣୀ କ୍ରିକେଟ କ୍ୟାରିୟର ଆରମ୍ଭ କରିଛନ୍ତି। ଦଳର ସିନିୟର ଖେଳାଳି ବିପ୍ଳବ ସାମନ୍ତରାୟ ତାଙ୍କୁ ଓଡ଼ିଶା ଦଳର କ୍ୟାପ୍ ପ୍ରଦାନ କରିଛନ୍ତି।

## ସ୍ୱସ୍ତିକ-ପୋଦ୍ଦାରଙ୍କ ଶତକୀୟ ଭାଗୀଦାରି

ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିବା ଓଡ଼ିଶା ୩୮ ରନ ମଧ୍ୟରେ ୨ ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଓପନର ସନ୍ଦୀପ ପଟ୍ଟନାୟକ ୭ ଓ ଅଧିନାୟକ ଶୁଭ୍ରାଂଶୁ ସେନାପତି ୧୦ ରନ କରିବାକୁ ସକ୍ଷମ ହୋଇଥିଲେ। ତେବେ ସ୍ୱସ୍ତିକ ସାମଲ ଓ ଗୋବିନ୍ଦ ପୋଦ୍ଦାର ଶତକୀୟ ଭାଗୀଦାରି



ଝାଡ଼ଖଣ୍ଡ ବିପକ୍ଷରେ ପ୍ରଥମଶ୍ରେଣୀ କ୍ରିକେଟ କ୍ୟାରିୟର ଆରମ୍ଭ କରିଥିବା ସୟଦ ତୁଫେଲ ଅହମଦଙ୍କୁ ବିପ୍ଳବ ସାମନ୍ତରାୟ ଓଡ଼ିଶା ଦଳର କ୍ୟାପ୍ ପ୍ରଦାନ କରୁଛନ୍ତି।

ଗଢ଼ି ଇନିଂସ ସମ୍ଭାଳି ନେଇଥିଲେ। ଦୁହେଁ ୩ୟ ଉଇକେଟରେ ୨୨୭ ବଲ୍‌ରୁ ୧୨୨ ରନର ପାର୍ଟନରଶିପ୍ ଗଢ଼ିଥିଲେ। ପୋଦ୍ଦାର ୬୪ ରନ କରିଥିବାବେଳେ ସୌରଭ ଶେଖରଙ୍କ ବଲ୍‌ରେ ଉଇକେଟ କିପର କୁମାର କୁଶାଗ୍ରଙ୍କୁ କ୍ୟାଚ ଦେବାରୁ ଯୋଡ଼ି ଭାଙ୍ଗିଥିଲା। ଆତ୍ମବିଶ୍ୱାସର ସହ ଖେଳି ଶତକ ଆଡ଼କୁ ମୁହାଁଇଥିବା ସ୍ୱସ୍ତିକ କିନ୍ତୁ ୭୯ ରନ କରିଥିବାବେଳେ ସୌରଭଙ୍କ ତୃତୀୟ ଶିକାର ହୋଇଥିଲେ। ମିଡିଲ ଅର୍ଡରରେ ଅନିଲ ପରିଡ଼ା ୧୦ ଓ ସମ୍ବିତ ବରାଳ ୧୦ ରନକରି ଆଉଟ ହେବାରୁ ୨୨୦ ରନ ମଧ୍ୟରେ ଓଡ଼ିଶାର ୬ଷ୍ଠ ଉଇକେଟ ପତନ ଘଟିଥିଲା। ତେବେ ବିପ୍ଳବ ସାମନ୍ତରାୟ ୩୮ ଓ ସାୱନ ପହାରିଆ ୧୨ ରନରେ ଅପରାଜିତ ରହି ଓଡ଼ିଶା ଇନିଂସକୁ ଆଗକୁ ବଢ଼ାଇଛନ୍ତି। ଦୁହେଁ ଅସମାପ୍ତ ୭ମ ଉଇକେଟରେ ୨୨ ରନ ଯୋଗ କରିଛନ୍ତି। ଝାଡ଼ଖଣ୍ଡ ପକ୍ଷରୁ ଦ୍ରୁତ ବୋଲର ସୌରଭ ଶେଖର ୩ଟି, ଅଫ୍ ସ୍ପିନର ଆଦିତ୍ୟ ସିଂ ୨ଟି ଏବଂ ବାମହାତୀ ସ୍ପିନର ଅନୁକୂଳ ରୟ ଗୋଟିଏ ଉଇକେଟ ନେଇଛନ୍ତି। ପିଚ୍ କ୍ରମେ ସ୍ପିନରଙ୍କୁ ସୁହାଉଥିବାରୁ ତୁଫେଲ ନିଜ ପଦାର୍ପଣ ମ୍ୟାଚକୁ ସ୍ମରଣୀୟ କରିବା ସମ୍ଭାବନା ରହିଛି।

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ପ୍ରଥମ ଇନିଂସ: ୨୪୨/୬ (ସ୍ୱସ୍ତିକ ସାମଲ-୭୯, ଗୋବିନ୍ଦ ପୋଦ୍ଦାର-୬୪, ବିପ୍ଳବ ସାମନ୍ତରାୟ-୩୮*, ସୌରଭ ଶେଖର-୩/୩୪, ଆଦିତ୍ୟ ସିଂ-୨/୨୪, ଅନୁକୂଳ ରୟ-୧/୭୮)।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

Dharitri 52 Years
ପୃଷ୍ଠା–୮+୮
# ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ଜାନୁଆରୀ ୩୦/୨୦୨୬ (୮+୮=୧୬ ପୃଷ୍ଠା) | Bhubaneswar, Friday, January 30/2026 | Page 16 | ₹ 7.00
୫୨ଶ ଭାଗ ୬୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 67 | ମୂଲ୍ୟ ₹୭/-



ଭିବି - ଜି ରାମ ଜି ଅଧୀନରେ,
ଗାଁଗୁଡ଼ିକରେ ଗ୍ରାମୀଣ ହାଟ ବିକଶିତ ହେବ ।
କୃଷି ଓ କୁଶଳ ଆଧାରିତ କାର୍ଯ୍ୟଗୁଡ଼ିକୁ ପ୍ରୋତ୍ସାହନ ଦିଆଯିବ ।
ରୋଜଗାରର ନୂଆ ସୁଯୋଗ ସୃଷ୍ଟି ହେବ,
ଯାହା ୧୨୫ ଦିନର କର୍ମନିଯୁକ୍ତି ସୁନିଶ୍ଚିତ କରିବ ।
ବିକଶିତ ଭାରତ - ରୋଜଗାରର ଗ୍ୟାରେଣ୍ଟି
ଏବଂ ଆଜୀବିକା ମିଶନ (ଗ୍ରାମୀଣ): ଭିବି - ଜି ରାମ ଜି
(ବିକଶିତ ଭାରତ - ଜି ରାମ ଜି) ଅଧିନିୟମ, ୨୦୨୫
୧୨୫ ଦିନ
ରୋଜଗାରର ଗ୍ୟାରେଣ୍ଟି

CBC 35101/13/0090/2526



ଓଡ଼ିଶା ଗସ୍ତରେ ଆସିଥିବା ବିଶ୍ୱବ୍ୟାଙ୍କ ଅଧ୍ୟକ୍ଷ ଅଜୟ ବାଙ୍ଗା ଗୁରୁବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ ଅବସରରେ।

# ଓଡ଼ିଶା ବିକାଶକୁ ଗତିଶୀଳ କରିବ ବିଶ୍ୱବ୍ୟାଙ୍କ ସହାୟତା: ମୁଖ୍ୟମନ୍ତ୍ରୀ

## ବିଶ୍ୱବ୍ୟାଙ୍କ ପ୍ରତିନିଧିଙ୍କ ସହ ସରକାରଙ୍କ ବିସ୍ତୃତ ଆଲୋଚନା

ଭୁବନେଶ୍ୱର,୨୯।୧ (ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ଓଡ଼ିଶା ଭିଜନ-୨୦୩୬କୁ ବିଶ୍ୱବ୍ୟାଙ୍କର ସହାୟତା ଅଧିକ ଗତିଶୀଳ କରିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଗୁରୁବାର ବିଶ୍ୱବ୍ୟାଙ୍କ ପ୍ରେସିଡେଣ୍ଟ ଅଜୟ ବାଙ୍ଗା ଓ ପ୍ରତିନିଧି ଦଳଙ୍କ ସହିତ ଲୋକସେବା ଭବନରେ ଅନୁଷ୍ଠିତ ବୈଠକ ପରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ବିଶ୍ୱବ୍ୟାଙ୍କ ପ୍ରତିନିଧିଙ୍କ ସହିତ ରାଜ୍ୟର ସ୍ଥାୟୀ ବିକାଶକୁ ତ୍ୱରାନ୍ୱିତ କରିବା, ଯୁବପିଢ଼ିଙ୍କୁ ଘରୋଇ କ୍ଷେତ୍ରରେ ଚାକିରି ପାଇଁ ଦକ୍ଷତା ପ୍ରଦାନ କରିବା, ଭିତ୍ତିଭୂମି ସୁଦୃଢ଼ କରିବା, ସାମାଜିକ କ୍ଷେତ୍ରର ଫଳାଫଳରେ ଉନ୍ନତି ଆଣିବା, ସ୍ଥିର ଏବଂ ପ୍ରଯୁକ୍ତିବିଦ୍ୟା ଆଧାରିତ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ଉପରେ ବିସ୍ତୃତ ଆଲୋଚନା ହୋଇଛି। ବିଶ୍ୱବ୍ୟାଙ୍କ ସହାୟତାରେ ସୂକ୍ଷ୍ମ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ଭିତ୍ତିଭୂମି ସୁଦୃଢ଼ କରାଯିବା ସହିତ କୃଷି, ଆନୁଷଙ୍ଗିକ କ୍ଷେତ୍ର ଏବଂ ପର୍ଯ୍ୟଟନରେ ନିବେଶ ବୃଦ୍ଧି କରି ଯୁବପିଢ଼ି ଏବଂ ମହିଳାମାନଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଇପାରିବ। ମୁଖ୍ୟମନ୍ତ୍ରୀ କହିଛନ୍ତି, ☞ପୃଷ୍ଠା-୭

# ୟୁଜିସି ଜାତିଗତ ବୈଷମ୍ୟ ନିୟମ ଉପରେ ସୁପ୍ରିମକୋର୍ଟଙ୍କ ସ୍ଥଗିତାଦେଶ

**ଆମେ ପଛକୁ ଫେରିପାରିବା ନାହିଁ ଉଚ୍ଚଶିକ୍ଷାରେ ସଂସ୍କାର ସମୟର ଆବଶ୍ୟକତା। ତେଣୁ ପରିବର୍ତ୍ତନଶୀଳ ଶୈକ୍ଷିକ ପୃଷ୍ଠଭୂମି ସହ ଖାପ ଖୁଆଇ ନିୟାମକ ଢାଞ୍ଚାକୁ ଆଗକୁ ବଢ଼ାଇବାକୁ ପଡ଼ିବ ବୋଲି ଗୁରୁବାର ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ ଦେଇଛନ୍ତି। ଦେଶର ୟୁନିଭର୍ସିଟି ଓ ଉଚ୍ଚଶିକ୍ଷାନୁଷ୍ଠାନଗୁଡ଼ିକରେ ଛାତ୍ରୀଛାତ୍ରଙ୍କ ପ୍ରତି ହେଉଥିବା ଜାତିଗତ ବୈଷମ୍ୟ ଦୂର ସକାଶେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି)ଙ୍କ ପକ୍ଷରୁ ଜାନୁଆରୀ ୧୩ରେ ପ୍ରମୋଶନ୍ ଅଫ୍ ଇକ୍ୱିଟି ଇନ୍ ହାୟର ଏଜୁକେଶନ୍ ଇନ୍ଷ୍ଟିଚ୍ୟୁଶନ୍ସ ରେଗୁଲେଶନ୍, ୨୦୨୬ ଶୀର୍ଷକ ନିୟାମକ ଜାରି କରାଯାଇଛି। ସାଧାରଣ ବର୍ଗର ଛାତ୍ରୀଛାତ୍ର ଏହି ନୂଆ ରେଗୁଲେଶନ୍‌କୁ ବିରୋଧକରି କ୍ୟାମ୍ପସଗୁଡ଼ିକରେ ବିକ୍ଷୋଭ କରିବା ସହ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଶୀର୍ଷ ଅଦାଲତ ସେମାନଙ୍କ ଆବେଦନଗୁଡ଼ିକର ଶୁଣାଣି କରି ୟୁଜିସି ନିୟାମକ ଉପରେ ରୋକ ଲଗାଇଛନ୍ତି।**



ନୂଆଦିଲ୍ଲୀ,୨୯।୧ (ପି.ଟି./ଲାଇଭ୍ ଲ)

ୟୁଜିସିର ନୂଆ ନିୟମ ସମ୍ପୂର୍ଣ୍ଣ ଅସ୍ପଷ୍ଟ ହୋଇଥିବାରୁ ଏହାର ଦୁରୁପଯୋଗ ହେବା ଆଶଙ୍କା ରହିଛି କହି ଏହାର ପୁନଃ ଯାଞ୍ଚ ନିମନ୍ତେ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟକାନ୍ତଙ୍କ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ସମ୍ବିଧାନର ଅନୁଚ୍ଛେଦ ୧୫(୪) ତଫସିଲଭୁକ୍ତ ଜାତି (ଏସ୍‌ସି) ଏବଂ ତଫସିଲଭୁକ୍ତ ଜନଜାତି (ଏସ୍‌ଟି)ଙ୍କ ପାଇଁ ଆଇନ ପ୍ରଣୟନ କରିବାକୁ ଅନୁମତି ଦେଇଥାଏ, କିନ୍ତୁ ଏହାର ଦୁରୁପଯୋଗ ହେବା ଆଶଙ୍କା ରହିଥିବା କହି ଖଣ୍ଡପୀଠ ସତର୍କ କରାଇଛନ୍ତି।

ୟୁଜିସି ପକ୍ଷରୁ ଜାରି ନୂଆ ନିୟମରେ ପ୍ରତ୍ୟେକ ଉଚ୍ଚ ଶିକ୍ଷାନୁଷ୍ଠାନରେ ଇକ୍ୱାଲ ଅପର୍ଚୁନିଟି ସେଣ୍ଟର ଏବଂ କ୍ୟାମ୍ପସସ୍ତରୀୟ ଇକ୍ୱିଟି କମିଟି ଗଠନ ସହ ଜାତିଗତ ବୈଷମ୍ୟର ଶିକାର ହେଉଥିବା ଛାତ୍ରୀଛାତ୍ରଙ୍କୁ ସହାୟତା ପ୍ରଦାନ ପାଇଁ ୨୪X୭ ଅଭିଯୋଗ ଶୁଣାଣି ବ୍ୟବସ୍ଥା କରିବାକୁ କୁହାଯାଇଥିଲା। କୌଣସି ଛାତ୍ରୀଛାତ୍ରଙ୍କ ପ୍ରତି ଜାତିଗତ ଭେଦଭାବ ହେଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏଥିରେ କୁହାଯାଇଥିଲା। ତେବେ ଉକ୍ତ ନିୟମର ଭାଷା ଅସ୍ପଷ୍ଟ ଥିବାରୁ ମିଥ୍ୟା ଅଭିଯୋଗ ବଳରେ ଏହାର ଦୁରୁପଯୋଗ ହେବା ଆଶଙ୍କା କରି କେତେଜଣ ଛାତ୍ରୀଛାତ୍ର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଦାଖଲ ହୋଇଥିବା ଏକାଧିକ ପିଟିଶନରେ ୟୁଜିସିର ନୂଆ ନିୟମକୁ ଚ୍ୟାଲେଞ୍ଜ କରାଯାଇଛି। ସିଜେଆଇ ସୂର୍ଯ୍ୟ କାନ୍ତ ଓ ଜଷ୍ଟିସ୍ ଜୟମାଲା ବାଗ୍‌ଚୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହାର ଶୁଣାଣି ବେଳେ କହିଛନ୍ତି, ସ୍ୱାଧୀନତାର ୭୫ ବର୍ଷ ପରେ ମଧ୍ୟ ସମାଜରୁ ଜାତିଗତ ଭେଦଭାବ ଦୂର ହୋଇପାରି ନାହିଁ। ଏକ ଜାତିବିହୀନ ସମାଜ ହେବା ପରିବର୍ତ୍ତେ ଆମେ ସଂକୀର୍ଣ୍ଣ ଓ ଗୁଡ଼ିବାଦୀ ହେବାରେ ଲାଗିଛେ। ଦେଶର ଉତ୍ତର ହେଉ କି ଦକ୍ଷିଣ ଭାଗ, ସବୁଠି ପିଲାମାନେ ରାଗିଂର ଶିକାର ହେଉଛନ୍ତି ବୋଲି ସିଜେଆଇ ଚିନ୍ତାବ୍ୟକ୍ତ ☞ପୃଷ୍ଠା-୭

# ଇରାନ ଉପରେ ଆକ୍ରମଣ ଆଶଙ୍କାରୁ ତୈଳ ଦର ବୃଦ୍ଧି

ନ୍ୟୁୟର୍କ,୨୯।୧

ଓପିଇସି ସଦସ୍ୟ ରାଷ୍ଟ୍ର ଇରାନ ଉପରେ ସାମରିକ କାର୍ଯ୍ୟାନୁଷ୍ଠାନ ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ବିଚାର କରୁଥିବାରୁ ଗୁରୁବାର ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ୨ ପ୍ରତିଶତରୁ ଅଧିକ ବୃଦ୍ଧି ପାଇଛି। ଆମେରିକୀୟ କ୍ରୁଡ୍ ଦର ୧.୫୬ ଡଲାର ବା ୨.୫ ପ୍ରତିଶତ ବୃଦ୍ଧି ପାଇ ବ୍ୟାରେଲ ପ୍ରତି ଦାମ୍ ୬୪.୭୭ ଡଲାର ହୋଇଥିବାବେଳେ ବ୍ରେଣ୍ଟ ୧.୫୯ଡଲାର ବା ୨.୩ ପ୍ରତିଶତ ବୃଦ୍ଧି ପାଇ ୬୯.୯୯ ଡଲାରରେ ପହଞ୍ଚିଛି। ଇରାନ ସୁରକ୍ଷା ବଳ ଏବଂ ସରକାର ବିରୋଧୀ ବିକ୍ଷୋଭକୁ ଉସୁକାଉଥିବା ନେତାମାନଙ୍କୁ ଟାର୍ଗେଟ କରି ଆକ୍ରମଣ କରିବାକୁ ଟ୍ରମ୍ପ୍ ବିଚାର କରୁଥିବା ବିଭିନ୍ନ ସୂତ୍ରରୁ ଜଣାପଡ଼ିଛି। ସରକାର ବିରୋଧୀ ବିକ୍ଷୋଭକୁ ଦମନ କରିବା ପାଇଁ ଇରାନ ସରକାର ବଳ ପ୍ରୟୋଗ କରିବାରୁ ଅନେକ ହଜାର ଲୋକଙ୍କ ମୃତ୍ୟୁ ଘଟିଥିଲା। ଇରାନ ଅଶାନ୍ତି ଏବଂ ଆମେରିକାର ସମ୍ଭାବ୍ୟ ସାମରିକ ହସ୍ତକ୍ଷେପ ଉକ୍ତ ଅଞ୍ଚଳରେ ଅଶୋଧିତ ତୈଳ ଯୋଗାଣରେ ବାଧା ସୃଷ୍ଟି କରିପାରେ। ମଧ୍ୟପ୍ରାଚ୍ୟରେ ଟ୍ରମ୍ପ୍ ବୁଧବାର ଆବ୍ରାହାମ୍ ଲିଙ୍କନ କ୍ୟାରିୟର ଷ୍ଟ୍ରାଇକ୍ ଗ୍ରୁପ୍ ମୁତୟନ କରିଛନ୍ତି। ଆଣବିକ କାର୍ଯ୍ୟକ୍ରମ ଉପର ଚୁକ୍ତିନାମା କରିବାର ସମୟସୀମା ଶେଷ ହେବାକୁ ଯାଉଥିବା ନେଇ ସେ ବୁଧବାର ଇରାନକୁ ଚେତାବନୀ ଦେଇଥିଲେ। ପରବର୍ତ୍ତୀ ଆକ୍ରମଣ ଭୟାନକ ହେବ। ତେଣୁ ଏହା ହେବାକୁ ନ ଦେବା ପାଇଁ ଟ୍ରମ୍ପ୍ ଟ୍ରୁଥ୍ ସୋସିଆଲ୍‌ରେ ଲେଖିଛନ୍ତି।

# ନାବାଳକଙ୍କୁ ବାଲିରେ ପୋତି ୩ ଗିରଫ



ଗୁଣପୁର,୨୯।୧ (ସୁଜାତା ପାଢ଼ୀ/ସଙ୍କେତ ପାତ୍ର)

ଟ୍ରାକ୍ଟରରେ ନଦୀରୁ ବାଲି ଉଠାଣ କରିବାକୁ କହିଲେ। ଏହାକୁ ମନା କରିବାରୁ ଜଣେ ନାବାଳକଙ୍କୁ ନଦୀ ବାଲି ପଠାରେ ବେକ ପର୍ଯ୍ୟନ୍ତ ପୋତିଦେଲେ। କଷ୍ଟରେ ନାବାଳକ ଛଟପଟ ହେଉଥିବାବେଳେ ତାଙ୍କୁ ବାଲିରୁ ଉଦ୍ଧାର କରିବା ପରିବର୍ତ୍ତେ ଏହାର ଭିଡିଓ ଉତ୍ତୋଳନ କରି ପରିହାସ କରୁଥିବା ଭଳି ଏକ ଅଭାବନୀୟ ଘଟଣା ରାୟଗଡ଼ା ଜିଲା ଗୁଣପୁର ବ୍ଲକ୍ ଅନ୍ତର୍ଗତ ଘନାନ୍ତ୍ରୀ ପଞ୍ଚାୟତର ମେରିଙ୍ଗ ଗ୍ରାମରେ ଦେଖିବାକୁ ମିଳିଛି। ଭିଡିଓ ଭାଇରାଲ ହେବା ପରେ ଏହାକୁ ଦେଖି ନାବାଳକଙ୍କ ମା' ବାପା ଗୁରୁବାର ଗୁଣପୁର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଅଧାରରେ ପୋଲିସ ୩ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବାବେଳେ ଅନ୍ୟ ୩ ନାବାଳକଙ୍କୁ ଧରି

## ବାଳସୁଧାର ଗୃହକୁ ଗଲେ ୩ ନାବାଳକ

ରାୟଗଡ଼ା ଜୁଭେନାଇଲ କୋର୍ଟରେ ହାଜର କରାଯିବାରେ ବାଳସୁଧାର ଗୃହକୁ ପଠାଯାଇଛି।

ପୋଲିସରେ ହୋଇଥିବା ଅଭିଯୋଗ ଅନୁଯାୟୀ, ପଦ୍ମପୁର ବ୍ଲକ୍ ଖିଲାପଦର ଗ୍ରାମର ରମେଶ ଶବରଙ୍କ ପୁଅ ଓମ୍ ଶବର ମେରିଙ୍ଗ ଗ୍ରାମର ନିଜ ଅଜାଘରେ ରହି ୫ମ ଶ୍ରେଣୀରେ ପାଠ ପଢୁଥିଲେ। ଗତ ୨୫ ତାରିଖ ସନ୍ଧ୍ୟାରେ ମେରିଙ୍ଗ ଗ୍ରାମର ଅଜୁ ଶବର, ମିଟୁ ଶବର, ଶୁକ୍ଲାଙ୍ଗ ଶବରଙ୍କ ସମେତ ଆଉ ୩ ଜଣ ନାବାଳକ ଓମ୍‌ଙ୍କୁ ସାଙ୍ଗରେ ନେଇ ମେରିଙ୍ଗ ନିକଟ ସାନନଦୀରୁ ବାଲି ଉଠାଣ ପାଇଁ ଯାଇଥିଲେ। ଓମ୍‌ଙ୍କୁ ବାଲି ଉଠାଇବା ପାଇଁ ସେମାନେ କହିଥିଲେ, ହେଲେ ସେ ମନାକରିବାରୁ ଉତ୍ତ୍ୟକ୍ତ ହୋଇ ସେମାନେ ଓମ୍‌ଙ୍କୁ ☞ପୃଷ୍ଠା-୭


DSPL-498

ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ବାଣିଶ୍ରୀ
ଛାତ୍ରବୃତ୍ତି ଯୋଜନା


ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କ ପାଇଁ ଛାତ୍ରବୃତ୍ତି

| | |
|---|---|
| ପ୍ରାଥମିକ (ପ୍ରଥମରୁ ପଞ୍ଚମ ଶ୍ରେଣୀ) | ମାସିକ ୪୦୦ ଟଙ୍କା |
| ମାଧ୍ୟମିକ ଏବଂ ଉଚ୍ଚ ବିଦ୍ୟାଳୟ (ଷଷ୍ଠରୁ ଅଷ୍ଟମ ଶ୍ରେଣୀ ଏବଂ ନବମ ଓ ଦଶମ ଶ୍ରେଣୀ) | ମାସିକ ୫୦୦ ଟଙ୍କା |
| ମହାବିଦ୍ୟାଳୟ (+୨ ଏବଂ +୩) | ମାସିକ ୭୦୦ ଟଙ୍କା |
| ବିଶ୍ୱବିଦ୍ୟାଳୟ (ସ୍ନାତକୋତ୍ତର ଶିକ୍ଷା) | ମାସିକ ୭୦୦ ଟଙ୍କା |
| ବୈଷୟିକ ଏବଂ ବୃତ୍ତିଗତ ତାଲିମ | ମାସିକ ୭୦୦ ଟଙ୍କା |
| ରାଜ୍ୟ ବାହାରେ ବିଭିନ୍ନ କ୍ଷେତ୍ରରେ ଶିକ୍ଷା ଗ୍ରହଣ କରୁଥିବା ଛାତ୍ରଛାତ୍ରୀ | ମାସିକ ୭୦୦ ଟଙ୍କା |

ପାଠକ/ ସହାୟକ ଭତ୍ତା (ଦୃଷ୍ଟିହୀନ ଛାତ୍ରଛାତ୍ରୀଙ୍କ ପାଇଁ)

| ପ୍ରଥମରୁ ପଞ୍ଚମ ଶ୍ରେଣୀ | ଷଷ୍ଠରୁ ଦଶମ ଶ୍ରେଣୀ | ଅନ୍ୟାନ୍ୟ ଅଧ୍ୟୟନ |
|---|---|---|
| ମାସିକ ୨୦୦ ଟଙ୍କା | ମାସିକ ୩୦୦ ଟଙ୍କା | ମାସିକ ୪୦୦ ଟଙ୍କା |

ଅସ୍ଥିଶଲ୍ୟ ଭିନ୍ନକ୍ଷମଙ୍କ ପାଇଁ ଅତିରିକ୍ତ ପରିବହନ ରାଶି — ମାସିକ ୨୦୦ ଟଙ୍କା

ଆବେଦନର ଯୋଗ୍ୟତା ମାନଦଣ୍ଡ
UDID ପ୍ରମାଣପତ୍ର ବାଧ୍ୟତାମୂଳକ(ସମସ୍ତ ୨୧ଟି ବର୍ଗଭିନ୍ନକ୍ଷମ)
ରାଜ୍ୟ ସରକାରଙ୍କ ଠାରୁ ଅନ୍ୟ କୌଣସି ଛାତ୍ରବୃତ୍ତି ଲାଭ ଉଠାଉଥିଲେ ମଧ ଭିନ୍ନକ୍ଷମ ଛାତ୍ରଛାତ୍ରୀମାନେ ବାଣିଶ୍ରୀ ଛାତ୍ରବୃତ୍ତି ପାଇଁ ଯୋଗ୍ୟ
ଆଧାର ଲିଙ୍କ୍ ହୋଇଥିବା ଛାତ୍ରଛାତ୍ରୀଙ୍କ ବ୍ୟାଙ୍କ ଆକାଉଣ୍ଟ / ପିତାମାତା କିମ୍ବା ଅଭିଭାବକଙ୍କ ସହିତ ମିଳିତ ଆକାଉଣ୍ଟ ମାଧ୍ୟମରେ ଛାତ୍ରବୃତ୍ତି ପ୍ରଦାନ କରାଯିବ
ଅନଲାଇନ୍ ଆବେଦନର ମାଧ୍ୟମ
https://ssepd.odisha.gov.in/



ଆବେଦନର ସମୟସୀମା
ଅନଲାଇନ୍ ଆବେଦନର ଆରମ୍ଭ ତାରିଖ
୦୧.୧୨.୨୦୨୫
ଅନଲାଇନ୍ ଆବେଦନର ଶେଷ ତାରିଖ
୧୫.୦୨.୨୦୨୬
ଶିକ୍ଷା ଅନୁଷ୍ଠାନସ୍ତରୀୟ ଯାଞ୍ଚର ଶେଷ ତାରିଖ
୨୦.୦୨.୨୦୨୬
ସମ୍ପୃକ୍ତ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ (DSSO) ଦ୍ୱାରା ଆବେଦନପତ୍ର ପ୍ରେରଣର ଶେଷ ତାରିଖ
୨୫.୦୨.୨୦୨୬
ଅଧିକ ଜାଣିବା ପାଇଁ ସ୍କାନ୍ କରନ୍ତୁ
OIPR-
ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର

**ଅଳିଆଗଦାରୁ ନବଜାତ ଶିଶୁକନ୍ୟା ଉଦ୍ଧାର**

ସଇଁତଲା,(ରାଖାଲ ପ୍ରସାଦ ଶତପଥୀ): ଏବେ ବି ଶିଶୁକନ୍ୟା ଅଲୋଡ଼ା । ସଇଁତଲା ଥାନା ବଡ଼ମାଳ ଫାଣ୍ଡି ଅଧୀନ ଧରବଗଡ଼ ଗ୍ରାମର ଅଳିଆଗଦାରୁ ଏକ ନବଜାତ ଶିଶୁକନ୍ୟା ଉଦ୍ଧାର ହେବା ଘଟଣା ସାଧାରଣରେ ଗଭୀର ଆଲୋଡ଼ନ ସୃଷ୍ଟି କରିଛି । ପ୍ରାଥମିକ ଚିକିତ୍ସା ପରେ ଶିଶୁକୁ ବଲାଙ୍ଗୀର ଜିଲା ଶିଶୁ ସୁରକ୍ଷା ବିଭାଗକୁ ହସ୍ତାନ୍ତର କରାଯାଇଛି ।



# ସେବା ସମବାୟ ସମିତିର ପୂର୍ବତନ ସମ୍ପାଦକ ଗିରଫ

**ଭୋଗରାଇ,୨୯।୧( ପ୍ରଦୀପ ଦାସ)**

ଚାଷୀଙ୍କ ଫସଲ ବୀମା ଜାଲିଆତି ଓ ଅର୍ଥ ହଡ଼ପ ଅଭିଯୋଗରେ ବାଲେଶ୍ୱର ଭିଜିଲାନ୍ସ ବିଭାଗ ପକ୍ଷରୁ ଭୋଗରାଇ ବ୍ଲକ କମର୍ଦ୍ଦା ଥାନା ଦାହୁଣଦା ସେବା ସମବାୟ ସମିତିର ପୂର୍ବତନ ସମ୍ପାଦକ ସୁବଳ କୁମାର ସାହୁଙ୍କୁ ଗୁରୁବାର ଗିରଫ କରାଯାଇଛି। ସୂଚନା ଅନୁଯାୟୀ, ଗତ ୨୦୧୪-୧୫ ଆର୍ଥିକ ବର୍ଷରେ ଉକ୍ତ ସମିତିରେ ଫସଲ ବୀମା ଯୋଜନାରେ ୧୯ ଲକ୍ଷ ୮୦ହଜାର ୨୫୫ଟଙ୍କା ହେରଫେର ଓ ଚଞ୍ଚକତା ନେଇ ଅଭିଯୋଗ ହୋଇଥିଲା। ଏହି ଘଟଣାକୁ ନେଇ ଭିଜିଲାନ୍ସ ବିଭାଗ



ଗିରଫ ପୂର୍ବତନ ସମ୍ପାଦକ ସୁବଳ କୁମାର ସାହୁ

ପକ୍ଷରୁ ତଦନ୍ତ କରାଯାଉଥିଲା। ତଦନ୍ତ ଆଧାରରେ ଉକ୍ତ ସମବାୟ ସମିତିର ପୂର୍ବତନ ସମ୍ପାଦକ ସୁବଳଙ୍କ ସମ୍ପୃକ୍ତି ଥିବା ନେଇ ପ୍ରମାଣ ମିଳିଛି। ତାଙ୍କ ନାମରେ ଭିଜିଲାନ୍ସ ପକ୍ଷରୁ ପିଏସ୍ କେସ୍ ନଂ. ୦୩/୨୦୨୬ ରୁଜୁ କରାଯାଇଛି। ତାଙ୍କୁ ୟୁଏସ୍ ୧୩(୨)ଆର/ଡବ୍ଲ୍ୟୁ୧୩(୧) ପିସିଆକ୍ଟ ୨୦୧୮ରେ ଗିରଫ କରାଯାଇ ଭିଜିଲାନ୍ସ ବିଭାଗର ସ୍ୱତନ୍ତ୍ର କୋର୍ଟର ବିଚାରପତିଙ୍କଠାରେ ହାଜର କରାଯାଇଛି।

# ‘ଅଧିକାର ଛଡ଼ାଇ ନେଇଥିବା ସରକାରକୁ ଜବାବ ମିଳିବ’



ସମାବେଶରେ ପିସିସି ସଭାପତି ଭକ୍ତ ଦାସ ବକ୍ତବ୍ୟ ରଖୁଛନ୍ତି।

## ପିସିସି ସଭାପତିଙ୍କ ଢିଙ୍କିଆ ଗସ୍ତ

**କୁଜଙ୍ଗ ,୨୯।୧(ମନୋଜ ପ୍ରଧାନ)**

ଲୋକଙ୍କ ଅଧିକାରକୁ ଛଡ଼ାଇ ନେଇ ଜୋର ଜବରଦସ୍ତି ଶିଳ୍ପ ପ୍ରତିଷ୍ଠା କରାଯାଇପାରିବ ନାହିଁ। ଯେଉଁ ସରକାର ଦମନଲୀଳା ଚଳାଇ ଜନତାଙ୍କ ଅଧିକାରକୁ ଛଡ଼ାଇ ନେଇଛନ୍ତି, ତାଙ୍କୁ ଉଚିତ ଜବାବ ଦିଆଯିବ ବୋଲି ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ଭକ୍ତ ଚରଣ ଦାସ କହିଛନ୍ତି। ଗୁରୁବାର ଜଗତ୍‌ସିଂହପୁର ଜିଲା ଏରସମା ବ୍ଲକ ଢିଙ୍କିଆ ଚାରିଦେଶ ଗସ୍ତରେ ବେଳେ ସେ ଏଭଳି ଚେତାବନୀ ଦେଇଛନ୍ତି।

ଜଙ୍ଗଲ ଅଧିକାର ଆଇନକୁ କାର୍ଯ୍ୟକାରୀ ନ କରିବା ଓ ଗ୍ରାମ ସଭା ନ କରି ଅନେକ ହଜାର ଏକର ଜଙ୍ଗଲ ଜମିକୁ ଜେଏସ୍‌ଡବ୍ଲ୍ୟୁ କମ୍ପାନୀକୁ ଟେକିଦେବା ପ୍ରତିବାଦରେ ପଦଯାତ୍ରା ଓ ସଭା ଆୟୋଜନ କରାଯାଇଥିଲା। ଜଗତ୍‌ସିଂହପୁର ଜିଲା କଂଗ୍ରେସ କମିଟି ସଭାପତି ଦେବ ପ୍ରସାଦ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଜିଲା ପରିଷଦ ସଭ୍ୟ ପିନାକୀ ନାରାୟଣ ଦାସ ସଂଯୋଜନାର କରିଥିଲେ। ଢିଙ୍କିଆ ଖେଳ ପଡ଼ିଆଠାରେ ଅନୁଷ୍ଠିତ ସମାବେଶରେ ଭକ୍ତ ଦାସ ଯୋଗଦେଇ କହିଥିଲେ, ସାଧାରଣ ଜନତାଙ୍କ ସ୍ୱରକୁ ଦମନଲୀଳା ମାଧ୍ୟମରେ ଚପାଇ ଦେବାକୁ ଯେତେ ଉଦ୍ୟମ କରାଗଲେ ମଧ୍ୟ ତାହା ସଫଳ ହୋଇପାରିବ ନାହିଁ। ଭକ୍ତ ଆହୁରି କହିଥିଲେ, ୨୦୦୫ରେ ସରକାର କଳାହାଣ୍ଡି ଜିଲାର ପ୍ରାକୃତିକ ସମ୍ପଦ ଭରା ନିୟମଗିରି ପାହାଡ଼କୁ ଖନନ କରି ବକ୍ସାଇଟ୍ ଉତ୍ତୋଳନ ପାଇଁ ଯେତେବେଳେ ଉଦ୍ୟମ କଲେ ସେଠାକାର ଆଦିବାସୀ ଜନଜାତିଙ୍କ ପକ୍ଷରୁ ଘୋର ବିରୋଧ କରାଗଲା। ‘ନିୟମଗିରି ବଞ୍ଚାଅ’ ଆନ୍ଦୋଳନରେ ଭକ୍ତ ନିଜେ ସାମିଲ ହୋଇ ଆନ୍ଦୋଳନକୁ ତୀବ୍ର ନିନ୍ଦା କଲେ। ଶେଷରେ ଜନତାଙ୍କ ଆନ୍ଦୋଳନ ସାମ୍ନାରେ ସରକାର ମୁଣ୍ଡ ନୁଆଁଇଲେ ଓ ଖନନ ବନ୍ଦ ରହିଲା।

ସେହିପରି ୨୦୦୫ରୁ ଢିଙ୍କିଆ ଚାରିଦେଶର ଅଧିବାସୀ ଦୀର୍ଘ ୨୧ ବର୍ଷ ଧରି ପ୍ରଥମେ ପୋସ୍କୋ ଓ ପରେ ଜେଏସ୍‌ଡବ୍ଲ୍ୟୁ ବିରୋଧରେ ଆନ୍ଦୋଳନ ଜାରି ରଖିଛନ୍ତି। ୨୦୦୬ରେ ଥଇଥାନ ଓ ବିସ୍ଥାପନ ନୀତି ଓ ୨୦୧୩ ଜମି ଅଧିଗ୍ରହଣ ଆଇନକୁ ଜଳାଞ୍ଜଳି ଦିଆଯାଇଛି। ଏଠାକାର ଅଧିବାସୀ ୨୦୦ ବର୍ଷ ହେବ ଜଙ୍ଗଲଜମି ଉପରେ ବସବାସ କରିବା ସହ ଧାନ, ପାନ, ମୀନ ଚାଷ କରି ଜୀବନ ଜୀବିକା ନିର୍ବାହ କରି ଆସୁଥିଲେ। ଏଠାକାର ଜଙ୍ଗଲ, ଜମି ଓ ଜଳ ଉପରେ କେବଳ ସ୍ଥାନୀୟ ଅଧିବାସୀଙ୍କର ପୂର୍ଣ୍ଣ ଅଧିକାର ରହିଛି। ଲୋକଙ୍କ ବିନା ମତାମତରେ ଏଠାକାର ଜମି ଉପରେ ଅନ୍ୟ କେହି ଅଧିକାର ସାବ୍ୟସ୍ତ କରିପାରିବେ ନାହିଁ। ବିନା ଗ୍ରାମ ସଭାରେ ଯେଉଁ ଜମି ଅଧିଗ୍ରହଣ ହୋଇଛି ତାହା ଆଇନସମ୍ମତ ନୁହେଁ। ପ୍ରଥମେ ସରକାର ଯେତିକି ଜମି ଲୋକଙ୍କଠାରୁ ଛଡ଼ାଇ ନେଲେ ସମପରିମାଣ ଜମିର ପଟ୍ଟା ପ୍ରଦାନ କରିବା କଥା। ଜମିର ବଜାର ମୂଲ୍ୟର ୪ ଗୁଣା ଦେବା କଥା। ପାନ ବରଜ ଶ୍ରମିକଙ୍କୁ ୨୦ ବର୍ଷ ପର୍ଯ୍ୟନ୍ତ ମାସିକ ୩ ହଜାର ଟଙ୍କା ଭତ୍ତା ଦେବା କଥା। ହେଲେ ଏଠାକାର ସରକାର ପୋଲିସ ଗୁଣ୍ଡା ଲଗାଇ ସମସ୍ତ ହକ୍ ଛଡ଼ାଇ ନେଇଛନ୍ତି। ତେଣୁ ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପ ବିରୋଧରେ ଆନ୍ଦୋଳନ ଜାରି ରଖିବାକୁ ପରାମର୍ଶ ଦେବା ସହ କଂଗ୍ରେସ ଦଳ ସେମାନଙ୍କ ସହ ରହିଛି ବୋଲି ଭକ୍ତ କହିଥିଲେ।

ସମାବେଶରେ ଏଆଇସିସି ସାଧାରଣ ସମ୍ପାଦକ ତଥା ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲଲୁ ଯୋଗଦେଇ ଜଙ୍ଗଲ, ଜମି ଓ ଜଳକୁ ନେଇ ଢିଙ୍କିଆରେ ଯେଉଁ ଆନ୍ଦୋଳନ ଚାଲିଛି ତାହା ଯଥାର୍ଥ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଲିକୁଦା ଏରସମା କଂଗ୍ରେସ ନେତା ନଳିନୀକାନ୍ତ ସ୍ୱାଇଁ , ପାରାଦୀପ ନିର୍ବାଚନମଣ୍ଡଳୀ କଂଗ୍ରେସ ନେତା ନିରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସଭା ପୂର୍ବରୁ ନୂଆଗାଁ ମଠ ସାହିରୁ ଢିଙ୍କିଆ ଖେଳପଡ଼ିଆ ପର୍ଯ୍ୟନ୍ତ ଅନୁଷ୍ଠିତ ପଦଯାତ୍ରାରେ ବହୁ କଂଗ୍ରେସ କର୍ମୀ ସାମିଲ ହୋଇଥିଲେ।

# ଜେଲରେ ଥିବା ଅଭିଯୁକ୍ତ ସୁରେନ୍ଦ୍ର ମଲିକଙ୍କ ମୃତ୍ୟୁ

## ଚିକିଟି ବିଷାକ୍ତ ମଦମୃତ୍ୟୁ ମାମଲା

**ଚିକିଟି,୨୯।୧(ପ୍ରକାଶ ଚନ୍ଦ୍ର ସାହୁ)**

ଗଞ୍ଜାମ ଜିଲା ଚିକିଟି ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ଜେନାପୁର କରବାଲୁଆ ଗ୍ରାମରେ ବିଷାକ୍ତ ମଦ ପିଇ ୧୫ଜଣ ଗୁରୁତର ହୋଇଥିଲେ। ୧୦ ଜଣ ସୁସ୍ଥ ହୋଇ ଘରକୁ ଫେରିଥିବା ବେଳେ ୫ ଜଣଙ୍କ ମୃତ୍ୟୁ ଘଟିଥିଲା। ଉକ୍ତ ଘଟଣାରେ କ. ନୂଆଗାଁ ଥାନା ଅନ୍ତର୍ଗତ ଚିକିଟି ଅବକାରୀ ବିଭାଗ ୧୬ ଜଣକୁ ଗିରଫ କରିଥିଲା। ସେମାନଙ୍କ ମଧ୍ୟରେ ଦିଗପହଣ୍ଡି ଥାନା ଅନ୍ତର୍ଗତ ଖେମଣ୍ଡା ଗ୍ରାମର ସୁରେନ୍ଦ୍ର ମଲିକ ଥିଲେ। କୋର୍ଟରେ ତାଙ୍କ ଜାମିନ ଆବେଦନ ନାମଞ୍ଜୁର ହୋଇଯିବାରୁ ସେ ବ୍ରହ୍ମପୁର ଜେଲରେ ଥିଲେ। ୧୦ ଦିନ ତଳେ ଜେଲ ଭିତରେ ସୁରେନ୍ଦ୍ର ଅସୁସ୍ଥ ହୋଇପଡିବାରୁ ତାଙ୍କୁ ଚିକିତ୍ସାପାଇଁ ବ୍ରହ୍ମପୁର ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଗୁରୁବାର ସକାଳେ ସୁରେନ୍ଦ୍ରଙ୍କ ମୃତ୍ୟୁ ହୋଇଛି। ଜେଲପକ୍ଷରୁ ଏନେଇ ତାଙ୍କ ସ୍ତ୍ରୀଙ୍କୁ ଅବଗତ କରାଯାଇଥିଲା। ସ୍ୱାମୀଙ୍କ ମୃତ୍ୟୁ ଖବର ପାଇ ସେ ଅସୁସ୍ଥ ହୋଇ ପଡିଥିଲେ। ତାଙ୍କୁ ଚିକିଟି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ପରେ କିଛି ଘଣ୍ଟା ମଧ୍ୟରେ ସେ ସ୍ୱାଭାବିକ ହୋଇଥିଲେ। ଏବେ ସେ କେ. ନୂଆଗାଁ ପଞ୍ଚାୟତ ନୂଆବନ୍ଧ ଗ୍ରାମରେ ଜଣେ ସମ୍ପର୍କୀୟଙ୍କ ଘରେ ରହିଥିବା ଜଣାପଡିଛି।

## ସୁନା ଦର ଲକ୍ଷେ ୭୭ ହଜାର ପାର




# ଯୁବପିଢ଼ି କଳିକେଶଙ୍କୁ ରୋଲ୍ ମଡେଲ ଭାବି ବଢ଼ିପାରିବେ: ଦିବ୍ୟଶଙ୍କର

**ଭବାନୀପାଟଣା,୨୯।୧ (ଉତ୍ତମ କୁମାର ଦାଶ)**

ପୂର୍ବତନ ଏମ୍‌ପି ତଥା ବଲାଙ୍ଗୀର ବିଧାୟକ କଳିକେଶ ନାରାୟଣ ସିଂଦେଓଙ୍କ ସମ୍ପର୍କରେ ଦେଇଥିବା ମତାମତ ସମ୍ପର୍କରେ ଗୁରୁବାର ଭବାନୀପାଟଣା ମିଡ୍‌ଟାଉନଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଜୁନାଗଡ଼ ବିଧାୟକ ଦିବ୍ୟଶଙ୍କର ମିଶ୍ର ସ୍ପଷ୍ଟୀକରଣ ଦେଇଛନ୍ତି। ସେ କହିଛନ୍ତି, ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକ ଆମର ସର୍ବମାନ୍ୟ ଓ ଅଦ୍ୱିତୀୟ ନେତା। ଓଡ଼ିଶାବାସୀ ତାଙ୍କୁ ବହୁତ ଭଲପାଇବା ଦେଇଛନ୍ତି। ଏବେ ଭାରତୀୟ ଜନତା ପାର୍ଟିର ସରକାର ଓଡ଼ିଶାରେ ଆସିଲା ପରେ ନାରୀ ଓ ଶିଶୁ ନିର୍ଯାତନା ବଢିଛି, ଯୁବକ ଓ ଚାଷୀଙ୍କୁ ନ୍ୟାୟ ଦେବାରେ ଏ ସରକାର ବିଫଳ ହୋଇଛି। ଏଣୁ ୨୦୨୯ରେ ପୁଣି ଥରେ ଲୋକଙ୍କ ଆଶୀର୍ବାଦ ପାଇ ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ହେବାକୁ ଯାଉଛନ୍ତି। ବିଧାୟକ ହିସାବରେ ଅନେକ ଜାଗାକୁ ଅତିଥି ହିସାବରେ ଆମେ ଯାଇଥାଉ। ଗତ ୨୭ ତାରିଖ ବଲାଙ୍ଗୀର ଗାନ୍ଧୀ ଷ୍ଟାଡ଼ିୟମଠାରେ ଅନୁଷ୍ଠିତ ମହାରାଜା ରାଜେନ୍ଦ୍ର ସିଂଦେଓ ମେମୋରିଆଲ ସର୍ବଭାରତୀୟ ଫୁଟ୍‌ବଲ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ସମାରୋହକୁ ମୁଁ ଅତିଥି ଭାବରେ ଯାଇଥିଲି। ସେଠାରେ ସ୍ଥାନୀୟ ବିଧାୟକ କଳିକେଶ ନାରାୟଣ ସିଂଦେଓଙ୍କ ପ୍ରଶଂସା କରି ମଞ୍ଚ ଓ ମଞ୍ଚ



ଖବରଦାତା ସମ୍ମିଳନୀରେ ବିଧାୟକ ମିଶ୍ର ସ୍ପଷ୍ଟୀକରଣ ଦେଉଛନ୍ତି।

ତଳେ ବାଇଟ୍ ଦେବା ସମୟରେ ଉଲ୍ଲେଖ କରିଥିଲି ଯେ, କଳିକେଶ ଜଣେ ଜାତୀୟ ସ୍ତରର ରାଇଫଲ ଖେଳାଳି ଏବଂ ଜାତୀୟ ରାଇଫଲ ଆସୋସିଏଶନର ସଭାପତି ଅଛନ୍ତି। ସେ ଜଣେ ଭଲ ସ୍ପୋର୍ଟ୍ସ ମ୍ୟାନ, ପୂର୍ବତନ ଏମ୍‌ପି ଓ ବର୍ତ୍ତମାନର ଯୁବ ବିଧାୟକ। ତେଣୁ ଆଗାମୀ ଯୁବପିଢ଼ି ତାଙ୍କୁ ଜଣେ ରୋଲ ମଡେଲ ଭାବରେ ଗ୍ରହଣ କରି ଆଗକୁ ବଢ଼ିପାରିବେ ବୋଲି ମତାମତ ଦେଇଥିଲି। ରାଜ୍ୟସ୍ତରରେ ଯୁବକମାନଙ୍କ ନେତୃତ୍ୱ ନେବା ପାଇଁ ତାଙ୍କର ଯଥେଷ୍ଟ ଦକ୍ଷତା ରହିଛି ବୋଲି ପ୍ରଶଂସା କରିବା ସହିତ ତାଙ୍କ ଜେଜେବାପା ମଧ୍ୟ ମୁଖ୍ୟମନ୍ତ୍ରୀ ଥିଲେ ବୋଲି ଉଲ୍ଲେଖ କରିଥିଲି। ବଲାଙ୍ଗୀରରେ ଦେଇଥିବା ମୋ ବାଇଟ୍ ଓ ଅଭିଭାଷଣକୁ କିଛି ଗଣମାଧ୍ୟମ କଟ୍ କରି ଉପସ୍ଥାପନା କରୁଛନ୍ତି। ତେଣୁ ଏ ସମ୍ପର୍କରେ ମୁଁ ସ୍ପଷ୍ଟ କରିବାକୁ ଚାହେଁ ଯେ, ଓଡ଼ିଶାର ସର୍ବମାନ୍ୟ ନେତା ଏବଂ ମୋର ନେତା ହେଉଛନ୍ତି ନବୀନ ପଟ୍ଟନାୟକ। ସେ ଅଦ୍ୱିତୀୟ ଏବଂ ତାଙ୍କର ମାର୍ଗଦର୍ଶନରେ ଆମେ ସମସ୍ତେ ବିଧାୟକ, ଏମ୍‌ପି, ନେତୃମଣ୍ଡଳୀ ତଥା କର୍ମକର୍ତ୍ତା କାମ କରୁଛୁ। ସାମ୍ପ୍ରତିକ ସ୍ଥିତିରେ ଚାଷୀ ଅନେକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମଣ୍ଡିରୁ ଧାନ ଉଠିପାରୁ ନାହିଁ। ମହିଳା ଓ ଯୁବକଙ୍କୁ ରାଜ୍ୟରେ ନିଯୁକ୍ତିର ସୁଯୋଗ ନାହିଁ। ତେଣୁ ତୃଣମୂଳ ସ୍ତରରେ ଜନ ଆକ୍ରୋଶ ଦିନକୁଦିନ ବଢ଼ିବାରେ ଲାଗିଛି। ଲୋକ ମନସ୍ଥ କଲେଣି ଆଗାମୀ ପଞ୍ଚାୟତ ନିର୍ବାଚନରେ ଜନମତ ବିଜେଡି ସପକ୍ଷରେ ଯିବା ସହ ୨୦୨୯ ନିର୍ବାଚନରେ ନବୀନ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ କରି ଭାଜପା ସରକାରକୁ ଜବାବ ଦେବେ। କିଛି ନିର୍ଦ୍ଦିଷ୍ଟ ବ୍ୟକ୍ତିବିଶେଷ ଆମେ ଯାହା କହିଲେ ବି ଅନ୍ୟ ପ୍ରକାର ଉପସ୍ଥାପନା କରିବାକୁ ଚେଷ୍ଟା କରୁଛନ୍ତି। ସେମାନେ ଏଥିରୁ କ୍ଷାନ୍ତ ରହିବାକୁ ଅନୁରୋଧ କରୁଛି ବୋଲି ବିଧାୟକ ମିଶ୍ର କହିଛନ୍ତି। ଖବରଦାତା ସମ୍ମିଳନୀରେ ବିଧାୟକଙ୍କ ସହ ଯୁବ ନେତା ମହେଶ ସାହୁ, ଅବିନାଶ ଠାକୁର, ଦିନେଶ ବର୍ଗର୍ତ୍ତି ଉପସ୍ଥିତ ଥିଲେ।

# ବିକାଶ ସହ ପରିବେଶକୁ ଗୁରୁତ୍ୱ ଦେବାକୁ ହେବ: ଦେଓରଞ୍ଜନ

## ନୀଳ ଓ ସବୁଜ ଅର୍ଥନୀତି ସଂକ୍ରାନ୍ତୀୟ ୨ ଦିନିଆ କର୍ମଶାଳା

**ଭୁବନେଶ୍ୱର,୨୯।୧ (ରବିନାରାୟଣ ଜେନା)**

ରାଜ୍ୟର ବିକାଶକୁ ତ୍ୱରାନ୍ୱିତ କରିବା ସମୟରେ ପରିବେଶ ଦିଗକୁ ମଧ୍ୟ ସାଥିରେ ନେଇ ଆଗକୁ ଯିବାକୁ ହେବ ବୋଲି ଉନ୍ନୟନ ଆୟୁକ୍ତ(ଡିସି) ଦେଓରଞ୍ଜନ କୁମାର ସିଂ କହିଛନ୍ତି। ଗୁରୁବାର ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ‘ନୀଳ ଓ ସବୁଜ ଅର୍ଥନୀତି କ୍ଷେତ୍ରରେ ରହିଥିବା ସୁଯୋଗର ଉପଯୋଗିତା ବୃଦ୍ଧି’ ସମ୍ପର୍କିତ କର୍ମଶାଳାକୁ ଉଦ୍‌ଘାଟନ କରି ଡିସି କହିଥିଲେ ଯେ, ରାଜ୍ୟର ବିକାଶର ଧାରାକୁ ଏକ ସ୍ଥାୟୀ, ସୁଦୃଢ଼ ଓ ନିରନ୍ତର ଭିତ୍ତିରେ ଆଗକୁ ନେବାକୁ ହେବ। ଏହି ଅବସରରେ ସେ ନୀଳ ଓ ସବୁଜ ଅର୍ଥନୀତି କ୍ଷେତ୍ରରେ କାର୍ଯ୍ୟ କରୁଥିବା ସମସ୍ତ ଅଂଶୀଦାରଙ୍କୁ ଏ କ୍ଷେତ୍ରରେ ସମ୍ଭାବନାର ଦିଗ ପ୍ରତି ଭଲଭାବେ ବୁଝିବା, ଏହାର ସୁଯୋଗ କିଭଳି ନିର୍ଭର କରୁଥିବା ଜନସାଧାରଣ ନେଇପାରିବେ ଓ ତାହା ରାଜ୍ୟର ଆର୍ଥିକ ଅଭିବୃଦ୍ଧିରେ ସହାୟକ ହେବ, ସେହି ଦିଗରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। କର୍ମଶାଳାରେ ଯୋଜନା ଓ ସଂଯୋଜନ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଟି. ଆଓ ଓଡ଼ିଶାର ଜଙ୍ଗଲ, ପ୍ରାକୃତିକ ସମ୍ପଦ, ନଦୀ, ସୁଦୀର୍ଘ ସାମୁଦ୍ରିକ ବେଳାଭୂମିର ସଦୁପଯୋଗ ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ, ମତ୍ସ୍ୟଚାଷ, ସାମୁଦ୍ରିକ ବାଣିଜ୍ୟ, ସମୁଦ୍ରଭିତ୍ତିକ ନବୀକରଣଯୋଗ୍ୟ ଶକ୍ତି, ଜୈବ ପ୍ରଯୁକ୍ତି, ପରିବେଶ ଓ ହେନ୍ତାଳ ବଣର ସୁରକ୍ଷା ଆଧାରରେ ନୀଳ ଓ ସବୁଜ ଅର୍ଥନୀତିର ଉପଯୋଗିତା ପାଇଁ ବ୍ୟାପକ ସୁଯୋଗ ରହିଛି ବୋଲି କହିଥିଲେ। କର୍ମଶାଳାରେ ମିଳିତ ଜାତିସଂଘ ବିକାଶ କାର୍ଯ୍ୟକ୍ରମ(ଭାରତ)ର ଜଳବାୟୁ ଓ ପରିବେଶ କାର୍ଯ୍ୟାନ୍ୱୟନ ମୁଖ୍ୟ ଡ.ଆଶିଷ ଚତୁର୍ବେଦୀ ଯୋଗଦେଇ ନୀଳ ଓ ସବୁଜ ଅର୍ଥନୀତି କ୍ଷେତ୍ରରେ ମିଳିତ ଜାତିସଂଘର ନିରନ୍ତର ବିକାଶ ଲକ୍ଷ୍ୟ ପ୍ରତି ରହିଥିବା ପ୍ରତିବଦ୍ଧତା ସମ୍ପର୍କରେ ଆଲୋକପାତ କରିଥିଲେ। ଏ କ୍ଷେତ୍ରରେ ଭାରତରେ ତଥା ଓଡ଼ିଶାରେ ସାମାଜିକ ଅନ୍ତର୍ଭୁକ୍ତୀକରଣର ଗୁରୁତ୍ୱ, ଖାଦ୍ୟ ନିରାପତ୍ତା, ଦକ୍ଷତା ବୃଦ୍ଧି, ନିଯୁକ୍ତି ସୁଯୋଗ, ପୁଞ୍ଜି ନିବେଶର ଆବଶ୍ୟକତା ଉପରେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ଆକାଂକ୍ଷୀ ଜିଲା ଓ ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମର ସଫଳତାର କାହାଣୀର ଦ୍ୱିତୀୟ ଭାଗ ଉନ୍ମୋଚିତ ହୋଇଥିଲା।

## ମହାନଦୀ ବଞ୍ଚାଓ ଆନ୍ଦୋଳନ ପ୍ରତିନିଧିଙ୍କ କଲମା ବ୍ୟାରେଜ୍ ଅଞ୍ଚଳ ପରିଦର୍ଶନ

**ଭୁବନେଶ୍ୱର,୨୯।୧(ରବିନାରାୟଣ ଜେନା)**

ମହାନଦୀ ବଞ୍ଚାଓ ଆନ୍ଦୋଳନର ଏକ ପ୍ରତିନିଧିଦଳ ଛତିଶଗଡ଼ରେ ଥିବା କଲମା ବ୍ୟାରେଜ ଓ ତା’ର ତଳ ମୁଣ୍ଡରେ ନିର୍ମିତ ବାଲିବନ୍ଧକୁ ପରିଦର୍ଶନ କରିବା ସହିତ ପ୍ରତୀକାତ୍ମକ ଭାବରେ ବାଲିବନ୍ଧକୁ ଭାଙ୍ଗିଛି । ମହାନଦୀ ବଞ୍ଚାଓ ଆନ୍ଦୋଳନର ଆବାହକ ସୁଦର୍ଶନ ଦାସଙ୍କ ନେତୃତ୍ୱରେ ଆନ୍ଦୋଳନକାରୀମାନେ ଓଡ଼ିଶା ସୀମାରେ ଥିବା କନକତୋରା ପାଖରୁ ସକାଳ ପ୍ରାୟ ୧୦ଟାରେ ଛତିଶଗଡ଼ର କଲମା ବ୍ୟାରେଜ ଅଭିମୁଖେ ଯାତ୍ରା କରିଥିଲେ। ବ୍ୟାରେଜରେ ଥିବା ୬୬ଟି ଗେଟ୍ ମଧ୍ୟରୁ ମାତ୍ର ଗୋଟିଏ ଗେଟ୍‌ରୁ ନିଷ୍କାସିତ ପାଣିକୁ ବାଲିବନ୍ଧ ପକାଇ ଅଟକାଇବା ଦେଖି ପ୍ରତିନିଧି ମଣ୍ଡଳୀ ଚିନ୍ତା ପ୍ରକଟ କରିଥିଲେ। କଲମା ବ୍ୟାରେଜ ପରିଦର୍ଶନ ପରେ ଆନ୍ଦୋଳନକାରୀ ବାଲିବନ୍ଧ ନିକଟକୁ ଯାଇ ପ୍ରତୀକାତ୍ମକ ଭାବରେ ତାକୁ ଭାଙ୍ଗିବାକୁ ପ୍ରୟାସ କରିଥିଲେ। ଏହି କାର୍ଯ୍ୟକ୍ରମରେ ଛତିଶଗଡ଼ ଜନ ସଂଘର୍ଷ ମୋର୍ଚ୍ଚାର ରାଜେଶ ଶର୍ମା, ଝାରସୁଗୁଡ଼ା କୃଷକ ସଙ୍ଗଠନର ପ୍ରବକ୍ତା ବିରଞ୍ଚି ସାହୁ, ହୀରାକୁଦ ବୁଡ଼ି ଅଞ୍ଚଳ ସମ୍ପାଦକ ଗୋପୀନାଥ ମାଝୀ ପ୍ରମୁଖ ସାମିଲ ଥିଲେ ।

# ମୟୂରଭଞ୍ଜରେ ଏଫ୍‌ଟିଓ, ଗଞ୍ଜାମରେ ହେବ ଡ୍ରୋନ୍ ପ୍ରଶିକ୍ଷଣ କେନ୍ଦ୍ର

**ଭୁବନେଶ୍ୱର,୨୯।୧ (ରବିନାରାୟଣ ଜେନା)**

ବିମାନ ଓ ଡ୍ରୋନ୍ ପ୍ରଯୁକ୍ତି କ୍ଷେତ୍ରରେ ଓଡ଼ିଶା ଆଗାମୀ ଦିନରେ ଏକ ବିକଶିତ କେନ୍ଦ୍ର ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଗୁରୁବାର ସାମାଜିକ ଗଣମାଧ୍ୟମ(ଏକ୍ସ)ରେ ପୋଷ୍ଟକରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଶା ସରକାର ବିମାନ ଚଳାଚଳ କ୍ଷେତ୍ରରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ବୁଝାମଣା ସମ୍ପାଦନା କରିଛନ୍ତି, ଯାହା ରାଜ୍ୟର ଯୁବବର୍ଗଙ୍କ ଦକ୍ଷତା ବିକାଶ କରିବା ସହିତ ରୋଜଗାର ସୃଷ୍ଟି କରିବ।

ସେ କହିଛନ୍ତି, ମୟୂରଭଞ୍ଜର ଦାଣ୍ଡବୋସ୍ ଏୟାରପୋର୍ଟରେ ଏକ ଫ୍ଲାଇଂ ଟ୍ରେନିଂ ଅର୍ଗାନାଇଜେସନ୍ (ଏଫ୍‌ଟିଓ) ସ୍ଥାପିତ ହେବ, ଏହା ମାଧ୍ୟମରେ ପ୍ରତିବର୍ଷ ୫୦ ଜଣ କମର୍ସିଆଲ୍ ପାଇଲଟ୍ ପ୍ରଶିକ୍ଷିତ ହେବେ। ଏହା ବିମାନ କ୍ଷେତ୍ରରେ ନୂଆ ଭବିଷ୍ୟତ ଗଢ଼ିବାର ସୁଯୋଗ ସୃଷ୍ଟି କରିବ। ସେହିପରି ଗଞ୍ଜାମର ରଙ୍ଗେଇଲୁଣ୍ଡା ଏୟାରଷ୍ଟ୍ରିପରେ ଓଡ଼ିଶାର ପ୍ରଥମ ୟୁଏଭି(ଡ୍ରୋନ୍) ପ୍ରଶିକ୍ଷଣ ଓ ପରୀକ୍ଷଣ କେନ୍ଦ୍ର ସ୍ଥାପନ କରାଯିବ। ଏଠାରେ ପ୍ରତିବର୍ଷ ୧୦୦ରୁ ଅଧିକ ୟୁଏଭି ପାଇଲଟ୍ ପ୍ରଶିକ୍ଷିତ ହେବେ। କୃଷି, ଭିତ୍ତିଭୂମି ଉନ୍ନତି, ଲଜିଷ୍ଟିକ୍ସ ଓ ଦୁର୍ଘଟଣା ପରିଚାଳନା ପରି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରଗୁଡ଼ିକରେ ସହାୟତା ଯୋଗାଇବ। ଏହି ଦୁଇ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଜରିଆରେ ଓଡ଼ିଶାରେ ବିମାନ କ୍ଷେତ୍ର ସୁଦୃଢ଼ ହେବ। ଦକ୍ଷ, ସ୍ୱାବଲମ୍ବୀ ଓ ଆକାଂକ୍ଷୀ ଓଡ଼ିଶା ଗଢ଼ିବା ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

# ବିଭିନ୍ନ କମିଟି ଗଠନ କାମ ତୁରନ୍ତ ସାରିବାକୁ ଯୋଜନା

## ଭାଜପା ରାଜ୍ୟ କାର୍ଯ୍ୟାଳୟରେ ଦଳୀୟ ବିଧାୟକ, ପଦାଧିକାରୀଙ୍କ ବୈଠକ

**ଭୁବନେଶ୍ୱର, ୨୯।୧(ସୁନିତ୍ ମିଶ୍ର)**

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଦଳର ସଭାପତି ମନମୋହନ ସାମଲଙ୍କ ଅଧ୍ୟକ୍ଷତାରେ ଏକ ବିଶେଷ କାର୍ଯ୍ୟକର୍ତ୍ତା ବୈଠକ ଅନୁଷ୍ଠିତ ହୋଇଯାଇଛି। ଦଳର ବିଧାୟକ, ରାଜ୍ୟ ପଦାଧିକାରୀ, ଜିଲା ସଭାପତି, ଜିଲା ପ୍ରଭାରୀ, ବିଧାନସଭା ପ୍ରାର୍ଥୀମାନେ ବୈଠକରେ ଯୋଗ ଦେଇଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ଏହି ଅବସରରେ ଉପସ୍ଥିତ ଥିଲେ। ତୃଣମୂଳସ୍ତରରୁ ଜିଲା ପର୍ଯ୍ୟନ୍ତ ଦଳର ସବୁ କମିଟି ଗଠନ ଉପରେ ମୁଖ୍ୟତଃ ବୈଠକରେ ଗୁରୁତ୍ୱ ଦିଆଯାଇଥିବା ଜଣାପଡିଛି।

ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ଦଳର ସାଧାରଣ ସମ୍ପାଦକ ବିରଞ୍ଚି ନାରାୟଣ ତ୍ରିପାଠୀ କହିଛନ୍ତି, ଦଳର ସାଙ୍ଗଠନିକ ବ୍ୟବସ୍ଥାର ସମୀକ୍ଷା କରାଯାଇଛି। ବୁଥ୍‌ସ୍ତରରୁ ଆରମ୍ଭକରି ଜିଲା କମିଟି ଗଠନ, ମଣ୍ଡଳ ଏବଂ ବିଭିନ୍ନ ମୋର୍ଚ୍ଚା କମିଟି ଗଠନ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା ହୋଇଛି। ଏହିସବୁ କାର୍ଯ୍ୟ ତୁରନ୍ତ ଶେଷକରିବା ପାଇଁ ଯୋଜନା ପ୍ରସ୍ତୁତ କରାଯାଇଛି। ସେହିପରି ଗରିବଙ୍କ କଲ୍ୟାଣ ଓ ଉତ୍ଥାନ ପାଇଁ ‘ଭିବି-ଜି-ରାମ୍ ଜି’ ଯୋଜନାର ତୃଣମୂଳସ୍ତରେ ସଫଳ ରୂପାୟନ ଓ କାର୍ଯ୍ୟାନ୍ୱୟନ କରାଯିବାକୁ ବୈଠକରେ ଗୁରୁତ୍ୱ ଦିଆଯାଇଛି। ଗୋଟିଏ ରାଜନୈତିକ ଦଳ ଭାବେ ଭାଜପା ସବୁବେଳେ ନିର୍ବାଚନ ପାଇଁ ପୂର୍ବରୁ ଏବଂ ପୂର୍ଣ୍ଣ ପ୍ରସ୍ତୁତ ଥାଏ। ସେହି ଆଧାରରେ ଆଗାମୀ ଦିନରେ ହେବାକୁ ଥିବା ନିର୍ବାଚନ ପାଇଁ କାର୍ଯ୍ୟ ଖସଡ଼ା ପ୍ରସ୍ତୁତି ପ୍ରସଙ୍ଗରେ ବୈଠକରେ ଆଲୋଚନା କରାଯାଇଥିଲା।

ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଦଳର ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାର, ରାଜ୍ୟ ସାଧାରଣ ସମ୍ପାଦକ(ସଙ୍ଗଠନ) ମାନସ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଦଳର ସାଙ୍ଗଠନିକ କାର୍ଯ୍ୟ ଏବଂ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟଗୁଡିକ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ।

# ପଶ୍ଚିମବଙ୍ଗରୁ ଆସୁଥିବା ୩ ଧାନ ବୋଝେଇ ଟ୍ରକ୍ ଅଟକ

**ଜଳେଶ୍ୱର, ୨୯।୧(ନବୀନ ସାହୁ)**

ଏବେ ବାହାର ରାଜ୍ୟରୁ ଓଡ଼ିଶାକୁ ଧାନ ପ୍ରବେଶ ନିଷେଧ ଥିବା ବେଳେ ଗୁରୁବାର ପଶ୍ଚିମବଙ୍ଗ ଦାନ୍ତନ ଅଞ୍ଚଳରୁ ଆସୁଥିବା ୩ଟି ଧାନ ବୋଝେଇ ଟ୍ରକକୁ ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକର ଲକ୍ଷ୍ମଣନାଥ ଟୋଲପ୍ଲାଜାଠାରେ ଅଟକ ରଖାଯାଇଛି। ଏସବୁ ଟ୍ରକରେ ୯୫୦ କୁଇଣ୍ଟାଲ ଧାନ ଆସୁଥିବା ଖବରପାଇ ଜିଲା ଯୋଗାଣ ବିଭାଗ ପକ୍ଷରୁ ଚଢାଉ କରାଯାଇଥିଲା। ଡବ୍ଲ୍ୟୁବି୩୩ଇ-



ପଶ୍ଚିମବଙ୍ଗରୁ ଆସୁଥିବା ଧାନ ଟ୍ରକ।

୮୨୯୪, ଡବ୍ଲ୍ୟୁବି୩ଏଫ-୧୮୩୮, ଡବ୍ଲ୍ୟୁବି୩ଇ-୮୮୩୮ ଟ୍ରକ ଜବତ କରାଯାଇଥିବା ବେଳେ କାଗଜପତ୍ର ଠିକ୍ ନ ଥିବା ଜଳେଶ୍ୱର ଯୋଗାଣ ଅଧିକାରୀ ଅବନ୍ତିକା ସାହୁ କହିଛନ୍ତି। ଏହି ଚଢାଉ ବେଳେ ବାଲେଶ୍ୱର ସିଏସ୍‌ଓ ନରସିଂହ ପଣ୍ଡା, ସଦର ଯୋଗାଣ ଅଧିକାରୀ ସୁଶାନ୍ତ ସାହୁ, ବସ୍ତା ଯୋଗାଣ ଅଧିକାରୀ ପ୍ରିୟବ୍ରତ ସାମନ୍ତରାୟଙ୍କ ସହିତ ଏନଫୋର୍ସମେଣ୍ଟ ଟିମ୍ ସାମିଲ ଥିଲେ।

# ଅଜଣା ଗାଡ଼ି ଧକ୍କାରେ ବୃଦ୍ଧଙ୍କ ମୃତ୍ୟୁ

ଯାଁଳା, ୨୯।୧ (ବୁଲା ବାରିକ)

ଇନ୍‌ଫୋଭ୍ୟାଲି ଥାନା ଅଧୀନ ଓଗାଳପଡ଼ା ଛକରେ ଗୁରୁବାର ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସ୍ଥାନୀୟ ଓଗାଳପଡ଼ା ଗ୍ରାମର ଉପେନ୍ଦ୍ର ବେହେରା। ସୂଚନା ମୁତାବକ, ସକାଳ ୬ଟାରେ ଉପେନ୍ଦ୍ର କୌଣସି କାମରେ ବଜାରକୁ ଯାଇଥିଲେ। ୧୬ନଂ. ଜାତୀୟ ରାଜପଥର ଓଗାଳପଡ଼ା କାଠଗୋଲା ସମ୍ମୁଖରେ ସେ ରାସ୍ତା ପାରି ହେଉଥିବା ବେଳେ ଭୁବନେଶ୍ୱର ପଟୁ ଖୋର୍ଦ୍ଧା ଅଭିମୁଖେ ଆସୁଥିବା ଏକ ଟ୍ରକ୍ ତାଙ୍କୁ ଧକ୍କା ଦେଇ ପଳାଇଥିଲା। ଫଳରେ ସେ ଡିଭାଇଡର ଉପରକୁ ଛିଟିକି ପଡ଼ିଥିଲେ। ତାଙ୍କ ମୁଣ୍ଡ, କାନରେ ଗଭୀର ଆଘାତ ଲାଗିଥିବା ବେଳେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା।

# ବିଲରୁ ଡେଲିଭରି ବଏଙ୍କ ମୃତଦେହ ଜବତ

ଭୁବନେଶ୍ୱର, ୨୯।୧ (ତ୍ରିନାଥ ମହାନ୍ତି)

- ବେକରେ ଗାମୁଛା ଲାଗି ଝୁଲୁଥିଲା ମୃତଦେହ
- ଦୁଇଦିନ ହେବ ନିଖୋଜ ନେଇ ଅଭିଯୋଗ ହୋଇଥିଲା

ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ପାଣ୍ଡରା ନିକଟ ବିଲ ମଝିରେ ଥିବା ଏକ ପାଚେରି କଡ଼ରୁ ସନ୍ଦେହଜନକ ଅବସ୍ଥାରେ ଜଣେ ଡେଲିଭରି ବଏଙ୍କ ମୃତଦେହ ଜବତ ହୋଇଛି। ବେକରେ ଗାମୁଛା ବନ୍ଧା ଅବସ୍ଥାରେ ମୃତଦେହ ଗଛରେ ଝୁଲୁଥିଲା। ମୃତଦେହ ପାଖରେ ଏକ ପାଣି ବୋତଲ ଓ ସାଇକେଲ ପଡ଼ିଥିଲା। ପୋଲିସ ଓ ସାଇଣ୍ଟିଫିକ ଟିମ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇ ତଦନ୍ତ ଚଳାଇଛି। ମୃତ ଯୁବକ ହେଲେ ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ମହାଦେବ ନଗରରେ ରହୁଥିବା ନୀଳାମ୍ବର ଭୋଇ। ଆତ୍ମହତ୍ୟା ବୋଲି ସନ୍ଦେହ କରାଯାଉଥିଲେ ମଧ୍ୟ ପାରିପାର୍ଶ୍ୱିକ ସ୍ଥିତିରୁ ହତ୍ୟା ପରେ ଏଠାରେ ମୃତଦେହକୁ ଝୁଲାଇ ଦିଆଯାଇଥିବା ଆଶଙ୍କା କରାଯାଉଛି। ଏଥିସହ ଜବତ ଗାମୁଛା ମଧ୍ୟ ସନ୍ଦେହ ଘେରକୁ ଆସିଛି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି।

ନୀଳାମ୍ବର ଦୁଇବର୍ଷ ହେବ ମହାଦେବ ନଗରରେ ରହି ଏକ ଅନ୍‌ଲାଇନ ସଂସ୍ଥାରେ ଡେଲିଭରି ବଏ ଭାବେ କାର୍ଯ୍ୟ କରୁଥିଲେ। ୨ ଦିନ ତଳେ ସେ ଘରକୁ ନ ଫେରିବାରୁ ପରିବାର ଲୋକେ ଲକ୍ଷ୍ମୀସାଗର ଥାନାରେ ନିଖୋଜ ନେଇ ଏତଲା ଦେଇଥିଲେ। ପୋଲିସ ଏକ ମିସିଂ ରିପୋର୍ଟ କରି ଛାନ୍‌ଭିନ୍ ଚଳାଇଥିଲା। ଗୁରୁବାର ସକାଳେ ନୀଳାମ୍ବରଙ୍କ ଫୋନ୍ ନମ୍ବରର ଶେଷ ଲୋକେସନ ପାଣ୍ଡରାସ୍ଥିତ ଏକ ବିଲରେ ଦେଖାଇଥିଲା। ପୋଲିସ ସେଠାକୁ ଯାଇ ଯାଞ୍ଚ କରିବାବେଳେ ନୀଳାମ୍ବରଙ୍କ ଝୁଲନ୍ତା ମୃତଦେହ ଠାବ କରିଥିଲା। ପରିବାର ପକ୍ଷରୁ ହୋଇଥିବା ଅଭିଯୋଗ ଓ ପୋଲିସର ସୂଚନାନୁସାରେ, ମଙ୍ଗଳବାର ଖାଦ୍ୟ ଅର୍ଡର ଧରି ଗ୍ରାହକଙ୍କ ପାଖରେ ପହଞ୍ଚାଇବାକୁ ବାହାରିଥିଲେ ନୀଳାମ୍ବର। ହେଲେ ଠିକ୍ ସମୟରେ ଖାଦ୍ୟ ନ ପହଞ୍ଚିବାରୁ କମ୍ପାନୀ ଓ ଗ୍ରାହକଙ୍କ ପକ୍ଷରୁ ତାଙ୍କ ମୋବାଇଲ ଫୋନକୁ ବାରମ୍ବାର କଲ୍ କରାଯାଇଥିଲେ ମଧ୍ୟ ସେ ଉଠାଇ ନ ଥିଲେ। ଅଧା ରାସ୍ତାରୁ ହଠାତ୍ ନିଖୋଜ ହେବା ନେଇ ସନ୍ଦେହ କରୁଛନ୍ତି ପରିବାର ଲୋକେ। ତାଙ୍କୁ ଅପହରଣ ପରେ ହତ୍ୟା କରାଯାଇ ଆତ୍ମହତ୍ୟା ରୂପ ଦିଆଯାଇଥିବା ନେଇ ଅଭିଯୋଗ କରିଛନ୍ତି। ପୋଲିସ ନିରପେକ୍ଷ ତଦନ୍ତ କଲେ ସତ ପଦାକୁ ଆସିବ ବୋଲି ପରିବାର ଲୋକେ କହିଛନ୍ତି। ପୋଲିସ ଅଭିଯୋଗ ପାଇ ତୁରନ୍ତ ଖୋଜାଖୋଜି କରିଥିଲେ ନୀଳାମ୍ବରଙ୍କର ଏଭଳି ଅବସ୍ଥା ହୋଇ ନ ଥାନ୍ତା ବୋଲି ପରିବାର ଲୋକେ କହିଛନ୍ତି।

# ଶୀତ ହେଲା ବୋଲି ବସ୍ତା ଭିତରେ ଶୋଇପଡ଼ିଲେ ଯୁବକ

ଭୁବନେଶ୍ୱର, ୨୯।୧ (ତ୍ରିନାଥ ମହାନ୍ତି)

**ମୃତଦେହ ଭାବି ପୋଲିସକୁ ଫୋନ୍ କଲେ ସ୍ଥାନୀୟ ଲୋକେ**

ଚନ୍ଦ୍ରଶେଖରପୁର ବୁଦ୍ଧ ପାର୍କ ନିକଟରେ ବସ୍ତା ଭିତରେ ଜଣେ ଲୋକଙ୍କ ମୃତଦେହ ପଡ଼ିଥିବା ଖବର ଚାରିଆଡେ ପ୍ରଚାର ହୋଇଯାଇଥିଲା। ଥାନା ଅଧିକାରୀଙ୍କ ଠାରୁ ଆରମ୍ଭ କରି ଅନ୍ୟ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ଯାଞ୍ଚ କରିବା ପରେ ବସ୍ତା ଭିତରେ ପଶିଥିବା ବ୍ୟକ୍ତି ମୃତ ନୁହେଁ ବରଂ ଜୀବିତ ବୋଲି ଜଣାପଡ଼ିଥିଲା। ଶୀତ ହେଉଥିବାରୁ ସେ ବସ୍ତା ଭିତରେ ପଶି ଶୋଇ ପଡ଼ିଥିଲେ। ହେଲେ ତାଙ୍କର ଏହି ଶୋଇବା ପୋଲିସ ପାଇଁ ଟେନ୍‌ସନର କାରଣ ପାଲଟିଥିଲା।

ଗୁରୁବାର ସକାଳୁ ବସ୍ତା ଭିତରେ ଜଣେ ଲୋକ ଥିବା ସ୍ଥାନୀୟ ଲୋକମାନେ ଦେଖିବାକୁ ପାଇଥିଲେ। ସେମାନେ ଏହାକୁ ପ୍ରଥମେ ଏକ ମୃତଦେହ ବୋଲି ଭାବିଥିଲେ। କିଏ ମାରି ଫିଙ୍ଗି ଦେଇଥିବା ଭାବି ପୋଲିସକୁ ଖବର ଦେଇଥିଲେ। ହେଲେ ପୋଲିସ ଆସିବା ପରେ ଜଣେ ଯୁବକ ବସ୍ତା ଭିତରେ ପଶି ଶୋଇଥିବା ଜଣାପଡ଼ିଥିଲା। ଉକ୍ତ ଯୁବକ ଜଣକ ନୀଳାଦ୍ରୀ ବିହାରରେ ରହୁଥିବା ଜଣାପଡ଼ିଛି। ଶୀତ ଲାଗିବାରୁ ବସ୍ତା ଭିତରେ ପଶି ଏଭଳି ରାସ୍ତା କଡରେ ଶୋଇପଡିଥିବା କହିଛନ୍ତି। ଏଭଳି ଘଟଣା ପରେ ସେଠାରେ ପ୍ରବଳ ଲୋକଙ୍କ ଭିଡ ଜମିଥିଲା।

# ଓୟୁଏଟିରେ ଆଖୁ ଚାଷ ଉପରେ ମାନସ ମନ୍ଥନ

ଭୁବନେଶ୍ୱର, ୨୯।୧ (ସୁଚିସ୍ମିତା ସାହୁ)

ନୟାଗଡ ଜିଲାର ଏଆଇସିଆର୍‌ପି ଆଖୁ ଗବେଷଣା କେନ୍ଦ୍ର ପକ୍ଷରୁ ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ(ଓୟୁଏଟି)ରେ ଆଖୁ ଉପରେ ୩ ଦିନିଆ ପଞ୍ଚବାର୍ଷିକ ସମୀକ୍ଷା ବୈଠକ ଗୁରୁବାରଠାରୁ ଅନୁଷ୍ଠିତ ହୋଇଯାଇଛି। ୨୦୨୧ରୁ ୨୦୨୫ ମସିହା ପର୍ଯ୍ୟନ୍ତ ବିଶ୍ୱବିଦ୍ୟାଳୟ ଅଧୀନରେ ଆଖୁ ଚାଷ ଉପରେ ରାଜ୍ୟରେ ହୋଇଥିବା ବିଭିନ୍ନ ଗବେଷଣା, ଫଳାଫଳ ଓ ସମସ୍ୟା ବାବଦରେ ବୈଠକରେ ବିସ୍ତୃତ ଭାବେ ମାନସ ମନ୍ଥନ ହୋଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ବୈଠକକୁ ସମ୍ବୋଧିତ କରି ଆଖୁ ଚାଷର ଭବିଷ୍ୟତ ଉପରେ ଆଲୋକପାତ କରିଥିଲେ। ପୂର୍ବରୁ ଲୋକଲୋଚନକୁ ଆସିପାରୁ ନ ଥିବା ଆଖୁ ବର୍ତ୍ତମାନ ସୁସ୍ଥ ସ୍ୱାସ୍ଥ୍ୟ ପାଇଁ ହିତକାରୀ ହେଉଥିବାରୁ ଏହା ଆଗାମୀ ଦିନରେ ଚାଷୀଙ୍କୁ ଅନେକ ଲାଭ ପ୍ରଦାନ କରିବ। ଆଖୁ ଚାଷ ପାଇଁ ଜଳବାୟୁ ସୁହାଉଥିବା ସ୍ଥାନରେ ଅଧିକରୁ ଅଧିକ ଚାଷ କରିବା ପାଇଁ କୁଳପତି ଉପଦେଶ ଦେଇଛନ୍ତି। ସେହିପରି କ୍ୟୁଆର୍‌ଟି ଅଧ୍ୟକ୍ଷ ଡ. ଏସ. ସୋଲୋମନ ଯୋଗଦେଇ ଆଖୁ ଚାଷର ସକାରାତ୍ମକ ଦିଗ ଉପରେ ଆଲୋଚନା କରିଥିଲେ। ବିଶ୍ୱବିଦ୍ୟାଳୟର ଗବେଷଣା ଅଧ୍ୟକ୍ଷ ପ୍ରଫେସର ନିରଞ୍ଜନ ପଣ୍ଡା ସ୍ୱାଗତ ଭାଷଣ ଦେଇଥିବା ବେଳେ ଡ. ସୁଜାତା ଦାସ ଧନ୍ୟବାଦ ଦେଇଥିଲେ। ଆଇସିଏଆର୍-ଆଇଏସଆରଆଇ ଲକ୍ଷ୍ନୌର ପ୍ରୋଜେକ୍ଟ କୋଅର୍ଡିନେଟର ଓ ନିର୍ଦ୍ଦେଶକ (କାର୍ଯ୍ୟବାହକ) ଡ. ଡି. ସିଂହ ବିବରଣୀ ପ୍ରଦାନ କରିଥିଲେ।




ଏନଏମ୍‌ଆଇଇଟି ପକ୍ଷରୁ ଛାତ୍ରୀଛାତ୍ରମାନେ ଏଜି ଛକରେ ସଡ଼କ ସୁରକ୍ଷା ନେଇ ଲୋକଙ୍କୁ ସଚେତନ କରିବା ସହ ହେଲ୍‌ମେଟ୍ ବଣ୍ଟନ କରୁଛନ୍ତି।

# ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷଙ୍କ ଦକ୍ଷତା ବିକାଶ କର୍ମଶାଳା

ଭୁବନେଶ୍ୱର, ୨୯।୧ (ସୁଚିସ୍ମିତା ସାହୁ)

ସରକାରୀ ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷଙ୍କ ଦକ୍ଷତା ବିକାଶ କର୍ମଶାଳା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟର ୨୩୦ଟି ସରାକରୀ ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷମାନେ ଏଥିରେ ଯୋଗଦେଇଥିଲେ। କର୍ମଶାଳାରେ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶିକା ନିୟତି ପଟ୍ଟନାୟକ ଯୋଗଦେଇ କହିଲେ, ଜାତୀୟ ଶିକ୍ଷା ନୀତି ୨୦୨୦ରେ ଧନ୍ଦାମୂଳକ ଶିକ୍ଷାକୁ ଗୁରୁତ୍ୱ ଦିଆଯାଇଛି। ଏହି କର୍ମଶାଳା ଧନ୍ଦାମୂଳକ ଶିକ୍ଷାର ଅଧ୍ୟକ୍ଷମାନଙ୍କୁ ସଶକ୍ତ କରିବା ସହ ପରସ୍ପର ମଧ୍ୟରେ ସମନ୍ୱୟକୁ ସୁଦୃଢ଼ କରିବ ବୋଲି ସେ କହିଛନ୍ତି। ଯୁଗ୍ମ ନିର୍ଦ୍ଦେଶିକା ବିନୀତା ସେନାପତି କହିଲେ, ଧନ୍ଦାମୂଳକ ଶିକ୍ଷା ଛାତ୍ରୀଛାତ୍ରଙ୍କୁ ଆତ୍ମନିର୍ଭରଶୀଳ କରିବ। ଛାତ୍ରୀଛାତ୍ରଙ୍କର ଯେଉଁ କ୍ଷେତ୍ର ପ୍ରତି ଆଗ୍ରହ ସେହି କ୍ଷେତ୍ରରେ ସେମାନଙ୍କୁ ଅଧିକ ପ୍ରେରିତ କରିବା ନିମନ୍ତେ ଅଧ୍ୟକ୍ଷମାନଙ୍କୁ ସେ ପରାମର୍ଶ ଦେଇଥିଲେ। ରାଜଧାନୀ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ସରୋଜକାନ୍ତ ଚୌଧୁରୀ କହିଲେ, ଧନ୍ଦାମୂଳକ ଶିକ୍ଷାକୁ ଛାତ୍ରୀଛାତ୍ରଙ୍କ ନିକଟରେ ପହଞ୍ଚାଇବାକୁ ହେଲେ ଶିକ୍ଷାନୁଷ୍ଠାନକୁ ସୁଦୃଢ଼ କରିବାର ଆବଶ୍ୟକତା ରହିଛି। ଧନ୍ଦାମୂଳକ ଶିକ୍ଷାକୁ ପ୍ରାଧାନ୍ୟ ଦେଇ ଛାତ୍ରୀଛାତ୍ରଙ୍କୁ ଆତ୍ମନିର୍ଭରଶୀଳ କରିପାରିଲେ ହିଁ ବିକଶିତ ଭାରତର ଲକ୍ଷ୍ୟ ହାସଲ କରିପାରିବା ବୋଲି ସେ ମତ ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକ ସସ୍ମିତା ମାଳି ମଞ୍ଚ ପରିଚାଳନା କରିଥିବା ଓ ଉପନିର୍ଦ୍ଦେଶକ ଜିତେନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଭୁବନେଶ୍ୱର ଆଞ୍ଚଳିକ ନିର୍ଦ୍ଦେଶକ ସୁସ୍ମିତା ସାହୁ, ସମ୍ବଲପୁର ଆଞ୍ଚଳିକ ନିର୍ଦ୍ଦେଶକ ପବିତ୍ର ମୋହନ ସାହୁ, ବ୍ରହ୍ମପୁର ଆଞ୍ଚଳିକ ନିର୍ଦ୍ଦେଶକ ଜଗନ୍ନାଥ ଧାରୁଆ, ଯୁଗ୍ମନିର୍ଦ୍ଦେଶକ ସ୍ନିଗ୍ଧା ମିଶ୍ର, ଉପନିର୍ଦ୍ଦେଶକ ସି.ଏଚ୍. ବିଜୟଲକ୍ଷ୍ମୀ ପ୍ରମୁଖ ଉପସ୍ଥିତ ଥିଲେ।

# ଓଲଟିଲା ଅଟୋ, ୪ ଅଙ୍ଗନୱାଡି କର୍ମୀ ଆହତ

ବାଲିପାଟଣା, ୨୯।୧ (ଅଭିମନ୍ୟୁ ନାୟକ)

ବାଲିପାଟଣା ଥାନା ଅଧୀନ ମହାବୀରପୁବାଗଡ଼ ରାସ୍ତାରେ ଗୁରୁବାର ସକାଳେ କାର୍‌କୁ ଓଭରଟେକ୍ କରିବା ବେଳେ ଏକ ଅଟୋ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଫଳରେ ଏଥିରେ ଥିବା ୪ଜଣ ଅଙ୍ଗନୱାଡି କର୍ମୀ ଆହତ ହୋଇଛନ୍ତି। ଆହତମାନେ ହେଲେ ଭଅଁରାଗଡ଼ ଅଙ୍ଗନୱାଡି କେନ୍ଦ୍ରର କବିତା ପାତ୍ର, ନରିଶୋ ଅଙ୍ଗନୱାଡି କେନ୍ଦ୍ରର ରିଙ୍କି ବେହେରା ଓ ବିନୋଦିନୀ ଷଡ଼ଙ୍ଗୀ ଏବଂ ଖଜୁରିଆପଡା ଅଙ୍ଗନୱାଡି କେନ୍ଦ୍ରର ମମତା ସାହୁ। ତେବେ କର୍ମୀ ରିଙ୍କିଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ସୂଚନା ମୁତାବକ, ତୁରିନ୍ତିରାସ୍ଥିତ କଲ୍ୟାଣ ମଣ୍ଡପରେ ବ୍ଲକସ୍ତରୀୟ ପ୍ରୋଜେକ୍ଟ ବୈଠକ ହୋଇଥିଲା। ଏହି ବୈଠକରେ ବାଲିପାଟଣା ବ୍ଲକ ଅନ୍ତର୍ଗତ ୧୫୪ଟି ଅଙ୍ଗନୱାଡି କେନ୍ଦ୍ରର କର୍ମୀମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଥିଲା। ତେବେ ଏକ ଅଟୋରେ ୫ଜଣ ଅଙ୍ଗନୱାଡି କର୍ମୀ ଯାତ୍ରା କରୁଥିଲେ। ମହାବୀରରୁ ପୁବାଗଡ଼ ପଟକୁ ଯାଉଥିବା ସମୟରେ ଅଟୋଟି ଏକ କାର୍‌କୁ ଓଭରଟେକ କରିବାକୁ ଯାଇ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଫଳରେ ଅଟୋ ଭିତରେ ଥିବା ଉପରୋକ୍ତ କର୍ମୀମାନେ ଚାପି ହୋଇ ଆହତ ହୋଇଥିଲେ। ଆହତମାନଙ୍କୁ ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଖବରପାଇ ବାଲିପାଟଣା ସିଡିପିଓ ରୁନୁବାଳା ସାହୁ ଏବଂ କେତେଜଣ ଅଙ୍ଗନୱାଡି କର୍ମୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଆହତମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ରିଙ୍କିଙ୍କୁ କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର କରାଯାଇଥିବା ବେଳେ ଅନ୍ୟ ଆହତ କର୍ମୀମାନେ ପ୍ରାଥମିକ ଚିକିତ୍ସା ପରେ ଘରକୁ ଫେରିଥିବା ଜଣାପଡ଼ିଛି।

# ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ବାର୍ଷିକ କ୍ରୀଡ଼ା

ଭୁବନେଶ୍ୱର, ୨୯।୧ (ବନ୍ଦନା ସେଠୀ)

ସତ୍ୟନଗରସ୍ଥିତ ବିବେକାନନ୍ଦ ଶିକ୍ଷା କେନ୍ଦ୍ରରେ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାକୁ ଆକାଶ ନାୟକ ଉଦ୍‌ଘାଟନ କରିଥିଲେ। ଏହି ପ୍ରତିଯୋଗିତାରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରି ନିଜ କ୍ରୀଡା ପ୍ରତିଭା ପ୍ରଦର୍ଶନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ସୁକାନ୍ତ ପ୍ରଧାନ ଓ ସହ ଶିକ୍ଷୟିତ୍ରୀମାନେ କ୍ରୀଡା ଉତ୍ସବକୁ ପରିଚାଳନା କରିଥିଲେ। ନିଜ ଭିତରେ ଥିବା ପ୍ରତିଭା ପ୍ରଦର୍ଶନ କରିବାରେ କ୍ରୀଡା ଏକ ପ୍ରମୁଖ ଭୂମିକା ଗ୍ରହଣ କରେ ବୋଲି ପ୍ରଧାନ ଆଚାର୍ଯ୍ୟ କହିଥିଲେ। ବିଭିନ୍ନ ଖେଳରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବ ବୋଲି ସୂଚନା ଦିଆଯାଇଛି।

# 'ଭାବର ଠାକୁର ଶ୍ରୀଜଗନ୍ନାଥ'

ଭୁବନେଶ୍ୱର, ୨୯।୧ (ସୌମ୍ୟରଞ୍ଜନ ରାଉତ)

ଶ୍ରୀଜଗନ୍ନାଥ କେବଳ ଭାବଗ୍ରାହୀ ନୁହନ୍ତି ସେ ଭାବଦାତା। ମଣିଷ କ୍ଷେତଭର୍ତ୍ତି ଅମଳ କରି ଗୋଦାମ ଭର୍ତ୍ତି କରି ନେଇପାରେ। ମହଣ ମହଣ ସୁନା ରୁପା ଠୁଳ କରିପାରେ। ହେଲେ ଭାବର ତୁଳସୀ ଚାରାଟିଏ ନିଜ ମନ ଅଗଣାରେ ପୋତି ପାରେନାହିଁ, ଯଦି ପ୍ରଭୁଙ୍କ ପାଖେ ସମର୍ପିତ ନ ଥାଏ। ଶ୍ରୀଜଗନ୍ନାଥ ହେଉଛନ୍ତି ଭାବର ଠାକୁର। ସେ ଯେମିତି ଭାବର ଚୁମ୍ବକୀୟ ଶକ୍ତିରେ ଭକ୍ତଙ୍କୁ ଆକର୍ଷିତ କରି ପାରନ୍ତି, ସେମିତି ଭକ୍ତଙ୍କ ଭାବର ବନ୍ଧା ପଡ଼ିଯାଆନ୍ତି। ସେ ସର୍ବରହସ୍ୟମୟ ଠାକୁର ବୋଲି ଗୁରୁବାର ମୁକ୍ତ ଚିନ୍ତନ ମଞ୍ଚ ଓ ଭାରତୀୟ ବିଦ୍ୟାଭବନର ମିଳିତ ଆନୁକୂଲ୍ୟରେ ୨୧୨ତମ ଆଲୋଚନାଚକ୍ର 'ଭାବର ଠାକୁର ଶ୍ରୀଜଗନ୍ନାଥ' ଶୀର୍ଷକ ଉପରେ ଆଲୋଚନାବେଳେ ମୁଖ୍ୟଅତିଥି ମନୋଜ କୁମାର ମହାପାତ୍ର ଏହା କହିଛନ୍ତି। ମଞ୍ଚ ସଭାପତି ଡା. ଅଶୋକ କୁମାର ମହାପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଆଲୋଚନାଚକ୍ରରେ ଶ୍ରୀଜଗନ୍ନାଥଙ୍କ ଉପରେ ଆଧାରିତ ବନଜ ଦେବୀଙ୍କ ଭାବପୂର୍ଣ୍ଣ ଗଦ୍ୟପୁସ୍ତକ 'ମଣିମା ଶୁଣିମା ହେଉ' ଓ ଚିତ୍ରଶିଳ୍ପୀ ବଳଦେବ ମହାରଥାଙ୍କ ଚିତ୍ର ଓ ଗଦ୍ୟର ପୁସ୍ତକ 'ମଧୁରମ ମଧୁରାଧିପତି' ପୁସ୍ତକ ଲୋକାର୍ପିତ ହୋଇଥିଲା। ମୁଖ୍ୟବକ୍ତା ଭାବେ ଅସିତ୍ ମହାନ୍ତି ୨ଟି ପୁସ୍ତକର ସମୀକ୍ଷା କରି କହିଲେ, ଦୁଇଟି ଯାକ ପୁସ୍ତକ ଭାବ ଉପରେ ଆଧାରିତ ହୋଇଥିବାରୁ ଜ୍ଞାନବର୍ଦ୍ଧକ ହୋଇ ମଧ୍ୟ ହୃଦୟକୁ ଛୁଇଁପାରିଛି। କାରଣ ଭାବ ହିଁ ହୃଦୟ ରସ, ଜୀବନରସ, ଭାବ ହିଁ ଆଲୋକ, ଭାବ ହିଁ ଶକ୍ତି। ତେଣୁ ୨ଟି ପୁସ୍ତକ ଶ୍ରୀଜଗନ୍ନାଥ ସାହିତ୍ୟକୁ ଦୁଇଟି ଅମୂଲ୍ୟ ଉପହାର ବୋଲି ମତବ୍ୟକ୍ତ କରିଥିଲେ। ମଞ୍ଚର ସମ୍ପାଦକ ପୀତବାସ ରାଉତରାୟ ସ୍ୱାଗତ ଭାଷଣ ଦେଇ ସଭା ପରିଚାଳନା କରିଥିଲେ। ଆବାହକ ରମାକାନ୍ତ ମିଶ୍ର ଧନ୍ୟବାଦ ଦେଇଥିଲେ।

# ଗାଡ଼କଣ ବରିଷ୍ଠ ନାଗରିକ କମିଟିର ବାର୍ଷିକୋତ୍ସବ

ଭୁବନେଶ୍ୱର, ୨୯।୧ (ସୌମ୍ୟରଞ୍ଜନ ରାଉତ)

ଗାଡ଼କଣ ବରିଷ୍ଠ ନାଗରିକ କମିଟିର ଦ୍ୱିତୀୟ ବାର୍ଷିକ ଉତ୍ସବ ଗୁରୁବାର ଗାଡ଼କଣସ୍ଥିତ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଉତ୍ତର ଭୁବନେଶ୍ୱର ବିଧାୟକ ସୁଶାନ୍ତ ରାଉତ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, କଂଗ୍ରେସ ମୁଖପାତ୍ର କୃଷ୍ଣଚନ୍ଦ୍ର ପତି, ରାଜ୍ୟ ବରିଷ୍ଠ ନାଗରିକ କମିଟି ସଭାପତି ମଧୁ ମାଧବ ଜେନା, ଗାଡ଼କଣ ଗ୍ରାମ ସଭାପତି ପ୍ରସନ୍ନ ପାତ୍ର, ଗ୍ରାମ କମିଟି ସମ୍ପାଦକ ତଥା କର୍ପୋରେଟରଙ୍କ ପ୍ରତିନିଧି ସବ୍ୟସାଚୀ ସାହୁ ପ୍ରମୁଖ ଯୋଗଦେଇଥିଲେ।

ଏହି ଅବସରରେ ଅତିଥିମାନେ ଗାଡ଼କଣ ଅଞ୍ଚଳରେ ଭୂତଳ ଜଳସ୍ତର ଧୀରେ ଧୀରେ କମୁଛି, ଯାହାକି ଆଗାମୀ ଦିନ ପାଇଁ ଚିନ୍ତାଜନକ। ଭୂତଳ ଜଳକୁ କିଭଳି ଭାବେ ସୁରକ୍ଷା ଦିଆଯାଇପାରିବ ସେଥିପ୍ରତି ଆମେ ସମସ୍ତେ ଯତ୍ନବାନ ହେବା ଜରୁରୀ। ଏଥିସହ ଗ୍ରାମ ପ୍ରାଥମିକ ବିଦ୍ୟାଳୟରେ ଛାତ ପଡିବ, ବରିଷ୍ଠ ନାଗରିକଙ୍କ ଅଫିସ ଗୃହ ନିର୍ମାଣ, ଗ୍ରାମରେ ଏକ ମହାବିଦ୍ୟାଳୟ ଖୋଲିବା, ବରିଷ୍ଠ ନାଗରିକ କିଭଳି ଭଲରେ ରହିବେ ସେନେଇ ବ୍ୟବସ୍ଥା କରିବା ବିଷୟରେ ମତପ୍ରକାଶ କରିଥିଲେ। ଗ୍ରାମ କମିଟି ସଭାପତି ପାତ୍ର ବରିଷ୍ଠ ନାଗରିକଙ୍କ ପାଇଁ ୧ ଲକ୍ଷ ଟଙ୍କାର ଅନୁଦାନ ଘୋଷଣା ସହ ଗ୍ରାମର ପୋଖରୀଗୁଡ଼ିକର ପୁନଃରୁଦ୍ଧାର ଉପରେ ଗୁରୁତ୍ୱାରୋପ କରିଥିଲେ। ଗ୍ରାମ କମିଟି ସମ୍ପାଦକ ସାହୁ କହିଲେ କର୍ପୋରେଟରଙ୍କ ଜରିଆରେ ବରିଷ୍ଠ ନାଗରିକ ଗୃହ ନିର୍ମାଣ ପାଇଁ ୪୫ ଲକ୍ଷ ଟଙ୍କାର ପ୍ରସ୍ତାବ ବିଏମ୍‌ସିକୁ ଦିଆଯାଇଛି। ଗ୍ରାମର ଯେଉଁ ସବୁ କାମ ରହିଯାଇଛି ତାହା ଖୁବଶୀଘ୍ର କରାଯିବ ବୋଲି କହିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନାଗରିକ କମିଟି ଉପସଭାପତି ରସାନନ୍ଦ ସାହୁ, ସମ୍ପାଦକ କିଶୋର ସାହୁ, ସହ-ସମ୍ପାଦକ ବିଚିତ୍ର ପରି କୋଷାଧ୍ୟକ୍ଷ ଘନଶ୍ୟାମ ବେହେରା, ନେତ୍ରାନନ୍ଦ ସାହୁ, ସୁଶାନ୍ତ ନନ୍ଦ, ବେଣୁଧର ସାହୁ, ମୋହନୀ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବରିଷ୍ଠ ନାଗରିକ ଉପଦେଷ୍ଟା ମଣ୍ଡଳୀ ଧୀରେନ୍ଦ୍ର ପତି, ନରେନ୍ଦ୍ର ଦାଶ, ସାନାତନ ପାତ୍ର, ବିହାରୀବନ୍ଧୁ ସାହୁଙ୍କୁ ସମ୍ମାନିତ କରାଯାଇଥିଲା। ବରିଷ୍ଠ ନାଗରିକ କମିଟି ସଭାପତି ସୁର ପାତ୍ର ସଭା ପରିଚାଳନା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ।


**यूनियन बैंक ऑफ़ इंडिया Union Bank of India**

**କ୍ଷେତ୍ରୀୟ କାର୍ଯ୍ୟାଳୟ: କଟକ**
୧ମ ମହଲା, କେ କେ ଭଓ୍ୱାସିଙ୍କ କମ୍ପାଉଣ୍ଡ, ଶ୍ରୀଜି କମ୍ପ୍ଲେକ୍ସ, ମାଛୁଆ ବଜାର, କ୍ୟାଣ୍ଟନ୍‌ମେଣ୍ଟ ରୋଡ଼, କଟକ-୭୫୩୦୦୧

**ସୁନା ନିଲାମ ବିଜ୍ଞପ୍ତି**

ଏତଦ୍ଦ୍ୱାରା ନିମ୍ନଲିଖିତ ବ୍ୟକ୍ତିମାନଙ୍କୁ ଅବଗତ କରାଇଦିଆଯାଉଛି କି, ସେମାନେ ସେମାନଙ୍କର ଋଣ ଆକାଉଣ୍ଟର ବକେୟା ପରିଶୋଧ କରିବାରେ ଖିଲାପ କରିଛନ୍ତି। ତେଣୁ ସେମାନଙ୍କୁ ଅନୁରୋଧ କରାଯାଉଛି କି ସେମାନେ **ନିଲାମ** ପୂର୍ବରୁ ସେମାନଙ୍କର ବକେୟା ଦେୟ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ପ୍ରଦାନ କରି ସ୍ୱର୍ଣ୍ଣ ଅଳଙ୍କାରଗୁଡ଼ିକୁ ବନ୍ଧକମୁକ୍ତ କରନ୍ତୁ ଅନ୍ୟଥା **ଆମର ସମ୍ପୃକ୍ତ ଶାଖା ପରିସରରେ ତା.୩୧.୦୧.୨୦୨୬ରିଖ ଅପରାହ୍ନ ୧.୦୦ ଘଟିକା ସମୟରେ** କିମ୍ବା ପରେ ଅନ୍ୟ ସୁବିଧାଜନକ ତାରିଖରେ କୌଣସି ପରବର୍ତ୍ତୀ ନୋଟିସ୍ ନଦେଇ ବ୍ୟାଙ୍କର ସ୍ୱତନ୍ତ୍ର କ୍ଷମତା ବଳରେ ସେମାନଙ୍କର ବନ୍ଧକଥିବା ସୁନା ଅଳଙ୍କାରଗୁଡ଼ିକୁ ନିଲାମ କରାଯିବ।

| କ୍ର. ନଂ. | ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା / ଋଣ ନଂ | ଋଣ ତାରିଖ |
|---|---|---|
| | **ଚାଇଁପାଳ ଶାଖା** | |
| ୧. | ହେମନ୍ତ ବେହେରା, ଜଗନ୍ନାଥପୁର, ଚାଇଁପାଳ, ଜିଲ୍ଲା: ଅନୁଗୁଳ / ୦୭୮୦୧୬୫୩୦୦୦୦୨୩୧ | ୨୧.୧୦.୨୦୨୩ |
| ୨. | ହେମନ୍ତ ବେହେରା, ଜଗନ୍ନାଥପୁର, ଚାଇଁପାଳ, ଜିଲ୍ଲା: ଅନୁଗୁଳ / ୦୭୮୦୧୬୫୪୦୦୦୦୦୪୦ | ୨୯.୦୭.୨୦୨୨ |
| ୩. | ହେମନ୍ତ ବେହେରା, ଜଗନ୍ନାଥପୁର, ଚାଇଁପାଳ, ଜିଲ୍ଲା: ଅନୁଗୁଳ / ୦୭୮୦୧୬୫୪୦୦୦୦୦୪୧ | ୩୦.୦୭.୨୦୨୨ |
| ୪. | ଚାରୁ ନାଏକ, ଜଗନ୍ନାଥପୁର, ଚାଇଁପାଳ, ଜିଲ୍ଲା: ଅନୁଗୁଳ / ୦୭୮୦୧୬୫୪୦୦୦୦୨୯୯ | ୦୫.୦୪.୨୦୨୪ |
| | **ଶର୍ମା ଛକ ତାଳଚେର ଶାଖା** | |
| ୧. | ଜରିନା ବିବି, ୱାର୍ଡ ନଂ.: ୧୭, ଦେଉଳବେଡା, ତାଳଚେର, ଜିଲ୍ଲା: ଅନୁଗୁଳ, ଓଡ଼ିଶା - ୭୫୯୧୦୨ / ୧୯୯୪୨୬୬୩୦୦୦୦୦୭୬ | ୩୧.୧୨.୨୦୨୪ |
| | **ବଡହାଟ କେନ୍ଦ୍ରାପଡା ଶାଖା** | |
| ୧. | ପ୍ରେମାନନ୍ଦ ସାହୁ, ବାଲିଆ, ବିଭୂତିପଡା, ଜିଲ୍ଲା: କେନ୍ଦ୍ରାପଡା / ୧୪୦୭୧୬୬୩୦୦୦୦୦୮୭ | ୨୪.୦୨.୨୦୨୫ |
| ୨. | ସ୍ମୃତି ରଞ୍ଜନ ମହାନ୍ତି, ବାଲିସୁଆଁ, ଜିଲ୍ଲା:କେନ୍ଦ୍ରାପଡା / ୧୪୦୭୧୬୫୪୦୦୦୨୨୩୯ | ୩୧.୦୫.୨୦୨୫ |

ଦ୍ରଷ୍ଟବ୍ୟ: ବକେୟା ଦେୟ ମଧ୍ୟରେ ସୁନା ଋଣ ସହିତ ଅନ୍ୟ ଋଣ / ଋଣ ସୁବିଧା ଅଧିନରେ ଥିବା ପକ୍ଷଙ୍କର ସମସ୍ତ ବକେୟା ଦେୟ ଅନ୍ତର୍ଭୁକ୍ତ ହେବା ଆବଶ୍ୟକ।

ସ୍ଥାନ: କଟକ
ତାରିଖ: ୨୯.୦୧.୨୦୨୬

ଶାଖା ପ୍ରବନ୍ଧକ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ



**Summon for settlement of issues**
**(Order 5, Rule 20 CPC)**
**In the Court of Senior Civil Judge, Rourkela**
**C.S. No. 175 of 2018**

**Odisha Grameen Bank** .....Plaintiff
Versus
**Gobind Charan Barik & others** .....Defendants

To,
1. **Sri Gobind Charan Barik,** aged about 47 years, son of Sridhar Barik, Occupation- Working in NIT (National Institute of Technology), Rourkela as Attendant, bearing Employee Code-599750, PAN- AIUPB0660K, at present resident Qr. No.- G-63, NIT Campus, Rourkela-769008, P.S- Sector-3, District-Sundargarh, Odisha, Permanent resident At Village- Resho, P.O-Gunthi, Via- Alva, PIN-754217, District- Kendrapara, Odisha.

Whereas, Utkal Grameen Bank now Odisha Grameen Bank, Koelnagar Branch, Koelnagar, Rourkela-14, has instituted a suit against you for **Rs.2,32,098.00** (Rupees Two Lakh Thirty Two Thousand Ninety Eight) only. You are hereby summoned to appear in this Court in the person, or by a pleader duly instructed and able to answer all material questions relating to the suit, or who shall be accompanied by some person able to answer all such questions, on the **06th day of April, 2026** at **7:30 AM** in the forenoon, to answer the claims [and further you hereby directed to file on that day a written statement of your defence and to produce on the said day all documents in your possession or power upon which you base your defence or claim for set off or counter-claim, and where you rely on any other document whether in your possession or power or not, as evidence in support of your defence or claim for set-off or counter-claim, you shall enter such documents in a list to be annexed to the written statement].

Take notice, that, in default of your appearance on the day before mentioned, the suit will be heard and determined in your absence.

Given under my hand and the seal of the Court, this **05th day of January of 2026.**

Sd/-
**Senior Civil Judge, Rourkela**



**Summon for settlement of issues**
**(Order 5, Rule 20 CPC)**
**In the Court of Senior Civil Judge, Rourkela**
**C.S. No. 265 of 2017**

**Odisha Grameen Bank** .....Plaintiff
Versus
**Budhadev Sethi & others** .....Defendants

To,
1. **Budhadev Sethi,** aged about 40 years, son of Rashananda Sethi, Prop.:- M/s Sigma Electrical, Resident of near Tarini Mandir, Shakti Nagar, Rourkela-769042, P.S- Jhirpani, District- Sundargarh, Occupation: Business, PAN-BHHPS7609Q.
2. **Shri Dharani Das,** aged about 42 years, son of Madan Das, Prop.:- M/s Dharani Shoe Repairing, At- CK-32, VSS Market, Chhend, Rourkela-769015, At/PS- Chhend, District- Sundargarh resident of Ambedkar Nagar, Basanti Colony, P.O- Rourkela-12, P.S- Uditnagar, District- Sundargarh, PAN-AOVPD2205D, Occupation: Business.
3. **Santosh Prusti,** aged about 51 years, son of Loknath Prusti, resident of Jhirpani, Near Hanuman Mandir, Rourkela-769042, PS-Jhirpani, District- Sundargarh, Occupation- Business.

Whereas, Utkal Grameen Bank now Odisha Grameen Bank, Koelnagar Branch, Koelnagar, Rourkela-14, has instituted a suit against you for **Rs.88,722.00** (Rupees Eighty Eight Thousand Seven Hundred Twenty Two) only. You are hereby summoned to appear in this Court in the person, or by a pleader duly instructed and able to answer all material questions relating to the suit, or who shall be accompanied by some person able to answer all such questions, on the **09th day of April, 2026** at **7:30 AM** in the morning, to answer the claims [and further you hereby directed to file on that day a written statement of your defence and to produce on the said day all documents in your possession or power upon which you base your defence or claim for set off or counter-claim, and where you rely on any other document whether in your possession or power or not, as evidence in support of your defence or claim for set-off or counter-claim, you shall enter such documents in a list to be annexed to the written statement].

Take notice, that, in default of your appearance on the day before mentioned, the suit will be heard and determined in your absence.

Given under my hand and the seal of the Court, this **07th day of January of 2026.**

Sd/-
**Senior Civil Judge, Rourkela**



**Summon for settlement of issues**
**(Order 5, Rule 20 CPC)**
**In the Court of Senior Civil Judge, Rourkela**
**C.S. No. 268 of 2017**

**Odisha Grameen Bank** .....Plaintiff
Versus
**Ramakanta Sahoo & others** .....Defendants

To,
1. **Shri Ramakanta Sahoo,** aged about 53 years, son of Shri Brundaban Sahoo, Prop.:- M/s Sahoo Garments, Shop No.-11, VSS Market, Chhend, P.S- Chhend, Rourkela-769015, District-Sundargarh, resident of Durgapur, Orampara, P.S- Uditnagar, Rourkela-769012, District- Sundargarh, Odisha, Permanent resident at Village- Sarasada, P.O- Barundai, District- Jajpur, Odisha, Occupation: Business, PAN-AGCPS1773Q.
2. **Niranjan Acharya,** aged about 60 years, son of Late Bhagirathi Acharya, resident of Lucy Emporium NAC Market, Koelnagar, Rourkela-769014, PS- Jhirpani, District- Sundargarh, Odisha, Permanent resident Village At- Kalimegha, P.O/PS- Tihidi, District-Bhadrak, Odisha, Occupation: Business, PAN- ACVPA7063L.

Whereas, Utkal Grameen Bank now Odisha Grameen Bank, Koelnagar Branch, Koelnagar, Rourkela-14, has instituted a suit against you for **Rs.87,946.00** (Rupees Eighty Seven Thousand Nine Hundred Forty Six) only. You are hereby summoned to appear in this Court in the person, or by a pleader duly instructed and able to answer all material questions relating to the suit, or who shall be accompanied by some person able to answer all such questions, on the **08th day of April, 2026** at **7:30 AM** in the morning, to answer the claims [and further you hereby directed to file on that day a written statement of your defence and to produce on the said day all documents in your possession or power upon which you base your defence or claim for set off or counter-claim, and where you rely on any other document whether in your possession or power or not, as evidence in support of your defence or claim for set-off or counter-claim, you shall enter such documents in a list to be annexed to the written statement].

Take notice, that, in default of your appearance on the day before mentioned, the suit will be heard and determined in your absence.

Given under my hand and the seal of the Court, this **06th day of January of 2026.**

Sd/-
**Senior Civil Judge, Rourkela**



**Summon for settlement of issues**
**(Order 5, Rule 20 CPC)**
**In the Court of Senior Civil Judge, Rourkela**
**C.S. No. 182 of 2018**

**Odisha Grameen Bank** .....Plaintiff
Versus
**Chandan Das & others** .....Defendants

To,
1. **Chandan Das,** aged about 45 years, son of Rabi Das, Occupation- Khalasi in Railway, at present resident of L/67/2, Diesel Colony, At/PO/PS- Bondamunda, District- Sundargarh, Odisha, PIN-770032.
2. **Prakash Rao,** aged about 44 years, son of P.R.C. Rao, resident of QR. No. L/160/3, Railway Driver Colony, Bondamunda, P.S-Bondamunda, District- Sundargarh, Odisha, PIN-770032, Occupation- Service in Railway.
3. **Sekhar Kumar Dora,** aged about 45 years, son of Chandra Mani Dora, Occupation- Service in Railway, resident of Qr. No. L/211/1, Driver Colony, At/PS- Bondamunda, District- Sundargarh, Odisha, PIN-770032.

Whereas, Utkal Grameen Bank now Odisha Grameen Bank, Koelnagar Branch, Koelnagar, Rourkela-14, has instituted a suit against you for **Rs.81,259.00** (Rupees Eighty-One Thousand Two Hundred Fifty-Nine) only. You are hereby summoned to appear in this Court in the person, or by a pleader duly instructed and able to answer all material questions relating to the suit, or who shall be accompanied by some person able to answer all such questions, on the **18th day of March, 2026** at **10:30 AM** in the forenoon, to answer the claims [and further you hereby directed to file on that day a written statement of your defence and to produce on the said day all documents in your possession or power upon which you base your defence or claim for set off or counter-claim, and where you rely on any other document whether in your possession or power or not, as evidence in support of your defence or claim for set-off or counter-claim, you shall enter such documents in a list to be annexed to the written statement].

Take notice, that, in default of your appearance on the day before mentioned, the suit will be heard and determined in your absence.

Given under my hand and the seal of the Court, this **19th day of December of 2025.**

Sd/-
**Senior Civil Judge, Rourkela**

## ନିଖୋଜ ବ୍ୟକ୍ତିଙ୍କ ମୃତଦେହ ଠାବ

ସାଲେପୁର,ଅରବିନ୍ଦ ଭୂୟାଁ):ସାଲେପୁର ମାଳସ୍ଥିତ କେନାଲ ପାର୍ଶ୍ୱରୁ ଜଣେ ନିଖୋଜ ଯୁବକଙ୍କ ମୃତଦେହ ଠାବ ହୋଇଛି। ସେ ହେଲେ ସାଲେପୁର ଥାନା ଜପକୁଦ ଫାଣ୍ଡି ନରଦା ଗ୍ରାମର ବଟକୃଷ୍ଣ ମଲ୍ଲିକ(୫୬)। ଖବରପାଇ ସାଲେପୁର ଥାନା ଅଧିକାରୀ ଓ ଜପକୁଦ ଫାଣ୍ଡି ପୋଲିସ ଏବଂ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିବା ସହ ଥାନାରେ ମାମଲା (ନଂ. ୬୫/୨୬) ରୁଜୁ କରିଛି। ବଟକୃଷ୍ଣ ବୁଧବାରଠାରୁ ନିଖୋଜ ଥିଲେ। ବହୁ ଖୋଜାଖୋଜି କରିବା ପରେ ମଧ ସନ୍ଧାନ ନ ମିଳିବାରୁ ପରିବାର ଲୋକେ ଏହି ଥାନା ଅନ୍ତର୍ଗତ ଜପକୁଦ ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ମୃତ୍ୟୁ ସମ୍ପର୍କରେ ଅଧିକ ତଥ୍ୟ ମିଳିପାରିବ ବୋଲି ପୋଲିସ କହିଛି।

**ସଂକ୍ଷେପରେ**

## ବିଧବାଙ୍କୁ ଆକ୍ରମଣ: ଜଣେ ଗିରଫ

ସାଲେପୁର,୨୯।୧(ଅରବିନ୍ଦ ଭୂୟାଁ)– ସାଲେପୁର ଥାନା ଅନ୍ତର୍ଗତ ଜଇରାମପୁର ପଞ୍ଚାୟତ ଅଧୀନ ରସୁଲପୁର ଗ୍ରାମର ଜଣେ ବିଧବାଙ୍କୁ ବୁଧବାର ମରଣାନ୍ତକ ଆକ୍ରମଣ ହୋଇଛି। ସେ ହେଲେ ସୀମାଲି ରାଉତ। ଏନେଇ ସାଲେପୁର ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେ ହେଲେ ଉକ୍ତ ଗ୍ରାମର ବୈଷ୍ଣବ ଚରଣ ବେହେରା ବୋଲି ଆଇଆଇସି ମହେଶ୍ୱର ବେହେରା କରିଛନ୍ତି। ସ୍ୱାମୀଙ୍କ ଦେହାନ୍ତ ପରେ ସୀମାଲି ନିଜ ବାପଘରେ ରହୁଥିଲେ। ବୁଧବାର ନିଜର କିଛି ଜିନିଷ ନେବା ପାଇଁ ଶାଶୁ ଘରକୁ ଆସିଥିବାବେଳେ ଶାଶୁ ଘର ଲୋକେ ଓ ପଡ଼ୋଶୀ ମିଶି ସୀମାଲିଙ୍କୁ ମରଣାନ୍ତକ ଆକ୍ରମଣ କରିବା ସହ ଜୀବନ ମାରିଦେବାକୁ ଧମକ ଦେଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଏହାକୁ ଭିତ୍ତି କରି ଥାନାରେ ମାମଲା (ନଂ. ୬୬/୨୬) ରୁଜୁ ହୋଇଛି।

## ବିଶିଷ୍ଟ ପଣ୍ଡିତ ଫକୀର ଚରଣ ଦ୍ୱିବେଦୀଙ୍କ ପରଲୋକ

ସାଲେପୁର,୨୯।୧(ଅରବିନ୍ଦ ଭୂୟାଁ):



ସାଲେପୁର ବ୍ଲକ ତରିତୋ ପଞ୍ଚାୟତର ବିଶିଷ୍ଟ ପଣ୍ଡିତ ଫକୀରଚରଣ ଦ୍ୱିବେଦୀଙ୍କର ୭୬ ବର୍ଷ ବୟସରେ ଦେହାନ୍ତ ହୋଇଛି। ସେ ଜଣେ ବନ୍ଧୁ ବତ୍ସଳ, ମିଷ୍ଟଭାଷୀ, ପରୋପକାରୀ ମଣିଷ ଭାବରେ ବେଶ୍ ଅଞ୍ଚଳବାସୀଙ୍କ ପ୍ରିୟଭାଜନ ଥିଲେ। ତାଙ୍କ ଦେହାନ୍ତ ଖବର ପାଇବାପରେ ବନ୍ଧୁ ପରିଜନ ଶେଷ ଦର୍ଶନ ପାଇଁ ପହଞ୍ଚି ଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ସ୍ୱର୍ଗତ ଦ୍ୱିବେଦୀଙ୍କ ସାନଭାଇ ବିଜୟ କୁମାର ଦ୍ୱିବେଦୀ, ପୁତ୍ର ପ୍ରଦୀପ୍ତ ଦ୍ୱିବେଦୀ, ପ୍ରତାପ ଦ୍ୱିବେଦୀ, ପ୍ରକାଶ ଦ୍ୱିବେଦୀ, ପୁତୁରା ଗୌରହରୀ ଦ୍ୱିବେଦୀ ଓ ପ୍ରଫୁଲ୍ଲ ଦ୍ୱିବେଦୀଙ୍କ ସମେତ ପୁତ୍ରବଧୂମାନେ ଉପସ୍ଥିତ ରହିଥିଲେ। ଜଣେ ଭଲ କର୍ମକାଣ୍ଡବିତ୍ ଭାବରେ ଅଞ୍ଚଳରେ ସ୍ୱର୍ଗତ ଦ୍ୱିବେଦୀଙ୍କର ଏକ ସ୍ୱତନ୍ତ୍ର ପରିଚୟ ରହିଥିଲା। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ବଡ଼ପୁଅ ପ୍ରଦୀପ୍ତ ମୁଖାଗ୍ନି ଦେଇଥିଲେ।

## ବିଏସ୍ଏଫ୍ ଯବାନଙ୍କ ଅସ୍ୱାଭାବିକ ମୃତ୍ୟୁ

### ଗ୍ରାମ ଶ୍ମଶାନରେ ତୋପ ସଲାମୀ ଦେଇ ଶେଷ ସମ୍ମାନ

ମାହାଙ୍ଗା,୨୯।୧(ଅଜୟ କୁମାର ମହାନ୍ତି): ସିଲିଗୁଡ଼ିରେ କାର୍ଯ୍ୟରତ ସୀମା ସୁରକ୍ଷା ବଳ (ବିଏସ୍ଏଫ୍) ଯବାନ ସୀତାକାନ୍ତ ଦାସ (୫୩)ଙ୍କ ବୁଧବାର ଅସ୍ୱାଭାବିକ ଭାବେ ମୃତ୍ୟୁ ଘଟିଛି। ସେ ନିଜ ଗ୍ରାମ କଟକ ଜିଲା ଅନ୍ତର୍ଗତ ମାହାଙ୍ଗା ବ୍ଲକ ଗୁଣ୍ଡୁପୁରକୁ ଛୁଟି କାଟିବାକୁ ଆସିଥିଲେ। ସୀତାକାନ୍ତ ଜାନୁୟାରୀ ୨୩ରୁ ଛୁଟିରେ ଘରକୁ ଆସିଥିଲେ ଏବଂ ଫେବୃଆରୀ ୨ରେ କାର୍ଯ୍ୟରେ ଯୋଗଦେଇଥାନ୍ତେ। ବୁଧବାର



ଅପରାହ୍ନରେ ସେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ପରିବାର ଲୋକେ ତୁରନ୍ତ ତାଙ୍କୁ ନିକଟସ୍ଥ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ବ୍ୟବଚ୍ଛେଦ ପରେ ତାଙ୍କ ମୃତଦେହକୁ ଏକ ବିରାଟ ଶୋଭାଯାତ୍ରାରେ ନିଜ ଗ୍ରାମ ଗୁଣ୍ଡୁପୁରକୁ ଅଣାଯାଇଥିଲା। ଏନେଇ ଗାଁରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଖବରପାଇ ସୀମା ସୁରକ୍ଷା ବଳ ଖୋର୍ଦ୍ଧା ଡିଭିଜନର ଅଫିସର ଓ ଯବାନମାନଙ୍କର ଏକ ଟିମ୍ ଗାଁରେ ପହଞ୍ଚି ସୀତାକାନ୍ତଙ୍କ ମୃତଦେହ ଉପରେ ଜାତୀୟ ପତାକା ଘୋଡ଼ାଇ ଶୋଭାଯାତ୍ରାରେ ଶ୍ମଶାନ ଅଭିମୁଖେ ନେଇଥିଲେ। ସେଠାରେ ସାଥୀ ଯବାନମାନେ ତାଙ୍କୁ ୩ ତୋପସଲାମୀ ଦେଇ ଶେଷସମ୍ମାନ ଓ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

# ମାର୍ଚ୍ଚ ୮ରେ ପଞ୍ଚୁଦୋଳ ଯାତ୍ରା: ବନ୍ଦ ରହିବ ମଦ ଦୋକାନ

## ଆଠଗଡ଼ର ପ୍ରସିଦ୍ଧଦୋଳ ପାଇଁ ପ୍ରଶାସନର ପ୍ରସ୍ତୁତି



ପ୍ରସ୍ତୁତି ବୈଠକରେ ଯୋଗଦେଇଥିବା ପ୍ରଶାସନିକ ଅଧିକାରୀମାନେ।

**ଆଠଗଡ଼,୨୯।୧(ସତ୍ୟ ପ୍ରସାଦ ରଥ)** ଆଠଗଡ଼ ଗଡ଼ଜାତର ଶ୍ରୀଶ୍ରୀ ରାଧା ଗୋବିନ୍ଦ ଦେବଙ୍କ ପ୍ରସିଦ୍ଧ ଦୋଳ ଓ ପଞ୍ଚୁଦୋଳ ଯାତ୍ରା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଆଠଗଡ଼ ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମା ଏଥିରେ ଅଧକ୍ଷତା କରିଥିଲେ। ମାର୍ଚ୍ଚ ୨ରେ ଚତୁର୍ଦ୍ଦଶୀ ଓ ୩ରେ ଦୋଳପୂର୍ଣ୍ଣିମା ପଡୁଥିବାରୁ ଫଗୁଦଶମୀଠାରୁ ଠାକୁରମାନେ ରାଜଭୋଗ ଲାଗି ହେବେ। ୨୬ ଫେବୃଆରୀରୁ ଶ୍ରୀଜୀଉମାନଙ୍କୁ ବିଭିନ୍ନ ସାହି ବସ୍ତିରେ ସନ୍ଧ୍ୟା ୭ଟାରୁ ୧୦ଟା ମଧ୍ୟରେ 'ଚାଚେରୀ' ଭୋଗ ଲାଗି ହେବ। ଏତଦ୍‌ବ୍ୟତୀତ ଆଠଗଡ଼ସ୍ଥିତ ଶ୍ରୀଶ୍ରୀ ଅଟାଳୀ ଜଗନ୍ନାଥଦେବ, ଶ୍ରୀଶ୍ରୀ ରଘୁନାଥଦେବ, ଶ୍ରୀଶ୍ରୀ ଲକ୍ଷ୍ମୀନୃସିଂହ ଦେବ, ଶ୍ରୀଶ୍ରୀ ସ୍ୱପ୍ନେଶ୍ୱର ଦେବ ମଧ ନଗର ପରିକ୍ରମା କରିବେ। ଶ୍ରୀଜୀଉମାନଙ୍କ ବିମାନକୁ ସରସ ସୁନ୍ଦର କରାଯିବା ସହ ବାଦ୍ୟ, ପ୍ରସାଦ ଓ ଆଲୋକ ବ୍ୟବସ୍ଥା କରାଯିବ। ଦେବୋତ୍ତର ବିଭାଗ ପକ୍ଷରୁ ଏହି କାର୍ଯ୍ୟକ୍ରମକୁ ବ୍ୟବସ୍ଥିତ କରାଯିବ। ଶ୍ରୀଶ୍ରୀ ରାଧାଗୋବିନ୍ଦ ଦେବଙ୍କ ସିଂହାସନ, ମୁଖଶାଳା, ମନ୍ଦିର ପାର୍ଶ୍ୱ ମୂର୍ତ୍ତିଗୁଡ଼ିକୁ ସମ୍ପୂର୍ଣ୍ଣ ରଙ୍ଗରେ ଚିତ୍ରିତ କରିବା ଲାଗି ଆଲୋଚନା କରାଯାଇଥିଲା। ମନ୍ଦିରର ବେଢା, କୃଷ୍ଣବଲ୍ଲଭ ମନ୍ଦିର ବେଢା, ଗୁଣ୍ଡିଚା ମନ୍ଦିର ବେଢ଼ାକୁ ପରିଷ୍କାର ପରଚ୍ଛନ୍ନ କରାଯିବା ସହ ଆଲୋକ ବ୍ୟବସ୍ଥା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା।

ପ୍ରତି ବିମାନକୁ ନିମନ୍ତ୍ରଣ ସମୟରେ ମାନ୍ୟତା ଭେଟି ଭାବେ ଚଳିତବର୍ଷ ଏହାକୁ ୧୭୦୦ ଟଙ୍କା ଦେବାକୁ ସ୍ଥିର ହୋଇଛି। ମାର୍ଚ୍ଚ ୮ରେ ପଞ୍ଚୁଦୋଳ ଯାତ୍ରା ହେବା ସହ ଏହି ସମୟରେ ମଦ ଦୋକାନ ବନ୍ଦ ରଖିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ଏହି ନିର୍ଦ୍ଦେଶ ଉଲ୍ଲଂଘନ କଲେ କାର୍ଯ୍ୟାନୁଷ୍ଠାନ ନେବାକୁ ଅବକାରୀ ବିଭାଗ ଓ ପୋଲିସ ବିଭାଗକୁ ଦାୟିତ୍ୱ ଅର୍ପଣ କରାଯାଇଥିଲା। ହୋଲି ଏବଂ ପଞ୍ଚୁଦୋଳ ସମୟରେ ରାସାୟନିକ ରଙ୍ଗ ବିକ୍ରୟ ଓ ଖେଳିବା ଉପରେ ଜୋର ଦିଆଯାଇଥିଲା। ଗ୍ରହଣ ଲାଗୁଥିବାରୁ ମୁକ୍ତି ମଣ୍ଡପର ପରାମର୍ଶ ପରେ ଦୋଳ ମଣ୍ଡପଠାରେ ପାଞ୍ଜି ପାଠ କରାଯିବା ନେଇ ସ୍ଥିର କରାଯିବ। ଏତଦ୍‌ବ୍ୟତୀତ ରାସ୍ତା ମରାମତି, ବାରିକେଡିଂ, ସଫେଇ କାର୍ଯ୍ୟ, ଆଲୋକୀକରଣ, ପାନୀୟଜଳ ବ୍ୟବସ୍ଥା, ସ୍ୱାସ୍ଥ୍ୟସେବା, ଗାଡି ପାର୍କିଂ ବ୍ୟବସ୍ଥା କରାଯିବ। ନିରବଚ୍ଛିନ୍ନ ବିଦ୍ୟୁତ ସରବରାହ ନିମନ୍ତେ ଟିପିସିଓଡିଏଲ୍ କର୍ତ୍ତୃପକ୍ଷଙ୍କୁ ଦାୟିତ୍ୱ ଦିଆଯାଇଥିଲ। ଯାତ୍ରା ସମୟରେ ୪ ଚକିଆ ଓ ୨ ଚକିଆ ଯାନର ଚଳାଚଳକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି।

ବୈଠକରେ ଆଠଗଡ଼ ଭାରପ୍ରାପ୍ତ ଥାନା ଅଧିକାରୀ ସୁମତୀ ମହାନ୍ତି, ସହକାରୀ ଜିଲାପାଳ ମାନସ ରଞ୍ଜନ ବେହେରା, ଉପଖଣ୍ଡ ଚିକିତ୍ସାଳୟର ଅଧୀକ୍ଷକ ଡ. ମାନସ ରଞ୍ଜନ ପାଣି, ରାଜପୁରଧା ସୁଶାନ୍ତ କୁମାର ମିଶ୍ର, ରାଧାଗୋବିନ୍ଦ ମନ୍ଦିର ମୁଖ୍ୟ ପୂଜକ ସୁବାସ ଚନ୍ଦ୍ର ପଣ୍ଡା, ଅଜୟ କୁମାର ଦାସ ପ୍ରମୁଖ ଯୋଗଦେଇଥିଲେ। ଦେବୋତ୍ତର ସୁପରଭାଇଜର ଭବାନୀ ଶଙ୍କର ପଣ୍ଡା ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବସ୍-ବୁଲେଟ୍ ମୁହାଁମୁହିଁ ଧକ୍କା: ଛାତ୍ର ମୃତ

ମାଣିଆବନ୍ଧ/ତିଗିରିଆ,୨୯।୧ (ଅଖିଳ ସାହୁ/ଜାଫର ଖାଁ): ଆଠଗଡ଼ ନରସିଂହପୁର ୬୫ନଂ. ରାଜ୍ୟ ରାଜପଥର ମାଣିଆବନ୍ଧ ପେଟ୍ରୋଲ ପମ୍ପ ନିକଟରେ ଗୁରୁବାର ବୁଲେଟ୍ ଓ ବସ୍ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଛାତ୍ର ଗୁରୁତର ହୋଇଛନ୍ତି। ମୃତକ ହେଲେ ତିଗିରିଆ ଥାନା ନୂଆପାଟଣା ଗ୍ରାମର ଅରମାନ ବେହେରା (୧୮) ଏବଂ ଗୁରୁତର ହେଲେ ଆଶୁତୋଷ ସାହୁ। ଉଭୟେ ବଡ଼ମ୍ବା ମୋହନ ସୁବୁଦ୍ଧି ମହାବିଦ୍ୟାଳୟର +୨ ବାଣିଜ୍ୟ ବିଭାଗର ଦ୍ୱିତୀୟ ବର୍ଷର ଛାତ୍ର। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ପ୍ରଥମେ ମାଣିଆବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ। ସେଠାରେ ଅର୍‌ମାନଙ୍କୁ ଡାକ୍ତର ମୃତ ଘୋଷଣା କରିଛନ୍ତି।

ସକାଳ ପ୍ରାୟ ସାଢ଼େ ୬ଟାରେ ଅର୍‌ମାନ ଓ ଆଶୁତୋଷ ବଡ଼ମ୍ବାସ୍ଥିତ ଏକ କୋଚିଂ ସେଣ୍ଟରକୁ ବୁଲେଟ୍‌ରେ ଯାଉଥିଲେ। ଏହି ସମୟରେ ନରସିଂହପୁରରୁ କଟକ ଅଭିମୁଖେ ଯାଉଥିବା ଏକ ଘରୋଇ ବସ୍ ସହ ବୁଲେଟ୍ ଧକ୍କା ହୋଇଥିଲା। ଅତ୍ୟଧିକ କୁହୁଡ଼ି ଯୋଗୁ ଏହି ଦୁର୍ଘଟଣା ଘଟିଥିବା ସ୍ଥାନୀୟ ଲୋକେ କହିଛନ୍ତି।

## ସଚେତନାତ୍ମକ ପଥପ୍ରାନ୍ତ ସଭା କରିବ ଯୁବ-ଛାତ୍ର ବିଜେଡି



ଖବରଦାତା ସମ୍ମିଳନୀରେ ଯୋଗଦେଇଥିବା ବିଜୁ ଯୁବଛାତ୍ର ଦଳର କର୍ମକର୍ତ୍ତା।

### ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ ପାଇଁ ପ୍ରସ୍ତୁତି

ଆଠଗଡ଼,୨୯।୧(ସତ୍ୟ ପ୍ରସାଦ ରଥ): ଜାନୁଆରୀ ୩୦ରେ ମହାତ୍ମା ଗାନ୍ଧୀଙ୍କ ୭୮ତମ ତିରୋଧାନ ଦିବସ ଅନୁଷ୍ଠିତ ହେବ। ଏନେଇ ଗୁରୁବାର ଆଠଗଡ଼ ଯୁବ-ଛାତ୍ର ବିଜେଡି ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଏହି ଅବସରରେ ପ୍ରଭାତରୁ ଆଠଗଡ଼, ତିଗିରିଆ, ଟାଙ୍ଗୀ- ଚୌଦ୍ୱାର ବ୍ଲକ ଅଞ୍ଚଳରେ ରାମଧୁନ ପରିବେଷଣ କରାଯିବ। ପରେ ବିଭିନ୍ନ ସ୍ଥାନରେ ଥିବା ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବ ବୋଲି ଆୟୋଜିତ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଉପଖଣ୍ଡ ଚିକିତ୍ସାଳୟ, ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅନ୍ତେବାସୀଙ୍କୁ ଫଳ ଓ ମିଷ୍ଟାନ୍ନ ବଣ୍ଟନ କରାଯିବ। ସନ୍ଧ୍ୟାରେ ରାମଧୁନ ସହ ଏକ ଶୋଭାଯାତ୍ରା ରଥଗଡା ଛକଠାରୁ ବାହାରି ସ୍ୱପ୍ନେଶ୍ୱର ବଜାର ସଭାସ୍ଥଳ ନିକଟରେ ପହଞ୍ଚିବ। ଏଠାରେ ସର୍ବଧର୍ମ ପ୍ରାର୍ଥନା ହେବା ପରେ ଗାନ୍ଧିଜୀଙ୍କ ତତ୍ତ୍ୱସମ୍ବର୍ଦ୍ଧିତ ପ୍ରାମାଣିକ ବୃତ୍ତଚିତ୍ର ପ୍ରଦର୍ଶନ କରାଯିବ। ପରେ ସଚେତନାତ୍ମକ ପ୍ରଥପ୍ରାନ୍ତ ସଭା ଅନୁଷ୍ଠିତ ହେବ। ଏଥିରେ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମୁଖ୍ୟ ଅତିଥିଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ବୋଲି ଏନ୍ଏସି ନିକଟସ୍ଥ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ସମ୍ମିଳନୀରେ ବିଜୁ ଛାତ୍ର ବିଜେଡି ସଭାପତି ମହମ୍ମଦ ଖାଲିଦ, ରିଙ୍କୁ ପତ୍ରୀ, ଗିରିଜା ପ୍ରସାଦ ପରିଜା, ଦିନେଶ ପ୍ରଧାନ, ଜନ୍ମେଜୟ ଦାସ, ଶଶିକାନ୍ତ ସାହୁ ପ୍ରମୁଖ ଯୋଗଦେଇଥିଲେ।

# ବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତା



ଅତିଥିଙ୍କ ଗହଣରେ ପୁରସ୍କୃତ ହୋଇଥିବା କୃତୀ ଛାତ୍ରୀମାନେ।

**ତିଗିରିଆ,୨୯।୧(ଜାଫର ଖାଁ):** ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି ଅଟଳ ବୟୋ ଅଭ୍ୟୁଦୟ ଯୋଜନା ଉପଲକ୍ଷେ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ବିଦ୍ୟାଳୟସ୍ତରୀୟ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ତିଗିରିଆ ବ୍ଲକ୍ ଶିକ୍ଷା ଅଧିକାରୀ ଅମର କୁମାର ମହାରଣାଙ୍କ ଅଧକ୍ଷତାରେ ସ୍ଥାନୀୟ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନୂଆପାଟଣାଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବ୍ଲକର ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇଥିଲେ। ବ୍ଲକ ସାଧନ କେନ୍ଦ୍ର ସଂଯୋଜକ ମାଧବ ଚନ୍ଦ୍ର ଦେଉରୀ, ସହଶିକ୍ଷା ଅଧିକାରୀ ସୌଦାମିନୀ ମିଶ୍ରଙ୍କ ତତ୍ତ୍ୱାବଧାନ ଏବଂ ବିଦ୍ୟାଳୟର ପ୍ରଧାନଶିକ୍ଷକ କର୍ଣ୍ଣାର୍ଜୁନ ନାଏକଙ୍କ ପରିଚାଳନାରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ସମ୍ମାନିତ ଅତିଥିଭାବେ ମାଧମିକ ବିଦ୍ୟାଳୟ ସଂଘ ପକ୍ଷରୁ ରବୀନ୍ଦ୍ର ନାଥ ବିଶ୍ୱାଳ ଏବଂ ସମ୍ପାଦକ ସୁଶାନ୍ତ କୁମାର ପଣ୍ଡା, ପ୍ରାଥମିକ ଶିକ୍ଷକ ସଂଘ ସଭାପତି ବାରିଦ ବରଣ ମହାପାତ୍ର, ଚନ୍ଦ୍ରକାନ୍ତ ମିଶ୍ର ଏବଂ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଅଶୋକ କୁମାର ଦାସ, ବିଶ୍ୱରଞ୍ଜନ ଜେନା ପ୍ରମୁଖ ଯୋଗଦେଇଥିଲେ। ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଅଟଳବୟୋ ଅଭ୍ୟୁଦୟ ଯୋଜନା ନିମନ୍ତେ ଅନୁଷ୍ଠିତ ପ୍ରତିଯୋଗିତାରେ ପ୍ରତ୍ୟେକ ବିଭାଗରେ ୩ ଜଣ ଲେଖାଏଁ ଜିଲାସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ ବୋଲି ଶିକ୍ଷା ଅଧିକାରୀ ମହାରଣା ସୂଚନା ଦେଇଛନ୍ତି। ନୂଆପାଟଣା ସାଧନ କେନ୍ଦ୍ର ସଂଯୋଜକ ଚନ୍ଦ୍ରମଣି ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

## ମନୋନୀତ ପଦ୍ମଶ୍ରୀ ଶରତ ପାତ୍ରଙ୍କୁ ସମ୍ବର୍ଦ୍ଧନା

**ତିଗିରିଆ,୨୯।୧(ଜାଫର ଖାଁ):** ତିଗିରିଆ ବ୍ଲକ ନୂଆପାଟଣାର ବାନ୍ଧ କାରିଗର ଶରତ କୁମାର ପାତ୍ର ଦେଶର ସମ୍ମାନଜନକ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ ପାଇଁ ମନୋନୀତ ହୋଇଛନ୍ତି। ଖବରପ୍ରଚାର ପରେ ପାତ୍ରଙ୍କୁ ବିଭିନ୍ନ ମହଲରୁ ଅଭିନନ୍ଦନର ଶୁଅ ଛୁଟୁଛି। ଏହି ଅବସରରେ ରାଜ୍ୟ ବୁଣାକାର ମହାସଂଘ ପକ୍ଷରୁ ତାଙ୍କୁ ଗୁରୁବାର ସମ୍ବର୍ଦ୍ଧିତ କରାଯାଇଛି। ମହାସଂଘ ସଭାପତି ଶ୍ରୀଧର କୁମାର ବେହେରାଙ୍କ ନେତୃତ୍ୱରେ କାର୍ଯ୍ୟକାରୀ ସଭାପତି ସଞ୍ଜୟ ମେହେର, ଉପସଭାପତି କିଶୋର ଚନ୍ଦ୍ର ଦାସ, କର୍ମକର୍ତ୍ତା ସଞ୍ଜୟ କୁମାର କର, ଧ୍ରୁବ ଚରଣ ଦାସ, ପ୍ରଦୀପ ବର୍ଦ୍ଧନ, ପ୍ରକାଶ କୁମାର ଦାସ ପ୍ରମୁଖ ଉପସ୍ଥିତ ରହି ଏହି ସଫଳତା ରାଜ୍ୟର ସମସ୍ତ ବୁଣାକାରଙ୍କୁ ଉତ୍ସାହିତ କରିବ ବୋଲି ପ୍ରକାଶ କରିଥିଲେ। ପାତ୍ର ବୁଣାକାର ସଂଘର ସମସ୍ତ କର୍ମକର୍ତ୍ତାଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।

# ଉନ୍ନୟନମୂଳକ କାର୍ଯ୍ୟ ସମୀକ୍ଷା କଲେ ଜିଲାପାଳ



ସମୀକ୍ଷା ବୈଠକରେ ଉପଜିଲାପାଳ ପଟ୍ଟା ବଣ୍ଟନ କରୁଛନ୍ତି।

**ବାଙ୍କୀ,୨୯।୧(ଶୁଭେନ୍ଦୁ ମହାପାତ୍ର/ ଜ୍ଞାନେନ୍ଦ୍ର ମୋହନ ମିଶ୍ର):** କଟକ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ବାଙ୍କୀ ଗସ୍ତରେ ଆସି ଡମପଡା ବ୍ଲକ ସମ୍ମିଳନୀ କକ୍ଷରେ ଗୁରୁବାର ଏକ ସମୀକ୍ଷା ବୈଠକ କରିଛନ୍ତି। ଏହି ବୈଠକରେ ଉପଖଣ୍ଡରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ବିଭାଗୀୟ ଅଧିକାରୀମାନଙ୍କଠାରୁ ପଚାରି ବୁଝିବା ସହିତ ସମସ୍ତ କାର୍ଯ୍ୟକୁ ତ୍ୱରାନ୍ୱିତ କରି ଧାର୍ଯ୍ୟ ସମୟରେ ସମାପ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକ ଶେଷରେ ତହସିଲର ଅପରାଜିତା ପରିଡା, ନିରୁପମା ପଲେଇ, ରଘୁନାଥ ସେଠୀ, ତପନ ବେହେରା ପ୍ରମୁଖଙ୍କୁ ବସୁନ୍ଧରା ଯୋଜନାରେ ୫ ଜଣଙ୍କୁ ଜିଲାପାଳ ଶିନ୍ଦେ ସ୍ଥାୟୀ ପଟ୍ଟା ବଣ୍ଟନ କରିଥିଲେ। ଏହାପରେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିଦର୍ଶନରେ ଯାଇ ପାଥପୁର, ହରିରାଜପୁର ଗ୍ରାମବାସୀଙ୍କ ସାମୂହିକ ସମସ୍ୟା ବିଷୟରେ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଗସ୍ତ ସମୟରେ ଉପଜିଲାପାଳ ପ୍ରଣବ କୁମାର ବେହେରା, ବି.ଡି.ଓ. ଅଂଶୁମାନ ଦାଶ, ତହସିଲଦାର ଅଶେଷ ନାୟକ, ବୈଶାଖୀ ଲେଙ୍କାଙ୍କ ସମେତ ସମସ୍ତ ବିଭାଗୀୟ ମୁଖ୍ୟ ଅଧିକାରୀ ଉପସ୍ଥିତ ଥିଲେ।


**यूनियन बैंक ऑफ इंडिया Union Bank of India** — भारत सरकार का उपक्रम — A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ: କଟକ**
୧ମ ମହଲା, କେ କେ ଭଓ୍ୱାସିଙ୍କ କମ୍ପାଉଣ୍ଡ, ଶ୍ରୀଜି କମ୍ପ୍ଲେକ୍ସ, ମାଛୁଆ ବଜାର, କ୍ୟାଣ୍ଟନ୍‌ମେଣ୍ଟ ରୋଡ଼, କଟକ-୭୫୩୦୦୧

**ସୁନା ନିଲାମ ବିଜ୍ଞପ୍ତି**

ଏତଦ୍‌ଦ୍ୱାରା ନିମ୍ନଲିଖିତ ବ୍ୟକ୍ତିମାନଙ୍କୁ ଅବଗତ କରାଇଦିଆଯାଉଛି କି, ସେମାନେ ସେମାନଙ୍କର ଋଣ ଆକାଉଣ୍ଟର ବକେୟା ପରିଶୋଧ କରିବାରେ ଖିଲାପ କରିଛନ୍ତି। ତେଣୁ ସେମାନଙ୍କୁ ଅନୁରୋଧ କରାଯାଉଛି କି ସେମାନେ **ନିଲାମ** ପୂର୍ବରୁ ସେମାନଙ୍କର ବକେୟା ଦେୟ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ପ୍ରଦାନ କରି ସ୍ୱର୍ଣ୍ଣ ଅଳଙ୍କାରଗୁଡ଼ିକୁ ବନ୍ଧକମୁକ୍ତ କରନ୍ତୁ ଅନ୍ୟଥା **ଆମର ସମ୍ପୃକ୍ତ ଶାଖା ପରିସରରେ ତା.୩୧.୦୧.୨୦୨୬ରିଖ ଅପରାହ୍ନ ୧.୦୦ ଘଟିକା ସମୟରେ** କିମ୍ବା ପରେ ଅନ୍ୟ ସୁବିଧାଜନକ ତାରିଖରେ କୌଣସି ପରବର୍ତ୍ତୀ ନୋଟିସ୍ ନଦେଇ ବ୍ୟାଙ୍କର ସ୍ୱତନ୍ତ୍ର କ୍ଷମତା ବଳରେ ସେମାନଙ୍କର ବନ୍ଧକଥିବା ସୁନା ଅଳଙ୍କାରଗୁଡ଼ିକୁ ନିଲାମ କରାଯିବ।

| କ୍ର. ନଂ. | ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା / ଋଣ ନଂ | ଋଣ ତାରିଖ |
|---|---|---|
| | **ଚାଇଁପାଳ ଶାଖା** | |
| ୧. | ହେମନ୍ତ ବେହେରା, ଜଗନ୍ନାଥପୁର, ଚାଇଁପାଳ, ଜିଲ୍ଲା: ଅନୁଗୁଳ / ୦୭୮୦୧୬୫୩୦୦୦୦୨୩୧ | ୨୧.୧୦.୨୦୨୩ |
| ୨. | ହେମନ୍ତ ବେହେରା, ଜଗନ୍ନାଥପୁର, ଚାଇଁପାଳ, ଜିଲ୍ଲା: ଅନୁଗୁଳ / ୦୭୮୦୧୬୫୪୦୦୦୦୦୦୪୦ | ୨୯.୦୭.୨୦୨୨ |
| ୩. | ହେମନ୍ତ ବେହେରା, ଜଗନ୍ନାଥପୁର, ଚାଇଁପାଳ, ଜିଲ୍ଲା: ଅନୁଗୁଳ / ୦୭୮୦୧୬୫୪୦୦୦୦୦୦୪୧ | ୩୦.୦୭.୨୦୨୨ |
| ୪. | ଚାରୁ ନାଏକ, ଜଗନ୍ନାଥପୁର, ଚାଇଁପାଳ, ଜିଲ୍ଲା: ଅନୁଗୁଳ / ୦୭୮୦୧୬୫୪୦୦୦୦୨୯୯ | ୦୫.୦୪.୨୦୨୪ |
| | **ଶର୍ମା ଛକ ତାଳଚେର ଶାଖା** | |
| ୧. | ଜରିନା ବିବି, ଓ୍ୱାର୍ଡ ନଂ.: ୧୭, ଦେଉଳବେଡା, ତାଳଚେର, ଜିଲ୍ଲା: ଅନୁଗୁଳ, ଓଡ଼ିଶା - ୭୫୯୧୦୨ / ୧୯୯୪୨୬୬୩୦୦୦୦୦୭୬ | ୩୧.୧୨.୨୦୨୪ |
| | **ବଡହାଟ କେନ୍ଦ୍ରାପଡା ଶାଖା** | |
| ୧. | ପ୍ରେମାନନ୍ଦ ସାହୁ, ବାଲିଆ, ବିଭୂତିପଡା, ଜିଲ୍ଲା: କେନ୍ଦ୍ରାପଡା / ୧୪୦୭୧୬୬୩୦୦୦୦୦୮୭ | ୨୪.୦୨.୨୦୨୫ |
| ୨. | ସ୍ମୃତି ରଞ୍ଜନ ମହାନ୍ତି, ବାଲିସୁଆଁ, ଜିଲ୍ଲା:କେନ୍ଦ୍ରାପଡା / ୧୪୦୭୧୬୫୪୦୦୦୨୨୩୯ | ୩୧.୦୫.୨୦୨୫ |

ଦ୍ରଷ୍ଟବ୍ୟ: ବକେୟା ଦେୟ ମଧରେ ସୁନା ଋଣ ସହିତ ଅନ୍ୟ ଋଣ / ଋଣ ସୁବିଧା ଅଧିନରେ ଥିବା ପକ୍ଷଙ୍କର ସମସ୍ତ ବକେୟା ଦେୟ ଅନ୍ତର୍ଭୁକ୍ତ ହେବା ଆବଶ୍ୟକ।

ସ୍ଥାନ: କଟକ
ତାରିଖ: ୨୯.୦୧.୨୦୨୬
ଶାଖା ପ୍ରବନ୍ଧକ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ


**Summon for settlement of issues**
**(Order 5, Rule 20 CPC)**
**In the Court of Senior Civil Judge, Rourkela**
**C.S. No. 175 of 2018**

**Odisha Grameen Bank** .....Plaintiff
**Versus**
**Gobind Charan Barik & others** .....Defendants

To,
1. **Sri Gobind Charan Barik,** aged about 47 years, son of Sridhar Barik, Occupation- Working in NIT (National Institute of Technology), Rourkela as Attendant, bearing Employee Code-599750, PAN- AIUPB0660K, at present resident Qr. No.- G-63, NIT Campus, Rourkela-769008, P.S- Sector-3, District-Sundargarh, Odisha, Permanent resident At Village- Resho, P.O-Gunthi, Via- Alva, PIN-754217, District- Kendrapara, Odisha.

Whereas, Utkal Grameen Bank now Odisha Grameen Bank, Koelnagar Branch, Koelnagar, Rourkela-14, has instituted a suit against you for **Rs.2,32,098.00** (Rupees Two Lakh Thirty Two Thousand Ninety Eight) only. You are hereby summoned to appear in this Court in the person, or by a pleader duly instructed and able to answer all material questions relating to the suit, or who shall be accompanied by some person able to answer all such questions, on the **06th day of April, 2026** at **7:30 AM** in the forenoon, to answer the claims [and further you hereby directed to file on that day a written statement of your defence and to produce on the said day all documents in your possession or power upon which you base your defence or claim for set off or counter-claim, and where you rely on any other document whether in your possession or power or not, as evidence in support of your defence or claim for set-off or counter-claim, you shall enter such documents in a list to be annexed to the written statement].

Take notice, that, in default of your appearance on the day before mentioned, the suit will be heard and determined in your absence.

Given under my hand and the seal of the Court, this **05th day of January of 2026.**

Sd/-
**Senior Civil Judge, Rourkela**

**Summon for settlement of issues**
**(Order 5, Rule 20 CPC)**
**In the Court of Senior Civil Judge, Rourkela**
**C.S. No. 265 of 2017**

**Odisha Grameen Bank** .....Plaintiff
**Versus**
**Budhadev Sethi & others** .....Defendants

To,
1. **Budhadev Sethi,** aged about 40 years, son of Rashananda Sethi, Prop.:- M/s Sigma Electrical, Resident of near Tarini Mandir, Shakti Nagar, Rourkela-769042, P.S- Jhirpani, District- Sundargarh, Occupation: Business, PAN-BHHPS7609Q.
2. **Shri Dharani Das,** aged about 42 years, son of Madan Das, Prop.:- M/s Dharani Shoe Repairing, At- CK-32, VSS Market, Chhend, Rourkela-769015, At/PS- Chhend, District- Sundargarh resident of Ambedkar Nagar, Basanti Colony, P.O- Rourkela-12, P.S- Uditnagar, District- Sundargarh, PAN-AOVPD2205D, Occupation: Business.
3. **Santosh Prusti,** aged about 51 years, son of Loknath Prusti, resident of Jhirpani, Near Hanuman Mandir, Rourkela-769042, PS-Jhirpani, District- Sundargarh, Occupation- Business.

Whereas, Utkal Grameen Bank now Odisha Grameen Bank, Koelnagar Branch, Koelnagar, Rourkela-14, has instituted a suit against you for **Rs.88,722.00** (Rupees Eighty Eight Thousand Seven Hundred Twenty Two) only. You are hereby summoned to appear in this Court in the person, or by a pleader duly instructed and able to answer all material questions relating to the suit, or who shall be accompanied by some person able to answer all such questions, on the **09th day of April, 2026** at **7:30 AM** in the morning, to answer the claims [and further you hereby directed to file on that day a written statement of your defence and to produce on the said day all documents in your possession or power upon which you base your defence or claim for set off or counter-claim, and where you rely on any other document whether in your possession or power or not, as evidence in support of your defence or claim for set-off or counter-claim, you shall enter such documents in a list to be annexed to the written statement].

Take notice, that, in default of your appearance on the day before mentioned, the suit will be heard and determined in your absence.

Given under my hand and the seal of the Court, this **07th day of January of 2026.**

Sd/-
**Senior Civil Judge, Rourkela**

**Summon for settlement of issues**
**(Order 5, Rule 20 CPC)**
**In the Court of Senior Civil Judge, Rourkela**
**C.S. No. 268 of 2017**

**Odisha Grameen Bank** .....Plaintiff
**Versus**
**Ramakanta Sahoo & others** .....Defendants

To,
1. **Shri Ramakanta Sahoo,** aged about 53 years, son of Shri Brundaban Sahoo, Prop.:- M/s Sahoo Garments, Shop No.-11, VSS Market, Chhend, P.S- Chhend, Rourkela-769015, District-Sundargarh, resident of Durgapur, Orampara, P.S- Uditnagar, Rourkela-769012, District- Sundargarh, Odisha, Permanent resident at Village- Sarasada, P.O- Barundai, District- Jajpur, Odisha, Occupation: Business, PAN-AGCPS1773Q.
2. **Niranjan Acharya,** aged about 60 years, son of Late Bhagirathi Acharya, resident of Lucy Emporium NAC Market, Koelnagar, Rourkela-769014, PS- Jhirpani, District- Sundargarh, Odisha, Permanent resident Village At- Kalimegha, P.O/PS- Tihidi, District-Bhadrak, Odisha, Occupation: Business, PAN- ACVPA7063L.

Whereas, Utkal Grameen Bank now Odisha Grameen Bank, Koelnagar Branch, Koelnagar, Rourkela-14, has instituted a suit against you for **Rs.87,946.00** (Rupees Eighty Seven Thousand Nine Hundred Forty Six) only. You are hereby summoned to appear in this Court in the person, or by a pleader duly instructed and able to answer all material questions relating to the suit, or who shall be accompanied by some person able to answer all such questions, on the **08th day of April, 2026** at **7:30 AM** in the morning, to answer the claims [and further you hereby directed to file on that day a written statement of your defence and to produce on the said day all documents in your possession or power upon which you base your defence or claim for set off or counter-claim, and where you rely on any other document whether in your possession or power or not, as evidence in support of your defence or claim for set-off or counter-claim, you shall enter such documents in a list to be annexed to the written statement].

Take notice, that, in default of your appearance on the day before mentioned, the suit will be heard and determined in your absence.

Given under my hand and the seal of the Court, this **06th day of January of 2026.**

Sd/-
**Senior Civil Judge, Rourkela**

**Summon for settlement of issues**
**(Order 5, Rule 20 CPC)**
**In the Court of Senior Civil Judge, Rourkela**
**C.S. No. 182 of 2018**

**Odisha Grameen Bank** .....Plaintiff
**Versus**
**Chandan Das & others** .....Defendants

To,
1. **Chandan Das,** aged about 45 years, son of Rabi Das, Occupation- Khalasi in Railway, at present resident of L/67/2, Diesel Colony, At/PO/PS- Bondamunda, District- Sundargarh, Odisha, PIN-770032.
2. **Prakash Rao,** aged about 44 years, son of P.R.C. Rao, resident of QR. No. L/160/3, Railway Driver Colony, Bondamunda, P.S-Bondamunda, District- Sundargarh, Odisha, PIN-770032, Occupation- Service in Railway.
3. **Sekhar Kumar Dora,** aged about 45 years, son of Chandra Mani Dora, Occupation- Service in Railway, resident of Qr. No. L/211/1, Driver Colony, At/PS- Bondamunda, District- Sundargarh, Odisha, PIN-770032.

Whereas, Utkal Grameen Bank now Odisha Grameen Bank, Koelnagar Branch, Koelnagar, Rourkela-14, has instituted a suit against you for **Rs.81,259.00** (Rupees Eighty-One Thousand Two Hundred Fifty-Nine) only. You are hereby summoned to appear in this Court in the person, or by a pleader duly instructed and able to answer all material questions relating to the suit, or who shall be accompanied by some person able to answer all such questions, on the **18th day of March, 2026** at **10:30 AM** in the forenoon, to answer the claims [and further you hereby directed to file on that day a written statement of your defence and to produce on the said day all documents in your possession or power upon which you base your defence or claim for set off or counter-claim, and where you rely on any other document whether in your possession or power or not, as evidence in support of your defence or claim for set-off or counter-claim, you shall enter such documents in a list to be annexed to the written statement].

Take notice, that, in default of your appearance on the day before mentioned, the suit will be heard and determined in your absence.

Given under my hand and the seal of the Court, this **19th day of December of 2025.**

Sd/-
**Senior Civil Judge, Rourkela**

## ସଂକ୍ଷେପରେ

### ପ୍ରଫେସର ମାନସ ଦାଶଙ୍କୁ ଫ୍ୟାଶନ ଆଇକନ୍ ସମ୍ମାନ

ଭୁବନେଶ୍ୱର, ୨୯।୧ (ବନ୍ଦନା ସେଠୀ)

ମୁମ୍ବାଇର ଏକ ହୋଟେଲରେ ଦାଦାସାହେବ ଫାଲକେ ଭାରତୀୟ ଟେଲିଭିଜନ ପୁରସ୍କାର ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅଭିନେତ୍ରୀ ମୋନିକା ବେଦୀ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ପ୍ରଫେସର ଡ. ମାନସ କୁମାର ଦାଶଙ୍କୁ ଚଳିତବର୍ଷର ସଙ୍ଗୀତଜ୍ଞ, ସଙ୍ଗୀତକାର ଓ ଫ୍ୟାଶନ ଆଇକନ୍-୨୦୨୬ ଉପାଧିରେ ସମ୍ମାନିତ କରାଯାଇଥିଲା। ସେ ଚଳିତ ବର୍ଷର ପ୍ରଥମ ଓ ଏକମାତ୍ର ଓଡ଼ିଆ ସେଲିବ୍ରିଟି ଭାବେ ଏହି ସମ୍ମାନ ପାଇ ଓଡ଼ିଶା ପାଇଁ ଗୌରବ ଆଣିଛନ୍ତି। ଏହି ସମ୍ମାନ ମୋନିକା ବେଦୀ ଏବଂ ଅଖିଳେଶ ସିଂହଙ୍କ ଦ୍ୱାରା ଦେଶର ବିଭିନ୍ନ ତାରକାମାନଙ୍କ ଉପସ୍ଥିତିରେ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଡ. ଦାଶଙ୍କ ନୂତନ ଫ୍ୟାଶନ ଫିଲ୍ମ ସିଲୁଏଟ୍ସ ଉନ୍ମୋଚିତ ହୋଇଥିଲା ଏବଂ ଫ୍ୟାଶନ ଟେଲିଭିଜନ ସହଯୋଗରେ ତାଙ୍କର ନୂତନ ଫ୍ୟାଶନ ୟୁନିଟ ସିଜଲିଂ ଭାଇଭର ଉଦ୍‌ଘାଟନ କରାଯାଇଥିଲା।



### 'ହିନ୍ଦୁସ୍ତାନୀ ସଙ୍ଗୀତ' ଉପରେ ଜାତୀୟସ୍ତରୀୟ ଆଲୋଚନାଚକ୍ର

ଭୁବନେଶ୍ୱର,୨୯।୧ (ସୌମ୍ୟରଞ୍ଜନ ରାଉତ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପକ୍ଷରୁ 'ହିନ୍ଦୁସ୍ତାନୀ ସଙ୍ଗୀତ'କୁ ନେଇ ଜାତୀୟସ୍ତରୀୟ ଆଲୋଚନାଚକ୍ରର ଗୁରୁବାର ଥିଲା ଦ୍ୱିତୀୟ ଦିବସ। କାର୍ଯ୍ୟକ୍ରମରେ ହିନ୍ଦୁସ୍ତାନୀ କଣ୍ଠ ସଙ୍ଗୀତ ଗୁରୁ ଡ଼. ନିରଞ୍ଜନ ପାଣୀ, ହିନ୍ଦୁସ୍ତାନୀ ବେହେଲା ବାଦକ ଗୁରୁ ଡ଼. ଦିବ୍ୟଦର୍ଶନ ବିଶ୍ୱାଳ, ସିତାର ଗୁରୁ ଅସୀମ ଚୌଧୁରୀ ପ୍ରମୁଖ ଯୋଗଦେଇ ହିନ୍ଦୁସ୍ତାନୀ ସଙ୍ଗୀତର ଇତିହାସ ସହ ଏହା ଉପରେ ହୋଇଥିବା ଗବେଷଣା ସମ୍ବନ୍ଧରେ ଛାତ୍ରୀଛାତ୍ରମାନଙ୍କୁ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଏଥିସହ ହିନ୍ଦୁସ୍ତାନୀ ସଙ୍ଗୀତ ଗାୟନ ଶୈଳୀ ଓ ବାଦ୍ୟ ପରିବେଷଣର କଳା ଓ କୌଶଳକୁ ନେଇ ମଧ୍ୟ ଆଲୋଚନା କରାଯାଇଥିଲା। ହିନ୍ଦୁସ୍ତାନୀ ସଙ୍ଗୀତ, ଓଡ଼ିଶୀ କଣ୍ଠ ସଙ୍ଗୀତ, ଓଡ଼ିଶୀ ନୃତ୍ୟ, ଛଉ ନୃତ୍ୟ, ନାଟକ ଆଦି ବିଷୟ ବସ୍ତୁକୁ ନେଇ ଆୟୋଜିତ ହେଉଥିବା ଏହି ଜାତୀୟସ୍ତରୀୟ ଆଲୋଚନା ଚକ୍ରରେ ଛାତ୍ରୀଛାତ୍ରଙ୍କୁ ସଙ୍ଗୀତ, ନୃତ୍ୟ ଓ ନାଟ୍ୟ କଳାର ପ୍ରୟୋଗାତ୍ମକ ଦିଗ ଉପରେ ଜ୍ଞାନ ପ୍ରଦାନ କରିବା ସହ ଶାସ୍ତ୍ରୀୟ ସଙ୍ଗୀତ ଓ ନୃତ୍ୟ ଦିଗରେ ଉଚ୍ଚକୋଟୀର ଗବେଷଣା କରିବା ଲାଗି ଛାତ୍ରୀଛାତ୍ରମାନଙ୍କୁ ପ୍ରୋତ୍ସାହିତ କରିବ ବୋଲି ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ବିଜୟ କୁମାର ଜେନା ମତପ୍ରକାଶ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଆଲୋଚନାଚକ୍ରକୁ ଡ଼. ମୃତ୍ୟୁଞ୍ଜୟ ରଥ ପରିଚାଳନା କରିଥିଲେ। ଏହି ଜାତୀୟସ୍ତରୀୟ ଆଲୋଚନାଚକ୍ର ଆସନ୍ତା ୩୧ ପର୍ଯ୍ୟନ୍ତ ଚାଲିବ।

# ଖଣ୍ଡଗିରି ମେଳାରେ ୫ଗୁଣା ପାର୍କିଂ ଫି'

- ଲିଜ୍‌ଧାରୀଙ୍କୁ ସୋ'କଜ୍ ନୋଟିସ
- ନ ମାନିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ: ମେୟର

ଭୁବନେଶ୍ୱର, ୨୯।୧ (ବନ୍ଦନା ସେଠୀ)

ଖଣ୍ଡଗିରି କୁମ୍ଭମେଳାରେ ପାର୍କିଂ ଫି' ନାମରେ ଲୋକଙ୍କୁ ଶୋଷଣ କରାଯାଉଛି। ଲିଜ୍‌ଧାରୀମାନେ ଧାର୍ଯ୍ୟ ଦରଠାରୁ ୫ଗୁଣା ଅଧିକ ନେଇ ଯାତ୍ରୀଙ୍କୁ ଲୁଟୁଛନ୍ତି। ଖଣ୍ଡଗିରି ମେଳାକୁ ସୁରୁଖୁରୁରେ କରିବା ପାଇଁ ବିଏମ୍‌ସି ବିଭିନ୍ନ ପଦକ୍ଷେପ ନେଉଥିବାବେଳେ ମନଇଚ୍ଛା ପାର୍କିଂ ଫି' ଆଦାୟକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଲିଜ୍ ଦେଇ ବିଏମ୍‌ସି ଚୁପ୍ ବସିଥିବାବେଳେ ଅଭିଯୋଗ ଆସିବା ପରେ ଚେତା ପଶିଛି। ଅଭିଯୋଗର ସତ୍ୟାସତ ଆଧାରରେ ଦୃଢ଼ କାର୍ଯ୍ୟାନୁଷ୍ଠାନ କରାଯିବ ବୋଲି ମେୟର ସୁଲୋଚନା ଦାସ କହିଛନ୍ତି। ସେ କହିଛନ୍ତି, ଘଟଣା ସାମ୍ନାକୁ ଆସିବା ପରେ ସମ୍ପୃକ୍ତ ଲିଜଧାରୀଙ୍କୁ ଚିହ୍ନଟ କରାଯାଇ ସୋ-କଜ୍ ନୋଟିସ୍ ଦିଆଯାଇଛି। ଯାତ୍ରୀମାନେ ଶୋଷଣ ହେବା ଭଳି କାର୍ଯ୍ୟକୁ ବରଦାସ୍ତ କରାଯିବ ନାହିଁ। ଏଭଳି କାର୍ଯ୍ୟ କରୁଥିବା ବ୍ୟକ୍ତିଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମେୟର ସୂଚନା ଦିଆଯାଇଛି। ଅଭିଯୋଗ ଅନୁସାରେ, ଚଳିତବର୍ଷ ବିଏମସି ଦ୍ୱାରା ଚିହ୍ନିତ ୫ଟି ଜାଗାରେ ଦିନକୁ ଅତି କମ୍‌ରେ ୩ ହଜାର ବାଇକ ପାର୍କିଂ ହେଉଛି। ବାଇକ ପାଇଁ ବିଏମ୍‌ସି ୧୦ ଟଙ୍କା ଧାର୍ଯ୍ୟ କରିଥିବାବେଳେ ଲିଜ୍‌ଧାରୀମାନେ ୫୦ ଟଙ୍କା ନେଉଛନ୍ତି। ଏହି ହିସାବରେ ଦିନକୁ ୧ଲକ୍ଷ ୫୦ ହଜାର ଟଙ୍କା ଲୁଟି ନିଆଯାଉଛି। ସେହିପରି କାର୍ ପିଛା ୨୦ଟଙ୍କା ଥିବାବେଳେ ୧୦୦ରୁ ୨ଶହ ଟଙ୍କା ନିଆଯାଉଛି। ବାରଣ କଲେ ନାଲିଆଖି ଦେଖାଇବା ସହ ଗାଡି ରଖେଇ ଦେଉନାହାନ୍ତି।

### ଗୁଟ୍‌ଖା ବିକ୍ରି ନେଇ ଚେତାବନୀ ଶୁଣାଇଲେ ମେୟର

ଭୁବନେଶ୍ୱର, ୨୯।୧ (ବନ୍ଦନା ସେଠୀ)

ରାଜ୍ୟ ସରକାର ଗୁଟ୍‌ଖା ନିଷେଧ ଆଇନକୁ କଡାକଡି କରିଛନ୍ତି। ଏହି ଆଇନକୁ କାର୍ଯ୍ୟକାରୀ ପାଇଁ ବିଏମ୍‌ସି ଅଣ୍ଟାଭିଡିଥିବାବେଳେ ଭେଣ୍ଡିଂ ଜୋନ ଏବଂ ଓମ୍ପଫେଡ୍ ବୁଥ୍‌ରେ ଗୁଟୁଖା ବିକ୍ରି ଉପରେ କଟକଣା ଲାଗିଛି। କିନ୍ତୁ କେତେଜଣ ବ୍ୟବସାୟୀ ସରକାର ଓ ପ୍ରଶାସନର ଏହି କଟକଣାକୁ ଫୁ କରି ମନଇଚ୍ଛା ଦରରେ ଗୁଟ୍‌ଖା ବିକୁଛନ୍ତି। ପୂର୍ବରୁ ବିଭିନ୍ନ କମ୍ପାନୀର ଗୁଟ୍‌ଖା ସର୍ବାଧିକ ୫ ଟଙ୍କାରେ ମିଳୁଥିବା ନେଳେ ଏବେ କିଏ ୭ ଟଙ୍କା ତ ଆଉ କିଏ ୧୦ ଟଙ୍କା ନେଉଥିବା ଦେଖାଯାଉଛି। ତେବେ ଭୁବନେଶ୍ୱରରେ ଭେଣ୍ଡିଂଜୋନ୍ ଏବଂ ଓମ୍‌ଫେଡ୍ ବୁଥ୍‌ଗୁଡିକରେ ଗୁଟ୍‌ଖା ବିକ୍ରି ବାରଣ ନିଷ୍ପତ୍ତି ପ୍ରସଙ୍ଗରେ ଭୁବନେଶ୍ୱର ମେୟର ସୁଲୋଚନା ଦାସ କଡ଼ା ଚେତାବନୀ ଦେଇଛନ୍ତି। ଗୁଟ୍‌ଖା ବିକ୍ରି କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ପ୍ରଥମେ ସଚେତନ କରାଯିବ। ନୋଟିସେ, ଫାଇନ୍ ପରେ ଗୁଟ୍‌ଖା ବିକ୍ରି କଲେ ଲାଇସେନ୍ସ ବାତିଲ କରାଯିବ। ଖଣ୍ଡଗିରି ମାଘ ମେଳା ପରେ ଭୁବନେଶ୍ୱରରେ ବିଏମ୍‌ସି ପକ୍ଷରୁ ଜୋରଦାର ଚେକିଂ କରାଯିବ ବୋଲି ମେୟର କହିଛନ୍ତି।

# ବିବାହ ପୂର୍ବରୁ ପାରସ୍ପରିକ ବୁଝାମଣା ବଢ଼ାଇବ ପ୍ରାକ୍-ବିବାହ ସଂଯୋଗ କେନ୍ଦ୍ର



ପ୍ରାକ୍-ବିବାହ ସଂଯୋଗ କେନ୍ଦ୍ରକୁ ଉଦ୍‌ଘାଟନ କରିବା ଅବସରରେ ରାଜ୍ୟ ମହିଳା ଆୟୋଗର ସଦସ୍ୟାମାନଙ୍କ ସହ ଅନ୍ୟ ଅତିଥିମାନେ।

ଭୁବନେଶ୍ୱର, ୨୯।୧ (ବନ୍ଦନା ସେଠୀ)

ସ୍ୱେଚ୍ଛାସେବୀ ସଂଗଠନ ପିପୁଲ୍‌ସ କଲ୍‌ଚରାଲ ସେଣ୍ଟର (ପିକକ୍) ପକ୍ଷରୁ ଜାତୀୟ ମହିଳା ଆୟୋଗଙ୍କ ମାର୍ଗଦର୍ଶନରେ ପୋଖରୀପୁଟ ଅଞ୍ଚଳରେ ପ୍ରାକ୍-ବିବାହ ସଂଯୋଗ କେନ୍ଦ୍ର ଖୋଲିଛି। ଗୁରୁବାର ଏହାକୁ ରାଜ୍ୟ ମହିଳା ଆୟୋଗ ସଦସ୍ୟା ଉର୍ମିଳା ମହାପାତ୍ର, ପ୍ରତିଭା ଶତପଥୀ, ମୁକ୍ତା ସାହୁ, କ୍ଲିନିକାଲ ମନସ୍ତତ୍ତ୍ୱବିତ୍ ତଥା ଭାରତୀୟ ଶିଶୁ କଲ୍ୟାଣ ପରିଷଦର ମହାସଚିବ ମଧୁମିତା ଦାସ, ଅଲିମ୍ପିଆନ ଅନୁରାଧା ବିଶ୍ୱାଳ ପ୍ରମୁଖ ଉଦ୍‌ଘାଟନ କରିଥିଲେ। ପିକକ୍‌ର ଅଧ୍ୟକ୍ଷା ଡ. ମୀନାକ୍ଷୀ ପଣ୍ଡା ଏଥିରେ ଅଧ୍ୟକ୍ଷତା କରିଥିଲେ। ପିକକ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଅନୁରାଧା ମହାନ୍ତି ଯୋଗଦେଇ କହିଲେ, ବିବାହ ପୂର୍ବରୁ ଯୁବ ଦମ୍ପତିଙ୍କ ମଧ୍ୟରେ ଯୋଗଯୋଗ, ପାରସ୍ପରିକ ବୁଝାମଣା ଏବଂ ସମ୍ମାନକୁ ସୁଦୃଢ଼ କରି ସୁସ୍ଥ ପରିବାର ଗଠନକୁ ପ୍ରୋତ୍ସାହିତ କରିବା ଏହି କେନ୍ଦ୍ରର ଉଦ୍ଦେଶ୍ୟ। ଆଜିକାଲି ବିବାହ ପରି ଏକ ଅତି ପବିତ୍ର ବନ୍ଧନ ଛୋଟ ଛୋଟ ସମସ୍ୟା ପାଇଁ ଭାଙ୍ଗି ଯାଉଛି। ତେଣୁ ଯୁବପିଢ଼ିଙ୍କୁ ଖୋଲାଖୋଲି ଭାବରେ ଯୋଗାଯୋଗ କରିବା, ପରସ୍ପରକୁ ବୁଝିବା, ବିବାହ କରିବା ପୂର୍ବରୁ ପାରସ୍ପରିକ ସମ୍ମାନ ଏବଂ ସହାନୁଭୂତିକୁ ସୁଦୃଢ କରିବା ପାଇଁ ପ୍ରାକ-ବିବାହ ସଂଯୋଗ କେନ୍ଦ୍ରର ଅବଶ୍ୟକତା ରହିଛି। ସୁସ୍ଥ, ସମ୍ମାନଜନକ ସହଭାଗୀତାକୁ ପ୍ରୋତ୍ସାହିତ କରିବା ପାଇଁ ଏହି ସେବାଗୁଡ଼ିକୁ ତାଲିମପ୍ରାପ୍ତ ପରାମର୍ଶଦାତା, ମନସ୍ତତ୍ତ୍ୱବିତ୍ ଏବଂ ଆଇନଗତ ବିଶେଷଜ୍ଞଙ୍କ ଦ୍ୱାରା ଉପଲବ୍ଧ କରାଯିବ ବୋଲି ଅତିଥିମାନେ କହିଥିଲେ। ପିକକ୍‌ର କୋଷଧକ୍ଷା ରତ୍ନା ଦାଶ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ମଞ୍ଚସ୍ଥ ହେଲା ନାଟକ 'ରାଜଜେମା'



ଉତ୍ତରପୁରୁଷ ନାଟକ ପରିକ୍ରମାର ଗୁରୁବାର ଉଦ୍‌ଯାପନୀ ଦିବସରେ ପରିବେଷିତ ନାଟକ 'ରାଜଜେମା'ର ଏକ ଦୃଶ୍ୟ। (ଫଟୋ: ବିକାଶ ନାୟକ)

ଭୁବନେଶ୍ୱର,୨୯।୧ (ସୌମ୍ୟରଞ୍ଜନ ରାଉତ)

ଚିତ୍ରଶିଳ୍ପୀ ଚିତ୍ରସେନ୍‌ଙ୍କୁ ରାଜ୍ୟ ଚିତ୍ରଶାଳାରେ ଉଦ୍‌ଘାଟନ ହେବାକୁ ଥିବା ରାଜଜେମା ଗ୍ୟାଲେରିରେ ୩ ରାଜଜେମାଙ୍କ ଚିତ୍ର ଆଙ୍କିବାକୁ ଦାୟିତ୍ୱ ମିଳିଥାଏ। ଏହା ଭିତରେ ବିତିଯାଏ ୧୫ଦିନ। କିନ୍ତୁ ଚିତ୍ର ଆଙ୍କି ପାରାନ୍ତି ନାହିଁ ଚିତ୍ରସେନ୍। ପରେ ଚିତ୍ରସେନ୍‌ଙ୍କ ଭେଟ ହୁଏ କଳ୍ପନାଙ୍କ ସହ ଯିଏ ଚିତ୍ରସେନ୍‌ଙ୍କୁ ପର୍ଯ୍ୟାୟକ୍ରମେ ୩ ରାଜଜେମା ମହାଭାରତ ଯୁଗର ମାଧବୀ, ୧୮ ଶହ ଶତାବ୍ଦୀର ଉଦୟପୁର ରାଜାଜେମା କୃଷ୍ଣାକୁମାରୀ ଓ ଷୋଡଶ ଶତାବ୍ଦୀର ଖୋର୍ଦ୍ଧା ଗଜପତି ପୁରୁଷୋତ୍ତମଦେବଙ୍କ ଅଲିଅଳି ରାଜଜେମା ମକ୍ତାଦେଇଙ୍କ କଥା ଶୁଣାଏ। ପ୍ରତିଟି କାନ୍‌ଭାସରୁ ବାହାରି ଆସନ୍ତି ଏକ ରାଜଜେମା ଆଉ ଚିତ୍ରସେନଙ୍କୁ ଶୁଣାନ୍ତି ନିଜ କାହାଣୀ। ଶେଷରେ କଣ୍ଟ ପୂରିଯାଏ, ମାସ ସରିଯାଏ କିନ୍ତୁ ଚିତ୍ର ଆଙ୍କି ପରାନ୍ତିନି ଚିତ୍ରସେନ୍। ଆଉ ପରାଜୟ ସ୍ୱୀକାର କରି ସେ ଫେରି ଯାଆନ୍ତି। ଏପରି ଏକ କାହାଣୀଙ୍କୁ ନେଇ ଗୌରହରି ଦାସଙ୍କ ରଚିତ ଓ ଦେବଦତ୍ତ ପତିଙ୍କ ନିର୍ଦ୍ଦେଶିତ ନାଟକ 'ରାଜଜେମା' ମଞ୍ଚସ୍ଥ ହୋଇଯାଇଛି। ଉତ୍ତରପୁରୁଷ ନାଟକ ପରିକ୍ରମାର ଗୁରୁବାର ଉଦ୍‌ଯାପନୀ ଦିବସରେ ଅନୁଷ୍ଠାନର କଳାକାରମାନେ ଚମତ୍କାର ଢଙ୍ଗରେ ନାଟକ ପରିବେଷଣ କରିଥିଲେ। ଅତିଥି ଭାବେ ନାଟ୍ୟକାର ଲଲାଟେନ୍ଦୁ ରଥ, ବିନାୟକ ମିଶ୍ର, ବିଜୟ କୁମାର ଶତପଥୀ ଓ ହରେନ ସାହୁ ପ୍ରମୁଖ ଯୋଗଦେଇଥିଲେ।

### ବିଡିଏ ପକ୍ଷରୁ ଦୁଇଟି ସ୍ଥାନରୁ ଜବରଦଖଲ ଉଚ୍ଛେଦ

ଭୁବନେଶ୍ୱର, ୨୯।୧ (ବନ୍ଦନା ସେଠୀ)

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ପକ୍ଷରୁ ଜବରଦଖଲରେ ଥିବା ଦୁଇଟି ସରକାରୀ ଜାଗାରୁ ଉଚ୍ଛେଦ କରାଯାଇଛି। ଚନ୍ଦ୍ରଶେଖରପୁର ମୌଜା ଅନ୍ତର୍ଗତ ସରକାରୀ ପ୍ଲଟ୍ ନଂ. ୬୬୬ରେ ଜବରଦଖଲକାରୀମାନେ ପ୍ରାୟ ୮୨୦ ଡିସିମିଲ ଜମିକୁ ନିଜ ଅକ୍ତିଆରରେ ରଖିବା ସହ ଘର, ଦୋକାନ ଓ ଅନ୍ୟ ସ୍ଥାୟୀ ନିର୍ମାଣ କରିଥିଲେ। ବିଡିଏ ପକ୍ଷରୁ ଉଚ୍ଛେଦ ପରେ ତାହାକୁ ଜବରଦଖଲମୁକ୍ତ କରାଯାଇଛି। ୩ଘଣ୍ଟା ଧରି ଚାଲିଥିବା ଉଚ୍ଛେଦରେ ୬ଟି ଆଜ୍‌ବେଷ୍ଟସ ଘର, ୨ଟି ଦୋକାନ ଘର, ୫ଟି ଶୌଚାଳୟ, ଗୋଟିଏ ପାଣି ଟାଙ୍କି ଭଙ୍ଗାଯାଇଛି। ବିଡିଏ ଏନ୍‌ଫୋର୍ସମେଣ୍ଟ ଅଫିସର (ଓଏସ୍‌ଡି) ଦେବରାଜ ସେଠୀ, ବିଡିଏ ଲିଆସନ ଅଫିସର ଶୁଭ୍ରାଂଶୁ ଶେଖର ମହାନ୍ତିଙ୍କ ଉପସ୍ଥିତିରେ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ୧, ୫ ଓ ୬ ଟିମ୍ ଉଚ୍ଛେଦରେ ନିୟୋଜିତ ହୋଇଥିଲେ।

ସେହିପରି ପାତ୍ରପଡ଼ା ମୌଜାର ପ୍ଲଟ୍ ନଂ. ୩୬୯ ଓ ୩୭୧ ଅନ୍ତର୍ଗତ ୬ଏକର ୮୯୦ ଡିସିମିଲ ଜମିରୁ ବିଡିଏ ପକ୍ଷରୁ ଜବରଦଖଲ ଉଚ୍ଛେଦ ଆରମ୍ଭ ହୋଇଛି। ଏହି ଜମିରେ ହୋଇଥିବା ପାଚେରି ସମେତ ୬ଟି ଆଜ୍‌ବେଷ୍ଟସ୍ ଘର, ୩ଟି ଶୌଚାଳୟ ଏବଂ ଦୁଇଟି ପାଣିଟାଙ୍କିକୁ ଭଙ୍ଗାଯାଇଛି। ଉଚ୍ଛେଦରେ ବିଡିଏ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାର୍ଡ ୩ ଓ ୪ର ଟିମ୍ ସାମିଲ ହୋଇଥିଲେ।

### ଶ୍ରୀଲିଙ୍ଗରାଜଙ୍କ ଭୀମେଶ୍ୱର ମନ୍ଦିର ଯାତ୍ରା

ପୁରୁଣା ଭୁବନେଶ୍ୱର,୨୯।୧(ସୁବାସ ଚନ୍ଦ୍ର ପ୍ରଧାନ)

ଭୈମୀ ଏକାଦଶୀରେ ଗୁରୁବାର ପ୍ରଭୁ ଶ୍ରୀଲିଙ୍ଗରାଜ ଭୀମେଶ୍ୱର ମନ୍ଦିର ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପ୍ରାତଃରୁ ଆଳତି ଅବକାଶ ପରେ ସାହାଣ ମେଲା ହୋଇଥିଲା। ପରେ ଅନ୍ୟାନ୍ୟ ନୀତି ହୋଇ ପ୍ରଭୁ ଶ୍ରୀଲିଙ୍ଗରାଜ, ମା'ପାର୍ବତୀ, ମା'ଦୁର୍ଗା ଏବଂ ପ୍ରଭୁ ବାସୁଦେବ ସୁସଜ୍ଜିତ ବିମାନ ଓ ପାଲିଙ୍କିରେ ବିରାଜମାନ କରିଥିଲେ। ପରେ ଦ୍ୱିପ୍ରହର ଧୂପ, ଠାକୁରାଣୀ ଦ୍ୱିପ୍ରହର ଧୂପ ହୋଇ ପହୁଡ଼ ପଡ଼ିଥିଲା। ଏହାପରେ ଅପଟିଆ, ମଶାଲ, ଧଳା କଳା ଛତା, ଘଣ୍ଟ ଘଣ୍ଟା, କାହାଳୀ ଶୋଭାଯାତ୍ରାରେ ଠାକୁର ଠାକୁରାଣୀମାନେ ଭୀମେଶ୍ୱର ମନ୍ଦିର ଯାତ୍ରା କରିଥିଲେ। ଭୀମେଶ୍ୱରଙ୍କ ସମ୍ମୁଖ ସିଂହାସନରେ ଉପବିଷ୍ଟ ହେବା ପରେ ଠାକୁରମାନଙ୍କୁ ପାଳିଆ ସେବାୟତମାନେ ସ୍ନାନ, ବସ୍ତ୍ର ପରିଧାନ ପୂର୍ବକ ବେଶ କରାଇଥିଲେ। ଏହା ପରେ ପଞ୍ଚ ଉପଚାରରେ ପୂଜା ହୋଇଥିଲା। ପରେ ଶ୍ରୀଭୀମେଶ୍ୱରଙ୍କ ସହ ଭେଟ ଆଳତି ହୋଇଥିଲା। ଏଥିସହ ଠାକୁରମାନେ ସ୍ୱ ମନ୍ଦିର ପ୍ରତ୍ୟାବର୍ତ୍ତନ କରିଥିଲେ। ଟେରାଫିଟା ପରେ ସନ୍ଧ୍ୟାଧୂପ ହୋଇଥିଲା। ପୁଣି ପ୍ରଭୁ ବାସୁଦେବ ବିନ୍ଦୁ ସାଗର କୂଳସ୍ଥ ଅନନ୍ତ ବାସୁଦେବ ମନ୍ଦିରକୁ ଯାତ୍ରା କରିଥିଲେ। ସେଠାରେ ପୂଜା ସାରି ଫେରିବା ପରେ ଶ୍ରୀଲିଙ୍ଗରାଜ ମନ୍ଦିରରେ ବଡ଼ ସିଂହାର କରାଯାଇ ପହୁଡ଼ ପଡ଼ିଥିଲା।

# ଲେଖକ ସାମ୍ମୁଖ୍ୟ ପକ୍ଷରୁ କବିତା ପାଠୋତ୍ସବ, ଆଲୋଚନାଚକ୍ର

ଭୁବନେଶ୍ୱର,୨୯।୧ (ସୌମ୍ୟରଞ୍ଜନ ରାଉତ)



ଲେଖକ ସାମ୍ମୁଖ୍ୟ ଓଡ଼ିଶା ଓ ରୋଟାରୀ କ୍ଲବ୍ କଟକ ଆନୁକୂଲ୍ୟରେ ବୁଧବାର ବୁଦ୍ଧମନ୍ଦିର ସଭାଗୃହଠାରେ ସାମ୍ମୁଖ୍ୟର ସଭାପତି ଡ. ଅଲେଖ ଚନ୍ଦ୍ର ପଢିଆରୀଙ୍କ ସଭାପତିତ୍ୱରେ କବିତା ପାଠୋତ୍ସବ ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବରେ ରୋଟାରିଆନ ବାଣୀ ନିର୍ମାଲ୍ୟ ଦାସ, ରୋଟାରିଆନ ଅଶୋକ ବିହାରୀ ମହାପାତ୍ର, ରୋଟାରିଆନ ସୁଜାତା ମହାପାତ୍ର, ସାମ୍ମୁଖ୍ୟର ଉପସଭାପତି ଡ. ପ୍ରେମଲତା ଦେବୀ, ସାଧାରଣ ସମ୍ପାଦକ ନାଟ୍ୟକାର ବିଜୟ କୁମାର ମହାନ୍ତି ଏବଂ ସମ୍ପାଦିକା ବିମଳା ସିଂହ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସାମ୍ମୁଖ୍ୟର କୋଷାଧ୍ୟକ୍ଷ ଡ. ଚକ୍ରଧର ଦାଶ ଓ ପରିଚାଳନା କମିଟି ସଦସ୍ୟ ମନୋଜ କୁମାର ଜେନାଙ୍କ ସଂଯୋଜନାରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ୪୦ରୁ ଊର୍ଦ୍ଧ୍ୱ କବି ସ୍ୱରଚିତ କବିତା ପାଠ କରିଥିଲେ। ପରେ ସମସ୍ତ କବିଙ୍କୁ ଉତ୍ତରୀୟ, ଫୁଲତୋଡ଼ା ଓ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ପରିଚାଳନା କମିଟି ସଦସ୍ୟ ମନୋଜ କୁମାର ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ। ଡ. ଚକ୍ରଧର ଦାଶ ଧନ୍ୟବାଦ ଦେଇଥିଲେ।

### ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ମହାଶିବରାତ୍ରି ପ୍ରସ୍ତୁତି ବୈଠକ ଆଜି

ପୁରୁଣା ଭୁବନେଶ୍ୱର,୨୯।୧(ସୁବାସ ଚନ୍ଦ୍ର ପ୍ରଧାନ)

ଆସନ୍ତା ଫେବୃଆରୀ ୧୫ରେ ମହାଶିବରାତ୍ରି। ଏନେଇ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ମହାଶିବରାତ୍ରି ତଥା ଜାଗର ଯାତ୍ରାକୁ କିଭଳି ଶୃଙ୍ଖଳିତ କରାଯିବ ଏଥିପାଇଁ ଶ୍ରୀଲିଙ୍ଗରାଜ ମନ୍ଦିର କାର୍ଯ୍ୟାଳୟ ପକ୍ଷରୁ ପ୍ରସ୍ତୁତି ବୈଠକ ପାଇଁ ଦିନାଙ୍କ ସ୍ଥିର ହୋଇଛି। ଶୁକ୍ରବାର ଅପରାହ୍ନ ୫ଟା ୩୦ରେ ନ୍ୟୁ ମାର୍କେଟ କମ୍ପ୍ଲେକ୍ସ ସ୍ଥିତ ଲିଙ୍ଗରାଜ ମନ୍ଦିର କାର୍ଯ୍ୟାଳୟରେ ସେବାୟତ ପ୍ରମୁଖଙ୍କୁ ନେଇ ପ୍ରାକ୍ ପ୍ରସ୍ତୁତି ବୈଠକ ନିମନ୍ତେ ବିଭିନ୍ନ ନିଯୋଗକୁ ପତ୍ର ମାଧ୍ୟମରେ ଜଣାଯାଇଛି। ବିଶେଷକରି ଠାକୁରଙ୍କ ନୀତିକାନ୍ତି ସମ୍ବନ୍ଧରେ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା ହେବ ବୋଲି ଜଣାପଡିଛି। ପ୍ରମୁଖ ସେବାୟତଙ୍କ ସହ ଚର୍ଚ୍ଛେଇତ, ମନ୍ଦିର ସୁପରଭାଇଯାର, ମେକାପ, ପିଅନ, ପଦଯାତ୍ରା ବିଶୋଇ, ମନ୍ଦିର ଇଲେକ୍ଟ୍ରିସିଆନ ମଧ୍ୟ ବୈଠକରେ ଯୋଗଦେବା ପାଇଁ ପତ୍ର ମାଧ୍ୟମରେ ଜଣାଯାଇଛି। ସେହିପରି ଅପରାହ୍ନ ୫ଟା ୩୦ରେ ମଧ୍ୟ ଶ୍ରୀଲିଙ୍ଗରାଜଙ୍କ ଜାଗର ଯାତ୍ରା ନେଇ ଜିଲାପାଳଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ସର୍କିଟ ହାଉସ ଠାରେ ବୈଠକ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି।

# ୨୦୦୮ରୁ ୨୦୧୮ ମଧ୍ୟରେ ନିଯୁକ୍ତ ଅଧ୍ୟାପକଙ୍କ ଅନୁଦାନକୁ ମୋହର



ବୈଠକରେ ଏକାମ୍ର ବିଧାୟକ ବାବୁ ସିଂଙ୍କୁ ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

ଭୁବନେଶ୍ୱର,୨୯।୧(ସୁଚିସ୍ମିତା ସାହୁ)

ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ନିର୍ଦ୍ଦେଶକ୍ରମେ ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଏକାମ୍ର ବିଧାୟକ ବାବୁସିଂଙ୍କ ଉପସ୍ଥିତିରେ ଆମ କଲେଜ ଆମ ଗୌରବ ସମ୍ମିଳନୀ କକ୍ଷରେ ଉଚ୍ଚସ୍ତରୀୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟି ଅଧ୍ୟକ୍ଷ ଓ ସଦସ୍ୟଙ୍କ ସହ ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘର ପ୍ରତିନିଧିମାନେ ଉପସ୍ଥିତ ରହି ଦାବି ସଂକ୍ରାନ୍ତରେ ଆଲୋଚନା କରିଥିଲେ। ରାଜ୍ୟର ବିଭିନ୍ନ ଅନୁଦାନପ୍ରାପ୍ତ ଏବଂ ଅଣ ଅନୁଦାନ ମହାବିଦ୍ୟାଳୟରେ ୧ ଜୁନ ୨୦୦୮ ରୁ ୧ ଜୁନ ୨୦୧୮ ମଧ୍ୟରେ ନିଯୁକ୍ତ ଅଧ୍ୟାପକ ଓ କର୍ମଚାରୀଙ୍କୁ ଅନୁଦାନ ଦାବିରେ ସଂଘ ପକ୍ଷରୁ ଦୀର୍ଘବର୍ଷ ହେବ ଆନ୍ଦୋଳନ ହେଉଛି। ବିଭିନ୍ନ ସମୟରେ ସଂଘର ଦାବି ସମ୍ପର୍କରେ ବିଭାଗୀୟ ଆଲୋଚନା ହୋଇଥିଲେ ସୁଦ୍ଧା ନୂତନ ଅନୁଦାନ ନୀତିକୁ ନେଇ କୌଣସି ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ କରାଯାଇ ନାହିଁ। ନୂତନ କମିଟିକୁ ନେଇ ସଂଘ ସନ୍ଦିହାନ ଥିବା ସମୟରେ ଉଚ୍ଚସ୍ତରୀୟ କମିଟି ବୈଠକରେ ସଫଳ ଆଲୋଚନା ହୋଇଥିବା ସୂଚନା ଦିଆଯାଇଛି। ଏହି ବୈଠକରେ ପୂର୍ବସ୍ଥିରୀକୃତ ୧ ଜୁନ ୨୦୦୮ରୁ ୧ ଜୁନ ୨୦୧୮ ଅନୁଦାନ ନୀତିକୁ ପୁନଶ୍ଚ ସ୍ୱୀକୃତି ମିଳିଛି। ଯଥାଶୀଘ୍ର ସଂଘର ସମସ୍ତ ଦାବି ପୂରଣ କରାଯିବା ପାଇଁ ଉକ୍ତ କମିଟି ଉଚ୍ଚଶିକ୍ଷା ବିଭାଗ ସହିତ ଆଲୋଚନା କରି ବିଧିବଦ୍ଧ ନିର୍ଦ୍ଦେଶନାମା ଜାରିକରିବା ପାଇଁ ଦୃଢ଼ ପ୍ରତିଶ୍ରୁତି ଦିଆଯାଇଛି। ସଂଘ ସଭାପତି ବିଶ୍ୱରଞ୍ଜନ ଦାସ ପ୍ରତିନିଧି ମଣ୍ଡଳୀର ନେତୃତ୍ୱ ନେଇଥିଲେ। ଏହି ଅବସରରେ ସଂଘ ପକ୍ଷରୁ ବିଧାୟକ ସିଂଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ସଂଘ ସମ୍ପାଦକ ପ୍ରିୟବ୍ରତ ମହାପାତ୍ର, ଆବାହକ ନିଲୁ ନାୟକ, କେନ୍ଦ୍ରାପଡ଼ା ଜିଲା ସଂଯୋଜକ ବାପୁଜୀ ମହାପାତ୍ର, ଗଞ୍ଜାମର ଜିଲା ସଂଯୋଜକ ପ୍ରକାଶ ଚନ୍ଦ୍ର ଶତପଥୀ, କଟକର ସଂଯୋଜକ କେଶବ ଚନ୍ଦ୍ର ସାହୁ, ଢେଙ୍କାନାଳର ସଂଯୋଜକ ପ୍ରଦୀପ ମାଝୀ ଉପସ୍ଥିତ ଥିଲେ।

# ୫ଜଣ ପାଇଲେ 'କଳାଭୂମି ସାହିତ୍ୟ ଉତ୍କର୍ଷ ସମ୍ମାନ'

ଭୁବନେଶ୍ୱର,୨୯।୧(ସୌମ୍ୟରଞ୍ଜନ ରାଉତ)



ଉତ୍ସବରେ ଅତିଥିଙ୍କ ଗହଣରେ 'କଳାଭୂମି ସାହିତ୍ୟ ଉତ୍କର୍ଷ ସମ୍ମାନ' ପାଇଥିବା ୫ଜଣ ସାହିତ୍ୟିକ।

କଳାଭୂମି ପକ୍ଷରୁ ତୃତୀୟ ରାଜ୍ୟସ୍ତରୀୟ କଳାଭୂମି ସାହିତ୍ୟ ଉତ୍ସବ ଗୁରୁବାର ସୂଚନା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ରାଜ୍ୟର ଶହେରୁ ଅଧିକ ଯୁବ ଓ ବରିଷ୍ଠ ସାହିତ୍ୟିକ ଯୋଗଦେଇ କବିତା ଓ ଗପ ପାଠ କରିଥିଲେ। ଏଥିସହ ଓଡିଶୀ ଶାସ୍ତ୍ରୀୟ ଛାନ୍ଦ ଚମ୍ପୁର ଅପୂର୍ବ ଯୁଗଳବନ୍ଦୀକୁ ଉପସ୍ଥିତ ଦର୍ଶକ ଉପଭୋଗ କରିଥିଲେ। ଏହି ଅବସରରେ କଳାଭୂମି ପକ୍ଷରୁ ୫ଜଣ ଶ୍ରେଷ୍ଠ ସାହିତ୍ୟିକଙ୍କୁ ସାହିତ୍ୟ ଉତ୍କର୍ଷ ସମ୍ମାନରେ ସମ୍ମାନିତ କରାଯାଇଥିଲା। କବିତାରେ ପ୍ରଦୀପ ବିଶାଳ, ନାଟକରେ ସୁବୋଧ ପଟ୍ଟନାୟକ, ପ୍ରବନ୍ଧରେ ପ୍ରଫେସର ପ୍ରେମାନନ୍ଦ ମହାପାତ୍ର, ଗଳ୍ପରେ ସରୋଜ ବଳ ଓ ପତ୍ରିକା ସମ୍ପାଦନାରେ ମମତା ମହାପାତ୍ରଙ୍କୁ ସମ୍ମାନିତ କରାଯାଇଥିଲା।

ପ୍ରଫେସର ବସନ୍ତ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅତିଥି ଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ସାହିତ୍ୟିକ ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି, ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଏକାମ୍ର ବିଧାୟକ ବାବୁ ସିଂ, ସଂସ୍କୃତି ବିଭାଗ ସ୍ୱତନ୍ତ୍ର ସଚିବ ଦେବପ୍ରସାଦ ଦାଶ, ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତା ଓ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପବିତ୍ର ମୋହନ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ କବି ଉମାକାନ୍ତ ରାଉତଙ୍କ 'କବିକାର କଥା' ପୁସ୍ତକ ହୋକାର୍ପିତ ହୋଇଥିଲା। ପରେ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ସ୍ତରରେ ଏକ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିସହ '୨୦୩୬: ବିକଶିତ ଓଡିଶା ପାଇଁ ଭାଷା ସାହିତ୍ୟର ଭୂମିକା' ବିଷୟରେ ହୋଇଥିବା ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। କଳାଭୂମି ଅଧ୍ୟକ୍ଷ ଡ. ପ୍ରମୋଦ କୁମାର ପତିଙ୍କ ଅଧ୍ୟକ୍ଷତାରେ ସାହିତ୍ୟ ଉତ୍ସବ ଅନୁଷ୍ଠିତ ହୋଇଥିବା ବେଳେ ଡ. ଶ୍ରୀନିବାସ ଘଟୁଆର ସଂଯୋଜନା କରିଥିଲେ।

# ‘ଭାରତର ସମୃଦ୍ଧିରେ ଛାତ୍ରୀଛାତ୍ର ସାରଥି ହୁଅନ୍ତୁ’

ବାଣପୁର,୨୯।୧(ଦିଲୀପ କୁମାର ସ୍ୱାଇଁ)

ନାରୁଣୀଗୁଡି ଗୋଦାବରୀଶ ସରକାରୀ ହାଇସ୍କୁଲର ୬୬ତମ ବାର୍ଷିକ ଉତ୍ସବ ପ୍ରଧାନଶିକ୍ଷକ ବସନ୍ତ ଶବରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ ବିଦ୍ୟାଳୟର ନୂତନ ଶ୍ରେଣୀଗୃହ ଉଦ୍ଘାଟନ କରିଥିଲେ। ଶିକ୍ଷକ ରାମଚନ୍ଦ୍ର ଦାଶ ବେଦପାଠ କରିଥିଲେ। ଏହି ଅବସରରେ ମନ୍ତ୍ରୀ ହରିଚନ୍ଦନ କହିଥିଲେ, ଛାତ୍ରୀଛାତ୍ରମାନେ ନିଜ ଭବିଷ୍ୟତ ଗଠନ ପାଇଁ ନିରନ୍ତର ବିଦ୍ୟାଳୟ ଆସିବା ଉଚିତ୍। ଭାରତର ସମୃଦ୍ଧିରେ ପ୍ରତ୍ୟେକ ଛାତ୍ରୀଛାତ୍ର ନିଃସ୍ୱାର୍ଥପର ସାରଥି ହେବାକୁ ମନ୍ତ୍ରୀ ହରିଚନ୍ଦନ ଆହ୍ୱାନ ଦେଇଥିଲେ।



ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଜଣେ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

ମୁଖ୍ୟବକ୍ତା ପୂର୍ବତନ ଚିଲିକା ବିଧାୟକ ଡା.ବିଭୂତି ଭୂଷଣ ହରିଚନ୍ଦନ, ସମ୍ମାନିତ ଅତିଥିଭାବେ ବାଣପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ସନାତନ ଜାଲି, ଶିକ୍ଷାନୁଷ୍ଠାନର ପୂର୍ବତନ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ସାମନ୍ତସିଂହାର, ପଞ୍ଚସଖା ଶିକ୍ଷା ସେତୁ ସଭାପତି ବସନ୍ତ କୁମାର ସାହୁ, ସମିତି ସଭ୍ୟ ବିରଞ୍ଚିନାରାୟଣ ରାଉତ, ବିଦ୍ୟାଳୟ ଶିକ୍ଷା ପରିଚାଳନା କମିଟି ଅଧ୍ୟକ୍ଷ ପ୍ରଦୋଷ କୁମାର ଦାସ ଯୋଗଦେଇ ବକ୍ତବ୍ୟ ରଖିବା ସହିତ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସେହିପରି ବିଦ୍ୟାଳୟର ପୂର୍ବତନ ଛାତ୍ର ସ୍ୱର୍ଗତ ଇଂ. ସାଇ ତତ୍ତ୍ୱଦ ମିଶ୍ରଙ୍କ ସ୍ମୃତିରେ ସବୁ ଶ୍ରେଣୀର ଶ୍ରେଷ୍ଠ ବିଦ୍ୟାର୍ଥୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ପ୍ରତିଷ୍ଠାତା ଗୋଦାବରୀଶ ମହାପାତ୍ରଙ୍କ ପୁଅ ଅଶ୍ୱିନୀ କୁମାର ମହାପାତ୍ର, ପୂର୍ବତନ ପ୍ରଧାନ ଶିକ୍ଷକ ଅର୍ଜୁନ ସ୍ୱାଇଁ, ପୂର୍ବତନ ଚିଲିକା ବ୍ଲକ ଅଧ୍ୟକ୍ଷ ଲଳିତ ମୋହନ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ବରିଷ୍ଠ ଶିକ୍ଷକ ବାଣୀକାନ୍ତ ସାହୁ ଏବଂ ସୌମ୍ୟକାନ୍ତ ସାହୁ ସଂଯୋଜନା କରିଥିବା ବେଳେ ଶିକ୍ଷୟିତ୍ରୀ ସ୍ୱାଗତିକା ସ୍ୱାଇଁ ସଭା ସଞ୍ଚାଳନ କରିଥିଲେ। ଶିକ୍ଷୟିତ୍ରୀ ମୋନିକା ମହାରଣା, ସୀତା ଦେଈ, ସୋନାଲି ନାୟକ, ରଞ୍ଜିତ ସାହୁ, ନୀହାରିକା ପାଇକରାୟ, ମିତାଲି ସେଠୀ, କିଶୋର ପ୍ରଧାନ, ହିରଣ୍ୟ ଜାଲି, ଅନିତା ଜେନା ପ୍ରମୁଖ ସହଯୋଗ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

**ଗୋଦାବରୀଶ ସରକାରୀ ହାଇସ୍କୁଲର ୬୬ତମ ବାର୍ଷିକୋତ୍ସବ**

## ପଥରବ୍ଲାଷ୍ଟିଂ ସ୍ଥଳ ସ୍ଥିତି ଅନୁଧ୍ୟାନ କଲା କମିଟି



ଅଧିକାରୀମାନେ ସ୍ଥିତି ଅନୁଧ୍ୟାନ କରୁଛନ୍ତି।

ଖୋର୍ଦ୍ଧା,୨୯।୧(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ତହସିଲ ଅନ୍ତର୍ଗତ ଶିଆଳିଆ ବ୍ରହ୍ମପୁରାରେ ବେଆଇନ ଭାବେ ଖଣି ଖନନ, ପଥର ବ୍ଲାଷ୍ଟିଂ ଅଭିଯୋଗ ଉପରେ ଜିଲା ପ୍ରଶାସନ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଗୁରୁବାର ସ୍ଥାନୀୟ ତହସିଲଦାର, ଖଣି ଅଧିକାରୀ, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ବିଭାଗୀୟ ଅଧିକାରୀ, ରାଜସ୍ୱ ବିଭାଗକୁ ନେଇ ଗଠିତ ଯୁଗ୍ମ କମିଟି ଉକ୍ତ ସ୍ଥାନ ପରିଦର୍ଶନ କରିଥିଲେ। ଘଟଣାସ୍ଥଳର ସ୍ଥିତି ଅନୁଧ୍ୟାନ କରିବା ସହ ବ୍ଲାଷ୍ଟିଂ ଯୋଗୁ କ୍ଷତିଗ୍ରସ୍ତ ନିକଟସ୍ଥ ଗ୍ରାମର ଘର, ବିଦ୍ୟାଳୟ ବୁଲି ଦେଖିବା ସହ ଅଭିଯୋଗ ଶୁଣିଥିଲେ। ତଦନ୍ତ ରିପୋର୍ଟ ନ ଆସିବା ପର୍ଯ୍ୟନ୍ତ ପଥର ଖନନ, ବ୍ଲାଷ୍ଟିଂ ବନ୍ଦ କରିବାକୁ ପ୍ରଶାସନ ପକ୍ଷରୁ ସମ୍ପୃକ୍ତ ଲିଜ୍‌ଧାରୀ ସଂସ୍ଥାକୁ ତାଗିଦା କରାଯାଇଛି।

ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ, ନିକଟରେ ଗ୍ରାମ, ବିଦ୍ୟାଳୟ, ଶ୍ମଶାନ ଆଦି ରହିଥିବା ବେଳେ ବେଆଇନ ଭାବେ ଦିବାରାତ୍ର ବ୍ଲାଷ୍ଟିଂ ଯୋଗୁ ଘର ଛାତ, ଆଜ୍‌ବେଷ୍ଟସ, କାନ୍ଥରେ ଫାଟ ସୃଷ୍ଟି ହେବା ସହ ପଥରଖଣ୍ଡ ଛିଟିକି ଘରେ ପଡୁଛି। ମନଇଚ୍ଛା ବ୍ଲାଷ୍ଟିଂ ଯୋଗୁ ଗ୍ରାମବାସୀ ଅତିଷ୍ଠ ହୋଇପଡ଼ିଲେଣି। ଏନେଇ ପୂର୍ବରୁ ଘଟଣାସ୍ଥଳରେ କେତେଜଣ ଗ୍ରାମବାସୀ ବିରୋଧ କରିବା ସହ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିଲେ। ବ୍ଲାଷ୍ଟିଂ ବନ୍ଦ କରିବାକୁ ଗ୍ରାମବାସୀ ଦାବି କରିଥିଲେ। ଗ୍ରାମବାସୀଙ୍କ ଅଭିଯୋଗ ଉପରେ ଏହି ତଦନ୍ତ କରାଯାଇଛି। ସବିଶେଷ ରିପୋର୍ଟ ଆସିବା ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ଅଜଣା ଗାଡ଼ି ଧକ୍କାରେ ବୃଦ୍ଧଙ୍କ ମୃତ୍ୟୁ

ଯାଁଳା,୨୯।୧(ବୁଲା ବାରିକ)

ଇନ୍‌ଫୋଭ୍ୟାଲି ଥାନା ଅଧୀନ ଓଗାଳପଡ଼ା ଛକରେ ଗୁରୁବାର ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସ୍ଥାନୀୟ ଓଗାଳପଡ଼ା ଗ୍ରାମର ଉପେନ୍ଦ୍ର ବେହେରା (୬୦)। ସୂଚନା ମୁତାବକ, ସକାଳ ୬ଟାରେ ଉପେନ୍ଦ୍ର କୌଣସି କାମରେ ବଜାରକୁ ଯାଇଥିଲେ। ୧୬ନଂ. ଜାତୀୟ ରାଜପଥର ଓଗାଳପଡ଼ା କାଠଗୋଲା ସମ୍ମୁଖରେ ସେ ରାସ୍ତା ପାରି ହେଉଥିବା ବେଳେ ଭୁବନେଶ୍ୱର ପଟୁ ଖୋର୍ଦ୍ଧା ଅଭିମୁଖେ ଆସୁଥିବା ଏକ ଟ୍ରକ୍ ତାଙ୍କୁ ଧକ୍କା ଦେଇ ପଳାଇଥିଲା। ଫଳରେ ସେ ଡିଭାଇଡର ଉପରକୁ ଛିଟିକି ପଡ଼ିଥିଲେ। ତାଙ୍କ ମୁଣ୍ଡ, କାନରେ ଗଭୀର ଆଘାତ ଲାଗିଥିବା ବେଳେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ଯୋଗୁ ରାଜପଥ ପ୍ରାୟ ଅଧଘଣ୍ଟା ଜାମ୍ ରହିଥିଲା। ଖବରପାଇ ଇନ୍‌ଫୋଭ୍ୟାଲି ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ଆମ୍ବୁଲାନ୍ସରେ ମେଡିକାଲକୁ ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ମୃତକଙ୍କ ଭାଇ ପ୍ରଭାକରଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ତଦନ୍ତ ଚଳାଇଛି।

## ଭାରତ ସ୍କାଉଟ୍ସ ଗାଇଡ୍ସ ରାଜ୍ୟ ପୁରସ୍କାର ପରୀକ୍ଷାରେ ଭାଗନେଲେ ୨୭୧



ଭାରତ ସ୍କାଉଟ୍ସ ଓ ଗାଇଡ୍ସର ରାଜ୍ୟ ପୁରସ୍କାର ପରୀକ୍ଷାରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ର।

ଖୋର୍ଦ୍ଧା,୨୯।୧(ପ୍ରଭାତ ପାଣିଗ୍ରାହୀ)

ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଖୋର୍ଦ୍ଧାଠାରେ ଖୋର୍ଦ୍ଧା ଜିଲା ଭାରତ ସ୍କାଉଟ୍ସ ଓ ଗାଇଡ୍ସର ରାଜ୍ୟ ପୁରସ୍କାର ପରୀକ୍ଷା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୨୭୧ଜଣ ସ୍କାଉଟ୍ସ ଗାଇଡ୍ସ ପରୀକ୍ଷାର୍ଥୀ ଭାଗ ନେଇଛନ୍ତି। ତନ୍ମଧ୍ୟରେ ୧୧୦ଜଣ ସ୍କାଉଟ୍ସ ଏବଂ ୧୬୧ଜଣ ଗାଇଡ୍ସ ପରୀକ୍ଷାର୍ଥୀ ରହିଛନ୍ତି। ସେମାନଙ୍କ ସହିତ ଜିଲାର ୨୧ ବିଦ୍ୟାଳୟରୁ ୩୫ଜଣ ସ୍କାଉଟ୍ସ ମାଷ୍ଟର ଏବଂ ଗାଇଡ୍ସ କ୍ୟାପ୍‌ଟେନଙ୍କ ସମେତ କାର୍ଯ୍ୟକାରୀ କମିଟିର କର୍ମକର୍ତ୍ତା ଯୋଗ ଦେଇଛନ୍ତି। ପ୍ରଥମେ ସ୍କାଉଟ୍ ପତାକା ଉତ୍ତୋଳନ କରାଯାଇଥିଲା। ପରୀକ୍ଷା ଶିବିରକୁ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ପ୍ରଜ୍ଞା ପାରମିତା ପରିଦର୍ଶନ କରି ଛାତ୍ରୀଛାତ୍ରଙ୍କୁ ସ୍କାଉଟ୍ସ ଓ ଗାଇଡ୍ସର ଲକ୍ଷ୍ୟ ଓ ମୂଲ୍ୟବୋଧ ଉପରେ ବୁଝାଇଥିଲେ। ପ୍ରଥମ ଦିନରେ ଛାତ୍ରୀଛାତ୍ରମାନଙ୍କ ଲଗ୍‌ବୁକ ଓ ସ୍କାଉଟ୍ସ ଗାଇଡ୍ସମାନଙ୍କ ପୋଷାକ ପରିଧାନ ଯାଞ୍ଚ କରାଯିବା ସହିତ ଲିଖିତ ପରୀକ୍ଷା କରାଯାଇଛି। ରାଜ୍ୟ ସ୍କାଉଟ୍ ସଙ୍ଗଠନ ପକ୍ଷରୁ ପରୀକ୍ଷା ପରିଚାଳନା ପାଇଁ ପରୀକ୍ଷା ନିୟନ୍ତ୍ରକ ଭାବେ ରାହୁଲ କୁମାର ସାହୁ, ଅଭିନାଶ ଗଡ଼ନାୟକ ଯୋଗଦେଇଥିବା ବେଳେ ଖୋର୍ଦ୍ଧା ଜିଲା ଉପଦେଷ୍ଟା ପୀତବାସ ପଟ୍ଟନାୟକ, ରମେଶ କୁମାର ବଳବନ୍ତରାୟ, ଦିବାକର ପଟ୍ଟନାୟକ, ଭୁବନାନନ୍ଦ ରାଉତ ପ୍ରମୁଖ ସହଯୋଗ କରିଥିଲେ। ଶାରୀରିକ ଶିକ୍ଷା ନିରୀକ୍ଷକ ଦିଲୀପ କୁମାର ମୋଦି, ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ରଥ, ଜିଲା ସମ୍ପାଦକ ସୁଧାକର ମହାପାତ୍ର, ଯୁଗ୍ମ ସମ୍ପାଦକ ପ୍ରକାଶ କୁମାର ପଲାଇ, କର୍ମକର୍ତ୍ତା ଚିତ୍ତରଞ୍ଜନ ବରାଳ, ମାନସ କୁମାର ସେଠୀ, ରଚିତା ପଟ୍ଟନାୟକ, ତପସ୍ୱିନୀ ପଟ୍ଟନାୟକ, ଦେବସ୍ମିତା ପ୍ରଧାନ, ସସ୍ମିତା ଜେନା, ନୃସିଂହ ପ୍ରସାଦ ସିଂହ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## କୃଷ୍ଣପ୍ରସାଦରେ ୱାଟରଶେଡ୍ ମହୋତ୍ସବ

କୃଷ୍ଣପ୍ରସାଦ,୨୯।୧(କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ପିଟିଜିପୁର ପଞ୍ଚାୟତର ସିପକୁଦା ପାଟଣାଠାରେ ୱାଟରଶେଡ୍ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା ୨.୦ ଅଧୀନରେ ଏହି କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ଅତିଥିଭାବେ ବ୍ଲକ ଉପାଧ୍ୟକ୍ଷା ଶକୁନ୍ତଳା ଗଡୁ, ସାତପଡ଼ା ମଣ୍ଡଳ ଭାଜପା ସଭାପତି ପ୍ରଦୀପ ବେହେରା, ଗୋପୀନାଥପୁର ସରପଞ୍ଚ ସରୋଜ ଲେଙ୍କା, ପଣସପଦା ସରପଞ୍ଚ ମିତାଲି ପ୍ରିୟଦର୍ଶିନୀ, ସମିତିସଭ୍ୟା କନକଲତା ଜେନା, ଜାନକୀ ଜେନା, ସମିତିସଭ୍ୟ ସଂଗ୍ରାମ ଜାଲି, ଧୀରେନ ବେହେରା, ବରିଷ୍ଠ ନେତା ନବ କିଶୋର ଜେନା ପ୍ରମୁଖ ଯୋଗଦେଇଥିଲେ। ପିଟିଜିପୁର ସରପଞ୍ଚ ଇଂ.ମଳୟ କୁମାର ଜେନା ମଞ୍ଚ ପରିଚାଳନା କରିଥିଲେ। ମୃତ୍ତିକା ସଂରକ୍ଷଣ ବିଭାଗ ସହକାରୀ ନିର୍ଦ୍ଦେଶକ ଜ୍ୟୋତି ରଞ୍ଜନ ମିଶ୍ର ୱାଟରଶେଡ୍ ଯୋଜନାର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ୱାଟରଶେଡ୍ ଦ୍ୱାରା ପୂର୍ବରୁ ବିଭିନ୍ନ ବିଦ୍ୟାଳୟରେ ହୋଇଥିବା କାର୍ଯ୍ୟକ୍ରମର କୃତୀ ପ୍ରତିଭାମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ବିଧାୟିକାଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଭୂମି ପୂଜନ, ଲୋକାର୍ପଣ, ଚାରାରୋପଣ ଆଦି କାର୍ଯ୍ୟକ୍ରମ ହୋଇଥିଲା। ମୃତ୍ତିକା ସଂରକ୍ଷଣ ବିଭାଗର ସହକାରୀ କୃଷି ଯନ୍ତ୍ରୀ ସନ୍ଦିଗ୍ଧ ପ୍ରଧାନ, ବ୍ଲକ କୃଷି ଅଧିକାରିଣୀ ରାଜଲକ୍ଷ୍ମୀ ସାହୁ, ବ୍ଲକ ମତ୍ସ୍ୟ ଅଧିକାରୀ ରଞ୍ଜିତ ରାଉତ, ସହକାରୀ ଉଦ୍ୟାନ କୃଷି ଅଧିକାରୀ ମନୋରଞ୍ଜନ ସାହୁ, ବିଭାଗୀୟ କର୍ମଚାରୀ ରବୀନ୍ଦ୍ର କୁମାର ବରାଳ, ବ୍ଲକ ଭାରପ୍ରାପ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ଗୁରୁ ପ୍ରସନ୍ନ ସାହୁଙ୍କ ସମେତ ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ରକ୍ତହୀନତା ସଚେତନତା କାର୍ଯ୍ୟକ୍ରମ

ବାଘମାରୀ,୨୯।୧
(ମିହିର ରଞ୍ଜନ ମହାପାତ୍ର)

ବେଗୁନିଆ ବ୍ଲକ ପୋଡ଼ାଡିହ ପଞ୍ଚାୟତ ଅନ୍ତର୍ଗତ ତଳଗଡ଼ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ରକ୍ତହୀନତା ସଚେତନତା କାର୍ଯ୍ୟକ୍ରମ ଶିକ୍ଷକ ଅଖିଳେଶ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଚାଇଲ୍ଡ ଇନ୍ ନିଡ୍ ଇନ୍‌ଷ୍ଟିଚ୍ୟୁଟ ଆୟୋଜନରେ ତଥା ବ୍ରିଟାନିଆ ନ୍ୟୁଟ୍ରିଶନ ଫାଉଣ୍ଡେଶନ ଖୋର୍ଦ୍ଧା ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନ୍ୟୁଟ୍ରିଶନ ସଂଯୋଜକ ପିଣ୍ଟୁ ପ୍ରଧାନ ରକ୍ତହୀନତା ସମ୍ବନ୍ଧରେ ଆଲୋକପାତ କରିଥିଲେ। ପିଲାମାନଙ୍କ ମଧ୍ୟରେ ରକ୍ତହୀନତା ଭାଷଣ ପ୍ରତିଯୋଗିତା ହୋଇଥିଲା। ଏଥିରେ ୧୭ଜଣ ଅଂଶଗ୍ରହଣ କରିଥିବା ବେଳେ ପ୍ରଥମ ସ୍ଥାନ ଦିବ୍ୟାଜ୍ୟୋତି ରାଉତରାୟ, ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ମାମୁନି ବେହେରାଙ୍କୁ ଟୋପି ଓ ବ୍ୟାଜ୍ ପ୍ରଦାନ କରାଯାଇଥିବା ବେଳେ ସମସ୍ତଙ୍କୁ ବିସ୍କୁଟ ଦିଆଯାଇଥିଲା। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ଏବଂ ରକ୍ତହୀନତା ରୋଗକୁ ଦୂରେଇ ଦେବା ବୋଲି ମହାପାତ୍ର ମତବ୍ୟକ୍ତ କରିଥିଲେ। ସହକାରୀ ଶିକ୍ଷୟିତ୍ରୀ ସାଗରିକା ମାଝୀ, ଇପ୍ସିତା ପଣ୍ଡା, ବିଷ୍ଣୁପ୍ରିୟା ପଟ୍ଟନାୟକ, ଜଲି ସ୍ୱାଇଁ ସହଯୋଗ କରିଥିବା ବେଳେ ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ଜଗଦ୍ଦେବ ଧନ୍ୟବାଦ ଦେଇଥିଲେ।

## ବୋଲଗଡ଼ ବିଡିଓଙ୍କୁ କାରଣ ଦର୍ଶାଅ ନୋଟିସ

ଖୋର୍ଦ୍ଧା,୨୯।୧(ପ୍ରଭାତ ପାଣିଗ୍ରାହୀ)

**ସାଧାରଣତନ୍ତ୍ର ଦିବସରେ ବିଡିଓଙ୍କ ଅନୁପସ୍ଥିତି, ସମ୍ମିଳିତ ପରେଡ୍ ବନ୍ଦ ଘଟଣା**

ବୋଲଗଡ଼ ବ୍ଲକସ୍ତରୀୟ ସାଧାରଣତନ୍ତ୍ର ଦିବସରେ ବିଡିଓ ସୁମନ ସୁଧା କୁଣ୍ଡୁଙ୍କ ଅନୁପସ୍ଥିତି ଏବଂ ସମ୍ମିଳିତ ପରେଡ୍ ବନ୍ଦ ଘଟଣାକୁ ନେଇ ଜିଲାପାଳ ଅମ୍ରିତ୍ ଋତୁରାଜ ପ୍ରତିକ୍ରିୟା ରଖିଛନ୍ତି। କେଉଁ କାରଣରୁ ବିଡିଓ ଅନୁପସ୍ଥିତ ଥିଲେ, କାହିଁକି ସମ୍ମିଳିତ ପରେଡ୍ ହେଲା ନାହିଁ, ପୂର୍ବରୁ ଏ ସଂକ୍ରାନ୍ତରେ ପ୍ରସ୍ତୁତି ବୈଠକ ହୋଇଥିଲା କି ନାହିଁ, ଏନେଇ ବିଡିଓଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ୫ଦିନ ମଧ୍ୟରେ ବିଡିଓ ନିଜ ପକ୍ଷ ରଖିବେ। ଉତ୍ତର ସନ୍ତୋଷଜନକ ନ ହେଲେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଉକ୍ତ ଘଟଣାକୁ ନେଇ ଜନ ଆକ୍ରୋଷ ରହିବା ସ୍ୱାଭାବିକ, ଏହି ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯାଇ ପଦକ୍ଷେପ ଗ୍ରହଣ କରାଯିବ। କୌଣସି ପ୍ରକାର ବିଶୃଙ୍ଖଳାକୁ ବରଦାସ୍ତ କରାଯିବ ନାହିଁ ବୋଲି ଜିଲାପାଳ ଋତୁରାଜ କହିଛନ୍ତି।

ସୂଚନାଥାଉ କି, ସାରା ଦେଶରେ ୭୭ତମ ସାଧାରଣତନ୍ତ୍ର ଦିବସ ପାଳନ ନେଇ ସବୁଠି ଉତ୍ସାହ ରହିଥିବା ବେଳେ ବୋଲଗଡ଼ ବ୍ଲକରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଥିଲା। ଉତ୍ସବ ପାଳନ ନେଇ ଜନପ୍ରତିନିଧି, ଗଣମାଧ୍ୟମ ପ୍ରତିନିଧିଙ୍କୁ ନିମନ୍ତ୍ରଣ କରି ଖୋଦ୍ ବିଡିଓ ଉତ୍ସବ ସ୍ଥଳକୁ ଆସି ନ ଥିଲେ। ଏପରିକି ଚଳିତ ବର୍ଷ ବ୍ଲକ ପ୍ରଶାସନ ପକ୍ଷରୁ ବିଦ୍ୟାଳୟ, ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ସମ୍ମିଳିତ ପରେଡ ଆୟୋଜନ ନେଇ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିଲା। ବିଡିଓଙ୍କ ଅନୁପସ୍ଥିତି, ସାଧାରଣତନ୍ତ୍ର ଦିବସର ଗୌରବକୁ କ୍ଷୁର୍ଣ୍ଣ କରିଥିବା ନେଇ ସ୍ଥାନୀୟ ବାସିନ୍ଦା, ବିଭିନ୍ନ ସାମାଜିକ ଅନୁଷ୍ଠାନ ବୋଲଗଡ଼ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଏବଂ ବଦଳି ଦାବିରେ ଶତାଧିକ ଜନସାଧାରଣ ସ୍ଥାନୀୟ ପଞ୍ଚାୟତ କାର୍ଯ୍ୟାଳୟଠାରୁ ଶୋଭାଯାତ୍ରାରେ ବାହାରି ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ବିଡିଓଙ୍କ ସ୍ୱେଚ୍ଛାଚାରିତା, ମନମୁଖୀ କାର୍ଯ୍ୟକୁ ତୀବ୍ର ସମାଲୋଚନା କରିଥିଲେ। ଏହା ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

## ପୋଡ଼ାଡିହ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ



ଅତିଥିଙ୍କଠାରୁ ଜଣେ ଛାତ୍ରୀ ପୁରସ୍କାର ଗ୍ରହଣ କରୁଛନ୍ତି।

ବାଘମାରୀ,୨୯।୧(ମିହିର ରଞ୍ଜନ ମହାପାତ୍ର)

ପୋଡ଼ାଡିହ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିଭା ରାଣୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ବିଧାୟକ ପ୍ରଦୀପ ସାହୁ, ମୁଖ୍ୟବକ୍ତା ବାଉରି ଶ୍ରୀଚନ୍ଦନ, ସମ୍ମାନିତ ଅତିଥିଭାବେ ଭାରପ୍ରାପ୍ତ ବ୍ଲକ ଶିକ୍ଷା ଅଧିକାରୀ କୈଳାସ ଚନ୍ଦ୍ର ସେଠୀ, ପୋଡ଼ାଡିହ ସରପଞ୍ଚ ଲତା ସେଠୀ, ଏସ୍‌ଏମ୍‌ସି ଅଧ୍ୟକ୍ଷ ଚନ୍ଦ୍ରଶେଖର ସ୍ୱାଇଁ, ପଞ୍ଚସଖା ଶିକ୍ଷା ସେତୁ ସଭାପତି ଭୁବନାନନ୍ଦ ମହାନ୍ତି, ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ଦାଶରଥି ପ୍ରଧାନ ଯୋଗଦେଇଥିଲେ। ଶିକ୍ଷକ ପଠାଣି କୁମାର ସାହୁଙ୍କ ସଂଯୋଜନା କରିଥିବା ବେଳେ ସହକାରୀ ଶିକ୍ଷୟିତ୍ରୀ ଅତସୀ କୁସୁମ ପ୍ରଧାନ ବାର୍ଷିକ ବିବରଣୀ ପାଠ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସମୀର ଚିନାରା, ସଙ୍ଗୀତା ପଣ୍ଡାଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ସହକାରୀ ଶିକ୍ଷକ ପ୍ରଶାନ୍ତ କୁମାର ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

## ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଟାଙ୍ଗୀ,୨୯।୧(ରଘୁନାଥ ସାହୁ)

ସୁନ୍ଦରପୁର କଲୋନୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ବାଳିକା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଦ୍ମକୁମୁଦ ବିଦ୍ୟାନିକେତନ ନୂଆପଡ଼ାର କ୍ରୀଡ଼ା ଶିକ୍ଷୟିତ୍ରୀ ରଞ୍ଜୁବାଳା ଚମ୍ପତିରାୟ କୌଣସି କାମରେ ବିଦ୍ୟାଳୟ ଆସିଥିବା ବେଳେ ପ୍ରଧାନଶିକ୍ଷକ ଲଳିତ ନାରାୟଣ ମହାପାତ୍ର ବାଳିକାମାନଙ୍କୁ ଆତ୍ମରକ୍ଷା କୌଶଳ ଶିକ୍ଷା ଦେବା ପାଇଁ ଅନୁରୋଧ କରିଥିଲେ। ଏହା ପରେ ଶିକ୍ଷୟିତ୍ରୀ ଚମ୍ପତିରାୟ ୨୦ଜଣ ବାଳିକାଙ୍କୁ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଦେଇଥିଲେ। ପିଲାମାନଙ୍କ ଆଗ୍ରହ ଦେଖି ପ୍ରତ୍ୟେକ ଶନିବାର ବିଦ୍ୟାଳୟ ଆସିବାକୁ ଚେଷ୍ଟା କରିବେ ବୋଲି କହିଥିଲେ। କୌଶଳ ପ୍ରୟୋଗ କରି ଛାତ୍ରୀମାନେ ନିଜେ ବିପଦରୁ ଉଦ୍ଧାର ପାଇବା ସହିତ ଅନ୍ୟମାନଙ୍କୁ ଉଦ୍ଧାର କରିପାରିବେ ତାହା ହେଲେ ପ୍ରଶିକ୍ଷଣ ସାର୍ଥକ ହେବ ବୋଲି ଚମ୍ପତିରାୟ କହିଥିଲେ।

## କୃଷ୍ଣପ୍ରସାଦ ସେବା ସମବାୟ ସମିତିରେ ଧାନମଣ୍ଡି ଉଦ୍‌ଘାଟିତ

କୃଷ୍ଣପ୍ରସାଦ,୨୯।୧
(କୈଳାସ ଚନ୍ଦ୍ର ପଟ୍ଟନାୟକ)

କୃଷ୍ଣପ୍ରସାଦ ସେବା ସମବାୟ ସମିତି ଲିଃରେ ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ସମିତି ସମ୍ପାଦକ ସଞ୍ଜୟ କୁମାର ଜେନାଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜିଲା ଅତିରିକ୍ତ ଯୋଗାଣ ଅଧିକାରୀ ପ୍ରଶାନ୍ତ ରାଓ ଯୋଗଦେଇ ଧାନମଣ୍ଡିକୁ ଉଦ୍‌ଘାଟନ କରିଥିଲେ। ଉକ୍ତ ମଣ୍ଡିରୁ ଗଞ୍ଜାମ ଜିଲାର କାର୍ତ୍ତାୟନୀ ରାଇସ ମିଲ୍ ଧାନ କ୍ରୟ କରିବା ପାଇଁ ପ୍ରଶାସନ ସହ ଚୁକ୍ତି କରିଥିବା ଜଣାପଡ଼ିଛି। ବିଡିଓ ଅମିୟ କୁମାର ପଣ୍ଡା, ତହସିଲଦାର ବିକାଶ କୁମାର ସେଠୀ, ବ୍ଲକ ଆତ୍ମା କମିଟି ଅଧ୍ୟକ୍ଷ ସଞ୍ଜୟ କୁମାର ସେଠୀ, ଖୋର୍ଦ୍ଧା ସମବାୟ ବ୍ୟାଙ୍କର ଶାଖା ପରିଚାଳକ ଅକ୍ଷୟ କୁମାର ଶତ୍ରୁଶଲ୍ୟ, ଯୋଗାଣ ଅଧିକାରୀ ସଞ୍ଜୟ ଦର୍ଶନ ଦାସ, ପୂର୍ବତନ ସରପଞ୍ଚ ମିଟୁ ସିଂହସାମନ୍ତ, ସେବା ସମବାୟ ସମିତି ସଭାପତି ବାବୁଲା ବିଶ୍ୱାଳ, ସେବା ସମବାୟ ସମିତିର ସଭ୍ୟ ସୁରଥ ବେହେରା, ନାଲୁ ପାହାଣ, ଦେବେନ୍ଦ୍ର ନାଥ ପ୍ରଧାନ, ରବୀନ୍ଦ୍ର ନାଥ ପ୍ରଧାନଙ୍କ ସମେତ ଏକାଧିକ ଚାଷୀ ଉପସ୍ଥିତ ଥିଲେ।



ଧାନମଣ୍ଡି ଶୁଭାରମ୍ଭ ଅବସରରେ ଉପସ୍ଥିତ ଅତିଥି ଏବଂ ଚାଷୀମାନେ।

# ଶାନ୍ ଇଲେଭେନ ଭୁବନେଶ୍ୱର ବିଜୟୀ

**ରାଜ୍ୟସ୍ତରୀୟ ମା’ ଭୈରବୀ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ**

ନିରାକାରପୁର,୨୯।୧(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ଡିଆ ପଞ୍ଚାୟତ କାଶୀପୁର ଖେଳପଡ଼ିଆରେ ମା’ ଭୈରବୀ ଯୁବ ସଂସଦ ଆନୁକୂଲ୍ୟରେ ଚାଲିଥିବା ୪୩ତମ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟରେ ଗୁରୁବାର କିଶୋର ସ୍ପୋର୍ଟିଂ ଭୁବନେଶ୍ୱର ଏବଂ ଶାନ୍ ଇଲେଭେନ ଭୁବନେଶ୍ୱର ଟିମ୍ ମଧ୍ୟରେ ମ୍ୟାଚ୍ ହୋଇଥିଲା। ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ହୋଇଥିବା ବେଳେ ୩-୦ ଗୋଲରେ ଶାନ୍ ଇଲେଭେନ ଭୁବନେଶ୍ୱର ଟିମ୍ ବିଜୟୀ ହୋଇଛି। ରେଫରୀ ଭାବେ ସୁଜିତ ପାତ୍ର ମ୍ୟାଚ୍ ପରିଚାଳନା କରିଥିବା ବେଳେ ଲାଇନରେ ଏମ୍.ଏସ୍. ବାଗ ଏବଂ ଆଲୋକ ଦେହୁରୀ ସହଯୋଗ କରିଥିଲେ। ସେହିପରି ହୃଦାନନ୍ଦ ମହତରାୟ, ଖେଳ ପ୍ରଶିକ୍ଷକ ପ୍ରମୋଦ କୁମାର ଦାସ, ଓମ୍ ପ୍ରକାଶ ମିଶ୍ର, ଭୀମସେନ ବିଶ୍ୱାଳ, ଗଙ୍ଗାଧର ପାଇକରାୟ, ଲଚ୍ଛମନ ନାୟକ, ଅକ୍ଷୟ ପଟ୍ଟନାୟକ ପ୍ରମୁଖ ନିଜ ଦାୟିତ୍ୱ ତୁଲାଇଥିଲେ। ଅନୁଷ୍ଠାନର ପୂର୍ବତନ ସଭାପତି ପ୍ରଦୀପ୍ତ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ଶିକ୍ଷାବିତ୍ କିଶୋର କୁମାର ଦାଶ, ମାଧବ ଚନ୍ଦ୍ର ମହାନ୍ତି, ଅନୁଷ୍ଠାନର ମୁଖ୍ୟ ସଂଯୋଜକ ସନ୍ତୋଷ କୁମାର ଦଳେଇ, ସିପିଏମ୍ ନେତା ବିଧୁଭୂଷଣ ମହାରଣା ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ମ୍ୟାଚର ଶ୍ରେଷ୍ଠ ଖେଳାଳିଭାବେ ଶାନ୍ ଏକାଦଶ ଟିମ୍‌ର ୧୦ ନମ୍ବର ଜର୍ସି ସୁନୀଲ ସୋରେନ୍‌ଙ୍କୁ ଟ୍ରଫି ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କମଳଲୋଚନ ପ୍ରଧାନ ଏବଂ ପବିତ୍ର ମୋହନ ପାଇକରାୟ ମଞ୍ଚ ପରିଚାଳନା କରିଥିଲେ। ଅନୁଷ୍ଠାନର ସମ୍ପାଦକ ନୃସିଂହ କୁମାର ଦଳେଇ ଧନ୍ୟବାଦ ଅର୍ପଣ କରିଥିଲେ। କୋଷାଧ୍ୟକ୍ଷ ସୋମନାଥ ବିଶ୍ୱାଳଙ୍କ ସମେତ ଅନ୍ତର୍ଯ୍ୟାମୀ ପାଇକରାୟ, ନବକିଶୋର ବରାଳ, ପ୍ରଭାସ ଦାସ, ମାଧବ ପାଢ଼ୀଶାଣୀ, ଶରତ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଶୁକ୍ରବାର ପପୁଲାର କ୍ଲବ ଢେଙ୍କାନାଳ ଏବଂ ୟୁନାଇଟେଡ୍ ସ୍ପୋର୍ଟ୍ସ କ୍ଲବ ଗଣ୍ଡରପୁର କଟକ ମଧ୍ୟରେ ମ୍ୟାଚ୍ ହେବ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି।



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

## ବାବୁଲି ଦାସ ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ: ଡିଙ୍ଗର ବିଜୟୀ

ବେଗୁନିଆ, ୨୯।୧ (ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ସିମୋର ପଞ୍ଚାୟତ ଅନ୍ତର୍ଗତ ଗଁପୁର ଗ୍ରାମରେ ଚାଲିଥିବା ୧୧ଶ ବାର୍ଷିକ ବାବୁଲି ଦାସ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ୍ ଡିଙ୍ଗର ଏବଂ ସାରୁଅ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଡିଙ୍ଗର ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୧୮୪ ରନ ସଂଗ୍ରହ କରିଥିଲା। ଜବାବରେ ସାରୁଅ ଟିମ୍ ସମସ୍ତ ଉଇକେଟ ବିନିମୟରେ ୧୮୩ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଫଳରେ ଡିଙ୍ଗର ଟିମ୍ ବିଜୟୀ ହୋଇଥିଲା। ହରିବନ୍ଧୁ ପଣ୍ଡା ଏବଂ ଅମିୟ ସାହୁ ମ୍ୟାଚ୍ ପରିଚାଳନା କରିଥିଲେ। ଶୁକ୍ରବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଗୌଡ଼ପୁଟ ଏବଂ ଗଁପୁର କ୍ରିକେଟ ଟିମ୍ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।

**ଶ୍ରୀମନ୍ଦିରରେ ପଡ଼ିଯାଇ ସେବାୟତ ଆହତ**

ପୁରୀ,(ଅଜିତ୍ କୁମାର ମହାନ୍ତି)-ଶ୍ରୀମନ୍ଦିରରେ ଗୁରୁବାର ଗୋଡ଼ ଖସିଯିବାରୁ ଜଣେ ସେବାୟତ ଆହତ ହୋଇଛନ୍ତି। ସେ ହେଲେ ଦୀନବନ୍ଧୁ ପୂଜାପଣ୍ଡା। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ତାଙ୍କ ମୁଣ୍ଡରେ ଗୁରୁତର ଆଘାତ ଲାଗିଛି। ସୂଚନା ଅନୁଯାୟୀ, ଶ୍ରୀବିଗ୍ରହମାନଙ୍କ ମଧାହ୍ନ ପୂଜା ବସିବାକୁ ଗଲାବେଳେ ଶ୍ରୀମନ୍ଦିର ଭିତରେ ଦୀନବନ୍ଧୁଙ୍କ ଗୋଡ଼ ଖସିଯାଇଥିଲା। ଫଳରେ ସେ ପଡ଼ିଯାଇଥିଲେ।



## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୯।୧।୨୦୨୬

| | |
|---|---|
| ୬,୦୯,୨୧୫ ଟଙ୍କା | |
| ସୁନା | ୭୦ ମିଲିଗ୍ରାମ୍ |
| ରୁପା | ୨୫.୭୦୦ ଗ୍ରାମ୍ |

## ସଂକ୍ଷେପରେ

### ଜଳିଗଲା ଗଦି ଗୋଦାମ

ନିମାପଡ଼ା,୨୯।୧(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ୟୁକୋ ବ୍ୟାଙ୍କ ନିକଟସ୍ଥ ଏକ ଗଦି ଗୋଦାମରେ ଗୁରୁବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟିଛି। ଗୋଦାମରେ ଥିବା ବହୁ ଗଦି, ଫୋମ, ସମରଶିବୁଲ ମେଶିନ, କାଠସାମଗ୍ରୀ ଆଦି ପୋଡ଼ି ପାଉଁଶ ହୋଇଯାଇଛି। ପ୍ରାୟ ୫୦ ହଜାର ଟଙ୍କାର କ୍ଷୟକ୍ଷତି ହୋଇଥିବା ପ୍ରାଥମିକ ଆକଳନ କରାଯାଉଛି। ଖବର ପାଇ ନିମାପଡ଼ା ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ବିଦ୍ୟୁତ ଶଟ୍ ସର୍କିଟ୍ରୁ ଏହି ଅଗ୍ନିକାଣ୍ଡ ଘଟିଥିବା ଅଗ୍ନିଶମ ଅଧିକାରୀ ସରୋଜକାନ୍ତ ସାହୁ କହିଛନ୍ତି। ଏହି ଅଗ୍ନିକାଣ୍ଡ ଯୋଗୁ ଅଞ୍ଚଳ ଧୂଆଁମୟ ହୋଇପଡ଼ିବାରୁ ଗଦିଗୋଦାମ ନିକଟରେ ଥିବା ୟୁକୋ ବ୍ୟାଙ୍କ, ଶପିଙ୍ଗ ମଲ୍, ଜିମ ସେଣ୍ଟର ସମେତ ବହୁ ଅନୁଷ୍ଠାନର କର୍ମଚାରୀ ଏବଂ ସ୍ଥାନୀୟ ଲୋକ ଆତଙ୍କିତ ହୋଇପଡ଼ିଥିଲେ।

### ମାଟି ଚୋରା ଚାଲାଣ ବେଳେ ଟ୍ରାକ୍ଟର ଜବତ: ଚାଳକ ଫେରାର

ଗୋପ,୨୯।୧(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ଅଞ୍ଚଳରେ ସରକାରୀ ଜମିରୁ ମାଟି ଚୋରା ଚାଲାଣ ନେଇ ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଏହି କ୍ରମରେ ଏକ ନମ୍ବର ବିହୀନ ମାଟି ବୋଝେଇ ଟ୍ରାକ୍ଟର ଜବତ କରାଯାଇଥିବାବେଳେ ଚାଳକ ଫେରାର ହୋଇଯାଇଥିବା ଗୋପ ଥାନା ଅଧିକାରୀ ପ୍ରଶାନ୍ତ କୁମାର ପଡ଼ିହାରୀ କହିଛନ୍ତି। ଏସମ୍ପର୍କରେ ଥାନାରେ ଏକ ମାମଲା ରୁଜୁ ହୋଇଛି। ପ୍ରକାଶ ଯେ, ୨ଦିନ ତଳେ ଗୋପ ତହସିଲଦାର ସୂର୍ଯ୍ୟଶଙ୍କର ଦାଶ ଦୁଇଟି ବାଲି ବୋଝେଇ ହାଇୱା ଜବତ କରିଥିବାବେଳେ ବାଲି ଓ ମାଟି ଚୋରା ଚାଲାଣ ନେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ। କିଛିଦିନ ଧରି ଗୋପ ତହସିଲ ଅନ୍ତର୍ଗତ ଅଣ୍ଡରା- ଇଚ୍ଛାପୁର, ଗୋପ, ନାଗପୁର, ଡଭାର, ବେଦପୁର, ଗଣେଶ୍ୱରପୁର, ନୂଆଖୋଲମରା, ରାହଙ୍ଗଗୋରଡ଼ା, ବଣିଆସାହି ଆଦି ପଞ୍ଚାୟତରୁ ଦୈନନ୍ଦିନ ମାଟି ବାଲି ଚୋରା ଚାଲାଣ କରାଯାଉଛି।

# ‘ଛାପା ଗଣମାଧ୍ୟମର ବିକଳ୍ପ ନାହିଁ’

ପୁରୀ,୨୯।୧(ଅଜିତ୍ କୁମାର ମହାନ୍ତି)




‘ଦି ମୋମେଣ୍ଟ’ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ସମ୍ମାନିତ ବ୍ୟକ୍ତିବିଶେଷ। (ଫଟୋ- ଯଜ୍ଞେଶ୍ୱର ମହାନ୍ତି।

ସାମାଜିକ ଅନୁଷ୍ଠାନ ‘ଦି ମୋମେଣ୍ଟ’ ପକ୍ଷରୁ ଗୁରୁବାର ଜାତୀୟ ଖବରକାଗଜ ଦିବସ ପାଳନ କରାଯାଇଛି। ଏହି ଅବସରରେ ‘ଗଣମାଧ୍ୟମର ଭବିଷ୍ୟତ’ ଶୀର୍ଷକ ଆଲୋଚନାଚକ୍ର ୟୁଥ୍ ହଷ୍ଟେଲ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ଉପଦେଷ୍ଟା ସାମ୍ବାଦିକ ଲକ୍ଷ୍ମୀନାରାୟଣ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟବକ୍ତା ଭାବେ ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଯୋଗଦେଇ କହିଥିଲେ, ୧୭୮୦ ମସିହା ଜାନୁଆରୀ ୨୯ରେ ଭାରତୀୟ ସମ୍ବାଦପତ୍ର ଦିବସର ଇତିହାସ ସୃଷ୍ଟି ହୋଇଥିଲା। ଜେମ୍ସ ଅଗଷ୍ଟସ୍ ହିକି ଭାରତର ପ୍ରଥମ ମୁଦ୍ରିତ ବେଙ୍ଗଲ ଗେଜେଟ୍ ପ୍ରଚଳନ କରିଥିଲେ। ଏହା ସାପ୍ତାହିକ ଭାବେ କୋଲକତାରେ ବ୍ରିଟିଶ ଶାସନ କାଳରେ ଆରମ୍ଭ ହୋଇଥିଲା। ୧୯୪୭ ପରେ ପ୍ରେସ୍ ଆଇନର ସୁଧାର ପାଇଁ ତତ୍କାଳୀନ ନ୍ୟାୟମୂର୍ତ୍ତି ଜି.ଏସ୍. ରାଜାଧ୍ୟକ୍ଷଙ୍କ ଅଧ୍ୟକ୍ଷତାରେ ପ୍ରେସ୍ କମିଶନ ଅନୁସନ୍ଧାନ କମିଟି ଗଠନ କରାଯାଇଥିଲା। ୧୯୫୪ରେ ଏହି କମିଶନ ସାମ୍ବଦିକତାର ମାନ ଉନ୍ନତି ପାଇଁ ସୁପାରିସ କରିଥିଲେ। ପରେ ପ୍ରେସ୍ କାଉନସିଲର ଅଫ୍ ଇଣ୍ଡିଆ ଗଠନ ହୋଇଥିଲା। ଏହା ଭାରତୀୟ ଗଣମାଧ୍ୟମ ଜଗତରେ ଏକ ଗୁରୁତ୍ୱପୂର୍ଣ୍ଣ ଐତିହାସିକ ଓ ସାଂସ୍କୃତିକ ଦିନ। ଛାପା ଗଣମାଧ୍ୟମର ଭବିଷ୍ୟତ ରହିଛି। ଏଥିରେ ପ୍ରାମାଣିକ ତଥ୍ୟ ସହିତ ଖବର ପ୍ରକାଶିତ ହୁଏ। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଇ-୨୪ ହସ୍ପିଟାଲର ପରିଚାଳନା ନିର୍ଦ୍ଦେଶକ ଇଂ.ରାଜେଶ କୁମାର ମିଶ୍ର, ସମ୍ମାନିତ ଅତିଥିଭାବେ ସାମାଜିକ କର୍ମୀ କୈଳାସ ଚନ୍ଦ୍ର ସାହୁ, ଆଇନଜୀବୀ ବିନୟ ନୃସିଂହ ମହାପାତ୍ର, ଅନୁଷ୍ଠାନର ସଭାପତି ପ୍ରତିଭା ତ୍ରିପାଠୀ, କାର୍ଯ୍ୟକାରୀ ସଭାପତି ଜଗନ୍ନାଥ ରାଓ ମଞ୍ଚାସୀନ ଥିଲେ। ଆଲୋଚନାଚକ୍ରରେ ପ୍ରାକ୍ତନ ବରିଷ୍ଠ ପୋଲିସ ଅଧିକାରୀ ଦେବେନ ଦାଶ, ସାମ୍ବାଦିକ ବିଶ୍ୱଜିତ ପଟ୍ଟନାୟକ, ଶିକ୍ଷାବିତ ଶୁଭେନ୍ଦୁ କୁମାର ଦାସ, ଲେଖିକା ସୁନନ୍ଦା ଦାସ, ଅଧ୍ୟାପକ ଅଶୋକ କୁମାର ମିଶ୍ର, ବିଚିତ୍ର ରଞ୍ଜନ ମହାପାତ୍ର, ଆଇନଜୀବୀ ରଚିତା ରାଉତରା, ସାମ୍ବାଦିକ ଜୁପିଟର ଦାସ ପ୍ରମୁଖ ଅଂଶଗ୍ରହଣକରି ଗଣମାଧ୍ୟମର ଭବିଷ୍ୟତ ସମ୍ପର୍କରେ ନିଜ ମତ ଉପସ୍ଥାପନ କରିଥିଲେ। ଏହି ଅବସରରେ ଡାକ୍ତର ଚନ୍ଦନ କୁମାର, ଆଇନଜୀବୀ ବସନ୍ତ କୁମାର ପଣ୍ଡା, ସନ୍ତୋଷ କୁମାର ସାହୁ, ଖଗେଶ୍ୱର ପାତ୍ର, ପ୍ରତାପ କିଶୋର ସାମନ୍ତ, ଅରୁଣ କୁମାର ମହାପାତ୍ର, ସନ୍ଦୀପ ଅଗ୍ରୱାଲ, ରାଜା ମୁରୁଡ଼ି, ବିନୋଦ କୁମାର ପରିଡ଼ା, ବିଦ୍ୟାଧର ଦାସ, ସୁରେଶ କୁମାର ପଟ୍ଟନାୟକ ଏବଂ ଅନ୍ୟ ବ୍ୟକ୍ତିବିଶେଷଙ୍କୁ ସେବା ସମ୍ମାନରେ ସମ୍ମାନିତ କରାଯାଇଥିଲା। ସମ୍ପାଦକ ପ୍ରଦୀପ କୁମାର ନାୟକ ଆଲୋଚନାଚକ୍ରକୁ ସଂଯୋଜନା ଏବଂ ସହସମ୍ପାଦକ ଅନନ୍ତ ପ୍ରସାଦ ସିଂହ, ସୁବୋଧ ସୁବୁଦ୍ଧି, ଧୀରେନ ମିଶ୍ର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ସାହିତ୍ୟିକା କମଳିନୀ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।




ବିମାନ ଦୁର୍ଘଟଣାରେ ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଅଜିତ୍ ପାୱାରଙ୍କ ବିୟୋଗ ପରେ ତାଙ୍କୁ ସ୍ୟାଣ୍ଡ ଆନିମେସନରେ ଶିଳ୍ପୀ ମାନସ ସାହୁ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି ।

## ଶାରଳା କପ୍: ସେମିରେ ଆଦିତ୍ୟ ଇଲେଭେନ

ଅସ୍ତରଙ୍ଗ,୨୯।୧
(ପ୍ରଦୀପ୍ତ କୁମାର ଦୀକ୍ଷିତ/ମମତା ଜେନା)

ଅସ୍ତରଙ୍ଗର ନରେନ୍ଦ୍ର ଷ୍ଟାଡିୟମରେ ୩୩ତମ ଶାରଳା କପ୍ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ରୂପେ କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ସମ୍ମାନିତ ଅତିଥି ଭାବେ ପୁରୀ ଜିଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ, ପ୍ରତିଷ୍ଠାତା ଚୈତନ୍ୟ ମହାନ୍ତି, ନଟକିଶୋର ମହାନ୍ତି, ସଭାପତି ଯୁଗଳ କିଶୋର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ତୃତୀୟ କାର୍ଟରେ ଫାଇନାଲ ମ୍ୟାଚରେ କୁମାରବସ୍ତ ଖୋର୍ଦ୍ଧା ବନାମ ଆଦିତ୍ୟ ଇଲେଭେନ ଭୁବନେଶ୍ୱର ମଧ୍ୟରେ ମ୍ୟାଚ ହୋଇଥିଲା। ଟସ୍ ଜିତି ଆଦିତ୍ୟ ଇଲେଭେନ ବୋଲିଂ କରିଥିଲା। କୁମାରବସ୍ତ ଖୋର୍ଦ୍ଧା ବ୍ୟାଟିଂକରି ନିର୍ଦ୍ଧାରିତ ୨୦ ଓଭର ପୂର୍ବରୁ ସମସ୍ତ ଉଇକେଟ ହରାଇ ୧୪୬ରନ କରିଥିଲା। ଜବାବରେ ଆଦିତ୍ୟ ଇଲେଭେନ ୧୮ଓଭରରେ ୬ ଉଇକେଟ ହରାଇ ୧୪୯ ରନ ସଂଗ୍ରହ ମ୍ୟାଚ ଜିତିଥିଲା। ଅତିଥି ଭାବେ ଜଗତ୍‌ସିଂହପୁର ଏମ୍‌ପିଙ୍କ ଅସ୍ତରଙ୍ଗ ବ୍ଲକ ପ୍ରତିନିଧି ଦିବାକର ଛାଟୋଇ, ଉପସଭାପତି ପ୍ରକାଶ ଚନ୍ଦ୍ର ବେହେରା ଯୋଗଦେଇଥିଲେ। ଆଦିତ୍ୟ ଇଲେଭେନର କ୍ଷମା ସାଗର ବଳ ୪ ଓଭରରେ ୪ ଉଇକେଟ ନେଇଥିବାରୁ ତାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ଘୋଷଣା କରାଯାଇଥିଲା। ମାଷ୍ଟର ସନ୍ତୋଷ ଓ ଅମ୍ପାୟର ବବୁଲ ଖେଳ ପରିଚାଳନା କରିଥିଲେ। ପ୍ରକାଶ ଚନ୍ଦ୍ର ବେହେରା ଓ ରାକେଶ ମହାନ୍ତି ଖେଳ ଧାରା ବିବରଣୀ ପ୍ରଦାନ କରିଥିଲେ। କ୍ରୀଡ଼ା ସମ୍ପାଦକ ମିଥୁନ ବେହେରା, ମିଡିଆ ସେଲ୍ ସମ୍ପାଦକ ପ୍ରକାଶ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ଲଜ୍, ହୋଟେଲରେ ଯାଞ୍ଚ

ପୁରୀ,୨୯।୧(ଅଜିତ୍ କୁମାର ମହାନ୍ତି)

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ପୁରୀ ଗସ୍ତ ପାଇଁ ସୁରକ୍ଷା ବ୍ୟବସ୍ଥା ନେଇ ପୋଲିସ ପକ୍ଷରୁ ସମୀକ୍ଷା କରାଯିବା ସହ ରାତ୍ରିକାଳୀନ ଚେକିଂ ଓ ସତର୍କତା ଅଭିଯାନ କଡ଼ାକଡ଼ି କରାଯାଇଛି। ସହରର ସମସ୍ତ ଗୁରୁତ୍ୱପୂର୍ଣ୍ଣ ସ୍ଥାନ, ବିଶେଷକରି ହୋଟେଲ ଓ ଲଜ୍‌ଗୁଡ଼ିକୁ ନଜରରେ ରଖି ପୋଲିସ ଚେକିଂ କରୁଛି। ସିଟି ଡିଏସ୍‌ପି ରଶ୍ମିରଞ୍ଜନ ମହାପାତ୍ରଙ୍କ ନେତୃତ୍ୱରେ ଏହି ଅଭିଯାନ କରାଯାଉଛି। ବିଭିନ୍ନ ଥାନାର ଅଧିକାରୀମାନେ ରାତି ସମୟରେ ବିଭିନ୍ନ ହୋଟେଲରେ ଚେକିଂ କରୁଛନ୍ତି। ରାଷ୍ଟ୍ରପତିଙ୍କ ଗସ୍ତ ସମୟରେ ସହରର ସୁରକ୍ଷା ସ୍ଥିତି ସୁଦୃଢ଼ କରିବା ଅଭିଯାନର ପ୍ରମୁଖ ଲକ୍ଷ୍ୟ। ସହରରେ କୌଣସି ସନ୍ଦିଗ୍ଧ ବ୍ୟକ୍ତି ବା ବେଆଇନ କାର୍ଯ୍ୟକଳାପ ରୋକିବା ଲକ୍ଷ୍ୟରେ ଏହି ଯାଞ୍ଚ କରାଯାଇଛି। ହୋଟେଲ ରେଜିଷ୍ଟର ଓ ଗେଷ୍ଟ ଏଣ୍ଟ୍ରି ବିବରଣୀ, ରହୁଥିବା ଅତିଥିଙ୍କ ପରିଚୟପତ୍ର ଯାଞ୍ଚ, ସିସିଟିଭି କ୍ୟାମେରା ଠିକ୍ ଭାବେ କାମ କରୁଛି କି ନାହିଁ, ସନ୍ଦିଗ୍ଧ ବ୍ୟକ୍ତି ବା ଚଳଚଳା ଉପରେ ନଜର, ହୋଟେଲ ପରିସର ସୁରକ୍ଷା ବ୍ୟବସ୍ଥା ଯାଞ୍ଚ ହେଉଛି। କେତେକ ହୋଟେଲରେ ରେକର୍ଡ ଠିକ୍ ଭାବେ ରଖାଯାଇ ନ ଥିବା ଯାଞ୍ଚବେଳେ ପୋଲିସ ଜାଣିବାକୁ ପାଇ ତାଗିଦ କରିଛି। ହୋଟେଲ ମାଲିକ ଓ ପ୍ରବନ୍ଧକମାନଙ୍କୁ ଆଗାମୀ ଦିନରେ ସମସ୍ତ ଅତିଥିଙ୍କ ଠିକ୍ ପରିଚୟ ଯାଞ୍ଚ କରିବା ଓ ରେକର୍ଡ ସଂରକ୍ଷଣ କରିବାକୁ କହାଯାଇଛି। ସହରରେ ନିୟମିତ ପାଟ୍ରୋଲିଂ, ଚେକ୍ ପୋଷ୍ଟ ତଦନ୍ତ, ଡଗ୍ ସ୍କ୍ୱାଡ୍ ଓ ବମ୍ବ ସ୍କ୍ୱାଡ୍ ମୁତୟନ, ସହିତ ଇଣ୍ଟେଲିଜେନ୍ସ ନଜରଦାରିକୁ ଆହୁରି ଜୋରଦାର କରାଯାଇଛି। ଅପରପକ୍ଷରେ ପୋଲିସ ପକ୍ଷରୁ ସମସ୍ତ ହୋଟେଲ ମାଲିକ, ଲଜ୍ ପ୍ରବନ୍ଧକ ଓ ସହରବାସୀଙ୍କୁ ଅନୁରୋଧ କରାଯାଇଛି ଯେ, କୌଣସି ସନ୍ଦିଗ୍ଧ ବ୍ୟକ୍ତି ବା କାର୍ଯ୍ୟକଳାପ ଦେଖିଲେ ତୁରନ୍ତ ନିକଟସ୍ଥ ଥାନାକୁ ଜଣାନ୍ତୁ ଏବଂ ହୋଟେଲରେ ଅତିଥିଙ୍କ ପରିଚୟପତ୍ର ଅବଶ୍ୟକ ଭାବେ ଯାଞ୍ଚ କରନ୍ତୁ। ସିସିଟିଭି କ୍ୟାମେରା ସଚଳ ରଖିବାକୁ ସମସ୍ତଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# ଗଜ ଉଦ୍ଧାରଣ ବେଶରେ ଦର୍ଶନ ଦେଲେ ଶ୍ରୀସାକ୍ଷୀଗୋପାଳ

ସାକ୍ଷୀଗୋପାଳ,୨୯।୧(କିଶୋର ମହାପାତ୍ର/ ପ୍ରଶାନ୍ତ କୁମାର ବାରିକ)

ମାଘ ମାସ ବଡ଼ ଏକାଦଶୀ ତିଥିରେ ଗୁରୁବାର ସାକ୍ଷୀଗୋପାଳ ଠାକୁରଙ୍କ ଗଜ ଉଦ୍ଧାରଣ ବେଶ ଅନୁଷ୍ଠିତ ହୋଇଯାଇଛି। ଏହି ଦୁର୍ଲଭ ବେଶ ଦର୍ଶନ ଓ ପୂଜାର୍ଚ୍ଚନା ପାଇଁ ସନ୍ଧ୍ୟାରେ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥିଲା। ସନ୍ଧ୍ୟାରେ ଏକାଦଶୀ ବେଢ଼ା, ଯାତଭୋଗ, ସନ୍ଧ୍ୟାଧୂପ ପରେ ବଡ଼ସିଂହାର ବେଶ ପରେ ଠାକୁରଙ୍କୁ ଗଜ ଉଦ୍ଧାରଣ ବେଶରେ ସଜ୍ଜିତ କରାଯାଇଥିଲା। ସ୍ୱତନ୍ତ୍ର ଖିରି ଭୋଗଲାଗି କରାଯାଇ ଶ୍ରଦ୍ଧାଳୁମାନଙ୍କୁ ବିତରଣ କରାଯାଇଥିଲା।

ପୁରାଣ ବର୍ଣ୍ଣିତ ଅନୁଯାୟୀ, ସାକ୍ଷୀଗୋପାଳ ଠାକୁର ଗରୁଡ଼ ପୃଷ୍ଠରେ ବିରାଜମାନ କରି କୁମ୍ଭୀର ଆକ୍ରମଣରୁ ଗଜକୁ ଉଦ୍ଧାର କରିବା ଦୃଶ୍ୟ ଦେଖିବାକୁ ମିଳିଥିଲା। ସାକ୍ଷୀଗୋପାଳଙ୍କ ଛନ୍ଦାଚରଣ ଓ ଶ୍ରୀଭୁଜକୁ ଲୁଚାଯାଇ ସୋଲରେ ତିଆରି ଦୁଇଟି ଶ୍ରୀପୟର ଓ ୪ଟି ଶ୍ରୀଭୁଜ ଲାଗିକରାଯାଇଥିଲା। ମହାପ୍ରଭୁ ଚତୁର୍ଭୁଜରେ ଶଙ୍ଖ, ଚକ୍ର, ଗଦା, ପଦ୍ମ ଧାରଣ କରିଥିବାବେଳେ ଶ୍ରୀରାଧାଙ୍କ ଦୁଇଟି ଖଞ୍ଜା ପୟର ଲାଗିକରାଯାଇଥିଲା। ସିଂହାରୀ ସେବାୟତ ନରହରି ମହାପାତ୍ର, ବିରଜା ପ୍ରସାଦ ମହାପାତ୍ର ଏହି ବେଶ କରିଥିବାବେଳେ ଭଣ୍ଡାରମେକାପ ଦେବୀଦତ୍ତ ମେକାପ ସହଯୋଗ କରିଥିଲେ। ସେହିପରି ଗରୁଡ଼, କୁମ୍ଭୀର ଓ ହାତୀ ସୋଲ ଓ କାଗଜ ପଟିରେ ତିଆରି କରାଯାଇଥିଲା। ବେଶ ଦର୍ଶନ କରି ଶ୍ରଦ୍ଧାଳୁମାନେ ‘ଆହେ ନୀଳଶଇଳ ପ୍ରବଳ ମତ୍ତ ବାରଣ, ମୋ ଆରତ ନଳିନୀ ବନକୁ କର ଦଳନ, ଗଜରାଜ ଚିନ୍ତା କଲା ଥାଇ ଘୋର ଜଳେଣ, ଚକ୍ର ପେଶି ନକ୍ର ନାଶି ଉଦ୍ଧରିଲ ଆପଣ’ ଗାଇଥିଲେ। ପ୍ରାୟ ୧୫୦ ବର୍ଷ ତଳେ ସତ୍ୟବାଦୀ ଥାନା ଅଧୀନ ପାଣିଓରା ଗ୍ରାମର ଆନନ୍ଦ ସାହୁ ଏହି ବେଶ ଆରମ୍ଭ କରିଥିଲେ। ତାଙ୍କ ପକ୍ଷରୁ ଦୀନବନ୍ଧୁ ସାହୁଙ୍କ ପରିବାର ଏହି ବେଶ କରିଆସୁଛନ୍ତି। ଶୃଙ୍ଖଳିତ ଦର୍ଶନ ଏବଂ ଦେବନୀତି ସମ୍ପନ୍ନ ନିମନ୍ତେ ମନ୍ଦିର ସୁପରଭାଇଜର ବିଶ୍ୱନାଥ ମହାପାତ୍ର ସହଯୋଗ କରିଥିଲେ।

# ମହିଳାଙ୍କୁ ଗୋଲାପ ଫୁଲ ଦେଇ ବିବାହିତ ଯୁବକ ହଟହଟା

ପୁରୀ,୨୯।୧(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ନିକଟରେ ଗୁରୁବାର ଜଣେ ଯୁବକଙ୍କ ଅଭାବନୀୟ ବ୍ୟବହାର ଦେଖିବାକୁ ମିଳିଛି। ସନ୍ଧ୍ୟାରେ ଜଣେ ଯୁବକ ନିଜ ସ୍ତ୍ରୀ ଭାବି ଅନ୍ୟ ମହିଳାଙ୍କୁ ଗୋଲାପ ଫୁଲ ଦେଇ ପ୍ରପୋଜ କରୁଥିବା ଅଭିଯୋଗ ହୋଇଛି। ଫଳରେ ଯୁବକଜଣଙ୍କୁ ହଟହଟା ହେବାକୁ ପଡ଼ିଛି। ତେବେ ସୁରକ୍ଷାକର୍ମୀ ଓ କେତେଜଣ ସେବାୟତ ତାଙ୍କୁ ସେଠାରୁ ବାହାର କରିଦେଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ସନ୍ଧ୍ୟାରେ ଶ୍ରୀମନ୍ଦିର ଦକ୍ଷିଣଦ୍ୱାର ନିକଟ ବ୍ୟାରିକେଡ୍ ମଧ୍ୟରେ ଜଣେ ଯୁବକ ନିଜ ସ୍ତ୍ରୀ ବୋଲି ଭାବି ଅନ୍ୟ ମହିଳାଙ୍କୁ ଗୋଲାପ ଫୁଲ ଦେଇଥିଲେ। ଏହାକୁ ନେଇ ସମ୍ପୃକ୍ତ ମହିଳାଙ୍କ ସମେତ ଅନ୍ୟମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏହି ଘଟଣା ସେଠାରେ ନିୟୋଜିତ ଥିବା ସୁରକ୍ଷାକର୍ମୀ ଏବଂ କେତେଜଣ ଯୁବ ସେବାୟତଙ୍କ ନଜରରେ ପଡ଼ିଥିଲା। ପରେ ତାଙ୍କୁ ପଚରାଉଚରା କରିବାରୁ ସେ କହିଥିଲେ, ତାଙ୍କ ଘର କେନ୍ଦୁଝରରେ। ତେବେ ସ୍ତ୍ରୀ ଘରେ ଝଗଡ଼ା କରି ପୁରୀ ପଳାଇ ଆସିଛନ୍ତି। ସେ ତାଙ୍କ ସ୍ତ୍ରୀଙ୍କୁ ଖୋଜିଖୋଜି ପୁରୀକୁ ଆସିଛନ୍ତି। ନିଜ ସ୍ତ୍ରୀ ଭାବି ସେ ମହିଳାଙ୍କୁ ପ୍ରପୋଜ କରିଥିଲେ । ଦୀର୍ଘ ୮ବର୍ଷ ତଳେ ରଙ୍ଗ୍ ନମ୍ବରରେ କଥା ହେବା ପରେ ପ୍ରେମ ହୋଇଥିଲା। ବିବାହ କରି ୩ବର୍ଷ ରହିବା ପରେ ଗତ ୫ ବର୍ଷ ହେବ ତାଙ୍କୁ ଛାଡ଼ି ସ୍ତ୍ରୀ ପୁରୀ ଚାଲି ଆସିଛନ୍ତି। ତେଣୁ ସେ ବାରମ୍ବାର ପୁରୀ ଆସି ତାଙ୍କ ସ୍ତ୍ରୀଙ୍କୁ ଖୋଜୁଛନ୍ତି। ଯେଉଁ ମହିଳା ତାଙ୍କୁ ତାଙ୍କ ସ୍ତ୍ରୀ ଭଳି ମନେହେଉଛନ୍ତି, ତାଙ୍କୁ ସେ ଗୋଲାପ ଫୁଲ ଦେଇ ପ୍ରପୋଜ କରୁଛନ୍ତି ବୋଲି ଯୁବକ ଜଣକ କହିଛନ୍ତି। ଅନ୍ୟପକ୍ଷେ ଯୁବକ ଜଣଙ୍କ ମାନସିକ ଭାରସାମ୍ୟ ହରାଇ ଏପରି କରୁଥାଇପାରନ୍ତି ବୋଲି ଅନୁମାନ କରାଯାଉଛି।

# ୨ଦିନ ହେବ ବଳଙ୍ଗା ପଞ୍ଚଦୋଳ ମେଳଣ

ବଳଙ୍ଗା,୨୯।୧(କେଦାରେଶ୍ୱର ନନ୍ଦ)

ଓଡ଼ିଶା ପ୍ରସିଦ୍ଧ ବଳଙ୍ଗା ପଞ୍ଚଦୋଳ ମେଳଣ ଚଳିତ ବର୍ଷଠାରୁ ୨ଦିନ ଧରି ଅନୁଷ୍ଠିତ ହେବ। ନିମାପଡ଼ା, ପିପିଲି ଓ ସତ୍ୟବାଦୀ ନିର୍ବାଚନମଣ୍ଡଳୀର ବିଭିନ୍ନ ଗ୍ରାମରୁ ୧୦୮ ବିମାନ ବଳଙ୍ଗା ମେଳଣରେ ସମାଗମ ହୋଇଥାନ୍ତି। ଉକ୍ତ ମେଳଣ ଗୋଟିଏ ଦିନ ଅନୁଷ୍ଠିତ ହୋଇଆସୁଥିବାବେଳେ ଚଳିତବର୍ଷଠାରୁ ୨ ଦିନ ପାଇଁ କରାଯିବା ଲାଗି ମେଳଣ କମିଟି ପକ୍ଷରୁ ପ୍ରୟାସ ଆରମ୍ଭ ହୋଇଛି। ଏ ନେଇ କମିଟି ପକ୍ଷରୁ ସଭାଗୃହରେ ସୋମବାର ଜୋପନ, ପାରିପୋଟଲି, ଗୋପୀନାଥପୁର, ଗଡ଼ପଦନପୁର, ସରସ୍ୱତୀପୁର ଆଦି ୨୦ଟି ଗ୍ରାମର ମୁରବିମାନଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। କମିଟିର ଏଭଳି ପ୍ରସ୍ତାବକୁ ମୁରବିମାନେ ସ୍ୱାଗତ କରିଛନ୍ତି। ଅଧିକ ଗୋଟିଏ ଦିନ ପଡ଼ିଆରେ ରହୁଥିବା ଠାକୁରଙ୍କ ପୂଜାର୍ଚ୍ଚନା ଓ ସମସ୍ତ ନୀତିକାନ୍ତି ନିମନ୍ତେ ବିମାନ ସହିତ ଥିବା ମହାପାତ୍ର ଏବଂ ପୂଜକଙ୍କ ପାଇଁ ମେଳଣ କମିଟିରୁ ସମସ୍ତ ପ୍ରକାର ସହାୟତା ଯୋଗାଇଦେବାକୁ ନିଷ୍ପତ୍ତି ନିଆଯାଇଛି। ସେହିଭଳି ମେଳଣ ଶୋଭାଯାତ୍ରାରେ ଡିଜେବାଦ୍ୟକୁ ଅନୁମତି ଦିଆଯିବନାହିଁ ବୋଲି କମିଟି ତରଫରୁ କୁହାଯାଇଛି। ପୂର୍ବରୁ ମେଳଣରେ ଜମାଣ ଉତ୍ସବ ସହ ଗୋଟିଏ ଦିନ ମେଳଣ ହୋଇଥାଏ। ସେହି ରାତିରେ ଆତସବାଜି ପ୍ରତିଯୋଗିତା ଅନୁଷ୍ଠିତ ହେବା ପରେ ପରଦିନ ଠାକୁରଙ୍କ ହରିହର ଭେଟ କରାଯାଇଥାଏ। ମେଳଣ କମିଟି ସଭାପତି ପ୍ରଫୁଲ୍ଲ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପୂର୍ବତନ ସଭାପତି ପ୍ରଭାକର ଦଳାଇ, ସମ୍ପାଦକ ବଳଭଦ୍ର ଜେନା, ପ୍ରସନ୍ନ କୁମାର ଶତପଥୀ, ପ୍ରଫୁଲ୍ଲ କୁମାର ବେହେରା, ପୂର୍ବତନ ସମିତି ସଭ୍ୟ କୃପାସିନ୍ଧୁ ଦତ୍ତଙ୍କ ସମେତ କମିଟିର ସମସ୍ତ ସଭ୍ୟ ଉପସ୍ଥିତ ଥିଲେ।

# ଶ୍ରୀଧରସ୍ୱାମୀଙ୍କ ମହାପ୍ରୟାଣ ମହୋତ୍ସବ

ପୁରୀ,୨୯।୧(ଅଜିତ୍ କୁମାର ମହାନ୍ତି)

ଶ୍ରୀଶଙ୍କରାନନ୍ଦ ମଠର ପୂର୍ବ ସ୍ୱାମୀ ତଥା ଶ୍ରୀଗୋବର୍ଦ୍ଧନ ପୀଠ ପୁରୀର ପ୍ରଥମ ଓଡ଼ିଶା ଶଙ୍କରାଚାର୍ଯ୍ୟଙ୍କ ଶ୍ରୀଧରସ୍ୱାମୀଙ୍କ ମହାପ୍ରୟାଣ ମହୋତ୍ସବ ପାଳିତ ହୋଇଯାଇଛି। ମହୋତ୍ସବକୁ ଶ୍ରୀମନ୍ଦିର ଛତିଶା ନିଯୋଗ ନାୟକ ଜନାର୍ଦ୍ଦନ ପାଟ୍ଟଯୋଶୀ ମହାପାତ୍ର ପରିଚାଳନା କରିଥିଲେ। ମହାନ୍ ସନ୍ଥ ଶ୍ରୀଧରସ୍ୱାମୀ ଜାତୀୟ ସ୍ତରରେ ପ୍ରସିଦ୍ଧ ଥିଲେ। ଶ୍ରୀକ୍ଷେତ୍ରର ଏହି ପ୍ରାଚୀନ ମଠର ଐତିହ୍ୟ ଯୁବସମାଜ ଜାଣିବା ଉଚିତ ବୋଲି ପାଟ୍ଟଯୋଶୀ ମହାପାତ୍ର କହିଥିଲେ। ମଠ ଟ୍ରଷ୍ଟବୋର୍ଡ ସଭାପତି ଡାକ୍ତର ଦୁର୍ଗାପ୍ରସାଦ ମିଶ୍ରଙ୍କ ସଭାପତିତ୍ୱରେ ଉଦ୍‌ଘାଟନ ପର୍ବ ଅନୁଷ୍ଠିତ ହୋଇଥିଲା। ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର କହିଥିଲେ, ଶ୍ରୀଧରସ୍ୱାମୀ ଶ୍ରୀମଦ୍ ଭାଗବତର ଭାବପ୍ରକାଶ ଟୀକା, ୧୩୭୦ ମସିହାରେ ତାଙ୍କର କୃତି ସମଗ୍ର ଭାରତରେ ବିଦ୍ୱାନମାନଙ୍କ ମଧ୍ୟରେ ଆଲୋଡନ ସୃଷ୍ଟି କରିଥିଲା। କିନ୍ତୁ ପ୍ରଚାରପ୍ରସାର ଅଭାବରୁ ଭାରତୀୟ ସଂସ୍କୃତି, ସାହିତ୍ୟ, ଇତିହାସରେ ତାଙ୍କ ନାମ ଓ କୃତି ଉଲ୍ଲେଖ ନାହିଁ। ମୁଖ୍ୟବକ୍ତା ଭାବେ କଟକୀ ମଠର ମହାରାଜ ଡ. ବିଜୟ ରାମାନୁଜ ଦାସ ଯୋଗଦେଇ କହିଥିଲେ, ପୁରୀର ସନ୍ଥମାନଙ୍କ ମଧ୍ୟରେ ଶ୍ରୀଧରସ୍ୱାମୀ ଜଣେ ଶ୍ରେଷ୍ଠ ସନ୍ଥ ହୋଇ ମଧ୍ୟ ଅବହେଳିତ ରହିଯାଇଛନ୍ତି। ସମ୍ମାନିତ ଅତିଥି ଭାବେ ପ୍ରଫେସର ଦିବାକର ମହାପାତ୍ର କହିଥିଲେ, ଶ୍ରୀଧରସ୍ୱାମୀଙ୍କ ଲିଖିତ ଗ୍ରନ୍ଥ ଓ ଟୀକା ଗ୍ରନ୍ଥ ପ୍ରକାଶିତ ହେବା ଉଚିତ। ସମ୍ମାନିତ ବକ୍ତାଭାବେ ଡ. ପ୍ରଦୀପ କୁମାର ଆଚାର୍ଯ୍ୟ ଯୋଗଦେଇ ଶ୍ରୀଧରଙ୍କ ବିଷ୍ଣୁ ପୁରାଣ ଓ ଗୀତାର ଟୀକା କିପରି କାଳଜୟୀ ତାହା ପ୍ରକାଶ କରିଥିଲେ। ଆଲୋଚନାଚକ୍ରର ପ୍ରଥମ ଅଧିବେଶନରେ ଡ. କୁମାର ଅରୋଜ୍ୟୋତି, ଦେବୀ ପ୍ରସନ୍ନ ନନ୍ଦ, ଇଂ. ଶୁଭ୍ରପ୍ରକାଶ ପଣ୍ଡା ସ୍ୱରଚିତ ପ୍ରବନ୍ଧ ପାଠ କରିଥିଲେ। ଉଭୟ ଅଧିବେଶନରେ ସ୍ୱାମୀ ଶାଶ୍ୱତାନନ୍ଦ ଧନ୍ୟବାଦ ଦେଇ ବିଦ୍ୱାନ ଶ୍ରୀଧରଙ୍କ କୃତିକୁ ଆଧାର କରି ଅତିବଡ଼ୀ ଜଗନ୍ନାଥ ଦାସ ଓଡ଼ିଆ ଭାଗବତ ରଚନା କରିଥିଲେ ବୋଲି କହିଥିଲେ। ସୁଶ୍ରୀ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସେହିପରି ଦ୍ୱିତୀୟ ଅଧିବେଶନରେ ଡ. ସୁରେନ୍ଦ୍ର କୁମାର ମିଶ୍ର ଶ୍ରୀଧରଙ୍କ ଅନନ୍ୟ ପାଣ୍ଡିତ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଶ୍ରୀଧର ଜନ୍ମ ଓ ମହାପ୍ରୟାଣ ମାଘ ସପ୍ତମୀରେ ହୋଇଥିଲା। ସନ୍ତୋଷ କୁମାର ମିଶ୍ର ସାଂସାରିକ ଜୀବନରେ ଭାଗବତର ଭୂମିକା ଉପରେ ଆଲୋଚନା କରିଥିଲେ। ଅଶୋକ କୁମାର ମିଶ୍ର, ମିହିର କୁମାର ମିଶ୍ର, ସଦାଶିବ ସାହୁ, ଆଦିତ୍ୟ ମିଶ୍ର ଏବଂ ଯାମିନୀକାନ୍ତ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ମହୋତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ ।

# ବାଳିକା, ବାଳକ ବିଭାଗରେ ଏଟ୍‌ପିସି ଓଡ଼ିଶା ଚାମ୍ପିୟନ




ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳିମାନେ ।

ପୁରୀ,୨୯।୧(ଅଜିତ୍ କୁମାର ମହାନ୍ତି)

ତାଳବଣିଆସ୍ଥିତ ଖୋ ଖୋ ଇନ୍‌ଡୋର ଷ୍ଟାଡିୟମ ହଲ୍ ପରିସରର ଖୋ ଖୋ ଏଏମ୍ ଏବଂ ଏନ୍‌ଏସ୍ ଇଣ୍ଡିଆ ଖୋ ଖୋ ଟ୍ରାଇ ସିରିଜ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏଟ୍‌ପିସି ଓଡ଼ିଶା, ଆନ୍ଧ୍ରପ୍ରଦେଶ ଓ ପଶ୍ଚିମବଙ୍ଗ ମଧ୍ୟରେ ୩ଦିନ ଧରି ଖେଳ ଅନୁଷ୍ଠିତ ହୋଇଥିଲା। ଫାଇନାଲରେ ବାଳିକା ବିଭାଗରେ ଏଟ୍‌ପିସି ଓଡ଼ିଶା ଚାମ୍ପିୟନ ଏବଂ ପଶ୍ଚିମବଙ୍ଗ ରନର ଅପ୍ ହୋଇଥିଲା। ବାଳକ ବିଭାଗରେ ଏଟ୍‌ପିସି ଓଡ଼ିଶା ଚାମ୍ପିୟନ ଏବଂ ଆନ୍ଧ୍ରପ୍ରଦେଶ ରନର ଅପ୍ ହୋଇଥିଲା। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଅତିଥି ଭାବେ ଆନ୍ଧ୍ରପ୍ରଦେଶ ଖୋ ଖୋ ସଂଘର ସଭାପତି ଏମ୍.ଭି.ଏସ୍. ସାଇପ୍ରସାଦ, ଭାରତ ଖୋ ଖୋ ଉପସଭାପତି ତଥା ଓଡ଼ିଶାର ଖୋ ଖୋ ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ମିଶ୍ର, ଏସ୍‌ପି ପ୍ରତୀକ ସିଂ, ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ, ଏଏମ୍ ଏବଂ ଏନ୍‌ଏସ୍ ଓଡ଼ିଶା ଶାଖା ମୁଖ୍ୟ ଅଧିକାରୀ ବିକାଶ ଯାଦବେନ୍ଦୁ ଯୋଗଦେଇଥିଲେ। ଗ୍ରାମାଞ୍ଚଳର ବାଳିକା ଓ ବାଳକ ଖୋ ଖୋ କ୍ରୀଡ଼ାବିତ୍ ଉତ୍ତମ ଖେଳ ପ୍ରଦର୍ଶନ କରି ଜିଲା, ରାଜ୍ୟ ଓ ଭାରତର ନାମ ରଖିବା ସହ ବିଶ୍ୱ ଚାମ୍ପିୟନ ହୋଇପାରିଥିବାରୁ ଅତିଥିମାନେ ସେମାନଙ୍କୁ ଉତ୍ସାହିତ କରିଥିଲେ। ସରକାର ପିଲାଙ୍କୁ ଆଗକୁ ବଢ଼ିବା ପାଇଁ ସମସ୍ତ ସୁଯୋଗ ଦେଉଥିବା ଅତିଥିମାନେ କହିଥିଲେ। ଏହି ଅବସରରେ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଓଡ଼ିଶା ଖୋ ଖୋ ସଂଘର ମୁଖ୍ୟ କୋଚ ଅନିଲ ଲକ୍ଷ୍ମଣ ଗଞ୍ଜାବେ, ଖୋ ଖୋ ଏଟ୍‌ପିସି ସେଣ୍ଟରର ମୁଖ୍ୟ କୋଚ୍ ସଞ୍ଜୀବ ଶର୍ମା, ଓଡ଼ିଶା ଖୋ ଖୋ ସଂଘ କୋଷାଧ୍ୟକ୍ଷ ଚୌଧୁରୀ ପାର୍ଥସାରଥି ମହାପାତ୍ର, ପ୍ରୋଗ୍ରାମ ମ୍ୟାନେଜର ବାପି ରାୟ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ୩ ରାଜ୍ୟର କୋଚ୍ ଓ ପ୍ରତିଭାବାନ ଖେଳାଳିମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

**ଏଏମ୍ ଏବଂ ଏନ୍‌ଏସ୍ ଇଣ୍ଡିଆ ଖୋ ଖୋ ଟ୍ରାଇ ସିରିଜ ଉଦ୍‌ଯାପିତ**

**ନବନିର୍ମିତ କମ୍ୟୁନିଟି ସେଣ୍ଟର ଉଦ୍‌ଘାଟିତ**

କଟକ,(ଶିକ୍ଷା ପ୍ରିୟଦର୍ଶିନୀ): କଟକ ସିଡିଏ ସେକ୍ଟର-୭ ଅଞ୍ଚଳରେ କଟକ ଅବସରପ୍ରାପ୍ତ ଏୟାର ଫୋର୍ସ କର୍ମଚାରୀ ସଂଘର ନବନିର୍ମିତ କମ୍ୟୁନିଟି ସେଣ୍ଟରକୁ ବିଧାୟିକା ସୋଫିଆ ଫିର୍ଦୋସ୍ ଉଦ୍‌ଘାଟନ କରିଛନ୍ତି। ସଂଘର ସଦସ୍ୟମାନଙ୍କ ଦୀର୍ଘଦିନର ଆବଶ୍ୟକତାକୁ ଦୃଷ୍ଟିରେ ରଖି ବିଧାୟକ ଉନ୍ନୟନ ପାଣ୍ଠି ସହାୟତାରେ ଏହି ଗୃହ ନିର୍ମାଣ କରାଯାଇଥିଲା। ଦେଶମାତୃକାର ସେବା କରି ଅବସର ଗ୍ରହଣ କରିଥିବା ବୀର ଯବାନମାନଙ୍କ ସମ୍ମାନାର୍ଥେ ଏହି ପ୍ରକଳ୍ପ ସହାୟକ ହେବ ବୋଲି ବିଧାୟିକା ସୋଫିଆ କହିଛନ୍ତି। ଏହି କେନ୍ଦ୍ର ଆଗାମୀ ଦିନରେ ଅବସରପ୍ରାପ୍ତ ବାୟୁସେନା କର୍ମଚାରୀଙ୍କ ବିଭିନ୍ନ ସାଙ୍ଗଠନିକ କାର୍ଯ୍ୟକ୍ରମ, ସାମାଜିକ ସମ୍ମିଳନୀ ଏବଂ ଜନହିତକର କାର୍ଯ୍ୟ ପାଇଁ ଏକ ପ୍ରମୁଖ ମାଧ୍ୟମ ସାଜିବ। ଉକ୍ତ କାର୍ଯ୍ୟକ୍ରମରେ ସଂଘର କର୍ମକର୍ତ୍ତାଙ୍କ ସମେତ ବହୁ ଅବସରପ୍ରାପ୍ତ ବାୟୁସେନା ଅଧିକାରୀ ଓ ସ୍ଥାନୀୟ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ।

**ସଂକ୍ଷେପରେ**

## ସ୍ୱେରେଜ ଲାଇନ ପ୍ରକଳ୍ପର ଶିଳାନ୍ୟାସ

ଫୁଲନଖରା,୨୯।୧(ସତ୍ୟରଞ୍ଜନ ଦାସମହାପାତ୍ର)

ବିଏମସି ୪ ନମ୍ବର ୱାର୍ଡ ନଖରା ଗ୍ରାମରେ ୱାର୍ଟକୋ ପକ୍ଷରୁ ସ୍ୱରେଜ ଲାଇନ ପ୍ରକଳ୍ପର ଶିଳାନ୍ୟାସ ବୁଧବାର ହୋଇଛି। ଏହାକୁ ଗ୍ରାମର ବରିଷ୍ଠ ନାଗରିକ ଧୀରେନ୍ଦ୍ର ସାହୁ ଉଦ୍‌ଘାଟନ କରିଥିଲେ। ସ୍ୱରେଜ ଲାଇନ ଗ୍ରାମର ମୁଖ୍ୟ ରାସ୍ତା ଓ ଡିପିଏସ ଛକ ଦେଇ ୨ କି.ମି. ଅତିକ୍ରମ କରି ମଶାଣିରେ ଏକ ବୃହତ ଟାଙ୍କି ସହିତ ସଂଯୋଗ ହେବ। ଏଥିରେ ଘର ବ୍ୟବହୃତ ଅପରିଷ୍କାର ପାଣି ପାଇପ ସାହାଯ୍ୟରେ ଏହି ଲାଇନ ସହିତ ସଂଯୋଗ କରାଯିବ। ପୂର୍ବରୁ ଏହି ଗ୍ରାମରେ ସ୍ୱରେଜ ଲାଇନ ନ ଥିବାରୁ ଲୋକଙ୍କ ଘରର ବ୍ୟବହୃତ ପାଣି ନାଳ ନର୍ଦ୍ଦମାରେ ଜମା ହୋଇ ପରିବେଶକୁ ଦୂଷିତ କରୁଥିଲା। ସ୍ୱରେଜ ଲାଇନ ହେବାରୁ ଗ୍ରାମବାସୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ଏହି ପ୍ରକଳ୍ପ ଆସନ୍ତା ୬ ମାସ ମଧ୍ୟରେ ସମ୍ପୂର୍ଣ୍ଣ ହେବାକୁ ଧାର୍ଯ୍ୟ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଘନଶ୍ୟାମ ସାହୁ, ବୈକୁଣ୍ଠ ସାହୁ, ଧରଣୀଧର ସାହୁ, ଚନ୍ଦ୍ରକାନ୍ତ ସାହୁ, ପ୍ରେମାନନ୍ଦ ସାହୁ, ସୁବାସ ଚନ୍ଦ୍ର ସାହୁ, ରବୀନ୍ଦ୍ର ସାହୁ, ଯୁଗଳ କିଶୋର ସାହୁ, ବିନୋଦ ବିହାରୀ ଭୋଇ, ବିଶ୍ୱଜିତ ସ୍ୱାଇଁ ପ୍ରମୁଖ ଗ୍ରାମବାସୀ ଉପସ୍ଥିତ ଥିଲେ।

## ଦଧିବାମନ ଜୀଉଙ୍କ ପ୍ରାଣପ୍ରତିଷ୍ଠା ଉତ୍ସବ

ଚୌଦ୍ୱାର,୨୯।୧(ଆଶୁତୋଷ ଦାସ)

ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ଅଧୀନ ଆଗ୍ରାହାଟ ଗ୍ରାମରେ ପ୍ରତିଷ୍ଠିତ ଶ୍ରୀ ଦଧିବାମନ ଜୀଉ ମହାପ୍ରଭୁଙ୍କ ନବନିର୍ମିତ ଦାରୁ ବିଗ୍ରହ ପ୍ରାଣପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ୪ଦିନ ଧରି ଆୟୋଜିତ କାର୍ଯ୍ୟକ୍ରମରେ ଶୁଭାଧିବାସ, ମଣ୍ଡଳାଦି ପୂଜା, କଳସ ଯାତ୍ରା, ଘଟ ସ୍ଥାପନ, ଜପ, ବିଷ୍ଣୁ ସହସ୍ର ନାମ ଆଦି ବହୁବିଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମଙ୍ଗଳବାର ପ୍ରଭୁଙ୍କ ପ୍ରାଣ ପ୍ରତିଷ୍ଠା କରାଯାଇଥିଲା। ଏହି ଉପଲକ୍ଷେ ମନ୍ଦିର ପରିସରରେ ଆୟୋଜିତ ମହାଯଜ୍ଞରେ ବହୁ ସଂଖ୍ୟକ ଶ୍ରଦ୍ଧାଳୁ ଅଂଶ ଗ୍ରହଣ କରିଥିଲେ। ଶ୍ରୀଜୀଉଙ୍କ ଚଳନ୍ତି ପ୍ରତିମାଙ୍କୁ ନାମ ସଂକୀର୍ତ୍ତନ କରାଯାଇ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯିବା ସହିତ ସ୍ଥାନୀୟ ଉତ୍ତରେଶ୍ୱର ମହାଦେବ ମନ୍ଦିରରେ ହରିହର ଭେଟ କରାଯାଇଥିଲା। ପଞ୍ଚାୟତର ଶତାଧିକ ମହିଳାଙ୍କ ସମେତ ବହୁ ଜନସାଧାରଣ ଶୋଭାଯାତ୍ରାରେ ଅଂଶ ଗ୍ରହଣ କରିଥିଲେ। ଶ୍ରୀଜୀଉଙ୍କ ମନ୍ଦିର ପ୍ରବେଶ ଓ ସିଂହାସନ ଆରୋହଣ କରାଯାଇ ଶ୍ରଦ୍ଧାଳୁମାନଙ୍କୁ ପ୍ରସାଦ ବିତରଣ କରାଯାଇଥିଲା।

## ୬ ଫେବୃଆରୀରୁ ୩ୟ ଚାରିଦେଶ ପଲ୍ଲୀ ମହୋତ୍ସବ

ଖୁଣ୍ଟୁଣୀ,୨୯।୧(ସଚ୍ଚିଦାନନ୍ଦ ପଣ୍ଡା)

କଣ୍ଡରେଇ ପଞ୍ଚାୟତ ଚାରିଦେଶ ବିକାଶ ପରିଷଦ ଆନୁକୂଲ୍ୟରେ ୩ୟ ବାର୍ଷିକ ଚାରିଦେଶ ପଲ୍ଲୀ ମହୋତ୍ସବ ଆସନ୍ତା ଫେବୃଆରୀ ୬ରୁ ଆରମ୍ଭ ହେବ। ଏହା ୯ ତାରିଖ ପର୍ଯ୍ୟନ୍ତ କଣ୍ଡରେଇ ଖେଳ ପଡିଆଠାରେ ଅନୁଷ୍ଠିତ ହେବ ବୋଲି ପ୍ରସ୍ତୁତି ବୈଠକରେ ପରିଷଦ ସମ୍ପାଦକ ଅରୁପ ରଞ୍ଜନ ମହାନ୍ତି ସୂଚନା ଦେଇଛନ୍ତି। ପ୍ରସ୍ତୁତି ବୈଠକରେ କଣ୍ଡରେଇ ସରପଞ୍ଚ ଜ୍ଞାନରଞ୍ଜନ ଦାଶ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଶିକ୍ଷାବିତ କୁଳମଣି ବେଉରା, ରମେଶ ଚନ୍ଦ୍ର ରାଉତ, ପ୍ରମେଶ ଚନ୍ଦ୍ର ମହାପାତ୍ର, କୈଳାସ ମହାପାତ୍ର, ସାମାଜିକ କର୍ମୀ ଚିତ୍ତରଞ୍ଜନ ମହାନ୍ତି, ଅବସରପ୍ରାପ୍ତ ସାମରିକ କର୍ମଚାରୀ ଗଣେଶ୍ୱର ମୁଦୁଲି, ସମିତି ସଭ୍ୟ ବିଶ୍ୱନାଥ ପୂର୍ତ୍ତି, ଦୁଃଖିଶ୍ୟାମ ରାଉତ, ପ୍ରଭାକର ବେହେରା, ପୂର୍ଣ୍ଣଚନ୍ଦ୍ର ଜେନା, ନୀଳମଣି ସ୍ୱାଇଁ, ପ୍ରଫୁଲ୍ଲ ଜେନା, ବନମାଳୀ ସାହୁ, ରଞ୍ଜନ କୁମାର ଦାସ, ଅଜୟ ବେହେରା, ନଗେନ୍ଦ୍ର ବେହେରା, ସତ୍ୟାନନ୍ଦ ସାହୁ, ପ୍ରାଣବନ୍ଧୁ ପ୍ରଧାନ, ସୁବାସ ବେହେରାଙ୍କ ସମେତ ବହୁ ବୁଦ୍ଧିଜୀବୀ ନାଗରିକ ଉପସ୍ଥିତ ଥିଲେ। ଶାନ୍ତି, ମୈତ୍ରୀ ଓ ଭାଇଚାରାର ନିଦର୍ଶନ ଏହି ମହୋତ୍ସବ ଚାରିଦେଶ ପାଇଁ ଗୌରବର ବାର୍ତ୍ତା ବହନ କରିଥିବାରୁ ଏହାର ସଫଳତା ନେଇ ବୈଠକରେ ଆଲୋଚନା କରାଯାଇଥିଲା। ପରିଷଦର ଆବାହକ ପ୍ରତ୍ୟୁଷ ବେଉରା, ସଭାପତି ଅନିଲ ବେହେରା, ପ୍ରଦୀପ ଗଡନାୟକ, ଚିତ୍ତରଞ୍ଜନ ବେହେରା, ନବୀନ ବେହେରା, ଲୋକନାଥ ଜେନା, ବସନ୍ତ ଖଟୁଆ, ବିକ୍ରମ ମୁଦୁଲି, ସ୍ୱପ୍ନାନନ୍ଦ ବେହେରା, ଦିନେଶ ବେହେରା, ମାନସ ମହାରଥୀ ପରିଚାଳନାରେ ସହଯୋଗ କରିଥିବା ବେଳେ ଉପଦେଷ୍ଟା ବରୁଣକାନ୍ତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରମୋଦ ଉଦ୍ୟାନକୁ ମିଳିବ ଇକୋ ଟୁରିଜମ୍ ମାନ୍ୟତା

**ତଦାରଖ କଲେ ବିଭାଗୀୟ ଅଧିକାରୀ**

ମଙ୍ଗୁଳି-ଜଗତପୁର,୨୯।୧(ମାନସ ସାମଲ)

ଟାଙ୍ଗୀ ଥାନା ଅଧୀନ ବିଶନାହାକାଣ୍ଠିସ୍ଥିତ ପ୍ରମୋଦ ଉଦ୍ୟାନ ଖୁବ୍‌ଶୀଘ୍ର ଇକୋ ଟୁରିଜମ୍ ମାନ୍ୟତା ପାଇବ। ଏ ନେଇ ଗୁରୁବାର ଓଡ଼ିଶା ସରକାରୀ ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ଉନ୍ନୟନ ବିଭାଗ ନିର୍ଦ୍ଦେଶକ ସୁବ୍ରତ ପଣ୍ଡା, ପିଡି ଉମେଶ ଜେନା, ସହ ନିର୍ଦ୍ଦେଶକ ଡ. ମନୀଷା ରାଉତ, ଶାନ୍ତି ମାଝୀ, ଶିବାନୀ ରାଉତ, ସମୀକ୍ଷା ପଣ୍ଡା, ବିଭାଗର ଓଭରସିୟର ମିହିର ପାତ୍ର, ଲକ୍ଷ୍ମୀଧର ଦଳାଇଙ୍କ ସମେତ ବହୁ ଅଧିକାରୀ ପରିଦର୍ଶନ କରି ଫେରି ଯାଇଛନ୍ତି। ଖୁବ୍‌ଶୀଘ୍ର ଏହି ଉଦ୍ୟାନ ଉନ୍ନତୀକରଣ କରାଯାଇ ଇକୋ ଟୁରିଜମ୍‌ର ମାନ୍ୟତା ଓ ଯୁବବର୍ଗଙ୍କୁ ନିଯୁକ୍ତିର ସୁଯୋଗ ଦିଆଯିବ ବୋଲି ଅଧିକାରୀ ସୁବ୍ରତ ପଣ୍ଡା ପ୍ରକାଶ କରିଥଲେ। ପ୍ରକାଶ ଥାଉ କି, ରାଜ୍ୟର ଏକ



ବିଭାଗୀୟ ଅଧିକାରୀ ଏବଂ ଅନ୍ୟମାନେ ପ୍ରମୋଦ ଉଦ୍ୟାନ ପରିଦର୍ଶନ କରୁଛନ୍ତି।

ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ଭାବେ ପରିଚିତ ଏହି ଉଦ୍ୟାନ ବହୁ ବର୍ଷ ଧରି ଅବହେଳିତ ହୋଇ ପଡି ରହିଛି। ଫଳରେ ପର୍ଯ୍ୟଟକ ଏଠାକୁ ଆସିବା ପାଇଁ ଇଚ୍ଛା ପ୍ରକାଶ କରୁ ନ ଥିବା ଦେଖିବାକୁ ମିଳୁଥିଲା। ୧୦୦୫ ଏକର ବିଶିଷ୍ଟ ଏହି ଉଦ୍ୟାନ ଉନ୍ନତୀକରଣ ପାଇଁ ବିଭିନ୍ନ ମହଲରୁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ଆସୁଥିଲେ ସୁଦ୍ଧା କାହାର ନଜର ପଡୁ ନ ଥିଲା। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଭାଜପା ନେତା ଚୌଧୁରୀ ହେମନ୍ତ ସାହୁ, ସ୍ଥାନୀୟ ଭାଜପା ନେତା ଅରିନ୍ଦମ ରାୟ, ଅସିତ୍ ପ୍ରଧାନ, ସତ୍ୟବ୍ରତ ସାହୁ, ଅମରେଶ ସାହୁ,ସତ୍ୟମ ସାହୁ, ରୋହିତ ମହାନ୍ତି, ଚିନ୍ମୟ ଷଡଙ୍ଗୀ, ହୃଷୀକେଶ ସାହୁ, ଲକ୍ଷ୍ମଣ ସାହୁ, ସୁବ୍ରତ ତ୍ରିପାଠୀ ପ୍ରମୁଖ ସହଯୋଗ କରିଥିଲେ। ଦେଖିବାକୁ ବାକି ରହିଲା କେବେ ଏହି ଉଦ୍ୟାନକୁ ନବକଳେବର କରାଯାଇ ପୂର୍ବଭଳି ରାଜ୍ୟର ବହୁ ପର୍ଯ୍ୟଟକଙ୍କୁ ଏଠାକୁ ଆସିବା ପାଇଁ ଆକୃଷ୍ଟ କରାଯାଇ ପାରୁଛି।

# ବ୍ଲକସ୍ତରୀୟ ସମଗ୍ର ଶିକ୍ଷା ଜନଶୁଣାଣି ଶିବିର




ଜନଶୁଣାଣି ବୈଠକରେ ମଞ୍ଚାସୀନ ଅତିଥି।

କଟକ ସଦର,୨୯।୧(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକସ୍ତରୀୟ ସମଗ୍ର ଶିକ୍ଷା ଜନଶୁଣାଣି ଶିବିର ଗୁରୁବାର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୫ଟି କ୍ଲଷ୍ଟରର ୩୦ଟି ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କ ସମେତ ପରିଚାଳନା କମିଟି ସଭାପତିମାନେ ଯୋଗଦେଇଥିଲେ। ଜନଶୁଣାଣି ଶିବିରରେ ବିଦ୍ୟାଳୟକୁ ଆସୁଥିବା ଅନୁଦାନର ଖର୍ଚ୍ଚ ସମ୍ବନ୍ଧୀୟ ସାମାଜିକ ସମୀକ୍ଷକମାନଙ୍କ ରିପୋର୍ଟ ଉପରେ ଆପତ୍ତି ଅଭିଯୋଗର ଶୁଣାଣି ହେଉଥିଲା। ହେଲେ ଉକ୍ତ ବୈଠକରେ ଅଭିଭାବକମାନଙ୍କ ଦର୍ଶନ ମିଳି ନ ଥିଲା। ଜନଶୁଣାଣି ଶିବିର ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଆୟୋଜନ କରାଯାଇଥିଲେ ସୁଦ୍ଧା କେବଳ ପ୍ରଧାନ ଶିକ୍ଷକ ଓ ପରିଚାଳନା କମିଟି ସଭାପତିଙ୍କୁ ଡକାଯାଇଥିଲା ବୋଲି ବ୍ଲକ ସାମାଜିକ ସମୀକ୍ଷକ ରଶ୍ମି ନାୟକ ସୂଚନା ଦେଇଥିଲେ। ଜନଶୁଣାଣି ବେଳେ ଶିକ୍ଷାଦାନ, ବିଦ୍ୟାଳୟର ସମସ୍ୟା ସହିତ ସମଗ୍ର ଶିକ୍ଷାରେ ୨୦୨୩-୨୦୨୪ ଓ ୨୦୨୪-୨୦୨୫ ଆର୍ଥିକ ବର୍ଷରେ ଆସିଥିବା ଅନୁଦାନ ଉପରେ ଶୁଣାଣି ହେବାର ଥିଲା। ପ୍ରତିବର୍ଷ ପ୍ରଥମରୁ ପଞ୍ଚମ ଶ୍ରେଣୀ ବିଦ୍ୟାଳୟକୁ ୨୫ ହଜାର ଟଙ୍କା, ପ୍ରଥମରୁ ଅଷ୍ଟମ ଶ୍ରେଣୀ ଥିବା ବିଦ୍ୟାଳୟକୁ ୪୦ ହଜାର, ଉଚ୍ଚ ବିଦ୍ୟାଳୟକୁ ୭୫ ହଜାର ଟଙ୍କାର ଅନୁଦାନ ଆସିଥାଏ। ଏହି ଖର୍ଚ୍ଚକୁ ନିୟମ ମୁତାବକ ଅଭିଭାବକ-ଶିକ୍ଷକ ବୈଠକରେ ଅନୁମୋଦନ କରିବାର ଥିଲା। ତାହା ହୋଇ ନ ଥିବାରୁ ବୈଠକରେ ଉପସ୍ଥିତ ବ୍ଲକ ଶିକ୍ଷାଧିକାରୀ ମନୀଷା ବିଶାଳ ଓ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଅନନ୍ତ ଚରଣ ଦେହୁରୀ ମତାମତ ନେବା ପାଇଁ ଗଣମାଧ୍ୟମ ପ୍ରତିନିଧିମାନେ ଉଦ୍ୟମ କରିଥିଲେ ସୁଦ୍ଧା ଉଭୟ ତରବରିଆ ଭାବେ ଚାଲି ଯାଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବିଡିଓ ପ୍ରତୀକ ସାହୁ ଓ ଜିଲା ସାମାଜିକ ସମୀକ୍ଷକ କଳ୍ପନା ବିଶାଳ ଉପସ୍ଥିତ ଥିଲେ।




ଜଗତପୁର ଆହାର କେନ୍ଦ୍ର ନିକଟରେ ଥିବା ବସ୍ତି ଉଚ୍ଛେଦକୁ ପ୍ରତିବାଦ କରି ଗୁରୁବାର ସିଏମ୍‌ସି ଅଫିସ୍ ସମ୍ମୁଖରେ ସିପିଆଇ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ। (ଫଟୋ: ରାଜକିଶୋର ମହାନ୍ତି)

# ବକ୍ସିବଜାର ସମ୍ବାଦପତ୍ର ବିକ୍ରେତା ସଂଘର ବଣଭୋଜି

କଟକ,୨୯।୧(କାର୍ତ୍ତିକ ସାହୁ)

ବକ୍ସିବଜାର ସମ୍ବାଦପତ୍ର ବିକ୍ରେତା ସଂଘର ସଭ୍ୟମାନେ ସୋନପୁର ବେଳାଭୂମିଠାରେ ବଣଭୋଜି କରିଛନ୍ତି। ତା'ପରେ ସେମାନେ ଗଞ୍ଜାମ ଜିଲାରେ ଅବସ୍ଥିତ ମା' ତାରାତାରିଣୀ ମନ୍ଦିର, ମା' ବାଲକୁମାରୀ ମନ୍ଦିର ଓ ସିଦ୍ଧଭୈରବୀ ମନ୍ଦିର ପରିଦର୍ଶନ କରିଥିଲେ। ସଂଘର ସାଧାରଣ ସମ୍ପାଦକ ରତ୍ନାକର ପ୍ରଧାନ, ସହସମ୍ପାଦକ ପ୍ରଶାନ୍ତ ସାହୁ, ମିଡିଆ ସେଲ ଅଧ୍ୟକ୍ଷ ପ୍ରଭାସ ପ୍ରଧାନ, ସଭ୍ୟ କେ. ବେଣୁ ରାଓ, ମନୋଜ ପାଲ, କାର୍ତ୍ତିକ ବେହେରା ଓ ହାଡ଼ିବନ୍ଧୁ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



# ସପ୍ତମ ଶ୍ରେଣୀ ଛାତ୍ରୀଙ୍କ ନ୍ୟୁଡ୍ ଫଟୋ ଭାଇରାଲ

**ଯୁବକଙ୍କୁ ଗିରଫ କଲା ସାଇବର ଥାନା ପୋଲିସ**

କଟକ,୨୯।୧(କାର୍ତ୍ତିକ ସାହୁ)

ବକ୍ସିବଜାର ରାଉସାପାଟଣା ଅଞ୍ଚଳର ଜଣେ ସପ୍ତମ ଶ୍ରେଣୀ ନାବାଳିକା ଛାତ୍ରୀଙ୍କ ନ୍ୟୁଡ୍ ଫଟୋ ଭାଇରାଲ କରିବା ଅଭିଯୋଗରେ ସାଇବର ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣକ ହେଲେ ପୁରୀଘାଟ ଥାନା ଅନ୍ତର୍ଗତ ପୁରୁଣା ରାଉସାପାଟଣା ଅଞ୍ଚଳର ପ୍ରମୋଦ ବେହେରା (୨୩)। ନାବାଳିକାଙ୍କ ମା' ୨୦୨୪ ଜୁଲାଇ ୧୦ରେ ଏନେଇ ସାଇବର ଥାନାରେ ଅଭିଯୋଗ କରିଥିଲେ। ସୂଚନାନୁସାରେ, ଛାତ୍ରୀ ଟିଉଶନ ଯିବା ବେଳେ ଅଭିଯୁକ୍ତ ତାଙ୍କୁ ହଇରାଣ କରୁଥିଲେ। ତାଙ୍କୁ ଇନ୍‌ଷ୍ଟାଗ୍ରାମ୍‌ରେ ଫ୍ରେଣ୍ଡ ରିକୁଏଷ୍ଟ ପଠାଇବା ସହ ହ୍ୱାଟ୍ସଆପ୍‌ରେ ମେସେଜ ପଠାଉଥିଲେ। ଏହାକୁ ଛାତ୍ରୀ ଆଡ଼େଇ ଯାଉଥିଲେ। ମାତ୍ର ଅଭିଯୁକ୍ତ ତାଙ୍କଠାରୁ ନ୍ୟୁଡ୍ ଫଟୋ ଦାବି କରିବା ସହ ନ ଦେଲେ ପରିବାରକୁ ବଦନାମ କରିଦେବାକୁ ହ୍ୱାଟ୍ସଆପ୍‌ରେ ଧମକ ଦେଇଥିଲେ। ନାବାଳିକା ଭୟଭୀତ ହୋଇ ଅଭିଯୁକ୍ତଙ୍କୁ ନିଜର ଏକ ନ୍ୟୁଡ୍ ଫଟୋ ପଠାଇଦେଇଥିଲେ। ଉକ୍ତ ଫଟୋ ଅଭିଯୁକ୍ତ ଅନ୍ୟମାନଙ୍କ ନିକଟକୁ ପଠାଇ ଛାତ୍ରୀଙ୍କୁ ବଦନାମ କରିଚାଲିଥିଲେ। ଫଳରେ ପରିବାର ଲୋକେ ପୋଲିସ ଥାନାର ଦ୍ୱାରସ୍ଥ ହୋଇଥିଲେ।

# ଦର୍ଶନ ଶାସ୍ତ୍ର ବିଭାଗ ପକ୍ଷରୁ ଜାତୀୟ ସମ୍ମାନ

ଚୌଦ୍ୱାର,୨୯।୧(ଆଶୁତୋଷ ଦାସ)

ଚୌଦ୍ୱାର କଲେଜ ଦର୍ଶନଶାସ୍ତ୍ର ବିଭାଗ ପକ୍ଷରୁ 'କୃତ୍ରିମ ବୁଦ୍ଧିମତ୍ତାର ନୈତିକତା' ଶୀର୍ଷକ ଏକ ଦିବସୀୟ ଜାତୀୟ ସମ୍ମାନ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ରଶ୍ମି ରାଉତରାୟଙ୍କ ପୌରୋହିତ୍ୟରେ କଲେଜ ସଭାଗୃହରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମୁମ୍ବାଇ ଆଇଆଇଟି ପ୍ରଫେସର ରାଜ କିଶୋର ନାଥ, ବାଣିଜ୍ୟ ବିଭାଗ ପ୍ରାଧ୍ୟାପକ ପ୍ରଭାକର ମିଶ୍ର, ଅଧ୍ୟାପିକା ଦୀପାଳି ରାଉତ, ଡ. ସୁନୀତା ପରିଡ଼ା, ଅଧ୍ୟାପକ ସୁମନ ବେହେରା, ଅଧ୍ୟାପିକା ସୋନାଲି ନାୟକ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରି କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ଅଭ୍ୟୁଦୟ ଓ ମାନବ କଲ୍ୟାଣ ଦିଗରେ ଏହାର ଭୂମିକା ଓ ନୈତିକତା ଉପରେ ଆଲୋଚନା କରିଥିଲେ। ଅଧ୍ୟାପକ ଦେବାଶିଷ ଷଡ଼ଙ୍ଗୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଏବଂ ଡ. ଅନୁପମା ତ୍ରିପାଠୀ ସମ୍ମାନ ବିଷୟବସ୍ତୁ ଉପରେ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ଭାରତୀୟ ଦର୍ଶନର ବିଶିଷ୍ଟ ବିଦ୍ୱାନ ସ୍ୱର୍ଗତ ଡ. ବିଜୟାନନ୍ଦ କରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା।

# କଟକ ପୂର୍ବାଞ୍ଚଳ ସମ୍ବାଦପତ୍ର ବିକ୍ରେତା ସଂଘର ଭ୍ରମଣ

କଟକ,୨୯।୧(କାର୍ତ୍ତିକ ସାହୁ)

ନୂଆବଜାରସ୍ଥିତ କଟକ ପୂର୍ବାଞ୍ଚଳ ସମ୍ବାଦପତ୍ର ବିକ୍ରେତା ସଂଘର ସମ୍ପାଦକ ଶିବ ପ୍ରସାଦ ନାୟକଙ୍କ ନେତୃତ୍ୱରେ ସମସ୍ତ ବିତରକ ସେମାନଙ୍କ ନିଜ ପରିବାର ସହ ବିଭିନ୍ନ ଦର୍ଶନୀୟ ସ୍ଥାନ ଭ୍ରମଣ କରି ଫେରିଛନ୍ତି। ସେମାନେ ଫତେଗଡ଼ ରାମ ମନ୍ଦିର, ଶରଣକୁଳର ଲଡୁବାବା, ନୟାଗଡ଼ ରଘୁନାଥ ଓ ବୈଷ୍ଣୋବୀ ଦେବୀ ମନ୍ଦିର ପରିଦର୍ଶନ କରିଥିଲେ। ସଂଘର ବିତରକ ବୈକୁଣ୍ଠ ନାଥ ଦେବତା, ଏନ. ରମେଶ, ଶେଷଦେବ ପଣ୍ଡା, ରମେଶ ରାଉତ, ସୁନୀଲ ଭୋଇ, ନାରାୟଣ ଭୋଇ, ବିଜୟାନନ୍ଦ ଜେନା, ଗଗନ ପ୍ରଧାନ, ଯଶୋବନ୍ତ ପ୍ରଧାନ, ଆକାଶ ପ୍ରଧାନ, ରବି ବେହେରା, ଜ୍ୟୋତିରଞ୍ଜନ ଗୋଛି, ସତ୍ୟରଞ୍ଜନ କୁଦେଇ, ପ୍ରଶାନ୍ତ, ସୁଜିତ ଦତ୍ତ ସପରିବାର ଭ୍ରମଣରେ ଯାଇଥିଲେ।



# ବିଭିନ୍ନ ରାଜନୈତିକ ଦଳର ଶତାଧିକ କର୍ମୀ ଭାଜପାରେ ସାମିଲ



ମିଶ୍ରଣ ପର୍ବରେ ବିଧାୟକଙ୍କ ସହିତ ଅନ୍ୟମାନେ।

ଫୁଲନଖରା,୨୯।୧(ସତ୍ୟରଞ୍ଜନଦାସ ମହାପାତ୍ର)

କଟକ ସଦର ନିର୍ବାଚନମଣ୍ଡଳୀ ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ଏବଂ ଜିଲା ଭାଜପା ସଭାପତି ସୁକାନ୍ତ କୁମାର ବିଶ୍ୱାଳଙ୍କ ଉପସ୍ଥିତିରେ କଟକ ସଦର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଗୋପାଳପୁର ମଣ୍ଡଳ ଏବଂ ଉରାଳି ମଣ୍ଡଳର ବିଭିନ୍ନ ୱାର୍ଡର ଶତାଧିକ ବିଭିନ୍ନ ରାଜନୈତିକ ଦଳର କର୍ମୀ ଗୁରୁବାର ଭାଜପାରେ ସାମିଲ ହୋଇଛନ୍ତି। କଟକ ମହାନଗର ନିଗମ ଅନ୍ତର୍ଗତ ଗୋପାଳପୁର ମଣ୍ଡଳ ଓ ଉରାଳି ମଣ୍ଡଳର ପ୍ରଶାନ୍ତ କୁମାର ଦଳେଇ, ଅଭିମନ୍ୟୁ ବେହେରା, ବଳରାମ ବେହେରା, ବାସୁଦେବ ସେଠୀ, ସୁଜିତ୍ ରଞ୍ଜନ ବେହେରା, ପ୍ରହଲ୍ଲାଦ ସେଠୀ, ଉତ୍ତମ ସେଠୀ, ରାଜେନ୍ଦ୍ର ନାରାୟଣ ଦାସ, ନୟନ ସେଠୀ, ଅନିଲ କୁମାର ସାହୁ, ବିକାଶ ଖୁଣ୍ଟିଆ, ନୟନ ପରିଡା, ହୃଦାନନ୍ଦ ବେହେରା, ଚିତ୍ତରଞ୍ଜନ ବେହେରା, ବିନୋଦ ବେହେରା ପ୍ରମୁଖ ଶତାଧିକ ବିଭିନ୍ନ ଦଳର କର୍ମୀ ଭାଜପାରେ ଆନୁଷ୍ଠାନିକ ଭାବେ ସାମିଲ ହୋଇଛନ୍ତି। ମିଶ୍ରଣ ପର୍ବରେ ଗୋପାଳପୁର ମଣ୍ଡଳ ସଭାପତି ନିହାର ରଞ୍ଜନ ପଣ୍ଡା, ବରିଷ୍ଠ ନେତା ସ୍ୱାଧୀନ ମହାନ୍ତି, କର୍ପୋରେଟର ମମତା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ସୁଧାଂଶୁ ପାତ୍ର, ଅଭିମନ୍ୟୁ ଦାସଙ୍କୁ ପ୍ରାଣକୃଷ୍ଣ ସେବା ସମ୍ମାନ



କଟକ,୨୯।୧(କାର୍ତ୍ତିକ ସାହୁ)

ପ୍ରାଣକୃଷ୍ଣ ପରିଜା ସ୍ମୃତି ପରିଷଦ ପକ୍ଷରୁ ସାମାଜିକ କର୍ମୀ ସୁଧାଂଶୁ ପାତ୍ର, ଅଭିମନ୍ୟୁ ଦାସଙ୍କୁ ଅନୁଷ୍ଠାନ ପକ୍ଷରୁ ପ୍ରାଣକୃଷ୍ଣ ସେବା ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଛି। ୫୩ ନମ୍ବର ୱାର୍ଡ ଭିଜିଲାନ୍ସ କଲୋନୀ ଛକ ମାଗୁଣୀ ଟି ଷ୍ଟଲ ସମ୍ମୁଖ ପରିଜା ଉଦ୍ୟାନ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ପ୍ରଧାନ ଶିକ୍ଷକ ହରିହର ସାମଲ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ଡ. ପ୍ରଭାତ ରଞ୍ଜନ ବିଶ୍ୱାଳ, ସମ୍ମାନିତ ଅତିଥି ଡାକ୍ତର ଉମେଶ ରାୟ, କର୍ପୋରେଟର ଅରବିନ୍ଦ ଜେନା, କର୍ପୋରେଟର ସୌଭାଗିନୀ ଜେନା ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ଅନ୍ଦରପୁର ସାହିଅଧିକାରୀ ପ୍ରମୋଦ ଭୋଳ, ସାମ୍ବାଦିକ ସମୀର କର, ପୂର୍ବତନ କର୍ପୋରେଟର ଚିରଞ୍ଜୟ ସାହୁ, ଆଡ୍‌ଭୋକେଟ ମାନସ ପାଣି ପ୍ରମୁଖ ବକ୍ତବ୍ୟ ରଖିଥିଲେ।

# ଶୁଦ୍ଧାନନ୍ଦ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଟ୍‌ର ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଘାଟିତ

ବ୍ରାହ୍ମଣଝରିଲୋ,୨୯।୧

କଟକ ଜିଲା ଅନ୍ତର୍ଗତ କୁରାଙ୍ଗ ଶାସନ ଗ୍ରାମପଞ୍ଚାୟତ ଗଙ୍ଗେଶ୍ୱର ନଛିପୁର ଅଞ୍ଚଳର ଶୁଦ୍ଧାନନ୍ଦ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଟ୍‌ର ବାର୍ଷିକ କ୍ରୀଡା ଉତ୍ସବ-୨୦୨୬ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ସମାରୋହରେ ମୁଖ୍ୟଅତିଥି ଭାବେ ଓଡ଼ିଶା ରାଜ୍ୟ ହାଉସିଂ ବୋର୍ଡ ମ୍ୟାନେଜିଂ ଡାଇରେକ୍ଟର ଏବଂ ହାଉସିଂ ଆଣ୍ଡ ଅର୍ବାନ ବିଭାଗର ସ୍ୱେଶାଲ ସେକ୍ରେଟାରି ଗଙ୍ଗାଧର ନାୟକ ଯୋଗଦେଇଥିଲେ। ଅନୁଷ୍ଠାନର ଚେୟାରମ୍ୟାନ ଇଂ. ସୁନୀଲ କୁମାର ପଟ୍ଟନାୟକ, ଡିନ ପ୍ରଫେସର ରଞ୍ଜନ କୁମାର ସାହୁ, ବାର୍ଷିକ କ୍ରୀଡାର କୋଅର୍ଡିନେଟର ପବନ ସ୍ୱାଇଁ, ଶୁଦ୍ଧାନନ୍ଦ ସ୍କୁଲ ଅଫ୍ ମ୍ୟାନେଜମେଣ୍ଟ ଅଧ୍ୟକ୍ଷା ଡ.




ବାର୍ଷିକ ଉତ୍ସବର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ସରିତା ନାୟକ, ଶୁଦ୍ଧାନନ୍ଦ ଇଞ୍ଜିନିୟରିଂ ଆଣ୍ଡ ରିସର୍ଚ୍ଚ ସେଣ୍ଟର ଅଧ୍ୟକ୍ଷ ଚିତ୍ତରଞ୍ଜନ ପଣ୍ଡାଙ୍କ ସହ ଡ. ଦେବସ୍ୱରୂପ ମିଶ୍ର, ପ୍ରଫେସର ଦେବୀଦତ୍ତ ସିଂ, ପ୍ରଫେସର ସିଲିପ୍ତା ଦାସ, ଅରୁଣ କୁମାର ସ୍ୱାଇଁ, ସୁଧାଂଶୁ ନାୟକ ଓ ବିଶ୍ୱରଞ୍ଜନ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ।ମୁଖ୍ୟ ଅତିଥି ନାୟକ ଅନୁଷ୍ଠାନର ଶିକ୍ଷାନୁଷ୍ଠାନିକ ଉନ୍ନତି ଓ ଶିକ୍ଷାର ଗୁଣାତ୍ମକତାକୁ ଉଚ୍ଚ ପ୍ରଶଂସା କରିବା ସହ ପିଲାମାନଙ୍କୁ କ୍ରୀଡ଼ା ସହ ଶିକ୍ଷାକୁ ସମନ୍ୱୟ କରି ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ଉଦ୍‌ଘାଟନୀ ପରେ ଅତିଥିମାନେ ଛାତ୍ରୀଛାତ୍ରମାନଙ୍କ ସହ କରମର୍ଦ୍ଦନ କରି କ୍ରୀଡା ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। ବାର୍ଷିକ କ୍ରୀଡାକୁ ନେଇ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବେଶ୍ ଉତ୍ସାହ ପରିଲକ୍ଷିତ ହୋଇଥିଲା।

# ୫ ପଞ୍ଜିକାକୁ ମୁକ୍ତିମଣ୍ଡପ ପଣ୍ଡିତ ସଭାର ଅନୁମୋଦନ

## ୨୦୨୬-୨୭ ବର୍ଷ ପାଇଁ ପଞ୍ଜିକା ସମୀକରଣ ବୈଠକ

ପୁରୀ,୨୯।୧(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିରରେ ୨୦୨୬-୨୭ରେ ପାଳନ ହେବାକୁ ଥିବା ବିଭିନ୍ନ ପର୍ବପର୍ବାଣି ଓ ଯାନିଯାତ୍ରାର ସୂଚନା ବିଭିନ୍ନ ପଞ୍ଜିକାରେ କିଭଳି ତ୍ରୁଟିଶୂନ୍ୟ ଭାବେ ପ୍ରକାଶିତ ହେବ, ସେନେଇ ଗୁରୁବାର ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଶ୍ରୀମନ୍ଦିର କାର୍ଯ୍ୟାଳୟ ସଭାକକ୍ଷରେ ପଞ୍ଜିକା ସମୀକରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ ଅଧ୍ୟକ୍ଷତା କରିଥିବାବେଳେ ୫ଟି ପାଞ୍ଜି ପ୍ରକାଶନ କରୁଥିବା ସଂସ୍ଥାର ପ୍ରକାଶକ ଓ ପଞ୍ଜିକାରମାନେ ଯୋଗଦେଇଥିଲେ। ୨୦୨୬-୨୭ ବର୍ଷ ପାଇଁ ୫ଟି ପଞ୍ଜିକାକୁ ମୁକ୍ତିମଣ୍ଡପ ପଣ୍ଡିତ ସଭା ଅନୁମୋଦନ ଦେଇଛି। ଶ୍ରୀମନ୍ଦିରରେ ପାଳନ ହେବାକୁ ଥିବା ସମସ୍ତ ପର୍ବପର୍ବାଣି ଓ ଯାନିଯାତ୍ରା ସମ୍ବନ୍ଧରେ ତ୍ରୁଟିଶୂନ୍ୟ ତଥ୍ୟ ଦେବା ନେଇ ଏହି ବୈଠକରେ ଗୁରୁତ୍ୱାରୋପ କରାଯାଇଛି। ବୈଠକରେ ଭାଗନେବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ୮ଟି ପଞ୍ଜିକା ସଂସ୍ଥାକୁ ନିମନ୍ତ୍ରଣ କରାଯାଇଥିଲା। କିନ୍ତୁ ମାତ୍ର ୫ଟି ପଞ୍ଜିକା ପ୍ରକାଶନ ସଂସ୍ଥା ପକ୍ଷରୁ ପାଣ୍ଡୁଲିପି ଦାଖଲ କରାଯାଇଥିଲା। ତେଣୁ ଆଗାମୀ ଦିନରେ ଏହି ପଞ୍ଜିକା କିଭଳି ବୃଦ୍ଧି ପାଇବ ଓ ନିର୍ଭୁଲ୍ ହେବ ତା'ଉପରେ ଗୁରୁତ୍ୱ ଦିଆଯାଇଛି ବୋଲି ଛତିଶା ନିଯୋଗ ମହାନାୟକ କହିଛନ୍ତି। ଶ୍ରୀମନ୍ଦିର ମୁକ୍ତିମଣ୍ଡପ ପଣ୍ଡିତ ସଭା, ଗଜପତି ଓ ଶଙ୍କରାଚାର୍ଯ୍ୟଙ୍କ ଦ୍ୱାରା ସ୍ୱୀକୃତ ଏହି ପାଞ୍ଚଟି ପାଞ୍ଜି ଗୋଟିଏ ପ୍ରକାର ପ୍ରସ୍ତୁତ ହୋଇଛି। ମୁକ୍ତିମଣ୍ଡପ ପଣ୍ଡିତ ସଭା ଦ୍ୱାରା ସଂଶୋଧନ ପରେ ଏହି ୫ଟି ପାଞ୍ଜି ନିର୍ଭୁଲ୍ ଓ ତ୍ରୁଟିଶୂନ୍ୟ ହୋଇପାରିଛି। ବିଶେଷକରି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ନୀତିକାନ୍ତି ଓ ପର୍ବପର୍ବାଣିକୁ ସଂପୂର୍ଣ୍ଣ ତ୍ରୁଟିଶୂନ୍ୟ କରାଯାଇଛି। ରାଜ୍ୟରେ ପ୍ରକାଶ ପାଉଥିବା ସମସ୍ତ ପାଞ୍ଜି କିଭଳି ନିର୍ଭୁଲ୍ ହେବ ସେନେଇ ଶ୍ରୀମନ୍ଦିର ପ୍ରଶାସନ ପଦକ୍ଷେପ ନେଉଛି। ପୂର୍ବରୁ ତ୍ରୁଟିଯୁକ୍ତ ପାଞ୍ଜି ଛାପୁଥିବା ପ୍ରକାଶକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ନିଷ୍ପତ୍ତି ହୋଇଥିଲା। କିନ୍ତୁ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ନିର୍ଭୁଲ୍ ପଞ୍ଜିକା ପାଇଁ ଶ୍ରୀମନ୍ଦିର ପ୍ରଶାସନ ବାରମ୍ବାର ବୈଠକ କରି ପଞ୍ଜିକା ସମନ୍ୱୟ ସମୀକରଣ କଲେ ସୁଦ୍ଧା ଅନେକ ପଞ୍ଜିକା ପ୍ରକାଶନ ସଂସ୍ଥା ଆସୁନାହାନ୍ତି। ଫଳରେ ଅନେକ ସମୟରେ ତ୍ରୁଟି ଦେଖାଯାଉଛି। ଏହାକୁ ନେଇ ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଉଛି। ତେଣୁ ଉକ୍ତ ସମୀକ୍ଷା ବୈଠକରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପଞ୍ଜିକା ତ୍ରୁଟି ସୁଧାରିବା ଏବଂ ପର୍ବପର୍ବାଣି ବିଭ୍ରାଟ ରୋକିବା ପାଇଁ ଆଲୋଚନା ହୋଇଛି। ବିଭିନ୍ନ ପାଞ୍ଜି ମଧ୍ୟରେ ସମନ୍ୱୟ ରକ୍ଷା କରିବାକୁ ଗୁରୁତ୍ୱ ଦିଆଯାଇଛି। ୨୦୨୫ରେ ପୟାଶ୍ରାଦ୍ଧ, ସରସ୍ୱତୀ ପୂଜା, କାଳୀପୂଜା, ଶିବରାତ୍ରି, ଜନ୍ମାଷ୍ଟମୀ ଇତ୍ୟାଦି ବିଭିନ୍ନ ପର୍ବପର୍ବାଣିକୁ ନେଇ ଲୋକେ ଦ୍ୱନ୍ଦ୍ୱରେ ରହିଥିବାବେଳେ ଚଳିତ ୨୦୨୬-୨୭ ବର୍ଷର ତ୍ରୁଟିଶୂନ୍ୟ ତାରିଖ ଓ ତିଥିବାରକୁ ନେଇ ବୈଠକରେ ବିଶେଷ ଭାବେ ଆଲୋଚନା ହୋଇଥିଲା। ଶ୍ରୀମନ୍ଦିର ମୁକ୍ତିମଣ୍ଡପ ପଣ୍ଡିତ ସଭା, ବିଭିନ୍ନ ସେବାୟତ ନିଯୋଗର ମତାମତ ଓ ଶ୍ରୀମନ୍ଦିର ପରମ୍ପରାକୁ ନିଆଯାଇ ଯେଉଁ ଗଣନା କରାଯାଇଛି, ତାହା ଚଳିତ ବର୍ଷ ବିଭିନ୍ନ ପଞ୍ଜିକାରେ ଉଲ୍ଲେଖ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ଅନେକ ପ୍ରକାଶକ ବ୍ୟବସାୟିକ ମନୋବୃତ୍ତି ରଖି ଆଗୁଆ ପାଞ୍ଜି ଛାପୁଥବା ଅଭିଯୋଗ ହୋଇଛି। ବୈଠକରେ ଶ୍ରୀମନ୍ଦିର ନୀତି ପ୍ରଶାସକ, ମୁକ୍ତିମଣ୍ଡପ ପଣ୍ଡିତ ସଭାର କର୍ମକର୍ତ୍ତା, ପୂଜାପଣ୍ଡା ନିଯୋଗ ସହ ବିଭିନ୍ନ ସେବାୟତ ନିଯୋଗର ପ୍ରତିନିଧି, ଶ୍ରୀମନ୍ଦିର ଜ୍ୟୋତିଷ ଏବଂ ବିଭିନ୍ନ ପାଞ୍ଜି ପ୍ରକାଶନୀ ସଂସ୍ଥାର ପ୍ରକାଶକ, ପଞ୍ଜିକାର ଓ ଗଣନାକାରୀମାନେ ଉପସ୍ଥିତ ଥିଲେ।


ବୈଠକରେ ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁଙ୍କ ସହ ମୁକ୍ତିମଣ୍ଡପ ପଣ୍ଡିତ ସଭାର କର୍ମକର୍ତ୍ତା, ଶ୍ରୀମନ୍ଦିର ଜ୍ୟୋତିଷ ଓ ଅନ୍ୟମାନେ।



ଐର ଖାରବେଳ ମହୋତ୍ସବ କମିଟି ଓ ଅନୁଚିନ୍ତନମ୍ ପକ୍ଷରୁ ଅନ୍ତର୍ଜାତୀୟ ଐର ଖାରବେଳ ମହୋତ୍ସବ ଉଦ୍‌ଘାଟନ ଅବସରରେ ବିଧାୟକ ବାବୁ ସିଂଙ୍କ ସହ ଅନ୍ୟ ଅତିଥିମାନେ। (ଫଟୋ: ମନୋରଞ୍ଜନ ମିଶ୍ର)

# ସପ୍ତାହକରେ ୪ ଡିଗ୍ରୀ ବଢ଼ିଲା ତାପମାତ୍ରା

ଭୁବନେଶ୍ୱର, ୨୯।୧ (ବନ୍ଦନା ସେଠୀ)

- ଝାରସୁଗୁଡାରେ ସର୍ବୋଚ୍ଚ ତାପମାତ୍ରା ୩୧.୮ ଡିଗ୍ରୀ ରେକର୍ଡ
- ୨୭ ତାରିଖରେ ୩୨.୪ ଡିଗ୍ରୀ ଛୁଇଁଥିଲା ପାରଳାଖେମୁଣ୍ଡି

ରାଜ୍ୟରେ ଶୀତ ପ୍ରକୋପ କମିଛି। ସର୍ବନିମ୍ନ ରାତି ତାପମାତ୍ରା ଓ ସର୍ବୋଚ୍ଚ ଦିନ ତାପମାତ୍ରାରେ କ୍ରମଶଃ ବୃଦ୍ଧି ହେବାରେ ଲାଗିଛି। ଗୁରୁବାର ଝାରସୁଗୁଡାରେ ସର୍ବୋଚ୍ଚ ତାପମାତ୍ରା ୩୧.୮ ଡିଗ୍ରୀ ରେକର୍ଡ କରାଯାଇଛି। ଆଞ୍ଚଳିକ ପାଣିପାଗ ବିଭାଗର ତଥ୍ୟକୁ ଦେଖିଲେ, ଗତ ସପ୍ତାହ ମଧ୍ୟରେ ତାପମାତ୍ରା ୩ରୁ ୪ ଡିଗ୍ରୀ ବୃଦ୍ଧି ପାଇଥିବାବେଳେ ପାରଳାଖେମୁଣ୍ଡିରେ ସର୍ବୋଚ୍ଚ ତାପମାତ୍ରା ୪ଥର ରେକର୍ଡ ହୋଇଛି। ୨୩ ତାରିଖରେ ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୧.୬ ଡିଗ୍ରୀ ରହିଥିବାବେଳେ ୨୪ ତାରିଖରେ ୩୧.୬ ଡିଗ୍ରୀ, ୨୬ ତାରିଖରେ ୩୧.୮ ଡିଗ୍ରୀ ଓ ୨୭ ତାରିଖରେ ୩୨.୪ ଡିଗ୍ରୀ ରହିଥିଲା। ଅନ୍ୟପକ୍ଷରେ ଜାନୁଆରୀ ୨୩ରେ ରାଜଧାନୀ ଭୁବନେଶ୍ୱରର ସର୍ବନିମ୍ନ ତାପମାତ୍ରା ୧୩.୭ ଡିଗ୍ରୀ ଥିବାବେଳେ ସପ୍ତାହକ ଭିତରେ ୩.୧ ଡିଗ୍ରୀ ବୃଦ୍ଧି ପାଇ ୨୯ ତାରିଖ ଗୁରୁବାର ୧୬.୮ ଡିଗ୍ରୀ ଛୁଇଁଛି। ସେହିପରି ଜାନୁଆରୀ ୨୩ରେ ଝାରସୁଗୁଡାରେ ସର୍ବନିମ୍ନ ତାପମାତ୍ରା ୮.୪ ଡିଗ୍ରୀ ରହିଥିବାବେଳେ ଗୁରୁବାର ୧୩.୪ ଡିଗ୍ରୀ, କଟକରେ ୧୨.୪ ଡିଗ୍ରୀରୁ ବୃଦ୍ଧି ପାଇ ୧୫.୬ ଡିଗ୍ରୀ, ଅନୁଗୋଳରେ ୧୦ ଡିଗ୍ରୀରୁ ବୃଦ୍ଧି ପାଇ ଗୁରୁବାର ୧୪ ଡିଗ୍ରୀରେ ପହଞ୍ଚିଛି।

ରାଜ୍ୟର ଦୁଇ ତିନୋଟି ଅଞ୍ଚଳକୁ ବାଦ୍ ଦେଲେ ଅଧିକାଂଶ ସହରର ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ଉପରେ ରହିଥିବା ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଗତ ୨୪ ଘଣ୍ଟାରେ ଜି.ଉଦୟଗିରିଠାରେ ସର୍ବନିମ୍ନ ତାପମାତ୍ରା ୬.୮ ଡିଗ୍ରୀ ଓ ସେମିଳିଗୁଡାରେ ୯.୬ ଡିଗ୍ରୀ ରେକର୍ଡ ହୋଇଥିଲା। ସେହିପରି ଫୁଲବାଣୀରେ ସର୍ବନିମ୍ନ ତାପମାତ୍ରା ୧୦.୫ ଡିଗ୍ରୀ, ଦାରିଙ୍ଗିବାଡିରେ ୧୧ ଡିଗ୍ରୀ, ନବରଙ୍ଗପୁରରେ ୧୨.୫ ଡିଗ୍ରୀ, ନୂଆପଡାରେ ୧୩ ଡିଗ୍ରୀ, ମାଲକାନଗିରିରେ ୧୩.୨ ଡିଗ୍ରୀ, ବଲାଙ୍ଗୀରରେ ୧୩.୨ ଡିଗ୍ରୀ, ଝାରସୁଗୁଡାରେ ୧୩.୪ ଡିଗ୍ରୀ, ଜଗତ୍‌ସିଂହପୁରରେ ୧୩.୮ ଡିଗ୍ରୀ, କେନ୍ଦ୍ରାପଡାରେ ୧୩.୮ ଡିଗ୍ରୀ, ଭବାନୀପାଟଣାରେ ୧୩.୯ ଡିଗ୍ରୀ, ରାଉରକେଲାରେ ୧୩.୯ ଡିଗ୍ରୀ ଓ ଯାଜପୁରରେ ସର୍ବନିମ୍ନ ତାପମାତ୍ରା ୧୪ ଡିଗ୍ରୀ ରେକର୍ଡ ହୋଇଛି। ତେବେ ଆଗାମୀ ୭ଦିନ ପର୍ଯ୍ୟନ୍ତ ଏଭଳି ସ୍ଥିତି ଜାରି ରହିବ ବୋଲି ସୂଚନା ଦିଆଯାଇଛି। ସେହିପରି ରାଜ୍ୟର ବିଭିନ୍ନ ଅଞ୍ଚଳରେ ହାଲୁକାରୁ ମଧ୍ୟମ ଧରଣର କୁହୁଡି ଦେଖାଦେଇଥିବାବେଳେ ଫେବୃଆରୀ ୩ ପର୍ଯ୍ୟନ୍ତ ଏଭଳି ସ୍ଥିତି ଲାଗି ରହିବ। ତେବେ ଶୁକ୍ରବାର ପୁରୀ, ଖୋର୍ଦ୍ଧା, ଭଦ୍ରକ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଗଜପତି, ମୟୂରଭଞ୍ଜ, କେନ୍ଦୁଝର, କନ୍ଧମାଳ, କଟକ, ନୟାଗଡ଼ ଓ ଗଞ୍ଜାମ ଜିଲା, ଶନିବାର ବାଲେଶ୍ୱର, ଭଦ୍ରକ, ଯାଜପୁର, କଟକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଅନୁଗୋଳ, ଢେଙ୍କାନାଳ, ଖୋର୍ଦ୍ଧା, ଗଜପତି, ମୟୂରଭଞ୍ଜ, କେନ୍ଦୁଝର, କନ୍ଧମାଳ, ନୟାଗଡ଼, ଗଞ୍ଜାମ ଏବଂ ପୁରୀ ଜିଲାକୁ କୁହୁଡି ନେଇ ସତର୍କ କରାଯାଇଛି।

# ଆରମ୍ଭ ହେଲା ଅନ୍ତର୍ଜାତୀୟ ଐର ଖାରବେଳ ମହୋତ୍ସବ

## ଅଶ୍ଳୀଳତା ବିରୋଧରେ ଲଢି ଓଡ଼ିଆ ସଂସ୍କୃତିକୁ ଅକ୍ଷୁଣ୍ଣ ରଖ: ବାବୁ ସିଂ

ଭୁବନେଶ୍ୱର,୨୯।୧
(ସୌମ୍ୟରଞ୍ଜନ ରାଉତ)

ଖଣ୍ଡଗିରି କୁମ୍ଭମେଳା ଅବସରରେ ଐର ଖାରବେଳ ମହୋତ୍ସବ କମିଟି ଓ ଅନୁଚିନ୍ତନମ୍ ପକ୍ଷରୁ ଅନ୍ତର୍ଜାତୀୟ ଐର ଖାରବେଳ ମହୋତ୍ସବ ଗୁରୁବାର ଖଣ୍ଡଗିରିସ୍ଥିତ ପାନ୍ଥିକାଠାରେ ଆରମ୍ଭ ହୋଇଛି। ମହୋତ୍ସବ କମିଟି ଅଧ୍ୟକ୍ଷ ତଥା ଏକାମ୍ର ବିଧାୟକ ବାବୁ ସିଂ ଓ ପୂର୍ବତନ ରାଜ୍ୟ ଭାଜପା ସଭାପତି ସମୀର ମହାନ୍ତି ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବିଧାୟକ ସିଂ କହିଲେ, ଐର ଖାରବେଳ ମହୋତ୍ସବ ଓଡିଶାର ଗୌରବାବହ ଇତିହାସ ସହ ଉତ୍ତର ପିଢିକୁ ଯୋଡି ଉତ୍କଳୀୟ ସାଂସ୍କୃତିକ ମାନଚିତ୍ରକୁ ସୁଦୃଢ କରାଇବ। ଅଶ୍ଳୀଳ ପରମ୍ପରା ବିରୋଧରେ ଲଢି ଓଡିଆ ସଂସ୍କୃତିକୁ ଅକ୍ଷୁର୍ଣ୍ଣ ରଖିବାକୁ ସେ ଆହ୍ୱାନ ଦେଇଥିଲେ। ପରେ ପ୍ରଜ୍ଞା ନୃତ୍ୟାୟନ ଅନୁଷ୍ଠାନର କଳାକାରମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଦେବଜ୍ୟୋତି ନସ୍କର ଓଡ଼ିଶୀ ଗ୍ରୁପ୍ ପକ୍ଷରୁ କଥକ ଓ ବ୍ରେଲି ନୃତ୍ୟ, ବିନାକେଶରୀ ନୃତ୍ୟ ମଞ୍ଜରି ପକ୍ଷରୁ ପଲ୍ଲୀ ନୃତ୍ୟ ପରିବେଷଣ କରାଯାଇଥିଲା। ଅତିଥି ଭାବେ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଭାଜପା ନେତା ଜଗନ୍ନାଥ ପ୍ରଧାନ, ସରୋଜ କର, କାଳନ୍ଦୀ ସାମଲ, ବିରଞ୍ଚି ତ୍ରିପାଠୀ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ଡ.ଚନ୍ଦ୍ର ଶେଖର ହୋତା, ଭୁବନେଶ୍ୱର ଜିଲା ଭାଜପା ସଭାପତି ନିରଞ୍ଜନ ମିଶ୍ର, କର୍ପୋରେଟର ରାମଚନ୍ଦ୍ର ରଣସିଂଙ୍କ ସମେତ ବହୁ ବ୍ୟକ୍ତିବିଶେଷ ଯୋଗଦେଇଥିଲେ। ଅନୁଚିନ୍ତନମ୍‌ର ପ୍ରତିଷ୍ଠାତା ଡା. ଶ୍ରୀନିବାସ ଘଟୁଆରି ମଞ୍ଚ ପରିଚାଳନା କରିଥିଲେ। ଏହି ମହୋତ୍ସବ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ।



# ଶ୍ରୀମନ୍ଦିର ପରିକ୍ରମା ମାର୍ଗରେ ଟଳିପଡ଼ିଲେ ଭକ୍ତ

## ମହାପ୍ରଭୁଙ୍କ ଦର୍ଶନ ହେଲା ଶେଷଦର୍ଶନ

ପୁରୀ,୨୯।୧(ଅଜିତ୍ କୁମାର ମହାନ୍ତି): ଶ୍ରୀମନ୍ଦିର ପରିକ୍ରମା ମାର୍ଗରେ ଗୁରୁବାର ଏକ ଅଭାବନୀୟ ଘଟଣା ଘଟିଛି। ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସିଥିବା ଜଣେ ଭକ୍ତଙ୍କର ଉତ୍ତରଦ୍ୱାର ନିକଟ ପରିକ୍ରମା ମାର୍ଗରେ ମୃତ୍ୟୁ ଘଟିଛି। ଶ୍ରୀଜଗନ୍ନାଥଙ୍କ ଦର୍ଶନ ତାଙ୍କ ନିମନ୍ତେ ଶେଷ ଦର୍ଶନ ପାଲଟିଛି। ମୃତ ଭକ୍ତ ଜଣକ ହେଲେ ଅଗରତାଲା ନର୍ଥ ତ୍ରିପୁରାର ୭୨ ବର୍ଷୀୟ ଅମିତ ରଞ୍ଜନ କର। ସୂଚନା ଅନୁଯାୟୀ, ଅମିତ ତାଙ୍କ ପରିବାରବର୍ଗଙ୍କ ସହ ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିର ଯାଇଥିଲେ। ସେ ଚତୁର୍ଦ୍ଧାବିଗ୍ରହ ଏବଂ ପାର୍ଶ୍ୱଦେବଦେବୀଙ୍କ ଦର୍ଶନ କରିସାରି ଶ୍ରୀମନ୍ଦିରରୁ ଫେରିବା ପରେ ଉତ୍ତରଦ୍ୱାର ନିକଟ ପରିକ୍ରମା ମାର୍ଗରେ ବସିଥିଲେ। ହଠାତ୍ ସେଠାରେ ଅସୁସ୍ଥ ଅନୁଭବ କରିବା ସହ ଟଳିପଡ଼ିଥିଲେ। ପରିବାର ଲୋକେ ତୁରନ୍ତ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ପୋଲିସ ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ପଦକ୍ଷେପ ନିଆଯାଇଛି।

# ଉତ୍କଳ ବିଶ୍ୱବିଦ୍ୟାଳୟ ଶିକ୍ଷକ ଶିକ୍ଷା ବିଭାଗ ଅଧ୍ୟକ୍ଷଙ୍କ ବିରୋଧରେ ଅଭିଯୋଗ

## କୁଳପତି କାର୍ଯ୍ୟାଳୟ ଆଗରେ ପୁଣି ଧାରଣା ଦେଲେ ବି.ଏଡ୍ ଛାତ୍ରୀଛାତ୍ର

ଭୁବନେଶ୍ୱର,୨୯।୧(ସୁଚିସ୍ମିତା ସାହୁ)

ଉତ୍କଳ ବିଶ୍ୱବିଦ୍ୟାଳୟ ଶିକ୍ଷକ ଶିକ୍ଷା ବିଭାଗର ଅଧ୍ୟକ୍ଷ ଡ. ଶରତ କୁମାର ସାହୁଙ୍କ ବିରୋଧରେ ଛାତ୍ରୀଛାତ୍ର ଓ ଜଣେ ଅଧ୍ୟାପକ ଗୁରୁତର ଅଭିଯୋଗ ଆଣିଛନ୍ତି। ଏହାକୁ ନେଇ ଛାତ୍ରୀଛାତ୍ରମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ସେମାନେ କୁଳପତିଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିବା ସହ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ସେମାନେ ଅଭିଯୋଗ କରିଛନ୍ତି ଯେ, ଅଧ୍ୟକ୍ଷ ଡ. ସାହୁ ବିଭିନ୍ନ ବେଆଇନ କାର୍ଯ୍ୟ ଓ ଦୁର୍ନୀତିରେ ସମ୍ପୃକ୍ତ ଅଛନ୍ତି। ଏଜଣେ ମହିଳା ଅଧ୍ୟାପିକାଙ୍କୁ ମାନସିକ ନିର୍ଯାତନା ଦେଇଛନ୍ତି। ବିଭାଗରେ କାର୍ଯ୍ୟରତ ଅଧ୍ୟାପକ ଅଭୟ ପରିଡ଼ାଙ୍କୁ ଆକ୍ରୋଶମୂଳକ ଭାବେ ଉପଯୁକ୍ତ ଦରମା ନ ମିଳିବା ପଛରେ ଅଧ୍ୟକ୍ଷଙ୍କ ସମ୍ପୃକ୍ତି ରହିଛି। ତାଙ୍କ ନିଯୁକ୍ତିକୁ ବେଆଇନ ବୋଲି ଛାତ୍ରୀଛାତ୍ରମାନେ ଦାବି କରି କାର୍ଯ୍ୟାନୁଷ୍ଠାନ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଚେତାବନୀ ଶୁଣାଇଛନ୍ତି। କୁଳପତି ପ୍ରଫେସର ଯଜ୍ଞେଶ୍ୱର ଦଣ୍ଡପାଟ ଧାରଣା ଦେଇଥିବା ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିଛନ୍ତି। ଦୁଇ ସପ୍ତାହ ମଧ୍ୟରେ ଅଭିଯୋଗର ତଦନ୍ତ କରାଯିବ। ଏଥିପାଇଁ ଏକ କମିଟି ଗଠନ କରାଯିବ। ଅଭିଯୋଗ ଅନୁସାରେ ଯଦି ଘଟଣାର କୌଣସି ସତ୍ୟତା ଥାଏ ତେବେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମେୟର ପ୍ରତିଶ୍ରୁତି ଦେବା ପରେ ସେମାନେ ଧାରଣାରୁ ଉଠିଥିଲେ। ସୂଚନା ଅନୁସାରେ,ଏପରି ଅଭିଯୋଗ ଆଣି ପିଲାମାନେ ମଙ୍ଗଳବାର ଧାରଣା ଦେଇଥିଲେ। କୁଳପତିଙ୍କ ସହିତ ଆଲୋଚନା ପରେ ସେମାନେ ଧାରଣାରୁ ଓହାରି ଥିଲେ। ହେଲେ ଦୁଇଦିନ ଭିତରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିବାରୁ ଗୁରୁବାର ପୁଣି ଧାଣଣା ଦେଇଥିଲେ।



ସେଲ୍‌ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ପୁରୁଷୋତ୍ତମ


@ ଅମର


@ ଶୁଭେନ୍ଦୁ


@ ସୁବ୍ରତ


@ ତ୍ରିଲୋଚନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଅନ୍ତର୍ଜାତୀୟ ମହିଳା ଦିବସ ପାଇଁ ସବୁ ଜିଲାରେ ହେବ କାର୍ଯ୍ୟକ୍ରମ

ଭୁବନେଶ୍ୱର,୨୯।୧(ସୁଚିସ୍ମିତା ସାହୁ)

ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ସମସ୍ତ ଜିଲାରେ କାର୍ଯ୍ୟକ୍ରମ ଓ ପ୍ରତିଯୋଗିତା ଅନୁଷ୍ଠିତ ହେବ। ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରରେ ପ୍ରତିଯୋଗିତା ଆୟୋଜନ କରାଯିବ। ସେହିପରି ଅଙ୍ଗନୱାଡ଼ି କର୍ମୀ ଓ ସହାୟିକାଙ୍କ ମଧ୍ୟରେ ପ୍ରତିଯୋଗିତା କରାଯିବ। ଏଥିସହ ମହିଳା ଓ କନ୍ୟାମାନଙ୍କ ସମସ୍ୟା ସମ୍ପର୍କରେ ସାମୁଦାୟିକ ସଚେତନତା ସୃଷ୍ଟି ପାଇଁ ବିଶେଷ ଗ୍ରାମସଭା ଆୟୋଜନ କରାଯିବ। ପ୍ରକଳ୍ପସ୍ତରରୁ ଆରମ୍ଭ ହୋଇ ରାଜ୍ୟସ୍ତରରେ ଅନ୍ତର୍ଜାତୀୟ ମହିଳା ଦିବସ ଉତ୍ସବ ଶେଷ ହେବ। ଏହି କାର୍ଯ୍ୟକ୍ରମ ଓ ପ୍ରତିଯୋଗିତା ପାଇଁ ପ୍ରତ୍ୟେକ ଜିଲାକୁ ଦେଢ଼ଲକ୍ଷ ଟଙ୍କା ଦିଆଯିବ। ଆବଶ୍ୟକ ପଡିଲେ ଜିଲାପାଳମାନେ ଅନ୍ୟ ଯୋଜନାରୁ ଅର୍ଥ ଖର୍ଚ୍ଚ କରିପାରିବେ। ତେବେ ବିଶେଷ ଗ୍ରାମସଭା ଲାଗି କୌଣସି ଅର୍ଥ ଦିଆଯିବ ନାହିଁ। ସମସ୍ତ ଜିଲାସ୍ତରୀୟ ପ୍ରତିଯୋଗିତା ଫେବୃଆରୀ ୨୦ ସୁଦ୍ଧା ଶେଷ କରି ୨୫ ମଧ୍ୟରେ ବିଜେତାଙ୍କ ତାଲିକା ଦାଖଲ କରିବାକୁ ବୁଧବାର ମହିଳା ଓ ଶିଶୁ ବିକାଶ ବିଭାଗର ଅତିରିକ୍ତ ଶାସନ ସଚିବ ସୁମିତ୍ରା ପଟ୍ଟନାୟକ ସମସ୍ତ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିଜେତାମାନଙ୍କୁ ରାଜ୍ୟସ୍ତରୀୟ ଅନ୍ତର୍ଜାତୀୟ ମହିଳା ଦିବସ କାର୍ଯ୍ୟକ୍ରମରେ ସମ୍ମାନିତ କରାଯିବ। ବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତା ଓଡ଼ିଆ ଓ ଇଂଲିଶ ଭାଷାରେ ହେବ। ଷଷ୍ଠରୁ ଅଷ୍ଟମଶ୍ରେଣୀ ଓ ନବମରୁ ଦଶମ ଶ୍ରେଣୀ ପିଲାଙ୍କୁ ନେଇ ଦୁଇଟି ବର୍ଗରେ ରଚନା ଲିଖନ, ଚିତ୍ରାଙ୍କନ ଓ କୁଇଜ ପ୍ରତିଯୋଗିତା କରାଯିବ। ସେହିପରିବିଶେଷ ଗ୍ରାମସଭାରେ ଶିଶୁ ବିବାହ ନିଷେଧ, ଘରୋଇ ହିଂସା, ଶିକ୍ଷା ଓ ସ୍ୱାସ୍ଥ୍ୟସେବାର ଉପଲବ୍ଧତା, ମହିଳାଙ୍କ ଆର୍ଥିକ ସଶକ୍ତୀକରଣ ଓ ସରକାରୀ କଲ୍ୟାଣ ଯୋଜନା ସମ୍ପର୍କରେ ଅବଗତ କରାଯିବ। ଏଥିସହ ସ୍ୱେଚ୍ଛାସେବୀ ସଂଗଠନଗୁଡିକ ସହଯୋଗରେ ଡିଜିଟାଲ କୌଶଳ, ଆଇନଗତ ଅଧିକାର ଓ ସଚେତନତା, ମହିଳା ଉଦ୍ୟୋଗୀଙ୍କ ପାଇଁ ବଜାର ସୁଯୋଗ, ଆର୍ଥିକ ସାକ୍ଷରତା ଓ ସଶକ୍ତୀକରଣ ଇତ୍ୟାଦି ବିଷୟରେ କାର୍ଯ୍ୟଶାଳା ଆୟୋଜନ କରାଯାଇପାରିବ।

ଧରିତ୍ରୀ 52 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶୁକ୍ରବାର, ଜାନୁଆରୀ ୩୦/୨୦୨୬ Bhubaneswar, Friday, January 30/ 2026

# ଚର୍ଚ୍ଚାରେ ଇଭା ଜୋଭିକ୍

ଦିନକୁ ଦିନ ଭଲ ପ୍ରଦର୍ଶନ କରୁଥିବା ଆମେରିକାର ଟିନ୍ ଏଜ୍ ସେନ୍‌ସେଶନ ମହିଳା ଟେନିସ ପ୍ରତିଭା ଇଭା ଜୋଭିକ୍ ଏବେ ଚର୍ଚ୍ଚାରେ। ପୂର୍ବରୁ କେବେହେଲେ କୌଣସି ଗ୍ରାଣ୍ଡସ୍ଲାମର ତୃତୀୟ ରାଉଣ୍ଡ ଅତିକ୍ରମ କରିପାରି ନ ଥିବା ୧୮ ବର୍ଷୀୟ ଜୋଭିକ୍ ଏଥର ଅଷ୍ଟ୍ରେଲିଆନ ଓପନ ଗ୍ରାଣ୍ଡସ୍ଲାମର ମହିଳା ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ପହଞ୍ଚି ନିଜ ଉଜ୍ଜ୍ୱଳ ଭବିଷ୍ୟତର ସୂଚନା ଦେଇଛନ୍ତି। ନିଜର ଏହି ପ୍ରଥମ ଗ୍ରାଣ୍ଡସ୍ଲାମ କ୍ୱାର୍ଟର ଫାଇନାଲରେ ଯଦିଓ ବିଶ୍ୱର ନମ୍ବରୱାନ ଖେଳାଳି ଆରିନା ସାବାଲେଙ୍କାଙ୍କ ନିକଟରୁ ସେ ପରାସ୍ତ ହୋଇଛନ୍ତି ତେବେ ଜଣେ ଉଦୀୟମାନ ପ୍ରତିଭାଭାବେ ନିଜକୁ ପ୍ରମାଣିତ କରିଛନ୍ତି। ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ପୁରୁଷ ଖେଳାଳି ନୋଭାକ୍ ଜୋକୋଭିଚ୍ ଏହି ଆମେରିକୀୟ ଖେଳାଳିଙ୍କୁ ଭବିଷ୍ୟତର ନମ୍ବର ୱାନଭାବେ ଅବିହିତ କରିଛନ୍ତି। ଆଗାମୀ ଦିନରେ ସେ ନିଶ୍ଚିତ ଚାମ୍ପିୟନ ହୋଇପାରିବେ ବୋଲି ମଧ୍ୟ ଜୋକୋଭିଚ୍ ଭବିଷ୍ୟବାଣୀ କରିଛନ୍ତି। ଜୋଭିକ୍ ଦ୍ୱିତୀୟ ସର୍ବକନିଷ୍ଠ ମହିଳା ଖେଳାଳିଭାବେ ଅଷ୍ଟ୍ରେଲିଆନ ଓପନ ଗ୍ରାଣ୍ଡସ୍ଲାମର କ୍ୱାର୍ଟର ଫାଇନାଲରେ ଖେଳିଥିଲେ। ୧୯୯୮ରେ ମାତ୍ର ୧୭ ବର୍ଷରେ କ୍ୱାର୍ଟର ଫାଇନାଲ ଖେଳି ଭେନସ ୱିଲିୟମ୍ସ ଆମେରିକୀୟ ରେକର୍ଡର ଅଧିକାରୀ ଅଛନ୍ତି। ୧୨ ମାସ ପୂର୍ବରୁ ଡବ୍ଲ୍ୟୁଟିଏ ର୍‍ୟାଙ୍କିଙ୍ଗ୍‌ର ୧୯୧ତମ ସ୍ଥାନରେ ଥିବା ଜୋଭିକ୍ ଏବେ ୨୭ତମ ସ୍ଥାନରେ ପହଞ୍ଚି ଯାଇଛନ୍ତି। ଜଣେ ସିଡେଡ ଖେଳାଳିଭାବେ ମଧ୍ୟ ସେ କ୍ୟାରିୟରର ପ୍ରଥମ ଗ୍ରାଣ୍ଡସ୍ଲାମ ଏଥର ଖେଳିଛନ୍ତି। ୨୦୦୭ ଡିସେମ୍ବର ୬ରେ କାଲିଫର୍ନିଆର ଟୋରାନ୍ସରେ ଜନ୍ମିତ ଜୋଭିକ୍‌ଙ୍କ ବାପା ବୋଜାନ ଜଣେ ସର୍ବୀୟ ଏବଂ ମା' ଜେଲେନା କ୍ରୋଏସିଆର।



# ଅଲ୍ ଫର୍ମାଟ୍ କ୍ୟାପ୍‌ଟେନ

ଅଷ୍ଟ୍ରେଲିଆ ମହିଳା କ୍ରିକେଟ ଦଳର ବାମହାତୀ ସ୍ପିନର ସୋଫି ମୋଲିନକ୍ସଙ୍କୁ ଗୁରୁଦାୟିତ୍ୱ ଦିଆଯାଇଛି। ସେ ସମସ୍ତ ଫର୍ମାଟ୍‌ରେ ଅଷ୍ଟ୍ରେଲିଆ ମହିଳା ଦଳର ଅଧିନାୟିକା ହୋଇଛନ୍ତି। ଆଲିସା ହିଲି ଫେବୃଆରୀ-ମାର୍ଚ୍ଚରେ ଭାରତ ବିପକ୍ଷରେ ହେବାକୁ ଥିବା ସିରିଜ୍‌ରେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେବେ ବୋଲି ଘୋଷଣା କରିଛନ୍ତି। ତେଣୁ ସମସ୍ତ ଫର୍ମାଟଲାଗି ମୋଲିନକ୍ସଙ୍କୁ ଅଷ୍ଟ୍ରେଲିଆ ଦଳର ଅଧିନାୟିକା ଘୋଷଣା କରାଯାଇଛି। ଭାରତ ବିପକ୍ଷରେ ଅଷ୍ଟ୍ରେଲିଆ ମହିଳା କ୍ରିକେଟ ଦଳ ୩ ଟି୨୦, ୩ ଦିନିକିଆ ଓ ଗୋଟିଏ ଟେଷ୍ଟ ଖେଳିବ। ମୋଲିନକ୍ସଙ୍କ ନେତୃତ୍ୱରେ ଅଷ୍ଟ୍ରେଲିଆ ଟି୨୦ ସିରିଜ ଖେଳିବ। ଅନ୍ୟପକ୍ଷରେ କ୍ୟାରିୟର ଅପରାହ୍ନରେ ପହଞ୍ଚିଥିବା ଆଲିସା ହିଲି ଦିନିକିଆ ଓ ଟେଷ୍ଟରେ ଶେଷଥର ଲାଗି ନିଜ ନେତୃତ୍ୱର ଯାଦୁ ଦେଖାଇବେ। ଏହାପରେ ସମସ୍ତ ଫର୍ମାଟ୍‌ର ଦାୟିତ୍ୱ ମୋଲିନକ୍ସଙ୍କ ହାତକୁ ଆସିବ। ୨୮ ବର୍ଷୀୟା ମୋଲିନକ୍ସଙ୍କ ବ୍ୟତୀତ ତାହିଲା ମ୍ୟାକଗ୍ରା ଅଧିନାୟିକା ଦୌଡ଼ରେ ଥିଲେ। ହେଲେ ସମ୍ଭବତଃ ଖରାପ ଫର୍ମ କାରଣରୁ ତାଙ୍କୁ ଅଣଦେଖା କରାଯାଇ ଥାଇପାରେ। ଏଥିଯୋଗୁ ଆଗାମୀ ଭାରତ ବିପକ୍ଷ ସିରିଜ୍ ଲାଗି ଅଷ୍ଟ୍ରେଲିଆ ଦଳ ଘୋଷଣା କରାଯିବା ସହ ମୋଲିନକ୍ସଙ୍କୁ ଭବିଷ୍ୟତର ଅଲ୍-ଫର୍ମାଟ ଲିଡରଭାବେ ବଛାଯାଇଛି। ଆଗାମୀ ଟି୨୦ ସିରିଜରେ ତାହିଲା ମ୍ୟାକଗ୍ରା ଓ ଆଶ୍ ଗାର୍ଡନର ଉପଅଧିନାୟିକା ମନୋନୀତ ହୋଇଛନ୍ତି। ଦିନିକିଆ ଓ ଟେଷ୍ଟରେ ଆଲିସା ହିଲିଙ୍କ ଡେପୁଟି ରହିବେ ମୋଲିନକ୍ସ।



# ନିଜକୁ ଭାଗ୍ୟବାନ୍ ମଣୁଛନ୍ତି ସର୍ଫରାଜ

ମୁମ୍ବାଇ ବ୍ୟାଟର ସର୍ଫରାଜ ଖାଁ ଆଗାମୀ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ଭାରତୀୟ କିମ୍ବଦନ୍ତୀ ମହେନ୍ଦ୍ର ସିଂ ଧୋନୀଙ୍କ ସହ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ପାଇଁ ଖେଳିବେ। ଭାରତୀୟ ଟେଷ୍ଟ ଦଳରେ ଅଧିକ ସୁଯୋଗ ପାଇ ନ ଥିବା ସର୍ଫରାଜ ସିଏସ୍‌କେ କ୍ୟାମ୍ପରେ ନିଜକୁ ପ୍ରମାଣ କରିବା ସହ ଅନେକ କିଛି ଶିକ୍ଷା କରିବାକୁ ଲକ୍ଷ୍ୟ ରଖିଛନ୍ତି। ପୂର୍ବରୁ ନିଜ ଓଜନ କାରଣରୁ ଖୁବ ଟ୍ରୋଲ ହେଉଥିବା ଏହି ମୁମ୍ବାଇ ଖେଳାଳି ନିଜ ଫିଟ୍‌ନେସ ଓ ଫର୍ମ ଉପରେ ଖୁବ କାମ କରିଛନ୍ତି। ଏହାର ପ୍ରମାଣ ହେଉଛି ଘରୋଇ କ୍ରିକେଟରେ ତାଙ୍କ ପ୍ରଦର୍ଶନ। ଗତ ହାଇଦ୍ରାବାଦ୍ ବିପକ୍ଷ ମ୍ୟାଚ୍‌ରେ ସେ କ୍ୟାରିୟରର ପଞ୍ଚମ ଦ୍ୱିଶତକ ହାସଲ କରିବା ସହ ପ୍ରଥମଶ୍ରେଣୀ କ୍ରିକେଟରେ ୫ ହଜାର ରନ ପୂରଣ କରିଛନ୍ତି। ସିଏସ୍‌କେରେ ଧୋନୀଙ୍କ ସହ ଖେଳିବା ସୁଯୋଗ ପାଇଥିବାରୁ ନିଜକୁ ଭାଗ୍ୟବାନ ମନେ କରୁଛନ୍ତି ସର୍ଫରାଜ। "ମୁଁ ବର୍ତ୍ତମାନ ଥଣ୍ଡା ମିଜାଜ୍‌ରେ ରହିବାକୁ ଉଦ୍ୟମ କରୁଛି। ଆସନ୍ତା କାଲି କ'ଣ ହେବ, ମୋତେ ଜଣା ନାହିଁ। ମୋତେ କେବଳ ଜଣା ଅଛି ଯେ, ମୋତେ ଘରକୁ ଯିବାର ଅଛି ଓ ବାପାଙ୍କ ସହ ସମୟ ବିତାଇବାର ଅଛି। ମୁଁ ଭବିଷ୍ୟତ ବିଷୟରେ ଅଧିକ ଚିନ୍ତା କରେ ନାହିଁ। ମୁଁ ଯାହା ଦୀର୍ଘ ବର୍ଷ ହେଲା କରିଆସୁଛି ତାହା ମୋତେ ଜଣା ଅଛି। ସିଏସ୍‌କେ ଦଳରେ ନିଆଯାଇଥିବାରୁ ମୁଁ ନିଜକୁ ଭାଗ୍ୟବାନ ମନେ କରୁଛି। କଦାପି ସିଏସ୍‌କେ ପାଇଁ ଖେଳିବି ବୋଲି ଚିନ୍ତା କରି ନ ଥିଲି। ଧୋନୀଙ୍କ ଭଳି କିମ୍ବଦନ୍ତୀଙ୍କ ସହ ଖେଳିବା ମୋର ସ୍ୱପ୍ନ। ମୁଁ ଆର୍‌ସିବିରେ ବିରାଟ କୋହଲିଙ୍କ ସହ ଖେଳିଛି। ରୋହିତ ଶର୍ମାଙ୍କ ସହ ଟେଷ୍ଟ ମ୍ୟାଚ୍ ଖେଳିଛି। ଧୋନୀ ଭାରତୀୟ ଦଳ ଛାଡ଼ିବା ପରେ ତାଙ୍କ ସହ କଦାପି ଖେଳିବାକୁ ସୁଯୋଗ ପାଇବି ଚିନ୍ତା କରି ନ ଥିଲି। କିନ୍ତୁ ଅକ୍ସନରେ ମୁଁ ଅନସୋଲ୍ଡ ରହିବା ପରେ ସିଏସ୍‌କେ ମୋତେ ବାଛିଥିଲା। ଏଥିଯୋଗୁ ମୁଁ ନିଜକୁ ଭାଗ୍ୟବାନ ମନେ କରୁଛି" ବୋଲି ସର୍ଫରାଜ କହିଛନ୍ତି।




# ବିଚକ୍ଷଣ ଗୋଲକିପର



ଭାରତୀ ଭୂଷଣ ମିଶ୍ର

**ଅଲିମ୍ପିକ୍ସ ହକିରେ ଦୁଇଟି ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ପଦକ ହାସଲ ସବୁ ଖେଳାଳିଙ୍କ ଭାଗ୍ୟରେ ସମ୍ଭବ ହୋଇ ନ ଥାଏ। ମାତ୍ର ଏପରି ସୌଭାଗ୍ୟର ଅଧିକାରୀ ଥିଲେ କ୍ୟାପ୍‌ଟେନ ଶଙ୍କର ଲକ୍ଷ୍ମଣ। ସେ ଥିଲେ ଜଣେ ବିଚକ୍ଷଣ ଗୋଲ୍‌କିପର...**

(ଭାଗ-୭)

ଭାରତୀୟ ହକିକୁ ଯେଉଁ ମହାନ୍ ଖେଳାଳିମାନେ ମହତ୍ତର ଅବଦାନ ଦେଇଛନ୍ତି ସେମାନଙ୍କୁ ମନେ ପକାଇବା ଅବସରରେ 'ହକି ଜଗତର ଉଜ୍ଜ୍ୱଳ ତାରକା' ଭାଗ-୧ରେ ହକି ଯାଦୁକର ମେଜର ଧ୍ୟାନ ଚାନ୍ଦ, ୨ରେ ଲେସ୍‌ଲି କ୍ଲଡିୟସ ଓ ଉଦ୍ଧାମ ସିଂ କୁଲର, ୩ରେ ରିଚାର୍ଡ ଜେମ୍‌ସ ଆଲେନ୍ ଓ ରଣଧୀର ସିଂ ଜେଣ୍ଟଲ୍, ୪ରେ କୁଅଁର ଦିଗ୍‌ବିଜୟ ସିଂ ବାବୁ ଓ ଭାଗ-୫ରେ ବଲବୀର ସିଂ ସିନିୟର, ୬ରେ ରଙ୍ଗନାଥନ୍ ଫ୍ରାନ୍ସିସଙ୍କ ସମ୍ପର୍କରେ ଆଲେଖ୍ୟ ପ୍ରକାଶିତ ହୋଇଛି। ସେହିକ୍ରମରେ ଏଥର ସପ୍ତମ ଭାଗରେ ଶଙ୍କର ଲକ୍ଷ୍ମଣ...

ଭାରତୀୟ ହକି ଆଜି ପର୍ଯ୍ୟନ୍ତ ଯେତେଜଣ ପ୍ରସିଦ୍ଧ ଗୋଲ୍‌କିପରଙ୍କର ଦକ୍ଷତାକୁ ନେଇ ସମୃଦ୍ଧ ହୋଇଛି ସେମାନଙ୍କ ମଧ୍ୟରେ କ୍ୟାପ୍‌ଟେନ୍ ଶଙ୍କର ହେଉଛନ୍ତି ଅନ୍ୟତମ। ତତ୍କାଳୀନ ବ୍ରିଟିଶ ଶାସନାଧୀନ ଭାରତର ମାଳବ ଅଞ୍ଚଳ ଅନ୍ତର୍ଗତ ଇନ୍ଦୋର ଜିଲାରେ ମହୁ ଥିଲା ଗୋଟିଏ କ୍ୟାଣ୍ଟନମେଣ୍ଟ କ୍ଷୁଦ୍ର ସହର। ସେହିଠାରେ ରାଜସ୍ଥାନର ଶେଖାୱତ ସମ୍ପ୍ରଦାୟର କେତେକ ପରିବାର ଆସି ବସବାସ କରୁଥିଲେ। ସେଥିରୁ ଗୋଟିଏ ପରିବାରରେ ୧୯୩୩ ଜୁଲାଇ ୭ରେ ଶଙ୍କର ଲକ୍ଷ୍ମଣଙ୍କର ଜନ୍ମ। ସେଠାରେ ତାଙ୍କର ବିଦ୍ୟାଳୟ ଶିକ୍ଷା ସମାପ୍ତ ହୋଇଥିଲା। ବିଦ୍ୟାଳୟରେ ପଢ଼ିବା ସମୟରେ ସେ ଫୁଟ୍‌ବଲ୍ ଖେଳ ପ୍ରତି ଆକୃଷ୍ଟ ହୋଇ ଖେଳିବା ଆରମ୍ଭ କଲେ। ଅତି ଅଳ୍ପ ଦିନ ମଧ୍ୟରେ ସେ ଏଥିରେ ନିଜର ଦକ୍ଷତା ପ୍ରମାଣିତ କରି ମହୁସ୍ଥିତ କୋଡାରିଆ ଗାଁର ଫୁଟ୍‌ବଲ୍ ଦଳର ଅଧିନାୟକ ବନିଗଲେ। ୧୯୪୭ରେ ଭାରତୀୟ ସେନାରେ ପଦାତିକ ବାହିନୀରେ ଜଣେ ବ୍ୟାଣ୍ଡବାଦକ ଭାବେ ଯୋଗଦେଲେ ଓ ପଞ୍ଚମ ମରାଠା ଲାଇଟ୍ ଇନ୍‌ଫ୍ୟାଣ୍ଟ୍ରି ବାଟାଲିଅନ୍‌ରେ କାର୍ଯ୍ୟାରମ୍ଭ କଲେ। ସେତେବେଳେ ଭାରତୀୟ ସେନାରେ ହକି ଖେଳକୁ ଯଥେଷ୍ଟ ଗୁରୁତ୍ୱ ଦିଆଯାଉଥିଲା। ସେନାରେ ଯୋଗ ଦେଲା ପରେ ସେ ଭାବିଲେ ଯେ ହକିରେ ନିଜର ଭବିଷ୍ୟତ ଗଢ଼ିବେ। ୧୯୫୫ରେ ସେ ସର୍ଭିସେସ୍ ପାଇଁ ଖେଳିବାର ସୁଯୋଗ ପାଇଲେ ଜଣେ ଗୋଲ୍‌କିପର ଭାବେ । ଅତିଶୀଘ୍ର ନିଜର ଗୋଲ୍‌ରକ୍ଷଣ ଦକ୍ଷତା ପାଇଁ ଯଥେଷ୍ଟ ପ୍ରଶଂସା ସାଉଁଟିଲେ। ଜାତୀୟ ମନୋନାୟନକର୍ତ୍ତାଙ୍କର ଶୁଭଦୃଷ୍ଟି ତାଙ୍କ ଉପରେ ପଡ଼ିଲା ଓ ଅତିଶୀଘ୍ର ୧୯୫୬ ମେଲ୍‌ବୋର୍ନ ଅଲିମ୍ପିକ୍ ପାଇଁ ଭାରତୀୟ ହକି ଦଳରେ ସ୍ଥାନ ପାଇଲେ।

ସେତେବେଳେ ଦଳର ମ୍ୟାନେଜର ଥିଲେ ଏୟାର କମାଣ୍ଡର ଓମ୍‌ପ୍ରକାଶ ମେହେରା ଓ ପ୍ରଶିକ୍ଷକ ଥିଲେ ସରଦାର ହର୍‌ବେଲ ସିଂ। ବଲ୍‌ବୀର ସିଂ ଥିଲେ ଦଳର ଅଧିନାୟକ। ମୋଟ ୧୨ଟି ଦେଶ ଏହି ଅଲିମ୍ପିକ୍‌ର ହକି ଇଭେଣ୍ଟରେ ଭାଗ ନେଇଥିଲେ। ଏହା ପୂର୍ବରୁ ସ୍ୱାଧୀନ ଭାରତ ୧୯୪୮ ଓ ୧୯୫୨ ଅଲିମ୍ପିକ୍ସରେ ସ୍ୱର୍ଣ୍ଣପଦକ ହାସଲ କରିସାରିଥିଲା। ମେଲ୍‌ବୋର୍ନ ଷ୍ଟାଡିୟମ୍‌ରେ ଚିରାଚରିତ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ସହ ଫାଇନାଲ୍ ମୁକାବିଲା ହେଲା। ଶଙ୍କର ଲକ୍ଷ୍ମଣ

**ହକି ଜଗତର ଉଜ୍ଜ୍ୱଳ ତାରକା**

ପାକିସ୍ତାନୀ ଫରୱାର୍ଡମାନଙ୍କର ସମସ୍ତ ଆକ୍ରମଣକୁ ଦୃଢ଼ ଭାବେ ପ୍ରତିହତ କରିବାରୁ ପ୍ରଥମାର୍ଦ୍ଧ ଗୋଲ୍ ଶୂନ୍ୟଭାବେ ଶେଷହେଲା। ଦ୍ୱିତୀୟାର୍ଦ୍ଧର ଅଧା ଖେଳ ସମାପ୍ତ ହୋଇଥାଏ। ଭାରତକୁ ଗୋଟିଏ ଶର୍ଟକର୍ନର ମିଳିଗଲା ଓ ରଣଧୀର ସିଂ ଜେଣ୍ଟଲ ତାକୁ ଗୋଲରେ ପରିଣତ କରିବାରେ କୌଣସି ତ୍ରୁଟି କଲେ ନାହିଁ। ସେହି ଏକମାତ୍ର ଗୋଲ୍‌ରେ ଭାରତ ବିଜୟୀ ହୋଇ ସ୍ୱାଧୀନତା ପ୍ରାପ୍ତି ପରେ କ୍ରମାଗତ ତୃତୀୟ ସ୍ୱର୍ଣ୍ଣ ପଦକ କଲା ହକିରେ। ଶଙ୍କର ଲକ୍ଷ୍ମଣ ତାଙ୍କର ବିଚକ୍ଷଣ ଗୋଲ୍ ରକ୍ଷଣ ପାଇଁ ଉଚ୍ଚ ପ୍ରଶଂସିତ ହେଲେ ସମସ୍ତ କ୍ରୀଡ଼ାପ୍ରେମୀଙ୍କ ମହଲରେ।

ଏହାପରେ ୧୯୫୮ରେ ଟୋକିଓ ସହରରେ ଅନୁଷ୍ଠିତ ହେଲା ଏସୀୟ କ୍ରୀଡ଼ା। ଶଙ୍କର ଲକ୍ଷ୍ମଣ ମଧ୍ୟ ଜାତୀୟ ଦଳରେ ସ୍ଥାନ ପାଇ ଏହି ପ୍ରତିଯୋଗିତାରେ ସାମିଲ ହେଲେ। ଭାରତ, ପାକିସ୍ତାନ, ଦକ୍ଷିଣ କୋରିଆ, ମାଳୟ (ମାଲେସିଆ) ଓ ଜାପାନ ଆଦି ପାଞ୍ଚଟି ଦେଶ ଏଥିରେ ଅଂଶଗ୍ରହଣ କଲେ। ରାଉଣ୍ଡ ରବିନ୍ ପଦ୍ଧତିରେ ଟୁର୍ନାମେଣ୍ଟ ଖେଳାଗଲା। ସ୍ୱର୍ଣ୍ଣ ପଦକର ନିର୍ଣ୍ଣୟ ମ୍ୟାଚ ୦-୦ ଗୋଲ୍‌ରେ ଅମୀମାଂସିତ ରହିଲା ଭାରତ ଓ ପାକିସ୍ତାନ ମଧ୍ୟରେ। ଯଦିଓ ଉଭୟ ଭାରତ ଓ ପାକିସ୍ତାନ ୩ଟି ବିଜୟ ଓ ଗୋଟିଏ ଡ୍ର ହାସଲ କରିଥିଲେ କିନ୍ତୁ ଉନ୍ନତ ଗୋଲ୍ ବ୍ୟବଧାନ ପାଇଁ ପାକିସ୍ତାନକୁ ବିଜେତା ଘୋଷଣା କରାଗଲା। ପ୍ରଥମ ଥର ପାଇଁ ଭାରତକୁ ହକିରେ ରୌପ୍ୟପଦକରେ ସନ୍ତୁଷ୍ଟ ହେବାକୁ ପଡ଼ିଲା। ଏହିଠାରୁ ଅନ୍ତର୍ଜାତୀୟ ହକିରେ ପାକିସ୍ତାନର ଉତ୍‌ଥାନ ହେଲା ବୋଲି ଧରାଯାଏ। ଭାରତର ଆଧିପତ୍ୟ ହାସଲ ନିମନ୍ତେ ପାକିସ୍ତାନ ପ୍ରଧାନ ପ୍ରତିବନ୍ଧକ ରୂପେ ପରିଗଣିତ ହେଲା। ୧୯୬୦ରେ ଇଟାଲୀର ରୋମ୍ ନଗରୀରେ ଅନୁଷ୍ଠିତ ହେଲା ପରବର୍ତ୍ତୀ ଅଲିମ୍ପିକ୍ କ୍ରୀଡ଼ା। ହକି ଯାଦୁକର ଧ୍ୟାନଚାନ୍ଦଙ୍କ ପ୍ରଶିକ୍ଷଣ ଓ ଆଙ୍ଗ୍ଲୋ-ଭାରତୀୟ ତାରକା ଲେସ୍‌ଲି ୱାଲ୍‌ଟର କ୍ଲଡିୟସ୍‌ଙ୍କ ଅଧିନାୟକତ୍ୱରେ ଭାରତୀୟ ହକି ଦଳ ଏଥିରେ ଅଂଶଗ୍ରହଣ କଲା। ମୋଟ ୧୬ଗୋଟି ଦେଶ ଏଥିରେ ଅଂଶଗ୍ରହଣ କଲେ ହକିରେ। ସେପ୍ଟେମ୍ବର ୯ରେ ଭାରତ ଓ ପାକିସ୍ତାନ ମଧ୍ୟରେ ଫାଇନାଲ ଅନୁଷ୍ଠିତ ହେଲା। ପ୍ରଥମାର୍ଦ୍ଧର ୧୨ଶ ମିନିଟ୍‌ରେ ନାଜିର୍ ଅହମ୍ମଦଙ୍କ ଗୋଲ ବଳରେ ପାକିସ୍ତାନ ବିଜେତା ହେଲା। ଭାରତୀୟମାନଙ୍କ ପାଇଁ ଏହା ଏକ ଜାତୀୟ ଦୁଃଖ ଭାବେ ପରିଗଣିତ ହେଲା ଓ ପ୍ରଥମଥର ପାଇଁ ଭାରତ ଅଲିମ୍ପିକ୍ ହକିରେ ସ୍ୱର୍ଣ୍ଣପଦକୁ ବଞ୍ଚିତ ହୋଇ ରୌପ୍ୟ ପଦକରେ ସନ୍ତୁଷ୍ଟ ହେଲା। ପରେ ୧୯୬୪ରେ ଜାପାନର ଟୋକିଓ ନଗରୀରେ ଅନୁଷ୍ଠିତ ହେଲା ପରବର୍ତ୍ତୀ ଅଲିମ୍ପିକ କ୍ରୀଡ଼ା। ଇନ୍ଦର ମୋହନ ମହାଜନଙ୍କ ତତ୍ତ୍ୱାବଧାନ ଓ ଚରଣ୍‌ଜିତ୍ ସିଂଙ୍କ ଅଧିନାୟକତ୍ୱରେ ଭାରତୀୟ ହକି ଦଳ ଏଥିରେ ଅଂଶଗ୍ରହଣ କରିଥିଲା। ଏହି ଅଲିମ୍ପିକ୍‌ରେ ଭାରତୀୟ ଦଳର ସ୍ୱର୍ଣ୍ଣପଦକ ହାସଲ କରିବା ଉପରେ ପ୍ରଶ୍ନଚିହ୍ନ ଲାଗି ସାରିଥିଲା। କାରଣ ୧୯୬୨ରେ ଇଣ୍ଡୋନେସିଆର ଜାକର୍ତ୍ତାଠାରେ ଅନୁଷ୍ଠିତ ଏସୀୟ କ୍ରୀଡ଼ାରେ ଭାରତକୁ ୨-୦ ଗୋଲ୍‌ରେ ପରାସ୍ତ କରି ପାକିସ୍ତାନ କ୍ରମାଗତ ଦ୍ୱିତୀୟ ଥର ପାଇଁ ଏସୀୟ କ୍ରୀଡ଼ା ସ୍ୱର୍ଣ୍ଣପଦକ ହାସଲ କରିଥିଲା। ତେଣୁ ଭାରତୀୟ କ୍ରୀଡ଼ା ପ୍ରେମୀମାନେ ଆଶଙ୍କାରେ ଥିଲେ। ୧୯୬୪ ଅକ୍ଟୋବର ୨୩ରେ ଭାରତ-ପାକିସ୍ତାନ ଫାଇନାଲ ଅନୁଷ୍ଠିତ ହେଲା। ଦ୍ୱିତୀୟାର୍ଦ୍ଧରେ ମ୍ୟାଚ୍ ଶେଷ ହେବାକୁ ଆଉ ପାଞ୍ଚମିନିଟ୍ ବାକି ଥାଏ। ପାକିସ୍ତାନର ମୁନିର ଅହମ୍ମଦ ଦାର ତାଙ୍କ ପାଦରେ ଗୋଟିଏ ଓ ଶଟ୍‌କୁ ଅଟକାଇବାରୁ ଦଣ୍ଡ ସ୍ୱରୂପ ଭାରତକୁ ଗୋଟିଏ ପେନାଲ୍‌ଟି ଶୁଟ୍ ମିଳିଲା। ଭାରତର ମହିନ୍ଦର ଲାଲ୍ ତାକୁ ଗୋଲ୍‌ରେ ପରିଣତ କରିବାରୁ ଦୀର୍ଘ ପ୍ରତୀକ୍ଷାର ଅନ୍ତ ଘଟାଇ ଭାରତ ତା'ର ସପ୍ତମ ସ୍ୱର୍ଣ୍ଣ ପଦକ ହାସଲ କଲା। ଭାରତୀୟ ହକିଦଳର ଦଳଗତ ପ୍ରୟାସ ବିଶେଷତଃ ରକ୍ଷଣଭାଗ ଖେଳାଳି ପ୍ରିଥିପାଲ୍ ସିଂ ଯେ କି ଟୁର୍ନାମେଣ୍ଟରେ ୧୧ଟି ଗୋଲ୍ ଦେଇଥିଲେ ଓ ଶଙ୍କର ଲକ୍ଷ୍ମଣଙ୍କର ବିଚକ୍ଷଣ ଗୋଲ୍ ରକ୍ଷା ପ୍ରଶଂସନୀୟ ଥିଲା। ଲକ୍ଷ୍ମଣ ଏହି ଫାଇନାଲ୍‌ର ମ୍ୟାନ୍ ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଏହିପରି ଭାବରେ ଶଙ୍କର ଲକ୍ଷ୍ମଣ ଦୁଇଟି ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ଏପରି ୩ଗୋଟି ଅଲିମ୍ପିକ୍ ପଦକ ହାସଲ କରିବାର ଗୌରବ ଅର୍ଜନ କରିଛନ୍ତି। ଏତଦ୍ ବ୍ୟତୀତ ସେ ମଧ୍ୟ ୧୯୬୬ର ବ୍ୟାଙ୍କକ୍ ଏସୀୟ କ୍ରୀଡ଼ାରେ ଭାରତୀୟ ହକି ଦଳର ନେତୃତ୍ୱ ନେଇ ପାକିସ୍ତାନକୁ ହରାଇ ଭାରତକୁ ଏସୀୟ କ୍ରୀଡ଼ାରେ ପ୍ରଥମ ହକି ସ୍ୱର୍ଣ୍ଣ ପଦକ ହାସଲ କରିବାରେ ପ୍ରମୁଖ ଭୂମିକା ନିଭାଇଥିଲେ। ଜଣେ ଗୋଲ୍ ରକ୍ଷକ ଭାବେ କୌଣସି ଏକ ଅନ୍ତର୍ଜାତୀୟ ହକି ଦଳର ଅଧିନାୟକ ହେବାରେ ସେ ହେଲେ ବିଶ୍ୱର ପ୍ରଥମ ଖେଳାଳି। ୧୯୬୮ରେ ମେକ୍ସିକୋ ଅଲିମ୍ପିକ୍ ପାଇଁ ଭାରତୀୟ ହକି ଦଳରେ ତାଙ୍କୁ ସ୍ଥାନ ନ ମିଳିବାରୁ ମନ ଦୁଃଖରେ ସେ ହକି ଖେଳରୁ ଅବସର ନେଇଥିଲେ। ଜୀବନର ଅନ୍ତିମ ପର୍ଯ୍ୟାୟରେ ତାଙ୍କର ଗୋଟିଏ ଗୋଡ଼ରେ ଘାଆ ହୋଇ ତାହା ଶୁଖିବାର କୌଣସି ସୂଚନା ଦେଲାନି। ଡାକ୍ତରମାନେ ସେହି ଗୋଡ଼କୁ ଅସ୍ତ୍ରୋପଚାର କରି କାଟିବା ପାଇଁ ପରାମର୍ଶ ଦେଇଥିଲେ ମଧ୍ୟ ସେ ତାକୁ ଗ୍ରହଣ ନ କରି ପ୍ରାକୃତିକ ଚିକିତ୍ସା ଜାରି ରଖିଲେ, କିନ୍ତୁ ପରିଶେଷରେ ତାହା ହିଁ ତାଙ୍କ ମୃତ୍ୟୁର କାରଣ ହେଲା। ୨୦୦୬ ଏପ୍ରିଲ ୨୯ରେ ଏହି ମହାନ୍ ଖେଳାଳି ପରଲୋକ ଗମନ କରିଥିଲେ।

## ସମ୍ବର୍ଦ୍ଧନା ଓ ସମ୍ମାନ

- ୧୯୬୪ରେ ସମ୍ମାନଜନକ "ଅର୍ଜୁନ ପୁରସ୍କାର" ତତ୍କାଳୀନ ରାଷ୍ଟ୍ରପତି ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କଠାରୁ ଗ୍ରହଣ କରିଥିଲେ।
- ୧୯୬୭ ମସିହାରେ ସମ୍ମାନ ଜନକ 'ପଦ୍ମଶ୍ରୀ' ପୁରସ୍କାର ତତ୍କାଳୀନ ରାଷ୍ଟ୍ରପତି ଡକ୍ଟର ଜାକିର ହୁସେନ୍‌ଙ୍କଠାରୁ ଗ୍ରହଣ କରିଥିଲେ।
- ୨୦୧୬ରେ ହକି ଇଣ୍ଡିଆ ଦ୍ୱାରା ତାଙ୍କୁ ମରଣୋତ୍ତର ଭାବେ ମେଜର ଧ୍ୟାନଚାନ୍ଦ ଲାଇଫ ଟାଇମ୍ ଆଚିଭ୍‌ମେଣ୍ଟ ପୁରସ୍କାର ପ୍ରଦାନ କରାଯାଇଥିଲା, ଯାହାକି ପୁତ୍ର ମନୋହର ସିଂ ଶେଖାୱତ୍ ଗ୍ରହଣ କରିଥିଲେ।
- ନିଜର ଅପୂର୍ବ ଗୋଲ୍‌ରକ୍ଷଣ ଦକ୍ଷତା ପାଇଁ ସେ 'Rock of Gibraltor' ନାମରେ ଅନ୍ତର୍ଜାତୀୟ କ୍ଷେତ୍ରରେ ପରିଚିତ ଥିଲେ।
- ମହୁର ଗ୍ୟାରିସନ୍ ଗ୍ରାଉଣ୍ଡକୁ ସେଠାକାର ଇନ୍‌ଫ୍ୟାଣ୍ଟ୍ରି ସ୍କୁଲ୍ ଅନରାରି କ୍ୟାପ୍‌ଟେନ୍ ଶଙ୍କର ଲକ୍ଷ୍ମଣ ଷ୍ଟାଡିୟମ ଭାବେ ନାମିତ କରିଛନ୍ତି।
- ୧୯୬୪ ମସିହାର ପାକିସ୍ତାନ ବିପକ୍ଷ ଅଲିମ୍ପିକ୍ ହକି ଫାଇନାଲ୍ ପୂର୍ବରୁ ପାକିସ୍ତାନର ଚିଫ୍ ଡି ମିଶନ ମେଜର ଜେନେରାଲ ମୁଷା ମତବ୍ୟକ୍ତ କରିଥିଲେ ଯେ "ଆମକୁ ଯୋଗୀନ୍ଦର ଓ ଶଙ୍କର ଲକ୍ଷ୍ମଣଙ୍କୁ ଦେଇଦିଅ ଆମ୍ଭେମାନେ ତୁମକୁ ହରାଇ ଦେବୁ।"
- ଅଷ୍ଟ୍ରେଲିଆର ଗୋଟିଏ ହକି ମାଗାଜିନ "Hockey Circle" ଲେଖିଥିଲା ଲକ୍ଷ୍ମଣଙ୍କ ପାଇଁ ଯେପରି ହକି ବଲ୍‌ଟି ଗୋଟିଏ ଫୁଟ୍‌ବଲ୍ ଭଳି ଥିଲା।
- "ପାନ୍‌ସିଂ ତୋମାର" ଚଳଚ୍ଚିତ୍ରରେ ତାଙ୍କର ବିଶେଷ ନାମୋଲ୍ଲେଖ କରାଯିବା ତାଙ୍କ ପ୍ରତିଥିଲା କ୍ରୀଡ଼ାପ୍ରେମୀଙ୍କର ଭଲ ପାଇବାର ଅଶେଷ ନିଦର୍ଶନ।



ଶଙ୍କର ଲକ୍ଷ୍ମଣ



୧୯୬୪ ଅଲିମ୍ପିକ୍ସରେ ଭାରତୀୟ ଦଳ ସ୍ୱର୍ଣ୍ଣ ପଦକ ଜିତିବାପରେ ପୋଡିୟମରେ ଅଭିବାଦନ ଗ୍ରହଣ କରୁଛନ୍ତି ଭାରତୀୟ ଦଳର ଅଧିନାୟକ ଚରଣଜିତ ସିଂ।

## ଫ୍ୟୁଜ୍

ଆଇସିସି ଟି୨୦ ୱାର୍ଲଡ କପ
ଫ୍ୟୁଜ ବାଙ୍ଗଲା ମୁଣ୍ଡ
ଭାରତରେ ଅନସେଫ ତା' ଖେଳାଳି
କହିଥିଲା ଖୋଲି ତୁଣ୍ଡ
ଶୁଣି ଭ୍ୟାଲୁ ଲେସ କାଣ୍ଡ
ଆଇସିସି ଶେଷେ କଳସ ଢାଳିଲା
ଭାଗ୍ୟବାନ ସ୍କଟଲାଣ୍ଡ।

ମଦ ପିଇ ଗାଡି ଚଳାଇ ଭାରତ
ପୂର୍ବତନ କ୍ରିକେଟର
ଜାକବ ମାର୍ଟିନକୁ ଗିରଫ କରିଛି
ଆକୋଟା ପୋଲିସ ବୀର
ଏଠି ଫ୍ରି'ରେ ବୁଲେ ଚୋର
ପେଟ୍ରୋଲ ପରିକା ମଦ ନ ପିଇଲେ
ଚଳେ ନାହିଁ ଗୋଡ଼ କା'ର।

ଟ୍ରାଏଲରେ ଟିମ ଇଣ୍ଡିଆର ପୁଣି
ଫ୍ୟୁଜ ସଞ୍ଜୁ ସାମସନ




ତିଲକର ଅସ୍ତ୍ରୋପଚାରକୁ ନେଇ
ଉଣା ଆମ ସୂର୍ଯ୍ୟ ମନ
ଟିମ ସଦା ବଳୀୟାନ
ଟି ଟ୍ୱେଣ୍ଟିରେ ପୁଣି ଟିମ ଇଣ୍ଡିଆ
ହୋଇବ ନମ୍ବର ୱାନ।

–ସୁବାସ ଚନ୍ଦ୍ର ପ୍ରଧାନ


4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ